# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ସେପ୍ଟେମ୍ବର ୧୧/୨୦୧୯ (୨୦ ପୃଷ୍ଠା) | Berhampur, Wednesday, September 11/2019 | ★★★

୧୫ଶ ଭାଗ ୨୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## କଂଗ୍ରେସ ଛାଡ଼ିଲେ ଉର୍ମିଳା ମାତୋଣ୍ଡକର

ଅଭିନେତ୍ରୀରୁ ରାଜନେତ୍ରୀ ସାଜିଥିବା ଉର୍ମିଳା ମାତୋଣ୍ଡକର ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି।

୦୨

୧୮

## ଭାରତ ‘ଏ’ ଦଳରେ ଦିବ୍ୟଦର୍ଶିନୀ

ମଙ୍ଗଳବାର ଘୋଷିତ ଭାରତୀୟ ମହିଳା ‘ଏ’ ଏବଂ ଇମର୍ଜିଂ ମହିଳା ଏସିଆ କପ୍ କ୍ରିକେଟ ପାଇଁ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ।



■ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ

ଜଗତ୍‌ସିଂହପୁର ଅଫିସ, ୧୦।୯

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଡ. ମୁନରାଣୀ ମିଶ୍ର ଅଭିଯୁକ୍ତ କାଳିଆ ଓରଫ ଲବ ମାନା(୨୬)ଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ରାୟ ପ୍ରକାଶ ପାଇବା ପରେ କୋର୍ଟରେ ଉପସ୍ଥିତ ନାବାଳିକାଙ୍କ ମା’, ବାପା ଓ ଭଉଣୀ କୋହ ସମ୍ବରଣ କରିପାରି ନ ଥିଲେ। ସେମାନେ ବାଷ୍ପରୁଦ୍ଧ କଣ୍ଠରେ କହିଛନ୍ତି ଯେ, ଦେଢବର୍ଷ ପରେ ଭଗବାନ ସେମାନଙ୍କ ଦୁଃଖ ଶୁଣିଛନ୍ତି। ଦୋଷୀକୁ ଫାଶୀ ଦେବାକୁ ବିଚାରପତି ଯେଉଁ ରାୟ ଶୁଣାଇଛନ୍ତି, ସେଥିରେ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ନ୍ୟାୟପାଳିକା ଉପରେ ସେମାନଙ୍କର ଆସ୍ଥା ଅତୁଟ ରହିଛି। ଯେଉଁଦିନ ଲବ ବେକରେ ରଶି ଲାଗିବ ସେଦିନ ଝିଅର ଆତ୍ମା ଶାନ୍ତି ପାଇବ ବୋଲି ସେମାନେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏହି ରାୟକୁ ଜିଲାର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏଭଳି ରାୟ ଜିଲାରେ ପ୍ରଥମ ଏବଂ ଉଲ୍ଲେଖନୀୟ ବୋଲି କୁହାଯାଇଛି। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ସ୍ୱତନ୍ତ୍ର ପିପି ଶିବ ମାଝୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ୨୦୧୮ ମାର୍ଚ୍ଚ ୨୦ରେ ଏହି ହୃଦୟ ବିଦାରକ ଘଟଣା ଘଟିଥିଲା। ଅପରାହ୍ନ ପ୍ରାୟ ୩ଟା ବେଳେ ନାବାଳିକା(୯) ନିଜର ୫/୬ଜଣ ଝିଅ ସାଙ୍ଗଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ଲବ ସେଠାରେ ପହଞ୍ଚି କୌଣସିମତେ ନାବାଳିକାଙ୍କୁ ମନାଇ ଅନ୍ୟତ୍ର ନେଇଯାଇଥିଲେ। ପରେ ଝିଅ ଘରକୁ ନ ଫେରିବାରୁ ରାତିରେ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରଦିନ ଭୋରରୁ ଗ୍ରାମର ଜଣେ ମହିଳା ବାହାରକୁ ଶୌଚ ଯାଇଥିବାବେଳେ କାଜୁ ବଗିଚାରେ ଏକ ମୃତଦେହ ପଡ଼ିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ନିଜ ପରିବାର ଲୋକଙ୍କୁ କହିଥିଲେ। ଖବରପାଇ ନାବାଳିକାଙ୍କ ପରିବାର ଯାଇ ମୃତଦେହ ଚିହ୍ନଟ କରିଥିଲେ। ଏହା ପରେ ଏରସମା ଥାନାକୁ ଫୋନ ଯୋଗେ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ପଞ୍ଚନାମା ପରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଥିଲା। ମୃତ ନାବାଳିକାଙ୍କ ବାପା ସେହିଦିନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ମାମଲା ନଂ.୪୨/୧୮ ରୁଜୁ ହୋଇଥିଲା। ଏଥିସହ ଅଭିଯୁକ୍ତ ଲବଙ୍କୁ କଟକ ବାଦାମବାଡ଼ିରୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୨୫ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଆଇପିସି ଦଫା ୩୦୨ରେ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି।



ଅଭିଯୁକ୍ତ କାଳିଆ

■ ଜଗତ୍‌ସିଂହପୁର ଜିଲାରେ ପ୍ରଥମ

■ ଭାବବିହ୍ୱଳ ହୋଇପଡ଼ିଲେ ମୃତ ନାବାଳିକାଙ୍କ ପରିବାର

**ସେଦିନ ବି ଥିଲା ମଙ୍ଗଳବାର** ପୃଷ୍ଠା-୪

## ୬ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

କେନ୍ଦୁଝର, ୧୦।୯(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ମଙ୍ଗଳବାର କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ବିଚାରପତି ଲୋକନାଥ ସାହୁ ୬ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ସହିତ ୫୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, କେନ୍ଦୁଝର ଜିଲା ବଡବିଲ ଥାନା ସାଇଡିଂବସ୍ତି ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୫ ନଭେମ୍ବର ୬ରେ ତାଙ୍କ ଘରେ କେହି ନଥିବା ସୁଯୋଗରେ ୬ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏହି ମାମଲା(ନଂ୨୧୭/୧୫) ସେତେବେଳେ ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏନେଇ ବଡବିଲ ପୋଲିସ ଅଭିଯୁକ୍ତ ବୁଲୁ ପାତ୍ର, ଝଣ୍ଡା ମୁଣ୍ଡା, ଶନି ମହାକୁଡ, ଭରତ ହେସା, ଶ୍ରୀରାମ ଓରାମ ଏବଂ ମନୋଜ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାର କରି ମଙ୍ଗଳବାର ବିଚାରପତି ଲୋକନାଥ ସାହୁ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଆଇପିସି ଦଫା ୩୭୬(ଘ),୫୦୬,୩୪, ପୋକ୍‌ସୋ ଆଇନର ଦଫା ୬, ଅନୁସୂଚିତ ଜାତି ଓ ଜନଜାତି ଆଇନର ଦଫା ୩(୧)(୧୧)ରେ ବିଚାର କରି ଏହି ଦଣ୍ଡ କରିଛନ୍ତି। ମୋଟ ୧୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏହି ଦଣ୍ଡ ଦିଆଯାଇଥିବାବେଳେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରିଥିଲେ।

**ନାବାଳିକାଙ୍କୁ ଗଣବଳାତ୍କାର ମାମଲା**

## ଅନ୍ତର୍ଜାତୀୟ ମଞ୍ଚରେ ସତ ମାନିଲା ପାକିସ୍ତାନ
# ଜମ୍ମୁ-କଶ୍ମୀର ଭାରତର

ଜେନେଭା,୧୦।୯(ଆଇଏଏନ୍‌ଏସ୍): ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମଙ୍ଗଳବାର ପାକିସ୍ତାନ ସ୍ୱୀକାର କରିଛି। ସୁଇଜରଲାଣ୍ଡର ଜେନେଭାରେ ଚାଲିଥିବା ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ଅଧିବେଶନରେ ଯୋଗଦେବା ପରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ ‘ଜମ୍ମୁ-କଶ୍ମୀର ଭାରତର ରାଜ୍ୟ’ ବୋଲି କହୁ କହୁ କହିଦେଇଛନ୍ତି। କୁରେଶୀ କହିଥିଲେ, ଜମ୍ମୁ-କଶ୍ମୀରରେ ସ୍ୱାଭାବିକ ସ୍ଥିତି ଫେରିଆସିଛି ବୋଲି ଭାରତ ବିଶ୍ୱକୁ ଏକ ଧାରଣା ଦେଇଛି। ଯଦି ଲୋକଙ୍କ ଜୀବନଯାତ୍ରା ସ୍ୱାଭାବିକ ହୋଇଛି, ତେବେ ସେମାନେ ଆପଣମାନଙ୍କୁ, ଅନ୍ତର୍ଜାତୀୟ ଗଣମାଧ୍ୟମକୁ, ଅନ୍ତର୍ଜାତୀୟ ସଙ୍ଗଠନ, ଏନ୍‌ଜିଓ, ସିଭିଲ ସୋସାଇଟି ଅର୍ଗାନାଇଜେଶନଗୁଡ଼ିକୁ ଭାରତୀୟ ରାଜ୍ୟ ଜମ୍ମୁ-କଶ୍ମୀରକୁ ବାସ୍ତବତା ଅନୁଧ୍ୟାନ ଲାଗି କାହିଁକି ଯିବାକୁ ଦେଉନାହାନ୍ତି ବୋଲି କୁରେଶୀ ପ୍ରଶ୍ନ କରିଥିଲେ। ଏହି ଅବସରରେ ସେ ଅନେକ ଦାବି କରିବା ସହ ଭାରତ ବିରୋଧରେ ନାନା ଅଭିଯୋଗ ଆଣିଥିଲେ। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଯିବା ପରେ ପାକିସ୍ତାନ ଏହି ପ୍ରସଙ୍ଗ ଜାତିସଂଘରେ ଉଠାଇ ତୃତୀୟ ପକ୍ଷର ହସ୍ତକ୍ଷେପ ଲୋଡ଼ିଥିଲା। ସେଥିରେ ବିଫଳ ହେବା ପରେ ଏବେ କଶ୍ମୀର ପ୍ରସଙ୍ଗକୁ ୟୁଏନ୍‌ଏଚ୍‌ଆର୍‌ସିକୁ ଟାଣିଛି। ୧୯୪୭ରୁ ଭାରତ ଜମ୍ମୁ-କଶ୍ମୀରକୁ ନିଜ ଭୂଖଣ୍ଡର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦାବି କରୁଛି। ଏହାସହ ଏ ସମ୍ପର୍କିତ ସମସ୍ତ ପ୍ରସଙ୍ଗ ଭାରତର ଆଭ୍ୟନ୍ତରୀଣ ବୋଲି ଦର୍ଶାଉଛି। ଏବେ ଭାରତକୁ ଅପଦସ୍ଥ କରିବାକୁ ଯାଇ ମିଥ୍ୟା ପ୍ରଚାର ଚଳାଇଥିବା ପାକିସ୍ତାନ ନିଜେ ହଟହଟା ହୋଇଛି।



ଶାହ ମେହମୁଦ୍ କୁରେଶୀ


NECC NATIONAL EGG CO-ORDINATION COMMITTEE 10.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 63 | 110 | 120 |
| BLS | 64 | 111 | 121 |
| ANG | 62 | 109 | 119 |
| BHM | 58 | 103 | 113 |

*Conditions Apply

Eggs Retail Price- 44/-Dozen
Issued in the Interest of Consumers


■ ସୀତାରାମନ୍‌ଙ୍କ ଯୁକ୍ତି

# ଓଲା, ଉବର ଯୋଗୁ ଅଟୋ ସେକ୍ଟରରେ ଆସିଛି ମାନ୍ଦାବସ୍ଥା

ଚେନ୍ନାଇ,୧୦।୯



ଦେଶର ଅଟୋ ସେକ୍ଟର ଏବେ ଜବରଦସ୍ତ ମାନ୍ଦାବସ୍ଥାର ଶିକାର ହୋଇଛି। କେତେକ କମ୍ପାନୀ ଏବେ କିଛିଦିନ ପାଇଁ ଉତ୍ପାଦନ ବନ୍ଦ ଲାଗି ଘୋଷଣା କରିସାରିଲେଣି। ଫଳରେ ଏହି କ୍ଷେତ୍ର ସହ ଜଡ଼ିତ ଲୋକଙ୍କର ଚାକିରି ଚାଲିଯିବା ଆରମ୍ଭ ହୋଇଗଲାଣି। ଏପରିସ୍ଥିତିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ନେଇ ମଙ୍ଗଳବାର ଅଜବ ଯୁକ୍ତି ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ, ଅଟୋମୋବାଇଲ ସେକ୍ଟରରେ କେତେକ କାରଣ ଯୋଗୁ ମାନ୍ଦାବସ୍ଥା ଦେଖାଯାଇଛି। ବିଏସ-୬ ମୁଭମେଣ୍ଟ, ରେଜିଷ୍ଟ୍ରେଶନ ଫି ବୃଦ୍ଧି ପାଇବା,ସର୍ବୋପରି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେବା ଯୋଗୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଦେଖାଦେଇଛି ବୋଲି ସେ କହିଛନ୍ତି। ତାଙ୍କ ମତରେ ଲୋକେ ଇଏମ୍‌ଆଇ ଦେଇ ନୂଆ ଗାଡ଼ି କିଣିବା ଅପେକ୍ଷା ଓଲା, ଉବର ଭଳି କ୍ୟାବ୍‌ରେ ଯାତାୟାତ କରିବାକୁ ଅଧିକ ପସନ୍ଦ କରୁଛନ୍ତି।

ଅଟୋ ସେକ୍ଟରରେ ବିକ୍ରି ହ୍ରାସ ଏକ ଗମ୍ଭୀର ସମସ୍ୟା ବୋଲି ସୀତାରାମନ୍ ସ୍ୱୀକାର କରିଛନ୍ତି ଏବଂ ଏହାର ସମାଧାନ ବାହାରିବା ନିହାତି ଜରୁରୀ ବୋଲି କହିଛନ୍ତି। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ୧୦୦ ଦିନ ପୂର୍ତ୍ତି ହେବା ଅବସରରେ ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟି ସୀତାରାମନ୍ ସରକାରଙ୍କ ସଫଳତା ବଖାଣିଥିଲେ। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ସରକାର ସମସ୍ତ ସେକ୍ଟରରେ ଦେଖାଦେଇଥିବା ସମସ୍ୟାକୁ ନେଇ ଅତ୍ୟନ୍ତ ଗମ୍ଭୀର ଅଛନ୍ତି ଏବଂ ଆବଶ୍ୟକୀୟ ପଦକ୍ଷେପମାନ ମଧ୍ୟ ନେଉଛନ୍ତି। ଅଗଷ୍ଟ ଓ ସେପ୍ଟେମ୍ବରରେ ଦୁଇଟି ବଡ଼ ଘୋଷଣା ହୋଇଛି। ଆବଶ୍ୟକ ହେଲେ ଆହୁରି କିଛି ଘୋଷଣା କରାଯିବ।

# ମହଙ୍ଗା ଯୋଗୁ ଲୋକେ ଗାଡ଼ି କିଣୁନାହାନ୍ତି: ମାରୁତି ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୦।୯



ଓଲା,ଉବର କ୍ୟାବ୍ ଯୋଗୁ ଦେଶରେ କାର୍ ବିକ୍ରି ପ୍ରଭାବିତ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଯୁକ୍ତି ସହ ଏକମତ ନୁହନ୍ତି ମାରୁତି ସୁଜୁକି ଅଧ୍ୟକ୍ଷ ଆର୍.ସି. ଭାର୍ଗବ। ଏଥିଲାଗି ସରକାରଙ୍କ ନୀତିକୁ ସେ ଦାୟୀ କରିଛନ୍ତି। ତାଙ୍କର କହିବାନୁଯାୟୀ, ପେଟ୍ରୋଲ-ଡିଜେଲ ଉପରେ ଉଚ୍ଚହାରରେ ଟିକସ ଆଦାୟ, ସଡ଼କ ଟିକସ ବୃଦ୍ଧି କରାଯାଉଥିବାରୁ ଲୋକେ ଏବେ କାର୍ କିଣିବାରୁ ଦୂରେଇ ଯାଉଛନ୍ତି। ଏହାଛଡ଼ା ଏୟାର ବ୍ୟାଗ୍ ଓ ଏବିଏସ୍ ଭଳି ନୂଆ ସୁରକ୍ଷା ଫିଚର ଯୋଡାଯିବା କାରଣରୁ ଏବେ କାର୍ ଦାମ ବହୁଗୁଣ ବଢ଼ିଯାଇଛି। ଏହି କାରଣରୁ ଏଣ୍ଟ୍ରି ଲେଭେଲ କାର୍ ଦାମ୍ ମହଙ୍ଗା ହୋଇଗଲାଣି। ଫଳରେ ଏହା ଦୁଇଚକିଆ ଯାନ ଚଳାଉଥିବା ବ୍ୟକ୍ତିବିଶେଷଙ୍କ ହାତପାହାନ୍ତାରୁ ବାହାରିଗଲାଣି। ଅଟୋ ଉଦ୍ୟୋଗ ଏବେ ଜିଏସ୍‌ଟି ହ୍ରାସ ପାଇଁ ଜୋରଦାର ଦାବି କରୁଥିବା ବେଳେ ଭାର୍ଗବଙ୍କ ମତରେ ଏହାଦ୍ୱାରା ସେଭଳି ବିଶେଷ ଫରକ ପଡ଼ିବ ନାହିଁ। ସୂଚନାଥାଉ କି, ଘରୋଇ ପାସେଞ୍ଜର କାର୍ ବିକ୍ରି ବାର୍ଷିକ ଆଧାରରେ ଅଗଷ୍ଟରେ ୩୧.୬% ହ୍ରାସ ପାଇଛି ବୋଲି ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚରର୍ସ(ସିଆମ୍) ପକ୍ଷରୁ ପ୍ରକାଶିତ ତଥ୍ୟରୁ ସ୍ପଷ୍ଟ ହୋଇଛି। ୧୯୯୭-୯୮ ପରେ ସର୍ବନିମ୍ନ ହ୍ରାସ ବୋଲି କୁହାଯାଉଛି।

**ଆଜିର ସମ୍ପାଦକୀୟ**

**କଡ଼ା କର ସଡ଼କ ନିୟମ**

**ଆଜିର ମନ୍ତବ୍ୟ**

“କଶ୍ମୀରକୁ ନେଇ କୌଣସି ଦେଶ ଚିନ୍ତିତ ହେବା ଅନୁଚିତ।
-ମୁଖ୍‌ତାର ଅବ୍ବାସ୍ ନକ୍‌ଭି, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

**କିଛି ତଥ୍ୟ**

ଚଳିତବର୍ଷ ଅଗଷ୍ଟ ମାସରେ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍)ରେ ୧୪୫ କୋଟି ଟଙ୍କା ନିବେଶ କରାଯାଇଛି।
- ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡ ଇନ୍ ଇଣ୍ଡିଆ


**ମାନ୍ଦାବସ୍ଥା ଘୋର ସଙ୍କଟ ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ସପକ୍ଷରେ**

........୧୭........

# ଧାନ ବିକିବାକୁ ଆଧାର ବାଧ୍ୟତାମୂଳକ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ରାଶନ କାର୍ଡ ପରେ ଏବେ ଚାଷୀ ପଞ୍ଜୀକରଣ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଚାଷୀ ଧାନ ବିକ୍ରି କରିବେ ସେମାନେ ନାମ ପଞ୍ଜୀକରଣ ବେଳେ ଆଧାର କାର୍ଡ ଦେବେ। ଏହାଦ୍ୱାରା ଚାଷୀ ପଞ୍ଜୀକରଣରେ ଜାଲିଆତି ହୋଇପାରିବ ନାହିଁ। ବିଗତ ବର୍ଷଗୁଡ଼ିକରେ ଯେକୌଣସି ପରିଚୟ ପତ୍ର ଦେଖାଇ ଚାଷୀ ନାମ ପଞ୍ଜୀକରଣ କରୁଥିଲେ। କେବଳ ସେତିକି ନୁହେଁ ଧାନ କିଣା ଆରମ୍ଭଠାରୁ ପଞ୍ଜୀକୃତ ଚାଷୀଙ୍କ ନାମକୁ ପରବର୍ତ୍ତୀ ବର୍ଷରେ ସାମିଲ କରାଯାଉଥିଲା। ଅନ୍ୟ ଅର୍ଥରେ କହିବାକୁ ଗଲେ କେବଳ ଚାଷୀଙ୍କ ନାମ ନବୀକରଣ ହେଉଥିଲା। ଚଳିତ ଖରିଫ୍ ଋତୁଠାରୁ ନବୀକରଣ ବ୍ୟବସ୍ଥା ଉଚ୍ଛେଦ କରାଯାଇ ନୂତନ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି। ଚାଷୀମାନେ ନିକଟସ୍ଥ ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପ୍‌ସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତରେ ଆଧାର କାର୍ଡ ଓ ଜମି ପଟ୍ଟା ଦେଇ ନାମ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି। ସେପ୍ଟେମ୍ବର ୧୦ ତାରିଖରେ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଶେଷ ଦିବସ ଘୋଷଣା କରାଯାଇଥିଲା । ତେବେ ଏହି ଅବଧିକୁ ଆସନ୍ତା ସପ୍ତାହେ (୧୭ ତାରିଖ) ଯାଏ ବୃଦ୍ଧି କରାଯାଇଛି। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଙ୍ଗଳବାର ଘୋଷଣା କରିଛନ୍ତି।



■ ଚାଷୀ ନବୀକରଣ ବନ୍ଦ

■ ପଞ୍ଜୀକରଣ ସପ୍ତାହେ ବଢ଼ିଲା



**ଧାନକିଣାରେ ମହିଳା ଏସ୍‌ଏଚ୍‌ଜି ସାମିଲ, ମାର୍କଫେଡ୍ ବିଦା** ପୃଷ୍ଠା-୪






କେନ୍ଦ୍ର ସରକାର ପ୍ରତ୍ୟେକ ଭାରତୀୟଙ୍କ ଅଧିକାରର ସୁରକ୍ଷା ଲାଗି ପ୍ରତିଶ୍ରୁତିବଦ୍ଧ।
-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ



ଆଇସ୍‌ଲାଣ୍ଡ ଗସ୍ତ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ସ୍ତ୍ରୀ ସବିତା ରିକ୍‌ଜାଭିକ୍‌ଠାରେ କୁନିକୁନି ପିଲାମାନଙ୍କୁ ଭେଟୁଛନ୍ତି।



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଣ୍ଟ ଭିନ୍‌ସେଣ୍ଟ ପ୍ରତିପକ୍ଷ ରଫ୍ ଗନ୍‌ସାଲଭେସ୍‌ଙ୍କ ସହ କରମର୍ଦ୍ଦନ କରୁଛନ୍ତି।



ଜମ୍ମୁ-କଶ୍ମୀରରୁ ଆସିଥିବା ସରପଞ୍ଚ ଓ ପ୍ରତିନିଧିମାନଙ୍କୁ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ନୂଆଦିଲ୍ଲୀରେ ସାକ୍ଷାତ କରୁଛନ୍ତି।

### ■ ୟୁଏନ୍‌ଏଚ୍‌ଆର୍‌ସିରେ ଭାରତ-ପାକ୍ ମୁହାଁମୁହିଁ

# ୩୭୦ ଉଚ୍ଛେଦ ସାର୍ବଭୌମ ନିଷ୍ପତ୍ତି

ଜେନେଭା,୧୦।୯ (ପି.ଟି./ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ନେଇ ମଙ୍ଗଳବାର ଭାରତ ଓ ପାକିସ୍ତାନ ପୁଣିଥରେ ଅନ୍ତର୍ଜାତୀୟ ମଞ୍ଚରେ ମୁହାଁମୁହିଁ ହୋଇଛନ୍ତି। ପାକିସ୍ତାନ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇ ଭାରତକୁ ଘେରିବାକୁ ଉଦ୍ୟମ କରିଛି। କଶ୍ମୀର ସ୍ଥିତିକୁ ନେଇ ୟୁଏନ୍‌ଏଚ୍‌ଆର୍‌ସି ପକ୍ଷରୁ ଏକ ଅନ୍ତର୍ଜାତୀୟ ତଦନ୍ତ କରାଯାଉ ବୋଲି ପାକିସ୍ତାନ ଦାବି କରିଛି। ଅନ୍ୟପକ୍ଷରେ କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ଭାରତର ସାର୍ବଭୌମ ନିଷ୍ପତ୍ତି ବୋଲି ଭାରତ ଜବାବ ରଖିଛି।

ସୁଇଜରଲାଣ୍ଡର ଜେନେଭାରେ ମଙ୍ଗଳବାର ୟୁଏନ୍‌ଏଚ୍‌ଆର୍‌ସିର ୪୨ ତମ ଅଧିବେଶନ ବସିଛି। ଏଥିରେ ପାକିସ୍ତାନ ପକ୍ଷରୁ ପ୍ରତିନିଧିତ୍ୱ କରି ସେଠାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ କହିଛନ୍ତି, କଶ୍ମୀର ପ୍ରସଙ୍ଗରେ କିଛି ପଦକ୍ଷେପ ନେଇ ନ ଥିବାରୁ ୟୁଏନ୍‌ଏଚ୍‌ଆର୍‌ସି ଲଜ୍ଜିତ ହେବା ଅନୁଚିତ। ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତାକୁ ଭାରତ ପ୍ରତ୍ୟାହାର କରିବା ପରେ ଉପତ୍ୟକାର ସ୍ଥିତିକୁ ନେଇ ବିଶ୍ୱ ମାନବାଧିକାର ପରିଷଦ ନିଃସ୍ପୃହ ରହିପାରିବ ନାହିଁ। କଶ୍ମୀରୀଙ୍କୁ ନ୍ୟାୟ ଓ ସମ୍ମାନ ପ୍ରଦାନ ପାଇଁ ମାନବାଧିକାର ପାଇଁ ଆମେ ଏହି ସଂସ୍ଥାର ଦ୍ୱାରସ୍ଥ ହୋଇଛୁ। ଭାରତୀୟ ସେନା ଉପତ୍ୟକାରେ ପେଲେଟ୍ ଗନ୍ ବ୍ୟବହାର ବନ୍ଦ କରିବା ସହ ସମସ୍ତ ପ୍ରକାର କଟକଣା ହଟାଇଦେଇ ଲୋକଙ୍କୁ ସେମାନଙ୍କ ସ୍ୱାଧୀନତା ଦେଉ। ଏହାସହ ଅନ୍ତର୍ଜାତୀୟ ଆଇନାନୁସାରେ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରି ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପନାମା ଓ ମାନବାଧିକାର ଚୁକ୍ତିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରୁ। ଏଥି ସକାଶେ ୟୁଏନ୍‌ଏଚ୍‌ଆର୍‌ସି ଭାରତକୁ ପରାମର୍ଶ ଦେଉ। ମାନବାଧିକାର ସମ୍ପର୍କିତ ଜାତିସଂଘ ଉଚ୍ଚାୟୁକ୍ତଙ୍କ ସୁପାରିସ ଅନୁସାରେ କଶ୍ମୀର ସ୍ଥିତିର ତଦନ୍ତ ପାଇଁ ଏକ କମିଶନ ଗଠନ କରାଯାଉ ବୋଲି କୁରେଶୀ ଦାବି କରିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭାରତର ଏକତରଫା ଓ ବେଆଇନ ନିଷ୍ପତ୍ତି ବୋଲି ସେ ଅଭିହିତ କରିଥିଲେ, ଯାହାକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଭାରତର ବହିର୍ବ୍ୟାପାର ସଚିବ(ପୂର୍ବ) ବିଜୟ ଠାକୁର ସିଂ ପରିଷଦକୁ ସମ୍ବୋଧିତ କରି ପାକିସ୍ତାନ ଉଦ୍ଦେଶ୍ୟରେ କହିଛନ୍ତି, ନିଜ ରାଜନୈତିକ କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବା ପାଇଁ ମାନବାଧିକାର ଆଳରେ ୟୁଏନ୍‌ଏଚ୍‌ଆର୍‌ସିକୁ ବ୍ୟବହାର କରୁଥିବା ଦେଶଗୁଡ଼ିକୁ ଡାକି ଦାଗିଦ୍ କରାଯାଉ। ସେମାନେ ପ୍ରକୃତରେ ଅପରାଧୀ ହୋଇଥିବାବେଳେ ନିଜକୁ ପୀଡ଼ିତ ବୋଲି ଦେଖାଇହେଉଛନ୍ତି। ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ଭାରତର ସାର୍ବଭୌମ ଅଧିକାର। କାରଣ ଏହା ଭାରତୀୟ ସମ୍ବିଧାନ ଅନୁସାରେ ନିଆଯାଇଛି। କୌଣସି ଦେଶ ନିଜ ଆଭ୍ୟନ୍ତରୀଣ ବ୍ୟାପାରରେ ଅନ୍ୟ ରାଷ୍ଟ୍ରର ହସ୍ତକ୍ଷେପକୁ ଗ୍ରହଣ କରେନାହିଁ ବୋଲି ସେ କଡ଼ା ଜବାବ ଦେଇଛନ୍ତି।





ଅଧିବେଶନରେ ଭାରତର ବହିର୍ବ୍ୟାପାର ସଚିବ ବିଜୟ ଠାକୁର ସିଂ (ମଝି)।

**ସ୍ଥିତିର ଅନ୍ତର୍ଜାତୀୟ ତଦନ୍ତ ଦାବି କଲା ପାକିସ୍ତାନ**

**ଆତଙ୍କବାଦର ପୃଷ୍ଠପୋଷକ ମାନବାଧିକାର କଥା କହିବା ଅନୁଚିତ:ଭାରତ**

### ■ ପାକିସ୍ତାନର ମୁଖା ଖୋଲିଲେ ଇମ୍ରାନ୍‌ଙ୍କ ଦଳର ପୂର୍ବତନ ବିଧାୟକ

## ଭାରତର ଶରଣ ପଶିଲେ ବଲଦେବ

ଚଣ୍ଡିଗଡ଼,୧୦।୯ (ପି.ଟି./ଆଇଏଏନ୍‌ଏସ୍)



**ପାକ୍‌ରେ ମୌଳିକ ଅଧିକାରରୁ ବଞ୍ଚିତ ସଂଖ୍ୟାଲଘୁ**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ପାର୍ଟି (ପିଟିଆଇ)ର ପୂର୍ବତନ ବିଧାୟକ ବଲଦେବ କୁମାର ଭାରତର ଶରଣ ପଶିଛନ୍ତି। ପାକିସ୍ତାନରେ ସଂଖ୍ୟାଲଘୁମାନେ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ। ସେମାନେ ସେଠାରେ ସୁରକ୍ଷିତ ନୁହନ୍ତି। ପଡ଼ୋଶୀ ଦେଶରେ ଆତଙ୍କବାଦକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ବଲଦେବ ଅଭିଯୋଗ ଆଣିଛନ୍ତି। ତାଙ୍କର ଏହି ପଦକ୍ଷେପ ଇମ୍ରାନ୍‌ଙ୍କ 'ନୂଆ ପାକିସ୍ତାନ'ର ଅସଲ ମୁଖା ଖୋଲିଦେଇଛି।

୪୩ ବର୍ଷୀୟ ବଲଦେବ ତାଙ୍କର ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ଗତମାସରେ ଭାରତ ଆସିଛନ୍ତି। ସେମାନେ ପଞ୍ଜାବର ଲୁଧିଆନା ଜିଲାସ୍ଥିତ ଖନ୍ନାରେ ରହୁଛନ୍ତି। ବଲଦେବ ଗଣମାଧ୍ୟମକୁ ମଙ୍ଗଳବାର କହିଛନ୍ତି, ସେ ଭାରତରେ ଆଶ୍ରୟ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। କାରଣ ବର୍ତ୍ତମାନ ପାକିସ୍ତାନର ସ୍ଥିତି ଉପରେ ସାରା ବିଶ୍ୱର ନଜର ରହିଛି। ଇମ୍ରାନ୍ କ୍ଷମତାକୁ ଆସିବା ପରେ ପାକିସ୍ତାନର ଭାଗ୍ୟ ବଦଳିଯିବ ବୋଲି ଆମେ ଆଶା କରିଥିଲୁ। କିନ୍ତୁ ସେ ଏଥିରେ ବିଫଳ ହୋଇଛନ୍ତି। ଖାନ୍ ସାହେବ୍ ନୂଆ ପାକିସ୍ତାନର କଥା କହୁଛନ୍ତି। କିନ୍ତୁ ବର୍ତ୍ତମାନର ପାକିସ୍ତାନଠାରୁ ପୁରୁଣା ପାକିସ୍ତାନ ଭଲ ଥିଲା। ସେଠାକାର ପଞ୍ଜାବ ପ୍ରଦେଶରେ ଶିଖ୍ ସମ୍ପ୍ରଦାୟର ଜଣେ ଗୁରୁଦ୍ୱାରା ଗ୍ରନ୍ଥୀଙ୍କ ଝିଅଙ୍କୁ ଅପହରଣ ପରେ ଧର୍ମପରିବର୍ତ୍ତନ କରାଗଲା। ଜଣେ ମୁସ୍‌ଲିମ୍ ଯୁବକ ବନ୍ଧୁକମୁନରେ ତାଙ୍କୁ ଜବରଦସ୍ତ ବିବାହ କଲେ। ଏଭଳି ଘଟଣା ଘଟିବା ଅନୁଚିତ। ସଂଖ୍ୟାଲଘୁଙ୍କୁ ସେମାନଙ୍କ ଅଧିକାର ମିଳୁଥିଲେ ପାକିସ୍ତାନରେ ଏଭଳି ସ୍ଥିତି ଉପୁଜି ନ ଥାଆନ୍ତା ବୋଲି ବଲଦେବ କହିଛନ୍ତି। ସେହିପରି ଆତଙ୍କବାଦ ପ୍ରସଙ୍ଗରେ ସେ କହିଛନ୍ତି, ପାକିସ୍ତାନର ନେତାମାନେ ନିଜ ଘରକୁ ନ ଦେଖି ଅନ୍ୟମାନଙ୍କ ଆଡ଼କୁ ଅଙ୍ଗୁଳି ଦେଖାଉଛନ୍ତି। ଯେଉଁଠି ମୁସ୍‌ଲିମ୍‌ମାନେ ସୁରକ୍ଷିତ ନୁହନ୍ତି ସେଠାରେ ମୋ ଭଳି ଲୋକେ ନିଜକୁ କିପରି ସୁରକ୍ଷିତ ମଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶସ୍ଥିତ ବାରିକୋଟ୍ ଆସନରୁ ବଲଦେବ ପୂର୍ବରୁ ବିଧାୟକ ହୋଇଥିଲେ। ସେ ୨୦୦୭ରେ ଖନ୍ନାର ଭାବନାଙ୍କୁ ବିବାହ କରିଥିଲେ। ପିଲାଙ୍କ ଭବିଷ୍ୟତ ପାଇଁ ସେ ଭାରତରେ ରହିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

### ■ ପୋଷ୍ଟରରେ ଧମକ

## ୮ ଲଶ୍କର ସହଯୋଗୀ ଗିରଫ

ଶ୍ରୀନଗର,୧୦।୯ (ପି.ଟି./ଆଇଏଏନ୍‌ଏସ୍)

ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ୮ ସହଯୋଗୀ ମଙ୍ଗଳବାର କଶ୍ମୀରରୁ ଗିରଫ ହୋଇଛନ୍ତି। ସେମାନେ ବାରାମୁଲା ଜିଲାର ସୋପୋରରେ ଆତଙ୍କବାଦୀଙ୍କ ଛତ୍ରଛାୟା ତଳେ ରହି ଧମକପୂର୍ଣ୍ଣ ପୋଷ୍ଟର ପ୍ରସାର କରୁଥିଲେ। ଆଇନ ଅମାନ୍ୟ ପାଇଁ ଲୋକଙ୍କୁ ଉସୁକାଇବା ପାଇଁ ଉଦ୍ଦିଷ୍ଟ ଏହି ପୋଷ୍ଟରରେ ସିଭିଲ କର୍ଫ୍ୟୁର ବାର୍ତ୍ତା ରହିଛି। ଏହାସହ ଏଥିରେ ସ୍ଥାନୀୟ ଲୋକଙ୍କୁ ଧମକ ଦିଆଯାଇଥିବା ପୋଲିସ କହିଛି। ଗିରଫ ଐଜାଜ୍ ମିର, ଓମାର ମିର, ତସିଫ୍ ନଜାର, ଇମ୍‌ତିଆଜ୍ ନଜାର, ଓମାର ଆକ୍‌ବର, ଫୈଜାନ୍ ଲତିଫ୍, ଦାନିଶ, ହବିବ୍ ଓ ଶୌକତ୍ ଅହମ୍ମଦ ମିରଙ୍କଠାରୁ ଏହି କାର୍ଯ୍ୟରେ ବ୍ୟବହୃତ କେତେକ କମ୍ପ୍ୟୁଟର ଓ ଅନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି।

## ଦକ୍ଷିଣ ଏସିଆର ପ୍ରଥମ ପେଟ୍ରୋଲିୟମ ପାଇପ୍‌ଲାଇନ୍ ଉଦ୍‌ଘାଟିତ

**କାଠମାଣ୍ଡୁ/ନୂଆଦିଲ୍ଲୀ, ୧୦।୯ (ପି.ଟି.):** ଦକ୍ଷିଣ ଏସିଆର ପ୍ରଥମ ପେଟ୍ରୋଲିୟମ ଉତ୍ପାଦ ପାଇପ୍‌ଲାଇନ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନେପାଳ ପ୍ରତିପକ୍ଷ କେ.ପି. ଓଲି ମଙ୍ଗଳବାର ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ନେପାଳକୁ କମ ମୂଲ୍ୟରେ ନିରବଚ୍ଛିନ୍ନ ଭାବେ ପେଟ୍ରୋଲିୟମଜାତ ଦ୍ରବ୍ୟ ଯୋଗାଯାଇ ପାରିବ। ବିହାରର ମୋତିହାରି-ନେପାଳର ଆମ୍‌ଲେଖ୍‌ଗଞ୍ଜ ମଧ୍ୟରେ ୬୯ କି.ମି.ବ୍ୟାପୀ ଏହି ପାଇପ୍‌ଲାଇନ୍‌କୁ ଭିଡିଓ ଲିଙ୍କ୍ ମାଧ୍ୟମରେ ଉଦ୍‌ଘାଟନ କରାଯାଇଥିଲା। ନେପାଳ ତୈଳ ନିଗମ ସହଯୋଗରେ ଭାରତୀୟ ତୈଳ ନିଗମ ପକ୍ଷରୁ ୩୨୪ କୋଟି ଟଙ୍କା ବ୍ୟୟରେ ଏହି ପାଇପ୍‌ଲାଇନ୍ ନିର୍ମାଣ କରାଯାଇଥିଲା। ଏଥିସହ ୨୦୧୪ରେ ହୋଇଥିବା ଭାରତ-ନେପାଳ ଚୁକ୍ତି ସଫଳ ରୂପ ନେଇଥିବା କୁହାଯାଉଛି। ଦୁଇଦେଶ ଆମ୍‌ଲେଖ୍‌ଗଞ୍ଜ ଡିପୋରେ ଅତିରିକ୍ତ ଷ୍ଟୋରେଜ୍ ସୁବିଧା ଲାଗି କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି।

## ଜାତିସଂଘରେ ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲା ପାକ୍

ଜାତିସଂଘ,୧୦।୯(ପି.ଟି.)



**ଗୁଟେରେସ୍‌ଙ୍କ ହସ୍ତକ୍ଷେପ ଲୋଡ଼ିଲେ ମଲିହା ଲୋଧି**

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ପାକିସ୍ତାନ ପୁଣିଥରେ କଶ୍ମୀର ପ୍ରସଙ୍ଗ ଉଠାଇଛି। ଭାରତ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିବା ପରେ ୟୁଏନ୍‌ଏସ୍‌ସି ଉପତ୍ୟକା ସ୍ଥିତି ଉପରେ କଡ଼ା ନଜର ରଖିବା ସହ ସେଠାରେ ସାମରିକ ପର୍ଯ୍ୟବେକ୍ଷଣକାରୀ ଗୋଷ୍ଠୀକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେବାକୁ ଇସ୍‌ଲାମାବାଦ ପକ୍ଷରୁ ଦାବି କରାଯାଇଛି।

ଜାତିସଂଘରେ ପାକିସ୍ତାନର ପ୍ରତିନିଧି ମଲିହା ଲୋଧି ମଙ୍ଗଳବାର ସୁରକ୍ଷା ପରିଷଦର ଜାତିସଂଘ ଶାନ୍ତିରକ୍ଷା ସମ୍ପର୍କିତ ବିତର୍କରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, ନୂଆଦିଲ୍ଲୀ ପକ୍ଷରୁ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ନେଇ ନିଷ୍ପତ୍ତି ପରେ ଭାରତ ଓ ପାକିସ୍ତାନରେ ଜାତିସଂଘ ସାମରିକ ପର୍ଯ୍ୟବେକ୍ଷଣକାରୀ ଗୋଷ୍ଠୀ (ୟୁଏନ୍‌ଏମ୍‌ଓଜିଆଇପି)ର ଭୂମିକା ଓ ଗୁରୁତ୍ୱ ବୃଦ୍ଧି ପାଇଛି। ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ସୁରକ୍ଷା ପରିଷଦ ସଂକଳ୍ପନାମାକୁ ଉଲ୍ଲଂଘନ କରିଛି ବୋଲି ଲୋଧି ଅଭିଯୋଗ ଆଣିଛନ୍ତି। ଏହି ଅବସରରେ ସେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କୁ ସାକ୍ଷାତ କରିଛନ୍ତି। ୩୬ ଦିନ ହେଲା ଉପତ୍ୟକାରେ ମାନବିକ ସଙ୍କଟ ସୃଷ୍ଟି ହୋଇଥିବା ଦର୍ଶାଇ କଶ୍ମୀର ପ୍ରସଙ୍ଗରେ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ୧୯୪୯ ଜାନୁୟାରୀରେ ପ୍ରତିଷ୍ଠିତ ୟୁଏନ୍‌ଏମ୍‌ଓଜିଆଇପିର ପ୍ରାସଙ୍ଗିକତା ଶିମ୍‌ଲା ଚୁକ୍ତି ଓ ପରବର୍ତ୍ତୀ ସମୟରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିର୍ଦ୍ଧାରଣ ପରେ ରହିନାହିଁ ବୋଲି ଭାରତ ଯୁକ୍ତି ବାଢ଼ିଛି।

### ■ କଶ୍ମୀରରେ ପୁଣି ମୁଣ୍ଡ ପୂରାଇଲେ ଟ୍ରମ୍ପ୍

## ଭାରତ-ପାକ୍ ଉତ୍ତେଜନା କମିଛି

ୱାଶିଂଟନ,୧୦।୯(ପି.ଟି.)



ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ପରେ ଜମ୍ମୁ-କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇ ସପ୍ତାହ ପୂର୍ବର ସ୍ଥିତି ଏବେ ନାହିଁ। କଶ୍ମୀରକୁ ନେଇ ଦକ୍ଷିଣ-ଏସିଆର ଦୁଇ ପଡ଼ୋଶୀ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଛି ବୋଲି ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏହାସହ ଦୁଇଦେଶ ଚାହିଁଲେ ସ୍ଥିତି ଆହୁରି ସ୍ୱାଭାବିକ କରିବା ପାଇଁ ସାହାଯ୍ୟ କରିବେ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

ଅଗଷ୍ଟ ୨୬ରେ ଫ୍ରାନ୍ସରେ ଜି-୭ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଠକ ପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ପ୍ରଥମଥର ପାଇଁ କଶ୍ମୀର ପ୍ରସଙ୍ଗରେ ମନ୍ତବ୍ୟ ଦେଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଖବରଦାତାଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ରହିଛି। କିନ୍ତୁ ଦୁଇ ସପ୍ତାହ ତଳେ ଯେପରି ଉତ୍ତେଜନା ରହିଥିଲା ଏବେ ଆଉ ତାହା ନାହିଁ। ଦୁଇଦେଶ ଚାହିଁଲେ ସେ ଆଗକୁ ସ୍ଥିତି ଆହୁରି ସ୍ୱାଭାବିକ କରିବା ପାଇଁ ପ୍ରସ୍ତୁତ ଥିବା ଟ୍ରମ୍ପ୍ କହିଛନ୍ତି।

## ୟୁଏଇରେ ଫସିଛନ୍ତି ୨୦୦ ଭାରତୀୟ ଶ୍ରମିକ

**ଦୁବାଇ, ୧୦।୯ (ପି.ଟି.):** ପେଟ ଲାଗି ୟୁଏଇ ଯାଇ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ପ୍ରାୟ ୨୦୦ ଭାରତୀୟ ଏବେ ସେଠାରେ ଫସି ରହିଛନ୍ତି। ଦୀର୍ଘମାସ ହେବ ସେମାନଙ୍କୁ ଦରମା ଦିଆଯାଉ ନ ଥିବାରୁ ସେମାନେ ସ୍ୱଦେଶ ଫେରିପାରୁ ନ ଥିବା ଜଣାପଡ଼ିଛି। କେବଳ ଭାରତୀୟ ନୁହନ୍ତି ବାଂଲାଦେଶ, ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ଫିଲିପାଇନ୍ସ ଓ ଇଜିପ୍ଟରୁ ସେଠାକୁ ଯାଇଥିବା ୩୦୦ରୁ ଊର୍ଦ୍ଧ୍ୱ ଲୋକ ଫସି ରହିଛନ୍ତି। ଅଲ୍ ୱସିତା ଏମିରେଟ୍ସ କ୍ୟାଟରିଂ ସର୍ଭିସେସ୍‌ରେ ଏମାନେ କାମ କରୁଛନ୍ତି। ମାନସିକ ସ୍ତରରେ ଏମାନେ ଦୁର୍ବଳ ହୋଇପଡ଼ି ଥିବାବେଳେ ଫେରିବା ଲାଗି ଭିଜା ଓ ବିମାନ ଟିକେଟ ଲାଗି ପଇସା ଏମାନଙ୍କ ପାଖରେ ନାହିଁ। ସେମାନଙ୍କ ସମସ୍ୟା ଖୁବ୍‌ଶୀଘ୍ର ଦୂର କରାଯିବ ବୋଲି ଆବୁଧାବିସ୍ଥିତ ଭାରତୀୟ ଦୂତାବାସର ଅଧିକାରୀ ପୂଜା ଭର୍ନେକର କହିଛନ୍ତି।

## ୧୧ ଅଭିଯୁକ୍ତଙ୍କ ଉପରୁ ହଟିଲା ହତ୍ୟା ମାମଲା

ରାଞ୍ଚି, ୧୦।୯ (ପି.ଟି.)



**ତବ୍‌ରେଜ୍ ଭିଡ଼ହିଂସା**

ମୁସଲ୍‌ମାନ ଯୁବକ ତବ୍‌ରେଜ୍ ଅନ୍‌ସାରି(୨୪) ଭିଡ଼ହିଂସା ମାମଲାରେ ଝାଡ଼ଖଣ୍ଡର ଷରେଇକଳା-ଖରସୁଆଁ ଜିଲା ପୋଲିସ ୧୧ ଅଭିଯୁକ୍ତଙ୍କ ବିରୋଧରେ ଲଗାଯାଇଥିବା ହତ୍ୟା ମାମଲାକୁ ଉଠାଇ ଦେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟରେ ତବ୍‌ରେଜ୍‌ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଦର୍ଶାଯିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏସ୍‌ପି କାର୍ତ୍ତିକ ଏସ୍. ପ୍ରକାଶ କରିଛନ୍ତି। ପୁଣେରେ କାମ କରୁଥିବା ତବ୍‌ରେଜ୍ ଇଦ୍ ପାଳନ ଲାଗି ଘରକୁ ଆସିଥିବାବେଳେ କେତେକ ସ୍ଥାନୀୟ ଲୋକେ ତାଙ୍କୁ ଗାଡ଼ିଚୋର ଭାବି ଖୁଣ୍ଟରେ ବାନ୍ଧିଦେବା ସହ ବାଡ଼ି ଓ ଲୁହାରଡ୍‌ରେ ପିଟିଥିଲେ। ତାଙ୍କୁ 'ଜୟ ଶ୍ରୀରାମ' କହିବାକୁ ବାଧ କରାଯାଇଥିଲା। ଏନେଇ ଭିଡିଓ ଭାଇରାଲ ହୋଇଥିଲା। ତବ୍‌ରେଜ୍‌ଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଥିବାବେଳେ ଜୁନ୍ ୨ରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ୧୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସେମାନଙ୍କ ମଧ୍ୟରୁ ୧୧ ଙ୍କ ବିରୋଧରେ ହତ୍ୟା ମାମଲା ଲଗାଯାଇଥିଲା। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ହୃଦ୍‌ଘାତ ବାହାରିବା ପରେ ଅଭିଯୁକ୍ତଙ୍କ ଉପରୁ ହତ୍ୟା ମାମଲା ହଟାଇ ଦିଆଯାଇଥିବା ଜଣାପଡ଼ିଛି।

**[ଇତିହାସର ଆଇନାରେ]**

### ସେପ୍ଟେମ୍ବର ୧୧ର ପ୍ରମୁଖ ଘଟଣା

୨୦୦୧ ସେପ୍ଟେମ୍ବର ୧୧ରେ ଅଲ୍ କାଏଦା ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଆମେରିକାରେ ସିରିଜ୍ ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଏଥିରେ ୨,୯୯୬ ଲୋକ ପ୍ରାଣ ହରାଇଥିଲାବେଳେ ୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

୨୦୧୨ ସେପ୍ଟେମ୍ବର ୧୧ରେ ପାକିସ୍ତାନର କରାଚୀ ଓ ଲାହୋରରେ ଥିବା ୨ଟି ଗୋଦାମରେ ଅଗ୍ନିକାଣ୍ଡ ଘଟିବାରୁ ୩୧୫ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ପଶ୍ଚିମ କରାଚୀର ଏକ କପଡ଼ା ଦୋକାନ ଓ ଲାହୋରରେ ଥିବା ଏକ ଜୋତା ତିଆରି କାରଖାନାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ପ୍ରାୟ ୬୦୦ ଲୋକ ଏଥିରେ ଆହତ ହୋଇଥିଲେ।

## କଂଗ୍ରେସ ଛାଡ଼ିଲେ ଊର୍ମିଳା ମାତୋଣ୍ଡକର

ମୁମ୍ବାଇ



ଅଭିନେତ୍ରୀରୁ ରାଜନେତ୍ରୀ ସାଜିଥିବା ଊର୍ମିଳା ମାତୋଣ୍ଡକର ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ୬ ମାସ ପୂର୍ବରୁ ସେ କଂଗ୍ରେସରେ ଯୋଗଦେଇ ମୁମ୍ବାଇ ନର୍ଥ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ଭାଜପା ପ୍ରାର୍ଥୀ ଗୋପାଲ ସେଟ୍ଟୀଙ୍କଠାରୁ ପରାଜୟବରଣ କରିଥିଲେ। ଏନେଇ ଏକ ବିବୃତିରେ ମାତୋଣ୍ଡକର କଂଗ୍ରେସର ସାଙ୍ଗଠନିକ ଉତ୍ତରଦାୟିତ୍ୱକୁ ନାପସନ୍ଦ କରିଛନ୍ତି। ମୁମ୍ବାଇ କଂଗ୍ରେସ ତାଙ୍କ କଥାକୁ ଅଣଦେଖା କରିବା, ଦଳରେ ପରିବର୍ତ୍ତନ ଓ ସ୍ୱଚ୍ଛତା ରକ୍ଷା କରା ନ ଯିବା, ବିନା ଦାୟିତ୍ୱରେ କେତେକଙ୍କୁ ପଦୋନ୍ନତି ଦିଆଯିବା ଭଳି ନିଷ୍ପତ୍ତି ତାଙ୍କୁ ଏଭଳି ପଦକ୍ଷେପ ନେବାକୁ ବାଧକରିଛି ବୋଲି ମାତୋଣ୍ଡକର ପ୍ରକାଶ କରିଛନ୍ତି।

## ବ୍ରାହ୍ମଣୀ ଡଙ୍ଗାବୁଡ଼ି ଘଟଣା: ବୁଲା କୁକୁର ଦେଲା ସୂଚନା

# ମିଳିଲା ଆଉ ୨ ମୃତଦେହ

ପରଜଙ୍ଗ, ୧୦।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ କୁନ୍ଦନଦେଇପୁର ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ି ଘଟଣାରେ ମଙ୍ଗଳବାର ଆଉ ୨ ନିଖୋଜଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ ଛତୁ ବ୍ୟବସାୟୀ ରମେଶ ସାହୁ ଏବଂ ବିଜୟ ନାୟକ ଓରଫ୍ ଲୁଲୁ। ଏହି ଘଟଣା ପରେ ମୃତକଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଅନ୍ୟପଟେ ନିଖୋଜ ଥିବା ସୁଶାନ୍ତ ସାହୁଙ୍କ ଅଦ୍ୟାବଧି କୌଣସି ସନ୍ଧାନ ମିଳିପାରିନାହିଁ। ସୋମବାର ପାଣିଗେଙ୍ଗୁଟିଆ ବ୍ରାହ୍ମଣୀ ନଦୀର ଶକ୍ତିପଦା ପଠା ନିକଟରେ କାଉଁସ ଗଛରୁ ବିଶ୍ୱଜିତ ଆଚାର୍ଯ୍ୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅନ୍ୟମାନଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ନଦୀରେ ପାଣି କମିଯାଇଥିଲା। କେତେଜଣ ଲୋକ ମାଛ ଧରୁଥିବାବେଳ ନଦୀ ମଝିରେ ବୁଲା କୁକୁର ବାଲି ରାମ୍ପୁଥିବା ଦେଖିଥିଲେ। ସନ୍ଦେହରେ ସେମାନେ ସେଠାକୁ ଯିବାବେଳେ ଏକ ମୃତଦେହର ପୋତି ହୋଇ ରହିଥିବା ଦେଖିଥିଲେ। ମୃତଦେହ ଉଦ୍ଧାର କରାଯିବା ପରେ ତାହା ରମେଶଙ୍କର ବୋଲି ଜଣାପଡ଼ିଥିଲା। ସେଠାରୁ ଅଳ୍ପ ଦୂରରୁ ବାଲିରେ କୁକୁର ରାମ୍ପୁଡ଼ା ଚିହ୍ନ ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ଖୋଳାଯିବା ପରେ ଉକ୍ତ ସ୍ଥାନରୁ ବିଜୟଙ୍କ ମୃତଦେହ ବାହାରିଥିଲା। ସାଆନ୍ଦା ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ମୃତଦେହ ଜବତ କରିଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ମୃତକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ପରଜଙ୍ଗ ଥାନାରେ ନଂ. ୩୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଜିଲା ରେଡ୍‌କ୍ରସ୍ ତରଫରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ସ୍ଥାନୀୟ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଲେଖାଏ ସହାୟତା ଦେଇଛନ୍ତି।

ବିଡିଓ ବସନ୍ତ ମଲ୍ଲିକ, ତହସିଲଦାର ଜୟନ୍ତ କୁମାର ଜୟସିଂ, ଥାନାଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ୍, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ବାଲି ଖୋଳାଯାଉଛି।

## ବଦଳିବ ଯୁକ୍ତ ୩ ପରୀକ୍ଷା ଢାଞ୍ଚା

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ଯୁକ୍ତ ୩ ପରୀକ୍ଷା ଢାଞ୍ଚା ବଦଳିବ। ପ୍ରତିଯୋଗିତାମୂଳକ ପରୀକ୍ଷାକୁ ଦୃଷ୍ଟିରେ ରଖି ସିଲାବସ୍ ମଧ୍ୟ ସେହିପରି ପ୍ରସ୍ତୁତ କରାଯାଇଛି। ସେଥିପାଇଁ ଚଳିତ ବର୍ଷଠାରୁ ନୂଆ ସିଲାବସ୍ ଲାଗୁ ସହ ପରୀକ୍ଷା ପଦ୍ଧତିକୁ ମଧ୍ୟ ପ୍ରତିଯୋଗିତାମୂଳକ ଢାଞ୍ଚାରେ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ପରୀକ୍ଷାରେ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ବଦଳରେ ଆସିବ ମଲ୍ଟି ପ୍ୟାଟର୍ନ ପ୍ରଶ୍ନ। ଏଣିକି ୧, ୨, ୩ ଓ ୫ ମାର୍କ ବିଶିଷ୍ଟ ପ୍ରଶ୍ନ ଆସିବ। ଯୁକ୍ତ ୩ ପରୀକ୍ଷାରେ ପ୍ରଥମ ବର୍ଷରେ ଆଡମିଶନ୍ ନେଇଥିବା ଛାତ୍ରୀଛାତ୍ରଙ୍କଠାରୁ ଏହି ସଂସ୍କାରମୂଳକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ପରେ ହିଁ ନୂଆ ଢାଞ୍ଚାରେ ପିଲାଙ୍କୁ ଶିକ୍ଷାଦାନ ଆରମ୍ଭ ହୋଇସାରିଛି। ପ୍ରଶାସନିକ ପରୀକ୍ଷା କ୍ଷେତ୍ରରେ ଓଡ଼ିଆ ଛାତ୍ରୀଛାତ୍ରମାନେ ବହୁ ପଛରେ ରହୁଛନ୍ତି। ଏହି ସ୍ଥିତିରେ ସୁଧାର ଆଣିବା ଲାଗି ଚଳିତ ବର୍ଷ ଠାରୁ ଲଜିକାଲ୍ ରିଜନିଂ ଓ କ୍ୱାଣ୍ଟିଟେଟିଭ୍ ଆପ୍ଟିଚ୍ୟୁଡ୍ ଏବଂ ଇଂରାଜି ବିଷୟ ଛାତ୍ରୀଛାତ୍ରଙ୍କ ଲାଗି ବାଧ୍ୟତାମୂଳକ କରାଯାଇଛି। ଉଭୟ ବିଷୟ ୧୦୦ ମାର୍କ ଲେଖାଏ ରହିବ। ଫଳରେ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି କଲେଜ୍ ସ୍ତରରୁ ହିଁ ଶିକ୍ଷା ପାଇପାରିବେ। ସୂଚନାଯୋଗ୍ୟ, ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ପରୀକ୍ଷା ପ୍ରଣାଳୀ ଲାଗୁ ହେବ। କିନ୍ତୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପୁରୁଣା ଢାଞ୍ଚାରେ ପରୀକ୍ଷା ଦେବେ।

## ପଞ୍ଚାୟତରେ ଖୋଲିବ ନାଗରିକ ସେବା କେନ୍ଦ୍ର

- ପ୍ରଥମ ପର୍ଯ୍ୟାୟରେ ୧୪ ଜିଲା
- ଆରମ୍ଭ ହେବ ଇ-ଗ୍ରାମ ପଞ୍ଚାୟତ ଯୋଜନା
- ଗ୍ରାମାଞ୍ଚଳ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରୁ ମିଳିବ ସବୁ ସହାୟତା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ରାଜ୍ୟର ପ୍ରତି ପଞ୍ଚାୟତରେ ଖୋଲିବ ନାଗରିକ ସେବା କେନ୍ଦ୍ର। ସେଠାରୁ ଗ୍ରାମାଞ୍ଚଳ ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। କୃଷି ଉପକରଣଠାରୁ ଆରମ୍ଭ କରି ପାଣି, ବିଦ୍ୟୁତ୍, ଜମିବାଡ଼ି ଟିକସ ପଇଠ ସୁବିଧା ଯୋଗାଇ ଦିଆଯିବ। ଲୋକମାନଙ୍କୁ ନିଜ ପଞ୍ଚାୟତ ଛାଡ଼ି ବାହାରକୁ ଯିବାକୁ ପଡ଼ିବ ନାହିଁ। ଏସବୁ ସହାୟତା ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥା ମାଧ୍ୟମରେ ଯୋଗାଇ ଦିଆଯିବ। ପ୍ରତ୍ୟେକ ପଞ୍ଚାୟତକୁ ଇ-ଗ୍ରାମପଞ୍ଚାୟତରେ ପରିଣତ କରାଯିବ। ପଞ୍ଚାୟତ କାର୍ଯ୍ୟାଳୟରେ ନାଗରିକ ସେବା କେନ୍ଦ୍ର ରହିବ। ଏହାର ପରିଚାଳନା ଦାୟିତ୍ୱ ସ୍ଥାନୀୟ ଯୁବତୀଯୁବକଙ୍କୁ ଦିଆଯିବ। ସରକାରୀ ଯୋଜନାଠାରୁ ଆରମ୍ଭ କରି ବ୍ୟକ୍ତିଗତ ସୁବିଧା ସୁଯୋଗ ଏହି ସେବା କେନ୍ଦ୍ରରୁ ଉପଲବ୍ଧ ହୋଇ ପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହା କାର୍ଯ୍ୟକାରୀ ହେବ।

ପ୍ରଥମ ପର୍ଯ୍ୟାୟରେ ଶ୍ୟାମ ପ୍ରସାଦ ମୁଖାର୍ଜୀ ଜାତୀୟ ରୁର୍ବାନ ମିଶନ(ଏନ୍‌ଆରୟୁଏମ)ରେ କାର୍ଯ୍ୟକାରୀ ହେଉଥିବା ୧୪ଟି ଜିଲାରେ ଇ-ଗ୍ରାମ ପଞ୍ଚାୟତ ଓ ନାଗରିକ ସେବାକେନ୍ଦ୍ର ଖୋଲିବ । ସେହି ଜିଲାଗୁଡ଼ିକ ହେଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ଗଞ୍ଜାମ, କନ୍ଧମାଳ ଓ ବାଲେଶ୍ୱର। ଏହି ଜିଲାଗୁଡ଼ିକର କ୍ଲଷ୍ଟରରେ ଥିବା ପଞ୍ଚାୟତଗୁଡ଼ିକରେ ଏହା କାର୍ଯ୍ୟକାରୀ ହେବ। ଏଥିପାଇଁ କେନ୍ଦ୍ର ସରକାର ୬୦ ଏବଂ ରାଜ୍ୟ ସରକାର ୪୦ ପ୍ରତିଶତ ଖର୍ଚ୍ଚ ବହନ କରିବେ। ଆସନ୍ତା ୧୫ ତାରିଖରେ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଏ ନେଇ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯିବ। କମିଟି ଅନୁମୋଦନ ପରେ ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ।

# ପୁଣି ସମ୍ବଲପୁର ପୋଲିସର ଏନ୍‌କାଉଣ୍ଟର

- ୭ ଦିନରେ ୨ ଅପରାଧୀ ପୋଲିସ ଜାଲରେ
- ଟଙ୍କା, ପିସ୍ତଲ, ଗୁଳି, ଫୋନ୍, ବାଇକ୍ ଜବତ
- ସମ୍ବଲପୁର, ଦେବଗଡର ବିଭିନ୍ନ ଥାନାରେ ରହିଛି ମାମଲା
- ଘଟଣାସ୍ଥଳରୁ ଅନ୍ୟ ୩ ଜଣ ଖସିଗଲେ, ଜଣେ ପୋଲିସ ଆହତ

ସମ୍ବଲପୁର,୧୦।୯ (ବ୍ୟୁରୋ)

ସମ୍ବଲପୁରରେ ୭ ଦିନ ଭିତରେ ୨ୟ ଥର ପାଇଁ ପୋଲିସ ମଙ୍ଗଳବାର ଭୋରରୁ ପୁଣି ଜଣେ ଯୁବକଙ୍କୁ ଏନକାଉଣ୍ଟର କରିଛି। ସେ ହେଲେ ତ୍ରିଦେବ ବାଗ (୨୫)। କୁଲୁଥକାନୀ-ଧନକଉଡା ରାସ୍ତା ମଝିର ଏକ ନିଛାଟିଆ ସ୍ଥାନରେ ପୋଲିସ ଏହି ଏନକାଉଣ୍ଟର କରିଛି। ପୋଲିସକୁ ଦେଖି ତ୍ରିଦେବ ପ୍ରଥମେ ଗୁଳି ଚଳାଇଥିଲେ। ଏଣୁ ବାଧ୍ୟ ହୋଇ ପୋଲିସ ମଧ୍ୟ ପାଲଟା ଗୁଳି କରିଥିଲା। ଫଳରେ ତ୍ରିଦେବଙ୍କ ଡାହାଣ ଗୋଡରେ ଗୁଳି ବାଜିଛି। ଆହତ ଅବସ୍ଥାରେ ତାଙ୍କୁ ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଏହି ଘଟଣାରେ ଜଣେ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତ୍ରିଦେବଙ୍କ ନିକଟରୁ ୩୦ ହଜାର ଟଙ୍କା, ଗୋଟିଏ ଦେଶୀ ପିସ୍ତଲ, ୩ଟି ମୋବାଇଲ ଫୋନ, ୨ଟି ଗୁଳି, ଏକ ମୋଟର ସାଇକେଲ ଓ ଲୁଟ୍ ହୋଇଥିବା ୩ଟି ସୁନା ଚେନ ଜବତ ହୋଇଛି। ଘଟଣା ସ୍ଥଳରୁ ଅନ୍ୟ ୩ଜଣ ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି। ତ୍ରିଦେବଙ୍କ ନାମରେ ସମ୍ବଲପୁର ଜିଲାର ଅଇଁଠାପାଲି, ଧନୁପାଲି ଥାନାରେ ପ୍ରାୟ ୮ଟି ମାମଲା ରହିଥିବା ବେଳେ ଦେବଗଡ ଜିଲାରେ ମଧ୍ୟ ଏକାଧିକ ମାମଲା ରହିଛି। ଗତ ୨ ତାରିଖ ବିଳମ୍ବିତ ରାତିରେ ମୁସିମ ଅଖତର୍ ଓରଫ ବିଟୁ (୩୨)ଙ୍କୁ ପୋଲିସ ଏନକାଉଣ୍ଟର୍ କରିଥିଲା । ଏଥିରେ ଏସ୍‌ଆଇ ମହମ୍ମଦ ଜାହାଙ୍ଗିର ଆହତ ହୋଇଥିଲେ। ମୁସିମଙ୍କଠାରୁ ପୋଲିସ ଗୋଟିଏ ପିସ୍ତଲ, ଗୋଟିଏ ଗୁଳି, ଗୋଟିଏ ମୋବାଇଲ ସହ ୪ହଜାର ଟଙ୍କା ଜବତ କରିଥିଲା । ତାଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ଡକାୟତି, ଲୁଟ୍, ମାରପିଟ ଭଳି ୧୫ରୁ ଅଧିକ ସଙ୍ଗିନ ମାମଲା ରହିଛି।


ଚିକିତ୍ସାଧୀନ ଅଭିଯୁକ୍ତ ତ୍ରିଦେବ ବାଗ।







## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ରୋଶନ୍ ରାଜ୍
ପରିବାରବର୍ଗ


ସୁମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପୁରୀ-ଇନ୍ଦୋର ଏକ୍ସପ୍ରେସ୍ ଦୁଇଦିନ ବାତିଲ

**ଭୁବନେଶ୍ୱର, ୧୦।୯(ବ୍ୟୁରୋ):** ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳପଥର ଭୂପଦେଓପୁର ରେଳ ଷ୍ଟେଶନର ଆଧୁନିକୀକରଣ କାର୍ଯ୍ୟ ଆସନ୍ତା ୧୭ ଓ ୧୮ ତାରିଖରେ ହେବ। ଏଥିପାଇଁ ଏହି ରୁଟ୍‌ରେ ଚଳାଚଳ କରୁଥିବା ପୁରୀ-ଇନ୍ଦୋର (୧୯୩୧୭) ଓ ଇନ୍ଦୋର-ପୁରୀ (୧୯୩୧୮) ଏକ୍ସପ୍ରେସକୁ ଦୁଇଦିନ ପାଇଁ ବାତିଲ କରାଯାଇଛି। ମଙ୍ଗଳବାର ପୂର୍ବତଟ ରେଳପଥ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

# ସେଦିନ ବି ଥିଲା ମଙ୍ଗଳବାର

**ଜଗତ୍‌ସିଂହପୁର ଅଫିସ, ୧୦।୯:** ନାବାଳିକା ଗାଁ ସ୍କୁଲରେ ୪ର୍ଥ ଶ୍ରେଣୀରେ ପଢୁଥିଲେ। ସେ ଦିନ ଥିଲା ମଙ୍ଗଳବାର। ସ୍କୁଲରେ ପରୀକ୍ଷା ଦେଇସାରି ସେ ଖୁସିରେ ଘରକୁ ଫେରିଥିଲେ। ପରେ ସାଙ୍ଗସାଥୀଙ୍କ ସହ ଖେଳକୁଦ କରୁଥିଲେ। କିଏ ଜାଣିଥିଲା ସେ ଦିନ ହିଁ ତାଙ୍କ ଜୀବନ ଦୀପ ଲିଭିଯିବ। ଅଭିଯୁକ୍ତ ଲବ ମାନା ବଳାତ୍କାର ପରେ ତାଙ୍କୁ ଅତି ନିଷ୍ଠୁର ଭାବେ ଯେଭଳି ତଣ୍ଟି ଚିପି ହତ୍ୟା କରିଥିଲେ ଓ ମୃତଦେହ ଉପରେ କାଜୁପତ୍ର ଘୋଡ଼ାଇ ଚାଲିଯାଇଥିଲେ, ତାହାକୁ ଆଜି ମଧ୍ୟ ଗ୍ରାମବାସୀ ଭୁଲି ପାରୁନାହାନ୍ତି। ଭଗବାନଙ୍କ ଇଚ୍ଛାରେ ସେହି ମଙ୍ଗଳବାର ହିଁ ରାୟ ପ୍ରକାଶ ପାଇଛି ଏବଂ ଲବଙ୍କୁ ଫାଶୀ ଦଣ୍ଡାଦେଶ ହୋଇଛି ବୋଲି ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ପ୍ରକାଶ ପରେ ସ୍ଥାନୀୟ ଲୋକେ କହିଛନ୍ତି।

### ରହସ୍ୟ ଉପରୁ ପର୍ଦ୍ଦା ଉଠାଇଥିଲେ ୨ ନାବାଳିକା

କାଜୁ ଜଙ୍ଗଲରୁ ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହ ମିଳିବା ପରେ କିଏ ତାଙ୍କୁ ହତ୍ୟା କରିଛି ବୋଲି ଗ୍ରାମରେ ଚହଳ ପଡ଼ିଯାଇଥିଲା। ତେବେ ଏହି ରହସ୍ୟ ଉପରୁ ପର୍ଦ୍ଦା ହଟାଇଥିଲେ ୨ ଜଣ ନାବାଳିକା। ସେମାନେ ମିଳିମିଶି ଖେଳୁଥିଲେ। ଏହି ସମୟରେ ଲବ ସେଠାରେ ପହଞ୍ଚି ସମ୍ପୃକ୍ତ ଝିଅକୁ ସେଠାରୁ ନେଇଯାଇଥିଲେ ବୋଲି ୨ ନାବାଳିକା ଗାଁରେ କହିଥିଲେ। କେବଳ ଗାଁରେ ନୁହେଁ, କୋର୍ଟରେ ମଧ୍ୟ ସେମାନେ ବୟାନ ଦେଇଥିଲେ। ଯାହାକି ଏହି ମାମଲାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

### ଅଭିଯୁକ୍ତଙ୍କ ହତ୍ୟା ସ୍ୱୀକାର

ଅଭିଯୁକ୍ତ ଲବଙ୍କୁ ଚିହ୍ନଟ ପାଇଁ ଏରସମା ପୋଲିସ ନିଶିକାନ୍ତ କାଣ୍ଡ ଓ ନିତେଲାଲ ଗୁଡିଆ ନାମକ ୨ ଜଣ ଶ୍ରମିକ ଶ୍ରେଣୀର ଲୋକଙ୍କୁ ନେଇ ବାଦାମବାଡ଼ି ବସଷ୍ଟାଣ୍ଡ ଯାଇଥିଲା। ସେଠାରେ ଲବଙ୍କୁ ଗିରଫ କରାଯାଇଥିଲା। ଗିରଫ ପରେ ଏହି ୨ ଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଲବ ବଳାତ୍କାର ପରେ ହତ୍ୟା କରିଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି। କେବଳ ଏତିକି ନୁହେଁ, ସେଦିନ ସେ ନିଜ ଅନ୍ତଃବସ୍ତ୍ରକୁ ପାଖାପାଖି ୨୦ ଫୁଟ ଦୂର ଏକ କାଜୁଗଛ ମୂଳେ ଲୁଚାଇ ଚାଲିଯାଇଥିବା କହିଥିଲେ। ପୋଲିସ ଉକ୍ତ ଅନ୍ତଃବସ୍ତ୍ରକୁ ଜବତ କରି ସିମେନ୍ ପରୀକ୍ଷା ପାଇଁ ପଠାଇଥିଲା। ଏହା ମଧ୍ୟ ବଳାତ୍କାର ସମ୍ପର୍କିତ ପ୍ରମାଣ ଯୋଗାଇଥିଲା। ସୂଚନାଯୋଗ୍ୟ, ଲବ ବିବାହିତ। ଘରେ ତାଙ୍କ ମା', ବାପା, ଭାଇ, ସ୍ତ୍ରୀ, ୫ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛନ୍ତି।

### ହତ୍ୟାକାରୀଙ୍କୁ ଗିରଫ ଦାବି ତେଜିଥିଲା

ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଖବର ପ୍ରଚାରିତ ହେବା ପରେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ୨୦୧୮ ମାର୍ଚ୍ଚ ୨୧ ତାରିଖରେ ସରପଞ୍ଚ ଭୀମସେନ ରାଉତ, ସମିତି ସଭ୍ୟ ସତ୍ୟରଞ୍ଜନ ଜାନାଙ୍କ ସମେତ ଗଡ଼ହରିଶପୁର ଗାଁ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ପାଖାପାଖି ୨ ହଜାର ଲୋକ ଟାୟାର ଜାଳି ଗଡ଼ହରିଶପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସେତେବେଳେ ସମସ୍ତେ ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ ବୋଲି ଦାବି କରିଥିଲେ। ଆନ୍ଦୋଳନସ୍ଥଳରେ ପୋଲିସ ପହଞ୍ଚି ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ ସହ ମୃତ ନାବାଳିକାଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିସହ ନାବାଳିକାଙ୍କ ପରିବାରକୁ ସରକାରୀ ସହାୟତା ଦିଆଯାଇଥିଲା।

### ହାଇକୋର୍ଟ ଯିବେ ଲବ

ଲବଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ନିଜ ତରଫରୁ କୌଣସି ଓକିଲ ନିଯୁକ୍ତ କରିପାରି ନ ଥିଲେ। ତେଣୁ ଏସ୍‌ଡିସି (ଷ୍ଟେଟ୍ ଡିଫେନ୍ସ କାଉନସିଲ୍) ପକ୍ଷରୁ ତାଙ୍କ ପାଇଁ ଓକିଲ ନିଯୁକ୍ତ କରାଯାଇଥିଲା। ତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରବି ସ୍ୱାଇଁ କହିଛନ୍ତି ଯେ, ପୋକ୍‌ସୋ ଅଦାଲତର ରାୟକୁ ଚ୍ୟାଲେଞ୍ଜ କରି ଲବ ହାଇକୋର୍ଟ ଯିବେ ବୋଲି ତାଙ୍କ ପରିବାର ଲୋକେ ସୂଚନା ଦେଇଛନ୍ତି।

# ଧାନକିଣାରେ ମହିଳା ଏସ୍‌ଏଚ୍‌ଜି ସାମିଲ, ମାର୍କଫେଡ୍ ବିଦା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ସେପ୍ଟେମ୍ବର ୧୦ ସୁଦ୍ଧା ରାଜ୍ୟରେ ୯ ଲକ୍ଷ, ୭୯ ହଜାର ୯୫୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଗଞ୍ଜାମରେ ସର୍ବାଧିକ ୧ ଲକ୍ଷ ୧୨ ହଜାର ୪୭ ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବେଳେ ବରଗଡ଼ ୮୫୫୦୯, ବାଲେଶ୍ୱର ୪୮୮୯୦, ଭଦ୍ରକ ୩୧୧୩୬୧, କଟକ ୪୦୬୯୩, କଳାହାଣ୍ଡି ୬୪୯୪୦, ଖୋର୍ଦ୍ଧା ୩୦୬୦୫, ସମ୍ବଲପୁର ୩୪୨୧୯, ସୁନ୍ଦରଗଡ଼ ୩୨୦୧୩, ସୁବର୍ଣ୍ଣପୁର ୪୪୩୯୦, କେନ୍ଦ୍ରାପଡ଼ାରେ ୨୪୯୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ପ୍ରଥମ ଥର ପାଇଁ ଧାନ କିଣିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯାଇଥିବା ବେଳେ ଚଳିତ ବର୍ଷ ମାର୍କଫେଡକୁ ଧାନ କିଣାରୁ ବାଦ୍ ଦିଆଯାଇଛି। ଧାନ କିଣାରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଖରିଫ୍ ଋତୁରେ କ୍ଷୁଦ୍ର, ନାମମାତ୍ର ଓ ଭାଗ ଚାଷୀ ମଧ୍ୟ ସେମାନଙ୍କର ଧାନ ବିକ୍ରି କରିପାରିବେ। ମୁଣ୍ଡପିଛା ୩ କୁଇଣ୍ଟାଲ ଧାନ ଛାଡ଼ି ବଳକା ବିକ୍ରି କରିବାକୁ ସରକାର ଅନୁମତି ଦେଇଛନ୍ତି। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରୁ ଧାନ କ୍ରୟ ଆରମ୍ଭ ହେବ। ଅନ୍‌ଲାଇନ ଜରିଆରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯିବ। ୨୦୧୮-୧୯ରେ ଖରିଫ୍ ଧାନ ବିକ୍ରି ପାଇଁ ୧୨ ଲକ୍ଷ ୫୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଆସନ୍ତା ଖରିଫ୍ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧,୮୧୫ଟଙ୍କା କୁଇଣ୍ଟାଲ ପିଛା ଧାର୍ଯ୍ୟ କରାଯାଇଛି। ଗତ ବର୍ଷ ୧ ଲକ୍ଷ ଭାଗଚାଷୀ ଧାନ ବିକ୍ରି କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଭାଗଚାଷୀମାନେ ସରପଞ୍ଚ କିମ୍ବା ଜମି ମାଲିକଙ୍କଠାରୁ ଅନୁମତି ପତ୍ର ଆଣି ଧାନ ବିକିବା ପାଇଁ ନିଜର ନାମ ପଞ୍ଜୀକୃତ କରିପାରିବେ। ତେବେ ଆଧାର ଲିଙ୍କ୍ କରାଯାଉଥିବାରୁ ଚଳିତବର୍ଷ ଚାଷୀ ପଞ୍ଜୀକରଣ ୨ ଲକ୍ଷ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

ଅନ୍ୟପକ୍ଷରେ ଧାନ ପଞ୍ଜୀକରଣ କିଭଳି ଚାଲିଛି ସେ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗର ୧୬ ଜଣ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହି ଅଧିକାରୀମାନେ ୩୦ଟି ଜିଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟକୁ ତଦାରଖ କରିବେ। ଏମାନେ ଦୁଇଦିନ ଉଦ୍ଦିଷ୍ଟ ଜିଲାର ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତରେ ହେଉଥିବା ଚାଷୀ ପଞ୍ଜୀକରଣ କାର୍ଯ୍ୟର ତଦାରଖ କରିବେ। ପଞ୍ଜୀକରଣ ସମୟରେ ଚାଷୀ ଦେଇଥିବା ଜମିଜମା ସଂକ୍ରାନ୍ତୀୟ ତଥ୍ୟ ଓ ପଟ୍ଟାଗୁଡିକର ଯାଞ୍ଚ କରିବେ। ପଞ୍ଜୀକୃତ ଚାଷୀଙ୍କର ତାଲିକା ପଞ୍ଚାୟତ, ସମବାୟ ସମିତି ଓ ଧାନ ସଂଗ୍ରହ କେନ୍ଦ୍ରଗୁଡିକରେ ପ୍ରଦର୍ଶନ କରାଯାଇଛି କି ନାହିଁ ସେସବୁର ତନଖି କରିବେ। ଚାଷୀମାନଙ୍କର ମଧ୍ୟ ଆପତ୍ତି ଅଭିଯୋଗ ଶୁଣିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜିର ମକର ରାଶିସ୍ଥ ଚନ୍ଦ୍ର ଆପଣଙ୍କ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ସ୍ୱାଭାବିକ ରଖିବ। କିନ୍ତୁ ଷଷ୍ଠଭାବସ୍ଥ ଶୁକ୍ର ନୀଚସ୍ଥ ଯୋଗୁ ଆର୍ଥିକ ସ୍ଥିତି ବିଗିଡିଯାଇପାରେ, କିନ୍ତୁ ଋଣ ଜରିଆରେ ଟଙ୍କା ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ କାମ ତଥା ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ।

**ବୃଷ** - ଆଜି ବୁଧଙ୍କ ସହ ଶୁକ୍ରଙ୍କ ସଂଯୋଗ ଫଳରେ ସଭାସମିତି କିମ୍ବା ପଦସ୍ଥବ୍ୟକ୍ତିଙ୍କ ସହ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। କିନ୍ତୁ ପାରିବାରିକ ସମସ୍ୟା ଚିନ୍ତାରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** - ସମସ୍ତ ପ୍ରକାରର ସୁବିଧା ହାସଲ କରି ଲକ୍ଷ୍ୟପଥର ପଥିକ ହୋଇପାରନ୍ତି। ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବାର ସମ୍ଭାବନା ରହିଛି। ବୈଷୟିକ ସମ୍ପଦ ହାସଲ ପରିପ୍ରେକ୍ଷୀରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ।

**କର୍କଟ** - ଯେ କୌଣସି ପରିସ୍ଥିତି ହେଉନା କାହିଁକି, ଆପଣଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ଆପଣ କୌଣସି ଠିକ୍ ନିଷ୍ପତ୍ତି ନେଇ ନ ପାରନ୍ତି। ଅବଶ୍ୟ ଆର୍ଥିକ, ବ୍ୟବସାୟିକ, ଉପରିସ୍ଥ କର୍ମଚାରୀ କିମ୍ବା ସରକାରୀ କାମ କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ସିଂହ** - ସ୍ୱଗୃହୀ ରବି ହେତୁ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିଯିବାର ଲକ୍ଷ୍ୟକରି ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଆସିଲେ ମଧ୍ୟ ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି।

**କନ୍ୟା** - ଶୁକ୍ରଙ୍କ ପ୍ରଭାବକ୍ରମେ ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦର ଅନୁଭବ କରିବେ। ଏହା ସାଙ୍ଗକୁ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ରାହୁଙ୍କ ସ୍ଥିତି କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା** - ଦ୍ୱିତୀୟଭାବସ୍ଥ ବୁଧଙ୍କ ପ୍ରଭାବରେ ଆର୍ଥିକ ଅଭିବୃଦ୍ଧି ଓ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। କିନ୍ତୁ ସ୍ଥଳ ବିଶେଷରେ ରୋକ୍‌ଠୋକ୍ କଥା କେତେକ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କଲେ ସଫଳତା ପାଇବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** - ଶନି ଓ ରାହୁଙ୍କ ସ୍ଥିତିଜନିତ ବିବାଦୀୟ ଘଟଣା କିମ୍ବା ଅସଫଳତା ହେତୁକ ମନସ୍ତାପ କରିପାରନ୍ତି। ପରିସ୍ଥିତିର ଗୁରୁତ୍ୱ ହୃଦୟଙ୍ଗମ କରି ଅଧିକାଂଶ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** - ପାରିବାରିକ କ୍ଷେତ୍ରରେ ଅସ୍ଥିରତା କ୍ରମଶଃ ଦୂରେଇବାର ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ନିଜ ନିଜର ସାଙ୍ଗସାଥୀମାନଙ୍କ ମଧ୍ୟରେ ସାମୟିକ ଅଶାନ୍ତି ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** - ଆଜି ନିଜ ରାଶିରେ ଚନ୍ଦ୍ର ଅବସ୍ଥାନ କରି ମନରେ ଉତ୍ସୁକତା ପ୍ରଦାନ କରିବେ। ମାନସିକ ସ୍ଥିରତା କେତେମାତ୍ରାରେ କ୍ଷୁଣ୍ଣ ହୋଇପାରେ। ତଥାପି ସାମୟିକ ଭାବରେ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିବ।

**କୁମ୍ଭ** - ଶନିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣ ମାତ୍ରାରେ ଉପଶମ ନ ହେଲେ ମଧ୍ୟ କେତେକାଂଶରେ ପୂର୍ବାପେକ୍ଷା ନିୟନ୍ତ୍ରଣ ମଧ୍ୟରେ ରହିବ। ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡିବ। ଆଜି ସୁବିଧାରେ ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** - ବୃହସ୍ପତିଙ୍କ ଶୁଭ ଦୃଷ୍ଟି ପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବା ସହ ଉଚ୍ଚଚିନ୍ତା ଓ ନୂଆ ନୂଆ ଯୋଜନା କରିପାରନ୍ତି। କିନ୍ତୁ ପାଖ ପଡୋଶୀଙ୍କ ସହ ସମ୍ପର୍କରେ ଅବନ୍ନତି ଘଟିବ ଏବଂ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ବୁଧବାର, ଶ୍ରୀମନ୍ଦିରରେ ବଳିବାମନ ବେଶ, ବୁଧିବାମନ ଓଷା ଶେଷପାଳି, ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ (ସ୍ୱାମୀ ବିବେକାନନ୍ଦଙ୍କ ଶିକାଗୋଭାଷଣ-୧୧।୯।୧୮୯୩), ରାଶିନକ୍ଷତ୍ର-ଶ୍ରବଣା/ମକର, କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୫ମି. ଗତେ ଘ୮।୩୨ମି. ମଧ୍ୟେ, ଘ୩।୧୦ମି. ଗତେ ଘ୪।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୫ମି. ମଧ୍ୟେ ଘ୧୦।୧୧ମି. ଗତେ, ଘ୧।୫୦ମି. ମଧ୍ୟେ ଘ୪।୪୭ମି. ଗତେ, ଘ୬।୧୦ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday 0674-2580101, 2549302




**BRIDE WANTED**

Son age 30 B.Tech IIT Dhanbad MBA XLRI Jamsedpur working in Manager at Pune salary 20laks 7008986003. (Caste-no-bar). D-14295

ଆପଣଙ୍କ ପୁଅଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଖୋଜୁଛନ୍ତି କି for early marriage. 7978736177. D-14290

Bhandari / 29years, groom, B.Tech, Burla, MBA, IIM, Indore working as consultant in MNC, Bhubaneswar seeking working bride, Caste-no-bar. 9437756821. D-14255

Brahmin Boy 1991, 6ft, B.Tech, MBA, serving Manager MNC Pune- Sunasansar. 9937512659. D-66779

Khandayat son age 31 B.Tech IIT Kharagpur M.Tech IIM Bangalore working in Gartner Gurgaon salary 30lacs 8144589551. D-14297

Girl for M.Tech (IIT, Bombay), Internship (Steinbeis University), Germany, qualified karan Commander in Indian Navy. Contact: +919438183860. D-14225

ବ୍ରାହ୍ମଣ ସଫ୍ଟୱେର ଇଞ୍ଜିନିୟର ପାତ୍ର ପାଇଁ ଶିକ୍ଷିତା, ସୁନ୍ଦର, ଗୌରବର୍ଣ୍ଣ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୭୮୯୪୧୭୬୫୧୬। D-14251

Looking Bride (IT/MBA/MCA) Karan Groom 29/5'7", Senior Consultant, Bangalore. 0674-2382150, 9861006061. D-14259

Now Matrimonial ads. only on Wednesday & Sunday Book 1 Get 1 FREE

**GROOM WANTED**

Deputy Registrar ଭାବରେ Central Govt.ର ISMରେ କାର୍ଯ୍ୟରତ। ଛାଡ଼ପତ୍ରଥିବା ୪୦ବର୍ଷର ଝିଅ ପାଇଁ ସ୍ତ୍ରୀ ନଥିବା ବରପାତ୍ର ଆବଶ୍ୟକ। ୪୦ବର୍ଷ ଉପରକୁ ହୋଇଥିବା ବରପାତ୍ର ଯୋଗାଯୋଗ କରନ୍ତୁ। 8763284487 D-63785

Brahmin looking groom for girl B.Tech NIT MBA IIT Chennai working in MNC Company at Mumbai 6372748613. D-14296

ଆପଣଙ୍କ ଝିଅଙ୍କ ପାଇଁ ଉପଯୁକ୍ତ ବରପାତ୍ର ଖୋଜୁଛନ୍ତି କି for early marriage. 7978736177. D-14289

35/5'3" ଏମ୍.ଏସ୍‌ସି, ରେଲୱେ କ୍ଲର୍କ ଭାବେ କାର୍ଯ୍ୟରତ, ମାସିକ 42000 ରୋଜଗାର କରୁଥିବା ସୁନ୍ଦର କନ୍ୟା ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ। ଦୟାକରି ଯୋଗାଯୋଗ କରନ୍ତୁ। 6261597187. D-14254

real estate

**SALE**

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

**କଟକ-ଗୋପାଳପୁର ଧାବୁଲେଇପିଠରୁ 3k.m sqft.250/-, ବାଲକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

**4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999.** D-66292

1500 sqft gharabari plot for sale at Keshura, Cuttack - Puri bypass road Bhubaneswar price 26 lakh. Contact: 9078151122. D-67383

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି Sqft 650/- 7008045582, 9692003948. D-14283

**PURCHASE**

Land requires on basis of Outright/ Sharing/ Marketing. 9937816565, 9937568585. D-14284

to-let

2500sqft. for godown cum office at Bhanpur between Cuttack, Bhubaneswar. Please call: 9437033691. D-65688

Shop on rent of 12ft x 20ft with partitions and furniture at New Care Hospital Road, Chandrasekharpur, Bhubaneswar. 9937000624, 9438080874. D-66959

1500sqft. rooftop godown space near Slughterhouse, Canalroad, Laxmisagar: 9861085668. D-67058

**1200sqft full furnished commercial office space for rent, 1st floor Bomikhal CTC Road, Bhubaneswar. Contact: 09880193309, 7411536937.** D-67385

**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651.** D-66763

**ACCOMMODATION**

**Required 1500sqft to 2000sqft hall type area for office purpose. Location: Gandamunda Square to Khandagiri Square. Contact: 9668737327.** D-14291

**Wanted 1000-1200sqft. space for office Jaydev Vihar, Nayapalli, Acharya Vihar, Baragada Canal Road, Gautam Nagar, Ratha Road. Call: 9938720683, 9853483658.** D-67384

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/Spa. 9937287222. D-66958

business

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**AFFIDAVIT**

Mishra Milin Basant, S/o - Basant Mishra, 64/6950/9617, Chandrasekharpur, Bhubaneswar, changed my name as Milin Mishra. D-14294

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ୫ ଗବେଷକଙ୍କୁ ଆର୍ଥିକ ପ୍ରୋତ୍ସାହନ

**ଭୁବନେଶ୍ୱର ୧୦।୯(ବ୍ୟୁରୋ)**

ଉଚ୍ଚତର ଗବେଷଣା ପାଇଁ ରାଜ୍ୟର ୫ଜଣ ଗବେଷକଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବ ବିଜ୍ଞାନ ଓ କାରିଗରି ବିଭାଗ। ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଅଧିକତର ଗବେଷଣା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ବର୍ଷ ପାଇଁ ଏହି ସହାୟତା ପ୍ରଦାନ କରାଯିବ। ବିଭାଗ ପକ୍ଷରୁ ପ୍ରଦତ୍ତ ପ୍ରସ୍ତାବକୁ ମଙ୍ଗଳବାର ବିଜ୍ଞାନ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅନୁମୋଦନ କରିଛନ୍ତି। ବାୟୋଟେକ୍ନୋଲୋଜିରେ ଗବେଷଣା ଓ ବିକାଶକୁ ଦୃଷ୍ଟିରେ ରଖି ଏକ ଉପସମିତିର ସୁପାରିସକ୍ରମେ ୫ଜଣ ଗବେଷକ ଏହି ସହାୟତା ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ୫ଜଣ ଗବେଷକଙ୍କ ମଧ୍ୟରେ ରହିଛନ୍ତି ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ପ୍ରେଫେସର ଡ. ପ୍ରକାଶ ଚନ୍ଦ୍ର ମିଶ୍ର, ରାଉରକେଲାସ୍ଥିତ ଏନ୍ଆଇଟିର ଜୀବବିଜ୍ଞାନ ବିଭାଗୀୟ ସହକାରୀ ପ୍ରଫେସର ଡ. ସୁମନ ଝା, ନିଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ଭୁବନେଶ୍ୱରର ସ୍ନାୟୁ ବିଭାଗ ଆସୋସିଏଟ୍ ପ୍ରଫେସର ଡ. ସଂଜୀବ କୁମାର ଭୋଇ ଏବଂ ଆସୋସିଏଟ୍ ପ୍ରଫେସର ଡ. ସୁଚିତ୍ରା କୁମାରୀ, ଭୁବନେଶ୍ୱରସ୍ଥିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଏବଂ ମ୍ୟାଟେରିଆଲ୍ସ ଟେକ୍ନୋଲୋଜିର ବରିଷ୍ଠ ବୈଜ୍ଞାନିକ ଡ. ସୋନୀ ପାଣ୍ଡେ। ପ୍ରତି ଗବେଷକଙ୍କୁ ୩ ବର୍ଷ ନିମନ୍ତେ ସରକାରଙ୍କ ପକ୍ଷରୁ ସର୍ବାଧିକ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମୋଟ ଭାବେ ୫ଜଣ ଗବେଷକଙ୍କୁ ସହାୟତା ବାବଦରେ ୪୯.୪୮ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପ୍ରସ୍ତାବ ଅନୁମୋଦିତ ହୋଇଛି।

## ଜିଲ୍ଲା ଚିଠି ସୁନ୍ଦରଗଡ଼



# ଅନିଶ୍ଚିତ ପ୍ରକଳ୍ପ

ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପରେ କାମ ଆରମ୍ଭ ହେବା ନେଇ ଦିନଗଡୁଛି। ତେଣୁ ବିସ୍ଥାପିତ ଓ ପ୍ରଭାବିତ ଅଧିବାସୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲଠାରେ ରାଜ୍ୟ ସରକାର ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ ପାଇଁ ଜମି ଅଧିଗ୍ରହଣ କରିବାର ଦୀର୍ଘଦିନ ବିତିଯିବା ପରେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏହି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୩୨୪୬ ଏକର ଜମି ଆବଶ୍ୟକ କରି ୨୦୦୬ମସିହାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ମାତ୍ର ସେତେବେଳେ ଏହି ଗ୍ରାମସଭାରେ ଲଙ୍କାହୁଡା ଗ୍ରାମପଞ୍ଚାୟତର ସେମନା ଓ ଜପଙ୍ଗା ଗ୍ରାମବାସୀ ଜମି ନ ଦେବା ପାଇଁ ଜିଦ୍ ଧରି ବସିବାରୁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରୁଥିବା ଇଡ୍କୋକୁ ଏହି ୨ଟି ଗ୍ରାମକୁ ବାଦଦେଇ ଅନ୍ୟ ଗ୍ରାମର ଜମି ଅଧିଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଏହି ପଞ୍ଚାୟତର ଚୂପିଡି, ଲଙ୍କାହୁଡା ଓ କୋପସିଂହା ଗ୍ରାମର ଚାଷଜମି ସହ ଘର ନିର୍ମାଣ ହୋଇଥିବା ଜମି ଅଧିଗ୍ରହଣ କରି କ୍ଷତିପୂରଣ ପ୍ରଦାନ କରିଥିଲେ। ଜପଙ୍ଗା ଓ ସେମନା ଗ୍ରାମକୁ ବାଦ ଦେଇ ପ୍ଲାଣ୍ଟ ପାଇଁ ଭେଡାବାହାଲ ଓ କିରେଇ ପଞ୍ଚାୟତରେ ଜମି ଗ୍ରହଣ ହୋଇଥିଲା। ପ୍ଲାଣ୍ଟ ପାଇଁ ଘରୋଇ ଜମି ୨୭୩୩ ଏକର, ୪୪୪ଏକର ସରକାରୀ ଜମି ଓ ୬୯ ଏକର ରାଜସ୍ୱ ଜଙ୍ଗଲ ଜମି ଅଧିଗ୍ରହଣ କରାଯାଇଛି। ୨୦୦୬ରେ ଜମି ଅଧିଗ୍ରହଣ ସରିବା ପରେ ଏହି ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ଦିନ ଗଡୁଥିବା ବେଳେ ଏଣେ ଅଧିଗ୍ରହଣ ସରିଥିବା ଗ୍ରାମବାସୀ ବର୍ତ୍ତମାନ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏପରି କି ଗରିବ ଲୋକେ ରାଶନ କାର୍ଡ ପାଇବାରୁ ବଞ୍ଚିତ ଥିବାବେଳେ ଗ୍ରାମଗୁଡିକରେ ରାସ୍ତାଘାଟ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ମଧ୍ୟ ହେଉ ନାହିଁ। ଫଳରେ ଲୋକେ ନାନାଦି ଅସୁବିଧାରେ ରହୁଥିବା ବେଳେ ସରକାରୀ ବାବୁମାନେ ହାତଟେକି ବସିଛନ୍ତି। ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କ ପକ୍ଷରୁ ଜିଲା ପ୍ରଶାସନଠାରୁ ସରକାରଙ୍କ ଯାଏ ଗୁହାରି କଲେ ମଧ୍ୟ ସମସ୍ତେ ଚୁପ୍। ଏଭଳି ସ୍ଥିତିରେ ଲୋକେ ସରକାର ତୁରନ୍ତ ପ୍ଲାଣ୍ଟ ପ୍ରତିଷ୍ଠା କରନ୍ତୁ ନତୁବା ଅଧିକୃତ ଜମି ଫେରସ୍ତ କରନ୍ତୁ ବୋଲି ଦାବି କରୁଛନ୍ତି।

– ଜୟନାରାୟଣ ମେଣ୍ଡୁଲି

## ସଂକ୍ଷେପରେ

### ନିଲମ୍ବିତ କନଷ୍ଟେବଲଙ୍କୁ ମାଲକାନଗିରି ବଦଳି

**କଟକ ଅଫିସ, ୧୦।୯:** ଡିଜିପି ବିଜୟ୍ କୁମାର ଶର୍ମା ମଙ୍ଗଳବାର ଜଣେ କନ୍ଷ୍ଟେବଲଙ୍କୁ ମାଲକାନଗିରି ଜିଲାକୁ ବଦଳି କରିଛନ୍ତି। କନଷ୍ଟେବଲ ଜଣକ ହେଉଛନ୍ତି ଅନୁଗୋଳ ଜିଲାର ଗୋପାଳ ଶଙ୍କର ମାରାଣ୍ଡି। ଦୁର୍ବ୍ୟବହାର, ବିଶୃଙ୍ଖଳିତ ଆଚରଣ ଓ କର୍ତ୍ତବ୍ୟରେ ଅବହେଳା ଯୋଗୁ ତାଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ମାଲକାନଗିରିକୁ ବଦଳି କରାଯାଇଛି। ସୂଚନା ଅନୁଯାୟୀ, ବିଶୃଙ୍ଖଳିତ ଆଚରଣ ପାଇଁ ଗୋପାଳଙ୍କୁ ଗତ ସୋମବାର ଅନୁଗୋଳ ଏସ୍ପି ଜଗମୋହନ ମୀନା କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଓଡ଼ିଶା ପୋଲିସ ମାନୁଆଲର ଅଧିନିୟମ ୮୪୦ ଅନୁଯାୟୀ ତାଙ୍କୁ ନିଲମ୍ବିତ କରାଯାଇଥିଲା।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ପାଇଁ ସାକ୍ଷାତ୍କାର ଆଜି

**ଭୁବନେଶ୍ୱର, ୧୦।୯(ବ୍ୟୁରୋ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ପାଇଁ ବୁଧବାର ରାଜ୍ୟ ଅତିଥି ଭବନରେ ପୂର୍ବାହ୍ନ ୯ଟା ବେଳେ ସାକ୍ଷାତ୍କାର ଅନୁଷ୍ଠିତ ହେବ। କୁଳପତି ଚୟନ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମନୋନୀତ ହୋଇଥିବା କମିଟିରେ ପ୍ରଫେସର ଅଶୋକ ଦାସ, ପ୍ରଫେସର ଆଦିତ୍ୟ ପାତ୍ରୀ ଓ ପ୍ରାକ୍ତନ ପ୍ରଶାସକ ଚିନ୍ମୟ ବସୁ ସାକ୍ଷାତ୍କାର ନେବାର କାର୍ଯ୍ୟକ୍ରମ ରହିଛି। ତେବେ ଆବେଦନକାରୀଙ୍କ ମଧ୍ୟରୁ ମନୋନୀତ ପ୍ରାର୍ଥୀଙ୍କ ତାଲିକା ରାଜ୍ୟପାଳଙ୍କ ନିକଟକୁ କମିଟି ସଦସ୍ୟମାନେ ପଠାଇବେ। ଏହାପରେ ରାଜଭବନରେ ରାଜ୍ୟପାଳ କୁଳପତି କିଏ ହେବେ ସେ ନେଇ ପରବର୍ତ୍ତୀ ସମୟରେ ଘୋଷଣା କରିବେ।

### ୧୩ରେ ବିଧାୟକମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୦।୯(ବ୍ୟୁରୋ):** ଚଳିତ ମାସ ୧୩ ଏବଂ ୧୪ ତାରିଖରେ ଓଡ଼ିଶା ବିଧାନସଭାର ନବନିର୍ବାଚିତ ସଦସ୍ୟାସଦସ୍ୟମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଲୋକସଭା ସଚିବାଳୟ (ଗଣତନ୍ତ୍ର ପାଇଁ ସଂସଦୀୟ ଗବେଷଣା ଓ ପ୍ରଶିକ୍ଷଣ ଅନୁଷ୍ଠାନ) ଓ ଓଡ଼ିଶା ବିଧାନସଭା ସଚିବାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବିଧାନସଭା ପରିସରରେ ଥିବା ନୂତନ ସମ୍ମିଳନୀ କକ୍ଷରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦୁଇଦିନିଆ ଏହି କର୍ମଶାଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩ ତାରିଖ ପୂର୍ବାହ୍ନ ୧୦ଟା ୪୫ ମିନିଟ୍ରେ ଉଦ୍ଘାଟନ କରିବେ ବୋଲି ଜଣାପଡିଛି। ନବନିର୍ବାଚିତ ସଭ୍ୟଙ୍କ ସଂସଦୀୟ ଜ୍ଞାନ ବୃଦ୍ଧି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ପାର୍ଲାମେଣ୍ଟ କାର୍ଯ୍ୟାଳୟର ପ୍ରାୟ ୮ ଜଣ ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏଥିସହିତ ବିଧାନସଭାର ଅଭିଜ୍ଞ ଅନୁଭୂତିସମ୍ପନ୍ନ ମନ୍ତ୍ରୀ, ବିଧାୟକ ଓ ରାଜ୍ୟରୁ ଏମ୍ପି ଥିବା କେତେଜଣ ବରିଷ୍ଠ ସଦସ୍ୟମାନେ ଅଂଶଗ୍ରହଣ କରି ବିଧାନସଭାର କାର୍ଯ୍ୟବିଧି ଓ ପରିଚାଳନା ନିୟମାବଳୀ ଉପରେ ବିସ୍ତୃତ ଆଲୋଚନା କରିବେ। ଏହି ପ୍ରଶିକ୍ଷଣରେ ଓଡ଼ିଶା ବିଧାନସଭାର ସମସ୍ତ ସଦସ୍ୟାସଦସ୍ୟ ଯୋଗଦେବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ରଖିବେ ବୋଲି ଜଣାପଡିଛି।

# ଶ୍ରୀମନ୍ଦିର ପରି ପ୍ରଭୁ ଲିଙ୍ଗରାଜଙ୍କ ପାଇଁ ପ୍ରସ୍ତୁତ ହେବ ଅଧିନିୟମ: ମନ୍ତ୍ରୀ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

- ଅନ୍ୟ ୩ ପ୍ରମୁଖ ମନ୍ଦିର ଟ୍ରଷ୍ଟ ବୋର୍ଡ ପୁନର୍ଗଠନ ପ୍ରସ୍ତାବ
- ଦେବୋତ୍ତର କମିଶନ ମାଧ୍ୟମରେ ପରାମର୍ଶ


ବୈଠକରେ ଉପସ୍ଥିତ ଆଇନ ମନ୍ତ୍ରୀ ପ୍ରତାପ ଜେନା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା ଓ ଅନ୍ୟ ପ୍ରମୁଖ ଅଧିକାରୀ।

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ(ଆକ୍ଟ) ଢାଞ୍ଚାରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଆଇନ ଖୁବ୍ଶୀଘ୍ର ପ୍ରଣୟନ କରାଯିବ। ଲୋକସେବା ଭବନରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପୁରୀ ଶ୍ରୀମନ୍ଦିର ସମସାମୟିକ ହୋଇଥିବାରୁ ଏପରି କରାଯିବାର ଆବଶ୍ୟକତା ରହିଥିବା ବିଜ୍ଞାନ ଓ କାରିଗରି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ବୈଠକରେ ମତ ଦେଇଥିଲେ। ଏଥି ସହ ଟ୍ରଷ୍ଟ ବୋର୍ଡର ପୁନର୍ଗଠନ କରିବା, ଆକ୍ଟ ପ୍ରସ୍ତୁତି ପାଇଁ ଟ୍ରଷ୍ଟ ବୋର୍ଡ ଦେବୋତ୍ତର କମିଶନଙ୍କ ମାଧ୍ୟମରେ ଆଇନ ବିଭାଗକୁ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଥିବା ମନ୍ଦିର ସମ୍ବନ୍ଧୀୟ ଆଇନ ବାବଦରେ ଯଥେଷ୍ଟ ଅଭିଜ୍ଞତା ରହିଥିବା ଆଇନଜ୍ଞମାନଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଅଶୋକ ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ, ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ, ମାର୍କେଟ କମ୍ପ୍ଲେକ୍ସ ସମ୍ବନ୍ଧିତ ସମସ୍ୟାର ସମାଧାନ, ବ୍ୟାଖ୍ୟାନ କେନ୍ଦ୍ର ସମ୍ମୁଖର ବିକାଶ ଓ ଦେବୀ ପାଦହରା ପୁଷ୍କରିଣୀର ଉନ୍ନୟନ ପାଇଁ ସବିଶେଷ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ ହୋଇଥିବା ବୈଠକରୁ ସୂଚନା ମିଳିଛି।

ଅନୁରୂପ ଭାବେ ଘଟଗାଁ ତାରିଣୀ ମନ୍ଦିର କମିଟି ଓ ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିରର ଟ୍ରଷ୍ଟ ବୋର୍ଡର ସମ୍ପୂର୍ଣ୍ଣ ପୁନର୍ଗଠନ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଦେବୋତ୍ତର ବିଭାଗ ଦ୍ୱାରା ତଦନ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଷୋଡ଼ଶ ଶତାବ୍ଦୀର ବାରିପଦା ଜଗନ୍ନାଥ ମନ୍ଦିର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ମନ୍ଦିର ଅତି ପୁରାତନ ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହ ବାରିପଦା ଉପଜିଲାପାଳ ଏ ଦିଗରେ ପ୍ରତ୍ନତତ୍ତ୍ୱ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଦେବୋତ୍ତର ଜମିରେ ବାରିପଦା ମ୍ୟୁନିସିପାଲିଟି ପକ୍ଷରୁ ଅର୍ଥ ଆଦାୟ କରାଯାଉଛି। ତାହାର ଅଂଶ ମନ୍ଦିରକୁ ଦେବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ଦେବୋତ୍ତର ଜମି ଯେଉଁମାନଙ୍କ ଅଧୀନରେ ଅଛି ସେମାନେ ୧୯ ଧାରା ଅନୁଯାୟୀ ନିୟମିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥି ନିମନ୍ତେ ଉଭୟ ଉପଜିଲାପାଳ ଓ ଦେବୋତ୍ତର ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟ କରିବା ପାଇଁ ପ୍ରଥମେ ୨୫ ଧାରାରେ ସେମାନଙ୍କୁ ନୋଟିସ୍ ପଠାଯିବ। ଆଗାମୀ ଏକ ମାସ ମଧ୍ୟରେ ମନ୍ଦିର ୱେବ୍ସାଇଟ୍ ଓ ସେବାୟତମାନଙ୍କ ସ୍ୱାସ୍ଥ୍ୟବୀମା କାର୍ଯ୍ୟ ଶେଷ ହେବ ବୋଲି ବୈଠକରେ ଉପଜିଲାପାଳ ପ୍ରକାଶ କରିଥିଲେ। ସେହିପରି ସେବାୟତମାନଙ୍କର ଯାହାକିଛି ସମସ୍ୟା ରହିଛି ସେ ସମ୍ପର୍କରେ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ପ୍ରକାଶ କରାଯାଇଛି।

# ଭରତପୁରରେ ସେବା ସପ୍ତାହ ଶୁଭାରମ୍ଭ କରିବେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୦।୯(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନଠାରୁ ୭ଦିନ ପର୍ଯ୍ୟନ୍ତ ସାରା ଦେଶରେ ଭାଜପା ସେବା ସପ୍ତାହଭାବେ ପାଳନ କରିବ। ୧୭ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପଡୁଛି। ତେଣୁ ସେପ୍ଟେମ୍ବର ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯିବ। ସେବା ସମିତିର ରାଜ୍ୟ ସଂଯୋଜକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏହି ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଷ୍ଣୁ କହିଛନ୍ତି ଯେ, ୧୪ରେ ଭୁବନେଶ୍ୱରସ୍ଥିତ ଭରତପୁରଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେବା ସପ୍ତାହର ଶୁଭାରମ୍ଭ କରିବେ। ଏହି ଅବସରରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ସମ୍ପର୍କିତ ତଥ୍ୟକୁ ଫଟୋ ମାଧ୍ୟମରେ ପ୍ରଦର୍ଶିତ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଜୀବନଧାରା ଏବଂ ଉପଲବ୍ଧି ସମ୍ପର୍କିତ ପୁସ୍ତକ ସମସ୍ତ ସହର ଏବଂ ଜିଲାରେ ପ୍ରଦର୍ଶିତ କରାଯିବ। ହସ୍ପିଟାଲ, ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମ ଗୁଡିକରେ ଫଳ ବିତରଣ କରାଯିବ। ଦିବ୍ୟାଙ୍ଗମାନଙ୍କ ଶିକ୍ଷା ଏବଂ ପାଳନ ପୋଷଣ ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ସହଭାଗିତାରେ ସେବା କାର୍ଯ୍ୟ କରିବାକୁ ଦଳ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ଆସନ୍ତା ୨୦ରେ ସାରା ରାଜ୍ୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବ। ଏହା ପ୍ରଧାନମନ୍ତ୍ରୀ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକ' ତଥା ପ୍ଲାଷ୍ଟିକ ମୁକ୍ତ ଭାରତର ଯେଉଁ କଳ୍ପନା କରିଛନ୍ତି, ତାହାକୁ ସାକାର କରିବା ପାଇଁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପ ନେବେ ବୋଲି ବିଷ୍ଣୁ କହିଛନ୍ତି। ଏହି ସେବା ସପ୍ତାହ ପାଳନର ପ୍ରସ୍ତୁତି ବୈଠକ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି।

# ନବବଧୂଙ୍କ ମୁଣ୍ଡକୁ ହାଣି ହତ୍ୟା: ସ୍ୱାମୀ, ଶାଶୁ ଅଟକ

**ଗୋପାଳପୁର,୧୦।୯**


ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ମନସୁର୍କୋଟା ଗ୍ରାମର ଜଣେ ନବବଧୂଙ୍କୁ ହତ୍ୟା କରାଯାଇଛି। ଅଧିକ ଯୌତୁକ ଦାବି ନେଇ ରବିବାର ରାତିରେ ନବବଧୂ ତଥା ପୁରୀ ଅଞ୍ଚଳର ନାନୁ ଦାସ (୨୨)ଙ୍କ ମୁଣ୍ଡକୁ ଏକ ଧାରୁଆ ଅସ୍ତ୍ରରେ ହାଣି ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି। ମଙ୍ଗଳବାର ଏ ନେଇ ନାନୁଙ୍କ ମା' ମମତା ଦାସଙ୍କ ଏତଲାକୁ ଭିତ୍ତିକରି ଗୋପାଳପୁର ଥାନାରେ (ନଂ.୯୭/୧୯)ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ମା'ଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ପ୍ରାୟ ଦେଢ଼ବର୍ଷ ତଳେ ନାନୁ ବୋହୂ ହୋଇ ମନସୁରକୋଟା ଗାଁକୁ ଆସିଥିଲେ। ବିବାହ ବେଳେ ବାପଘର ପକ୍ଷରୁ ଯାନିଯୌତୁକ ଦିଆଯାଇଥିଲା। କିଛିଦିନ ଭଲରେ ଚଳିବା ପରେ ସ୍ୱାମୀ ଓ ଶାଶୁ ଅଧିକ ଯୌତୁକ ଆଣିବା ଦାବି କରି ନାନୁଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବିଭିନ୍ନ ସମୟରେ ସ୍ୱାମୀ ନିଶାସକ୍ତ ହୋଇ ଆସି ଗଣ୍ଡଗୋଳ କରୁଥିଲେ। ଜୁନ ମାସରେ ପ୍ରାୟ ୫ମାସର ଶିଶୁକନ୍ୟାକୁ ନେଇ ସ୍ୱାମୀଙ୍କ ସହ ନାନୁ ବାପ ଘରକୁ ଯାଇଥିଲେ। ଇତିମଧ୍ୟରେ ସ୍ୱାମୀ କରିଥିବା ଋଣ ପରିଶୋଧ କରିବା ପାଇଁ ପୁଣି ବାପଘରୁ ଟଙ୍କା ଆଣିବାକୁ ନାନୁଙ୍କୁ ବାଧ କରିଥିଲେ। ନାନୁଙ୍କ ମା' ଶ୍ରମିକ ଶ୍ରେଣୀର ହୋଇଥିଲେ ବି ଝିଅ ମାଗୁଥିବା ଟଙ୍କା ବିଭିନ୍ନ ସମୟରେ ଦେଉଥିଲେ। ବାପଘରୁ ପଳାଇ ଆସିବାକୁ ନାନୁଙ୍କୁ ଶାଶୁଘର ଲୋକେ ବାରମ୍ବାର ଫୋନ କରିଥିଲେ। ଗତ ୨ ତାରିଖରେ ମନସୁରକୋଟା ଆସିବା ପରେ ଟଙ୍କା ପାଇଁ ନାନୁଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିଲା। ସୋମବାର ରାତିରେ ଏ ସମ୍ପର୍କରେ ସେ ତାଙ୍କ ମା'ଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏପରିକି 'ବୋଉ ମତେ ନେଇଯା, ନଚେତ୍ ଏମାନେ ମାରିଦେବେ' ବୋଲି କାନ୍ଦି କାନ୍ଦି କହିଥିଲେ। ରାତି ପ୍ରାୟ ୧୧ଟାରେ ସ୍ୱାମୀ ନିଶାସକ୍ତ ଅବସ୍ଥାରେ ଆସି ଯୌତୁକ ଟଙ୍କା ଆଣିବା ବିଷୟରେ ବାପଘରେ କହିଲୁ କି ନାହିଁ କହି ଏକ ଧାରୁଆ ଅସ୍ତ୍ରରେ ନାନୁଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଗୁରୁତର ଅବସ୍ଥାରେ ନାନୁଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୨ଟାରେ ନାନୁଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଥାନାଧିକାରୀ ମହନ୍ତ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସହକାରୀ ଜିଲାପାଳ ତଥା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଡି. ମାଲେଶ୍ୱର ପାତ୍ରଙ୍କ ଉପସ୍ଥିତିରେ ନାନୁଙ୍କ ମୃତଦେହ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା। ଅପରାହ୍ନରେ ମୃତଦେହକୁ ନାନୁଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଗାଡ଼ି ଧକ୍କାରେ ଗଲା ଦୁଇ ଛାତ୍ରଙ୍କ ଜୀବନ

## ପ୍ରାତଃ ସାଇକେଲ ଚାଳନା କାଳ ହେଲା


ସୁମିତ ସାହୁ


ଶୁଭଙ୍କର ମଲ୍ଲିକ

**ଭଦ୍ରକ ଅଫିସ, ୧୦।୯**

ଭଦ୍ରକ ସହର ନୂଆ ବସ୍ଷ୍ଟାଣ୍ଡ ନିକଟସ୍ଥ ଲୋକାଲ ରୋଡ୍ ନିକଟରେ ମଙ୍ଗଳବାର ସକାଳ ସାଢେ ୬ଟା ବେଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୨ ଜଣ ଛାତ୍ରଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଛାତ୍ର ଦ୍ୱୟ ପ୍ରାତଃ ସାଇକେଲ ଚାଳନା କରୁଥିବା ବେଳେ ନାଲିରଙ୍ଗର ଏକ ଇଣ୍ଡିଗୋ କାର ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଟାଉନ ପୋଲିସ ପହଞ୍ଚି ଦୁଇ ଛାତ୍ରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟ ପଠାଇଥିଲା।

ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତ ଦୁଇ ଜଣ ଛାତ୍ର ହେଲେ କୁଆଁସ ଗ୍ରାମରେ ଭଡାରେ ରହି ୮ମ ଶ୍ରେଣୀରେ ପଢୁଥିବା ଛାତ୍ର ସୁମିତ୍ ସାହୁ ଓ ଅନ୍ୟ ଜଣେ ହେଲେ ୧୦ମ ଶ୍ରେଣୀର ଛାତ୍ର ଶୁଭଙ୍କର ମଲ୍ଲିକ। ସେମାନେ ଦୁଇଟି ସାଇକେଲ ଯୋଗେ ନିଜ ଘରୁ ପ୍ରାତଃ ସାଇକେଲ ଚାଳନା ପାଇଁ ବାହାରିଥିଲେ। ନୂଆ ବସ୍ଷ୍ଟାଣ୍ଡ ନିକଟସ୍ଥ ଲୋକାଲ ରୋଡ ଓ ଜାତୀୟ ରାଜପଥ-୧୬ ସଂଯୋଗ ଛକ ନିକଟରେ ଦ୍ରୁତଗତିରେ ଆସୁଥିବା କାର୍ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୋଟିଏ ସାଇକେଲ ଦୁର୍ଘଟଣାସ୍ଥଳରୁ ୨୦ ମିଟର ଦୂରକୁ ଛିଟିକି ପଡିଥିବା ବେଳେ ଅନ୍ୟ ସାଇକେଲଟି ଦୁର୍ଘଟଣା ଘଟାଇଥିବା ଗାଡିରେ ଲାଗି ପ୍ରାୟ ୫ ଶହ ମିଟର ଦୂର ଯାଏ ଘୋଷାରି ହୋଇ ଯାଇଥିଲା। ଦୁର୍ଘଟଣା ସ୍ଥଳରେ ପ୍ରଚୁର ରକ୍ତସ୍ରାବ ହେବା କାରଣରୁ ଛାତ୍ର ଦ୍ୱୟଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଉକ୍ତ ଗାଡିଟିକୁ ଅଟକାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଡ୍ରାଇଭର ଦ୍ରୁତବେଗରେ ଗାଡି ନେଇ ଚାଲିଯାଇଥିଲେ। ପ୍ରଥମେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଛାତ୍ରଦ୍ୱୟ ମୃତ ବୋଲି ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନାଧିକାରୀ ସରୋଜିନୀ ସିଂ ପହଞ୍ଚି ଏକ ଆମ୍ବୁଲାନ୍ସ ଯୋଗେ ଛାତ୍ର ଦ୍ୱୟଙ୍କ ମୃତଦେହକୁ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ମୃତ ସୁମିତ୍ଙ୍କ ଘର ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଦୋଳପଦୀ ଗ୍ରାମରେ। ସେ ଭଦ୍ରକର କୁଆଁସରେ ରହି ନୂଆବଜାର ସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢୁଥିଲେ। ମୃତ ଶୁଭଙ୍କରଙ୍କ ଘର ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ଅଞ୍ଚଳରେ ବୋଲି ଜଣାପଡିଛି। ସେ ଚରମ୍ପା ସେଣ୍ଟ ଜାଭିୟର୍ ସ୍କୁଲରେ ପାଠ ପଢୁଥିଲେ। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ସୁଦ୍ଧା ଦୁର୍ଘଟଣା ଘଟାଇଥିବା ଗାଡିର ଟେର୍ ପାଇପାରି ନାହିଁ।



ମା' ଭଗବତୀଙ୍କ କରୁଣା ଯଦି ତୁମକୁ ସ୍ପର୍ଶ କରେ ତେବେ ତୁମର ସବୁ ସଂକଟ ସୁଯୋଗରେ – ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ। କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି। ଏବେ ହେଉ ବା ପରେ ହେଉ– ତା'ର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ ଓ ଅନିବାର୍ଯ୍ୟ। –ଶ୍ରୀଅରବିନ୍ଦ

# କଡ଼ା କର ସଡ଼କ ନିୟମ

ଭାରତରେ ୧ ସେପ୍ଟେମ୍ବର ୨୦୧୯ରେ ନୂଆ ମୋଟର ଭେଇକିଲ୍ସ ଆଇନ ଲାଗୁ ହେବା ପରଠାରୁ ଦେଶବ୍ୟାପୀ କୋହୁଆ ଭୟ ସୃଷ୍ଟି ହୋଇଛି। ଓଡ଼ିଶାରେ ଗୋଟିଏ ସପ୍ତାହ ମଧ୍ୟରେ ଯେଉଁଭଳି ଧରପଗଡ଼ ହେବା ସହ ଉଲ୍ଲଂଘନକାରୀଙ୍କ ଉପରେ ଅତ୍ୟଧିକ ମାତ୍ରାର ଜରିମାନା ଲଦାଗଲା, ତାହା ଏବେ ପୁରପଲ୍ଲୀରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ସେତିକି ନୁହେଁ, ଜନସାଧାରଣ ଓ ପୋଲିସ ମଧ୍ୟରେ ୭ ସେପ୍ଟେମ୍ବରରେ ଭୁବନେଶ୍ୱର ରାଜମହଲ ଛକରେ ଗାଡ଼ି ଯାଞ୍ଚକୁ ନେଇ ତୁମୁଳକାଣ୍ଡ ଘଟିଯାଇଛି। ପୋଲିସ ଗାଡ଼ିଚାଳକଙ୍କୁ କାଗଜପତ୍ର ମାଗିଥିବା ବେଳେ ଜନସାଧାରଣ ଓଲଟା ପୋଲିସ ଗାଡ଼ିର କାଗଜପତ୍ର ମାଗି ଗଣ୍ଡଗୋଳ ଘଟାଇଥିଲେ। ଏସବୁ ଦେଖି ଅନେକେ କହୁଛନ୍ତି, ଯାହା ହେଉ ପୋଲିସ ପାନେ ପାଇଛି। ଏଭଳି ଅସ୍ୱାଭାବିକ କଥା ଶୁଣିଲା ବେଳେ ମନକୁ ପ୍ରଶ୍ନ ଆସୁଛି– ନିୟମଉଲ୍ଲଂଘନକାରୀ କେଉଁ ସ୍ତରରେ ଅଛନ୍ତି। ୨୦୧୭ରେ ପ୍ରକାଶିତ ସରକାରୀ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ସଡ଼କ ଦୁର୍ଘଟଣାରେ ବର୍ଷକୁ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କ ଜୀବନ ଯାଉଛି। ପ୍ରତି ଘଣ୍ଟାରେ ୧୭ ଜଣଙ୍କ ପ୍ରାଣହାନି ଘଟୁଛି। ଏଥିରୁ ବୁଝିବାକୁ ହେବ ଯେ, କୌଣସି ମାରାତ୍ମକ ରୋଗଜନିତ ମୃତ୍ୟୁସଂଖ୍ୟା ତୁଳନାରେ ରାସ୍ତା ଦୁର୍ଘଟଣା ଯୋଗୁ ଘଟୁଥିବା ପ୍ରାଣହାନି ଯଥେଷ୍ଟ ଅଧିକ। ଏହାର ଏକମାତ୍ର କାରଣ ହେଲା ଅସାବଧାନତାରେ ଗାଡ଼ି ଚାଳନା। ଏସବୁକୁ ଲକ୍ଷ୍ୟ କରି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରି କହିଛନ୍ତି ଯେ, ଲୋକଙ୍କ ଉପରେ ଅତ୍ୟଧିକ ଜରିମାନା ଆଦାୟ କରିବା ସରକାରଙ୍କ ଲକ୍ଷ୍ୟ ନୁହେଁ, କିନ୍ତୁ ଏଭଳି ପଦକ୍ଷେପ ନିଆଯିବା ଦ୍ୱାରା ଆଗକୁ ସମସ୍ତେ ନିୟମ ମାନିବାକୁ ବାଧ୍ୟ ହେବେ ଓ କେହି ଜରିମାନା ଦେବା ସକାଶେ ଯୋଗ୍ୟ ରହିବେ ନାହିଁ। ଗଡ଼କରୀଙ୍କ ଏହି କଥାକୁ ଆମେ ସମର୍ଥନ କରିବା ପଛରେ ଉଦ୍ଦେଶ୍ୟ ରହିଛି ଯେ ସମସ୍ତେ ଶୃଙ୍ଖଳିତ ହୋଇ ଚାଲନ୍ତୁ। କେବଳ ଓଡ଼ିଶା ନୁହେଁ, ଦେଶର ପ୍ରାୟ ଅଧିକାଂଶ ଆର୍‌ଟିଓ ଶାଖା ସମ୍ମୁଖରେ ଲାଗି ରହିଥିବା ଲମ୍ବା ଧାଡ଼ିକୁ ଦେଖିଲେ ସତ୍ୟ ପ୍ରମାଣିତ କରୁଛି। ହଠାତ୍ ଦୁଇଚକିଆ ଓ ଚାରିଚକିଆ ଚାଳକମାନେ ଲାଇସେନ୍ସ କରିବା ଉଚିତ ବୋଲି ଭାବିଲେଣି। ଇତିମଧ୍ୟରେ ବେଆଇନ ଭାବେ ଚାଲୁଥିବା ବିଭିନ୍ନ ପ୍ରକାରର ଯାନବାହନ ସଂଖ୍ୟା ରାସ୍ତାରେ ହ୍ରାସ ପାଇଥିବା ପରିଲକ୍ଷିତ ହେଉଛି। ତେବେ ଯେଉଁମାନେ ଆଇନକୁ ବିରୋଧ କରୁଛନ୍ତି ଓ ବଡ଼ ଆକାରର ଜରିମାନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି, ସେମାନେ ନିଶ୍ଚିତ ଭାବେ କାଗଜପତ୍ର ଠିକ୍ ରଖି ନାହାନ୍ତି ବୋଲି ଧରିନେବାକୁ ହେବ। ଯେତେବେଳେ ଏକ ରାଜ୍ୟ ବା ଦେଶରେ ୯୦ ପ୍ରତିଶତ ଲୋକ ଭୁଲକୁ ସମର୍ଥନ କରିବେ ଓ ଆଇନକୁ ଅମାନ୍ୟ କରିବେ, ସେତେବେଳେ ଏହା ଜନଗଣଙ୍କ ପ୍ରତିବାଦ ବୋଲି ଧରିନେବା ଉଚିତ ନୁହେଁ। କାରଣ ଆଇନର ସଂଜ୍ଞା କହେ ଜନସାଧାରଣଙ୍କ ଭଲ ପାଇଁ ଏହା ପ୍ରଣୟନ କରାଯାଇଛି।

ରାଜମହଲ ଛକରେ ଘଟିଯାଇଥିବା ତୁମୁଳକାଣ୍ଡକୁ ଦେଖିବା ପରେ ଓଡ଼ିଶା ସରକାର ଭୟଭୀତ ହେବା ପରି ଲାଗୁଛନ୍ତି। ସେଥିପାଇଁ ୯ ସେପ୍ଟେମ୍ବରରେ ସରକାରୀ ଭାବେ ଘୋଷଣା କରାଯାଇଛି ଯେ, ନୂଆ ମୋଟରଯାନ ଆଇନକୁ ଏଠାରେ ୩ ମାସ ପାଇଁ କୋହଳ କରାଗଲା। ସଂଶୋଧିତ ଆଇନକୁ କଡ଼ାକଡ଼ି ଲାଗୁ ନ କରି ଲୋକଙ୍କୁ ସଚେତନ କରିବାକୁ ପୋଲିସ ଓ ପରିବହନ ଅଧିକାରୀଙ୍କୁ ଉପରସ୍ତରରୁ ନିର୍ଦ୍ଦେଶ ଦିଆଯାଇଛି। ବାସ୍ତବରେ ସଡ଼କ ଓ ଯାନବାହନ ସମ୍ପର୍କିତ ଆଇନକୁ ଓଡ଼ିଶାରେ ଆଦୌ କଡ଼ାକଡ଼ି ଭାବେ କେବେହେଲେ ଲାଗୁ କରାଯାଉ ନ ଥିଲା। ସେଥିପାଇଁ ଦୀର୍ଘଦିନ ଧରି କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ସହରାଞ୍ଚଳରେ ବେଆଇନ ଭାବେ ଗାଡ଼ି ଚଳାଇବା ଏକ ସାଧାରଣ ବିଷୟ ହୋଇପଡ଼ିଥିଲା। ଯେତେବେଳେ ନିୟମ କଡ଼ାକଡ଼ି ଲାଗୁ ହେଲା, ସେତେବେଳେ ମୁଷ୍ଟିମେୟଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା। ମୁଷ୍ଟିମେୟ ଏଇଥିପାଇଁ କୁହାଯାଉଛି କାରଣ ଯେଉଁମାନେ ଗଣ୍ଡଗୋଳ କରିଥିଲେ ସେମାନେ ବିନା ଲାଇସେନ୍ସ, ବିନା ଫିଟ୍‌ମେଣ୍ଟ କିମ୍ବା ଚୋରାଗାଡ଼ି ଚଳାଉଥିଲେ। ଯେଉଁମାନଙ୍କର ଆଇନଗତ କାଗଜପତ୍ର ରହିଛି, ସେମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲା। ଏପରି କି ସେମାନେ ନିଜର ଭବିଷ୍ୟତ ସୁରକ୍ଷିତ ରଖିବା ସକାଶେ ପୋଲିସ ପଦକ୍ଷେପକୁ ସମର୍ଥନ କରିଛନ୍ତି। କାରଣ ଦୁର୍ଘଟଣାରେ ଜୀବନ ଯିବା ଗୋଟେ କଥା, ତା'ଠାରୁ ଅଧିକ ଦୁଃଖଦାୟକ ହେଉଛି ଶାରୀରିକ ଭାବେ ପଙ୍ଗୁ ପାଲଟିବା।

ଗାଡ଼ି ନିୟମ କଡ଼ାକଡ଼ି ହେବା ପରେ ଲୋକେ ସୁଧୁରିବା ଆରମ୍ଭ କରିଥିଲେ। କାଗଜପତ୍ର ଠିକ୍ କରିବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ କରୁଥିଲେ। ଗତ ଏକ ସପ୍ତାହ ମଧ୍ୟରେ ରାଜ୍ୟରେ କମ୍ ମଦ ବିକ୍ରି ହୋଇଥିବା ଲକ୍ଷ୍ୟ କରାଯାଇଛି। ସାଧାରଣରେ ଅଧିକାଂଶ ଡ୍ରାଇଭର ଅତ୍ୟଧିକ ମଦ ପିଇ ଗାଡ଼ି ଚଳାଉଥିଲେ। ଯେହେତୁ ଧରପଗଡ଼ ଜୋରଦାର ହେଲା ଓ ଗାଡ଼ିଚାଳକ ମଦ ପିଇବା କମାଇ ଦେଇଛନ୍ତି, ସେହେତୁ ରାସ୍ତା ଦୁର୍ଘଟଣା ମାତ୍ରା କମିଥିବା ତଥ୍ୟ ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ, ବିଦେଶରେ ମଦ୍ୟପାନ କରି ଗାଡ଼ି ଚଳାଇବା କିମ୍ବା ଏକତରଫା (ୱାନ୍ ୱେ) ରାସ୍ତା ଆଇନ ଭାଙ୍ଗିବା ଏକ ଧର୍ତ୍ତବ୍ୟ ଅପରାଧ। ଭାରତରେ ବର୍ଷବର୍ଷ ଧରି ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯିବା ଦ୍ୱାରା ଯେଉଁ ସଚେତନତା ସୃଷ୍ଟି ହୋଇ ନ ଥିଲା, ତାହା ସେପ୍ଟେମ୍ବରର ଗୋଟିଏ ସପ୍ତାହରେ ତା'ଠାରୁ ଅଧିକ ଫଳପ୍ରଦ ହୋଇଥିବା ଦେଖିବାକୁ ମିଳିଛି। ଏଥିରୁ ବୁଝିବାକୁ ହେବ ଯେ, ସାଧାରଣ ଭାରତୀୟଙ୍କୁ ଭଦ୍ର ବ୍ୟବହାର ଦେଖାଇ ସଚେତନ କଲେ ସେମାନେ ପରିବର୍ତ୍ତନକୁ ଗ୍ରହଣ କରନ୍ତି ନାହିଁ। ଏପରି କି ଭୁବନେଶ୍ୱରରେ କୋହଳ ନିର୍ଦ୍ଦେଶର ଗୋଟିଏ ଦିନ ନ ବିତୁଣୁ ତିନି ଜଣ ମୋଟର ସାଇକେଲରେ ବସିବା ଓ ଭୁଲ ବାଟରେ ଯିବା ଆରମ୍ଭ ହୋଇଗଲାଣି।

ଏଠାରେ ଆଇନକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ଯୁକ୍ତି ଜରିମାନାକୁ ନେଇ ଚାଲିଛି। କେତେକ କହିଲେଣି ଆଦାୟ ହେଉଥିବା ଅର୍ଥରୁ ଅର୍ଦ୍ଧେକ ପୋଲିସ ପକେଟକୁ ଚାଲିଯାଉଛି। ଏଭଳି ଭାବିପାରୁଥିବା ସଚେତନ ନାଗରିକ ସମ୍ପୂର୍ଣ୍ଣ ଭାବେ କିଭଳି ଜରିମାନା ନ ଦେବେ ସେହି କଥା ଚିନ୍ତା କଲେ ସମାଧାନର ବାଟ ପାଇପାରନ୍ତେ। ଚୋରା କିମ୍ବା ଲାଇସେନ୍ସ ନ ଥିବା ଗାଡ଼ି ଦୁର୍ଘଟଣାରେ ପ୍ରାଣହାନି ଘଟୁଥିବା ବ୍ୟକ୍ତିଙ୍କୁ କୌଣସି ଭାବେ ବୀମା ସୁବିଧା ମିଳି ନ ଥାଏ। ଏଭଳି ସ୍ଥଳେ ଯେଉଁମାନେ ପୋଲିସ ଗାଡ଼ିର କାଗଜପତ୍ର ମାଗୁଥିଲେ, ସେମାନେ ବୁଝିବା ଦରକାର ଯେ ସରକାରୀ ଗାଡ଼ି ଦ୍ୱାରା ଦୁର୍ଘଟଣା ଘଟିଲେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ମିଳଥାଏ। ଉଦାହରଣ ସ୍ୱରୂପ ରେଳଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ସମ୍ପୃକ୍ତ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ମିଳିପାରୁଛି। ଏଥିରୁ ବୁଝିବାକୁ ହେବ, ସବୁ ସରକାରୀ ଗାଡ଼ିର ବୀମା ଭାବେ ନିଜେ ସରକାରୀ ବ୍ୟବସ୍ଥା ଛିଡ଼ା ହୋଇଥାଏ। କିନ୍ତୁ ଯେତେବେଳେ ଘରୋଇ କିମ୍ବା ବ୍ୟବସାୟିକ(କମର୍ସିଆଲ୍) ଗାଡ଼ି ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟିଥାଏ, ତେବେ ସେହି ଯାନର ଉଚିତ ବୀମା ନ ଥିଲେ ତୃତୀୟ ପକ୍ଷଙ୍କ ପାଇଁ ମୋଟର ଆକ୍ସିଡେଣ୍ଟ କ୍ଲେମ୍‌ସ ଟ୍ରିବ୍ୟୁନାଲ (ଏମ୍ଏସିଟି) ପାଖରେ କୌଣସି ଦାବି ଉପସ୍ଥାପନ କରାଯାଇପାରେ ନାହିଁ। ଏହିସବୁ ଦିଗକୁ ସଚେତନ କରାଯାଇପାରିଲେ ରାସ୍ତା ଦୁର୍ଘଟଣା ହ୍ରାସ ହେବା ସହ ବହୁ ଅମୂଲ୍ୟ ଜୀବନ ବଞ୍ଚିଯାଇପାରିବ। ଗୋଟିଏ ସପ୍ତାହ ମଧ୍ୟରେ ଦେଖା ଦେଇଥିବା ସ୍ଥିତିରୁ ଫରକ ଅନୁଭୂତ ହୋଇଗଲାଣି।

ଏଠାରେ ଆଉ ଏକ ଦିଗକୁ ଦେଖିଲେ କଟକ ଓ ଭୁବନେଶ୍ୱର ଭଳି ସହରରେ ସବୁବେଳେ ରାହାଜାନି ସଦୃଶ ଅପରାଧ ବିଷୟରେ ଶୁଣିବାକୁ ମିଳେ। ନାଗରିକ ସଚେତନ ହେଉ ନାହାନ୍ତି ଯେ, ଏହି ଅପରାଧ ଘଟାଇଥିବା ଯୁବକମାନେ ଅଧିକାଂଶ ସମୟରେ ଚୋରା ମୋଟର ସାଇକେଲ ବ୍ୟବହାର କରିଥାଆନ୍ତି। ଯେହେତୁ କୌଣସି ସମୟରେ ଯାନବାହନ ଯାଞ୍ଚ କରାଯାଉ ନାହିଁ, ସେଥିପାଇଁ ଓଡ଼ିଶାରେ ମୋଟର ସାଇକେଲ ଚୋରି ମାତ୍ରାଧିକ। ଏଥିସହିତ ମଦ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ବ୍ୟବହାର ଏବଂ ବ୍ୟବସାୟ ଭୁବନେଶ୍ୱରର ଅଟୋରିକ୍ସା ମାଧ୍ୟମରେ କରାଯାଇଥାଏ ବୋଲି କର୍ତ୍ତୃପକ୍ଷଙ୍କ ପାଖରେ ତଥ୍ୟ ରହିଛି। ଯେତେବେଳେ ନିୟମ କଡ଼ାକଡ଼ି କରାଗଲା, ଅନେକ ପ୍ରକାରର ସଡ଼କ ଅପରାଧୀ ନିଜକୁ ଅସୁରକ୍ଷିତ ଭାବି ପୋଲିସକୁ ପ୍ରତିବାଦ କରିବାରେ ଆଗୁସାର ହୋଇଥିଲେ। ସେଥିଲାଗି ସଭ୍ୟ ସମାଜର ଡାକରା ହେବ ଯେ, ତିନି ମାସ ନୁହେଁ, ତିନି ସପ୍ତାହ ପରେ ପୁନର୍ବାର ଏହି ଆଇନକୁ କଡ଼ାକଡ଼ି ଲାଗୁ କରାଗଲେ, ଜନସାଧାରଣ ସୁରକ୍ଷିତ ହୋଇ ବଞ୍ଚିପାରିବେ ଏବଂ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ କମିଯିବ।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | | | | 8 | | | | | | 3 | D | |
| | | | | | | | | | C | | | | | 7 |
| | | | A | | 9 | D | | 6 | | 7 | | 0 | | 5 |
| 0 | | | B | D | | 7 | | | 2 | 1 | | | | E |
| | | | 1 | 5 | | C | 3 | | | A | | | | |
| | A | | | 9 | 2 | | | | 8 | | | 7 | | |
| | 6 | | D | | | | E | | | | 1 | | | 2 |
| 7 | | 5 | C | | A | | | 4 | D | 2 | | | | 8 |
| | | | | 0 | 3 | A | 8 | | | | 6 | | 5 | |
| | | | 4 | 6 | | | | | 9 | | C | | | 1 |
| | 8 | | | | E | | 5 | 1 | B | | | D | | |
| | | | | | | | | | | | | 4 | 7 | 9 |
| A | 5 | 0 | | | | 4 | 6 | | | C | | 2 | | |
| E | | 6 | | | | | 0 | | | | | | 3 | |
| | 7 | | 3 | | 1 | | C | | | 6 | 0 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 5 | 8 | E | 1 | 9 | B | 4 | C | 6 | A | 0 | 3 | D | 2 |
| B | E | A | 2 | 7 | 0 | 3 | 6 | 5 | 8 | 9 | D | 1 | C | 4 |
| D | 9 | 4 | B | 8 | 3 | A | E | 1 | 7 | C | 2 | 0 | 5 | 6 |
| 1 | C | 6 | D | 5 | A | 0 | 7 | 2 | 3 | 4 | E | 8 | B | 9 |
| 0 | 3 | 2 | 4 | 6 | C | 8 | 9 | D | 5 | B | 1 | 7 | A | E |
| A | 1 | 3 | 5 | 0 | 4 | D | C | 6 | B | 2 | 7 | E | 9 | 8 |
| 5 | 2 | D | 7 | C | 6 | 4 | A | 8 | 9 | E | 3 | B | 0 | 1 |
| E | 4 | 7 | 8 | A | B | 5 | 1 | 9 | D | 0 | C | 6 | 2 | 3 |
| 9 | 6 | B | 1 | 3 | D | E | 2 | 0 | 4 | 8 | A | C | 7 | 5 |
| C | 8 | 0 | 9 | 2 | E | 7 | B | 3 | 1 | 6 | 5 | A | 4 | D |
| 2 | 0 | C | 3 | B | 8 | 1 | 5 | A | E | D | 9 | 4 | 6 | 7 |
| 3 | A | 5 | 0 | 9 | 2 | 6 | 8 | 7 | C | 1 | 4 | D | E | B |
| 6 | 7 | E | A | 4 | 5 | 9 | D | B | 0 | 3 | 8 | 2 | 1 | C |
| 4 | B | 9 | C | D | 1 | 2 | 3 | E | A | 7 | 6 | 5 | 8 | 0 |
| 8 | D | 1 | 6 | E | 7 | C | 0 | 4 | 2 | 5 | B | 9 | 3 | A |

ଗତକାଲିର ଉତ୍ତର

# ବଢୁଛି ପିଲାଙ୍କ ପ୍ରତି ଘୃଣିତ ଆଚରଣ

ଅରୁଣ କୁମାର ପଣ୍ଡା

ସୋସିଆଲ ମିଡିଆରେ ସେଦିନ ସେହି ଦୃଶ୍ୟଟି ଦେଖିବା ପରେ ରାତିରେ ନିଦ ହେଲା ନାହିଁ। ଘଟଣାଟି ହେଲା ଜଣେ ଆଈ ତା'ର ୩ ବର୍ଷର ନାତୁଣୀକୁ ଗୋଟିଏ ଛାଟରେ ନିର୍ଦ୍ଦୟ ଭାବେ ପିଟି ଚାଲିଥାଏ। ଶିଶୁଟି କରୁଣ ଭାବେ କାନ୍ଦୁଥାଏ, ସେ ଯେତିକି ଜୋର୍‌ରେ କାନ୍ଦୁଥାଏ, ଆଈ ତାକୁ ସେତିକି ଜୋର୍‌ରେ ପିଟି ଚାଲିଥାଏ। ଆଈମା' ମାଡ଼ରେ ଆହତ ଶିଶୁଟି ଆଉ କାନ୍ଦି ମଧ୍ୟ ପାରିଲା ନାହିଁ। ନିର୍ଜୀବ ଭାବେ ତଳେ ପଡ଼ି ରହିବା ପରେ ମଧ୍ୟ ରାକ୍ଷସୀ ଆଈର ମନ ଶାନ୍ତ ହେଲା ନାହିଁ। ପୁଣି ସେ ତାକୁ ପିଟି ଚାଲିଲା। ଝିଅଟିର ଅପରାଧ ହେଲା ସେ ଆଈକୁ ନ ପଚାରି ପଡ଼ୋଶୀ ଘରେ କ'ଣ ଟିକେ ଖାଇ ଦେଇଥିଲା। ଯେଉଁ ଆଈ ମା'ଛେଉଣ୍ଡ ନାତୁଣୀକୁ ଗେଲ କରିବା କଥା, ତାକୁ ସ୍ନେହ ଦେବା କଥା ସେ ତାକୁ କିପରି ଏତେ ନିର୍ମମ ଭାବେ ପିଟିପାରିଲା, ତାହା ସଭିଙ୍କୁ ନିଶ୍ଚିତ ଆଶ୍ଚର୍ଯ୍ୟ ଚକିତ କରିବ। ସେହିଭଳି ରାଜ୍ୟର ଏକ ଅନାଥାଶ୍ରମରେ ଜଣେ ତତ୍ତ୍ୱାବଧାରକ ସେଠାରେ ରହୁଥିବା ଅନାଥ ଶିଶୁମାନଙ୍କୁ କେବଳ ଯେ ବାଉଁଶ ବାଡ଼ିରେ ନିର୍ମମ ଭାବେ ପିଟି ଚାଲିଥିଲା, ତାହା ନୁହେଁ ଛୋଟ ପିଲାଙ୍କୁ ଉପରକୁ ଉଠାଇ ତଳେ କଚାଡିବା ଦୃଶ୍ୟ ମଧ୍ୟ ହୃଦୟ ବିଦାରକ ଥିଲା। ପିଲାମାନେ ପ୍ରାଣ ବିକଳରେ ଏଣେତେଣେ ଦଉଡିଥିଲେ ମଧ୍ୟ ରାକ୍ଷସ ଜଣକ ମନରେ ଟିକେ ବି ଦୟା ଆସି ନ ଥିଲା। ଏ ଖବର ପ୍ରକାଶିତ ହେବାପରେ ଆଈ ଓ ତତ୍ତ୍ୱାବଧାରକ ଦୁଇଜଣଙ୍କୁ ପୋଲିସ ଅବଶ୍ୟ ଗିରଫ କରି ଜେଲ ପଠାଇ ଦେଇଛି। ପରନ୍ତୁ ଶିଶୁଙ୍କ ପ୍ରତି ନୃଶଂସତା ନ କମି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ନୃଶଂସତାରେ ଓଡ଼ିଶା ମଧ୍ୟ ରେକର୍ଡ କରିବାରେ ଲାଗିଛି। ଶିଶୁଙ୍କୁ ନିର୍ଯାତନା ଏବଂ ସେମାନଙ୍କ ପ୍ରତି ଯୌନ ଉତ୍ପୀଡ଼ନ କ୍ଷେତ୍ରରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

ଓଡ଼ିଶା ପୋଲିସର ପୂର୍ବତନ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ଗତ ଏପ୍ରିଲ ୨୭ରେ ଦେଇଥିବା ତଥ୍ୟ ଅନୁସାରେ ରାଜ୍ୟରେ ନାବାଳିକାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନାରେ ସେମାନଙ୍କ ସମ୍ପର୍କୀୟ ଓ ପରିବାର ଲୋକେ ସମ୍ପୃକ୍ତ। ୯୨.୫ ପ୍ରତିଶତ ଘଟଣାରେ ପୀଡ଼ିତାଙ୍କ ପରିଚିତମାନେ ଜଡ଼ିତ ଥିବା ରିପୋର୍ଟ ହସ୍ତଗତ ହୋଇଛି। ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧକୁ ଓଡ଼ିଶା ପୋଲିସ ଗୁରୁତ୍ୱର ସହ ଗ୍ରହଣ କରି ଅପରାଧୀଙ୍କୁ ଧରିବା ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରୁଛି। ଏହିଭଳି ଅପରାଧୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ମାମଲା କରାଯିବା ପରେ ୨୦୧୮ରେ ୩୮.୫ ପ୍ରତିଶତଙ୍କୁ ଦଣ୍ଡିତ କରାଯାଇପାରିଛି। ୨୦୧୭ରେ ଏହି ହାର ୧୭ ପ୍ରତିଶତ ଥିଲା। ଗତ ବିଧାନସଭାରେ ବିରୋଧୀ ଦଳଗୁଡ଼ିକ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି।

ମହିଳା ଏବଂ ବିଶେଷକରି ଶିଶୁମାନଙ୍କ ଉପରେ ହେଉଥିବା ବିଭିନ୍ନ ଆପରାଧିକ କାର୍ଯ୍ୟ ତଥା ଯୌନ ନିର୍ଯାତନା ସଂକ୍ରାନ୍ତ ଅଭିଯୋଗଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରି ଅପରାଧୀଙ୍କୁ ଧରିବା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେଭଳି ତତ୍ପରତା ପ୍ରକାଶ ପାଇବା ଦେଖାଯାଉ ନାହିଁ। କେବଳ ଗତ ଏପ୍ରିଲ ମାସରେ ୪୦ଟି ନାବାଳିକା ବଳାତ୍କାର ମାମଲା ଓଡ଼ିଶାର ବିଭିନ୍ନ ଥାନାରେ ରୁଜୁ ହୋଇଥିବା ପୋଲିସ ରେକର୍ଡ କହୁଥିବା ବେଳେ ବାସ୍ତବରେ ଏ ସଂଖ୍ୟା ଅଧିକ। ମେ, ଜୁନ, ଜୁଲାଇ ମାସର ରେକର୍ଡ ଦେଖିଲେ ଏଭଳି ଅପରାଧ ବିଶେଷ ଭାବରେ ହ୍ରାସ ପାଉଛି ବୋଲି କୁହାଯାଇପାରିବ ନାହିଁ। ଏପରି କି ଯୌନ ବିକାରଗ୍ରସ୍ତମାନେ ୩/୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିବା ଘଟଣା ପୋଲିସ ଫାଇଲରେ ଦେଖିବାକୁ ମିଳେ। କେବଳ ସେତିକି ନୁହେଁ ବଳାତ୍କାର ପରେ ପୀଡିତାଙ୍କୁ ଅତି ଜଘନ୍ୟ ଭାବରେ ଅପରାଧୀମାନେ ହତ୍ୟା କରି ଫୋପାଡ଼ି ଦେଇଥିବା ଭଳି ଅନେକ ଘଟଣା ନଜରକୁ ଆସିଛି। ଅପରାଧୀଙ୍କ ମଧ୍ୟରେ ଅନେକ ନାବାଳକ ଥିବା ପୋଲିସ ପ୍ରକାଶ କରିଛି। ସୁନ୍ଦରଗଡ଼, ମୟୂରଭଞ୍ଜ ଭଳି ଜିଲାର ବଳାତ୍କାର ଅପରାଧୀଙ୍କ ବିରୋଧରେ ଚାଲିଥିବା ମାମଲାର ବିଚାର ଶେଷ କରାଯାଇ ଇତିମଧ୍ୟରେ ଦୁଇଜଣଙ୍କୁ ଫାଶୀ ଦଣ୍ଡ ଶୁଣାଯିବା ଖୁସିର ଖବର। ପରନ୍ତୁ ସେମାନେ ଏହି ଦଣ୍ଡାଦେଶ ବିରୋଧରେ ଉପର ଅଦାଲତକୁ ଯିବେ ଏବଂ ମାମଲା ସୁପ୍ରିମ୍‌କୋର୍ଟରେ ପହଞ୍ଚିବା ବେଳକୁ କ'ଣ ହେବ କହିହେବ ନାହିଁ। ବହୁଚର୍ଚ୍ଚିତ କୁନ୍ଦୁଲି ଗଣବଳାତ୍କାର ମାମଲାରେ କୌଣସି ଅଭିଯୁକ୍ତ ଦୋଷୀସାବ୍ୟସ୍ତ ନ ହେବା ଯେତିକି ଆଶ୍ଚର୍ଯ୍ୟଜନକ ଦିଲ୍ଲୀ ନିର୍ଭୟା ବଳାତ୍କାର ମାମଲାରେ ଅପରାଧ ବେଳେ ନାବାଳକ ଥିବା କହି ଅଭିଯୁକ୍ତଙ୍କୁ ଖଲାସ କରିଦେବା ସେତିକି ଦୁଃଖଦାୟକ।

୨୦୧୬, ଅଗଷ୍ଟ ୨୫ ତାରିଖରେ ଜଣେ ୪ ବର୍ଷର ଛାତ୍ରୀଙ୍କୁ ବିଦ୍ୟାଳୟର ଶୌଚାଳୟ ଭିତରେ ବଳାତ୍କାର କରିବା ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ପୋଲିସ ପରେ ସ୍କୁଲବସ୍ ଡ୍ରାଇଭରଙ୍କୁ ଗିରଫ କରିଥିଲା। ସେହିପରି ବାଙ୍କୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରି ମାରିଦେଇ ନଦୀ ଶଯ୍ୟାରେ ଫିଙ୍ଗିଦେବା ଘଟଣା ପଦାକୁ ଆସିବା ପରେ ଡ୍ରାଇଭର, କଣ୍ଡକ୍ଟରଙ୍କୁ ଗିରଫ କରାଯାଇଥିଲେ ମଧ୍ୟ କଚ୍ଛପଗତିରେ ଏସବୁ ମାମଲାର ବିଚାର ଚାଲିଛି। ପୁରୀ ରଥଯାତ୍ରା ବେଳେ ଜନଗହଳି ଗୁଣ୍ଡିଚା ମନ୍ଦିର ନିକଟ ବସ୍‌ଷ୍ଟାଣ୍ଡରେ ଜଣେ ଆଦିବାସୀ କନ୍ୟାକୁ ବସ୍ ଭିତରେ ବଳାତ୍କାର ଘଟଣା ପରେ ଅଭିଯୁକ୍ତ ବସ୍ ହେଲ୍‌ପର ଗିରଫ ହୋଇଥିଲେ ହେଁ ମାମଲାର ବିଚାର ଗତି ସମ୍ପର୍କରେ ଠିକ୍ ତଥ୍ୟ ମିଳୁନାହିଁ। ବର୍ଷ ବର୍ଷ ଧରି ମାମଲାର ବିଚାର ଚାଲୁଛି ଏବଂ ଅନେକ କ୍ଷେତ୍ରରେ ଅପରାଧୀ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି।

ନ୍ୟାଶ୍‌ନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ଆଦିବାସୀ ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ଅପରାଧ ଦୃଷ୍ଟିରୁ ଓଡିଶା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ଏ ଦୃଷ୍ଟିରୁ ଏକନମ୍ବରରେ ରହିଛି ମଧ୍ୟପ୍ରଦେଶ ଏବଂ ଦୁଇ ନମ୍ବରରେ ରାଜସ୍ଥାନ। ସେହିପରି ନାବାଳିକା ଏବଂ କିଶୋରୀ ବିଶେଷକରି ସ୍କୁଲ ଓ କଲେଜଛାତ୍ରୀଙ୍କ ସହ ବଳାତ୍କାର କରି ସୋସିଆଲ ମିଡିଆରେ ଫଟୋ ଭାଇରାଲ କରିବା ଘଟଣା ମଧ୍ୟ ଦେଶର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାରେ ବୃଦ୍ଧି ପାଇବାରେ ଲାଗିଛି। ଫଟୋ ଭାଇରାଲ କରିବା ପୂର୍ବରୁ ସାଇବର ଅପରାଧୀମାନେ ସମ୍ପୃକ୍ତ କନ୍ୟା ଓ ତାଙ୍କ ପରିବାରକୁ ବ୍ଲାକ୍‌ମେଲ୍ କରୁଛନ୍ତି ଏବଂ ଏଥିରେ ବିଫଳ ହେଲେ ଭାଇରାଲ କରୁଛନ୍ତି। କିଛିବର୍ଷ ତଳେ ରାଜସ୍ଥାନରେ ଜଣେ ଜର୍ମାନ୍ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ଉଚ୍ଚପଦବୀଯୁକ୍ତ ଓଡ଼ିଆ ଯୁବକଙ୍କୁ ଗିରଫ କରାଯାଇ ମାତ୍ର ଦୁଇ ସପ୍ତାହ ମଧ୍ୟରେ ତାଙ୍କୁ ନ୍ୟାୟାଳୟରେ ଦଣ୍ଡିତ କରାଗଲା। ଅନ୍ୟ ଘଟଣାଗୁଡିକର ବିଚାର ପ୍ରକ୍ରିୟା କାହିଁକି ଏତେ ବିଳମ୍ବିତ ହେଉଛି ଜଣାପଡୁନାହିଁ।

ଦେଶର ରାଜଧାନୀ ଏବଂ ଏହାର ଆଖପାଖ କ୍ଷେତ୍ରରେ ଶିଶୁଙ୍କ ପ୍ରତି ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସବୁଠାରୁ ଶିକ୍ଷିତ ପ୍ରଦେଶ କେରଳରେ ମଧ୍ୟ ଶିଶୁଙ୍କ ପ୍ରତି ଅପରାଧର ହାର କିଛି କମ୍ ନୁହେଁ। ରାଜଧାନୀ ଦିଲ୍ଲୀର ବସ୍ତିଗୁଡିକ ଏଭଳି ଅପରାଧର କେନ୍ଦ୍ର ହୋଇଥିବା ଜଣାପଡିଛି। ନୋବେଲ ବିଜେତା କୈଳାସ ସତ୍ୟାର୍ଥୀଙ୍କ ମତରେ ଶିଶୁ ଓ କିଶୋରୀମାନଙ୍କୁ ଅତ୍ୟଧିକ ସ୍ୱାଧୀନତା ଦେବା, ସାମାଜିକ ଗଣମାଧ୍ୟମର ପ୍ରଭାବ ଓ ସେମାନଙ୍କ ମାନସିକତାରେ ବ୍ୟାପକ ପରିବର୍ତ୍ତନ କାରଣରୁ ସେମାନଙ୍କ ପ୍ରତି ଯୌନ ନିର୍ଯାତନା ଓ ବଳାତ୍କାର ବୃଦ୍ଧି ପାଇବାରେ ଲାଗିଛି। ଅପରାଧୀର ମନୋବୃତ୍ତି ବା ଉଦ୍ଦେଶ୍ୟକୁ ଏହି ଶିଶୁ ଓ କିଶୋରୀମାନେ ଠିକ୍ ଭାବେ ଜାଣି ନ ପାରି ସେମାନଙ୍କ ସହ ଅବାଧ ମିଳାମିଶା କରୁଥିବା କାରଣରୁ ସହଜରେ ବଳାତ୍କାରର ଶିକାର ହୋଇଥାନ୍ତି।

ଶିଶୁଙ୍କ ସୁରକ୍ଷା ପ୍ରତି ପରିବାର ଲୋକେ ଅଧିକ ଧ୍ୟାନ ଦେବା, ଏ ନେଇ ଥିବା ପୋକ୍‌ସୋ ଆଇନକୁ କଡାକଡି ଲାଗୁ କରି ଅପରାଧୀଙ୍କ ପ୍ରତି ଉଚିତ ଦଣ୍ଡବିଧାନ କରିବା, ଶିକ୍ଷାନୁଷ୍ଠାନରେ ନୀତିଶିକ୍ଷା ସହିତ ଶିକ୍ଷକମାନଙ୍କ ସହ ପିଲାଙ୍କ ମିଳାମିଶା ନେଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟମିତ ଅନୁଧ୍ୟାନ କରିବା ଏବଂ କୋମଳମତି ଶିଶୁ ଭଗବାନଙ୍କ ପ୍ରତିରୂପ ବୋଲି ସାମାଜିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ।

୧୩୪୮/୪-ସି, ସେକ୍ଟର-୬, ସିଡିଏ,
କଟକ, ମୋ–୯୪୩୭୨୭୦୬୦୫

# ସ୍ୱାମିଜୀ ଓ ଶିକାଗୋର ବାର୍ତ୍ତା

ଗିରିଜା ଶଙ୍କର ତରାସିଆ

ଆଜକୁ ଠିକ୍ ୧୨୬ ବର୍ଷ ତଳେ ଆମେରିକାର ଶିକାଗୋ ସହରସ୍ଥିତ କଲମ୍ବସ୍ ହଲ୍‌ରେ ଅନୁଷ୍ଠିତ ହେଉଥାଏ ପ୍ରଥମ ବିଶ୍ୱ ଧର୍ମ ମହାସଭା। ୧୮୯୩ ସେପ୍ଟେମ୍ବର ୧୧ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଧର୍ମ ମହାସଭାରେ ବିଶ୍ୱର ବିଭିନ୍ନ ଧର୍ମ ସମ୍ପ୍ରଦାୟର ଧର୍ମଗୁରୁ ତଥା ବିଦ୍ୱାନ୍‌ମାନେ ଯୋଗ ଦେଇଥାନ୍ତି। ଭାରତବର୍ଷରୁ ବ୍ରହ୍ମବିଦ୍ୟା ସମିତିର ପ୍ରତିନିଧି ଜ୍ଞାନେନ୍ଦ୍ରନାଥ ଚକ୍ରବର୍ତ୍ତୀ ତଥା ବ୍ରାହ୍ମ ସମାଜର ପ୍ରତିନିଧି ପ୍ରତାପଚନ୍ଦ୍ର ମଜୁମଦାର ପ୍ରମୁଖ ବିଦ୍ୱାନ୍‌ମାନେ ଏହି ଐତିହାସିକ ସମାରୋହରେ ଅଂଶଗ୍ରହଣ କରିବା ପାଇଁ ଉପସ୍ଥିତ ଥାନ୍ତି। ଧର୍ମ ମହାସଭାରେ ଯୋଗଦେବା ପାଇଁ ଆସିଥିବା ପ୍ରତିନିଧିଙ୍କୁ ବାଦ୍‌ଦେଇ ସାତ ହଜାର ଦର୍ଶକ ମଧ୍ୟ କଲମ୍ବସ୍ ହଲ୍‌ରେ ଉପସ୍ଥିତ ଥାନ୍ତି। ଅଧିବେଶନର ପ୍ରଥମ ଦିବସରେ ଗୈରିକ ପୋଷାକଧାରୀ ଜଣେ ସୌମ୍ୟ ଯୁବକ ମାତ୍ର ସ୍ୱଳ୍ପ ସମୟ ନିମନ୍ତେ ବକ୍ତୃତା ଦେବା ପାଇଁ ଅନୁମତି ପାଇ କୋମଳ ଅଥଚ ଭାବଗାମ୍ଭୀର୍ଯ୍ୟ କଣ୍ଠରେ ଉଦ୍‌ବୋଧନ ଦେବାକୁ ଆରମ୍ଭ କଲେ– 'ଆମେରିକାବାସୀ ଭାଇ ଓ ଭଉଣୀମାନେ!' ଏହି କଥାପଦକ ଶ୍ରୋତାଙ୍କ ମଧ୍ୟରେ ବିଦ୍ୟୁତ୍ ସଂଚାରଣ ପରି ଏକ ଆଲୋଡ଼ନ ସୃଷ୍ଟି କଲା। କଲମ୍ବସ୍ ହଲ୍ ଘନଘନ କରତାଳିରେ ପ୍ରକମ୍ପିତ ହେବାକୁ ଲାଗିଲା। ମାତ୍ର ଦୁଇ ମିନିଟ୍ ନିମନ୍ତେ ଉଦ୍‌ବୋଧନ ଦେବାକୁ ଅନୁମତି ପାଇଥିବା ଏହି ବିଦ୍ୱାନ ଯୁବକ ତତ୍‌କ୍ଷଣାତ୍ ପାଲଟିଗଲେ ତାରକା ବକ୍ତା। ସେ ଥିଲେ ଭାରତମାତାର ସୁଯୋଗ୍ୟ ସନ୍ତାନ ସ୍ୱାମୀ ବିବେକାନନ୍ଦ।

ବିବେକାନନ୍ଦ ଥିଲେ ଶ୍ରୀରାମକୃଷ୍ଣଙ୍କର ଆଧ୍ୟାତ୍ମିକ ଉତ୍ତରାଧିକାରୀ। ଦେହାବସାନର ମାତ୍ର କିଛିଦିନ ପୂର୍ବରୁ ଶ୍ରୀରାମକୃଷ୍ଣ ନିଜର ସାଧନାଲବ୍ଧ ସମସ୍ତ ଶକ୍ତି ବିବେକାନନ୍ଦଙ୍କୁ ଦେଇ କହିଥିଲେ– "ଆଜି ତୋତେ ମୋର ସର୍ବସ୍ୱ ଦେଇ ଫକିର ହୋଇଗଲି। ଏହି ଶକ୍ତିରେ ତୁ ଜଗତର ଅଶେଷ କଲ୍ୟାଣ ସାଧନ କରିବୁ।" ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଗୁରୁ ଶ୍ରୀରାମକୃଷ୍ଣଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ସଂକଳ୍ପ ନେଇ ସ୍ୱାମିଜୀ ବିଶ୍ୱ ଭ୍ରମଣର ପରିକଳ୍ପନା କଲେ।

କପର୍ଦ୍ଦକଶୂନ୍ୟ ଏହି ଅମିତ ତେଜସ୍ୱୀ ଯୁବସନ୍ନ୍ୟାସୀ ଆମେରିକାର ଉକ୍ତ ବିଶ୍ୱ ସର୍ବଧର୍ମ ମହାସଭାରେ ଅଂଶଗ୍ରହଣ କରିବାର ଆକାଂକ୍ଷା ନେଇ ବମ୍ବେ ବନ୍ଦରରୁ ଜାହାଜ ଯୋଗେ ୧୮୯୩ ମେ ୩୧ରେ ଆମେରିକା ଯାତ୍ରା କଲେ। ଯାତ୍ରା ସମୟରେ ସେ କଲମ୍ବୋ, ମାଳୟ ଉପଦ୍ୱୀପର ପେନାଙ୍ଗ ସହର ସମେତ, ସିଙ୍ଗାପୁର, ହଂକଂ, ଚାଇନାର କ୍ୟାଣ୍ଟନ ସହର, ଜାପାନର ଓସାକା, କିୟାଟୋ ଆଦି ସହରମାନ ପରିଦର୍ଶନ କରିବାର ସୁଯୋଗ ପାଇଥିଲେ। ଜାପାନରୁ ଜାହାଜ ଯାଇ ଜୁଲାଇ ମାସରେ ଆମେରିକାର ଭାଙ୍କୁଭର ବନ୍ଦରରେ ପହଞ୍ଚିଲା। ସ୍ୱାମିଜୀ ଶିକାଗୋରେ ପହଞ୍ଚି ସେଠାକାର ବ୍ୟୟବହୁଳ ଖର୍ଚ୍ଚ ତୁଲାଇବାକୁ ଅସମର୍ଥ ହେବାରୁ ଶିକାଗୋ ଛାଡ଼ି ବୋଷ୍ଟନ ସହର ଅଭିମୁଖେ ଯାତ୍ରାକଲେ। ବାଟରେ ଟ୍ରେନରେ ଜଣେ ସହୃଦୟ ମହିଳାଙ୍କ ସହିତ ତାଙ୍କର ବାର୍ତ୍ତାଳାପ ହେଲା। ମହିଳା ଜଣକ ସ୍ୱାମିଜୀଙ୍କ ସହିତ କଥାବାର୍ତ୍ତାରେ ଆକୃଷ୍ଟ ହୋଇ ତାଙ୍କୁ ବୋଷ୍ଟନ ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ଥିବା ନିଜ ଗୃହରେ ଆଣି ରଖିଲେ। ସଂପୃକ୍ତ ଭଦ୍ର ମହିଳା ସ୍ୱାମିଜୀଙ୍କ ସହିତ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗ୍ରୀକ୍‌ଭାଷାର ଅଧ୍ୟାପକ ଡ. ରାଇଟ୍‌ଙ୍କ ସାକ୍ଷାତ ଆଲୋଚନାର ବନ୍ଦୋବସ୍ତ କରିଦେଲେ। ମାତ୍ର ତିନିଘଣ୍ଟାର କଥୋପକଥନରେ ଅଧ୍ୟାପକ ରାଇଟ୍ ଏତେ ମୁଗ୍ଧ ହେଲେ ଯେ ସ୍ୱାମିଜୀଙ୍କ ପରିଚୟପତ୍ର ଅଭାବରୁ ଧର୍ମ ମହାସଭାରେ ଯୋଗଦେଇ ପାରୁ ନ ଥିବା ଶୁଣି କହିଥିଲେ– "ଧର୍ମ ମହାସଭାରେ ବକ୍ତୃତା ଦେବାର ଅଧିକାର ପାଇଁ ଆପଣଙ୍କୁ ପରିଚୟପତ୍ର ଦେଖାଇବାକୁ ହେଲେ ସୂର୍ଯ୍ୟଙ୍କୁ ମଧ୍ୟ ଆଲୋକ ଦେଖାଇବାର ଅଧିକାର ପାଇଁ ପରିଚୟପତ୍ର ଦେଖାଇବାକୁ ହେବ।" ସୌଭାଗ୍ୟକୁ ଡ. ରାଇଟ୍‌ଙ୍କର ଜଣେ ବନ୍ଧୁ ଡ. ଜେ.ଏଚ୍. ବ୍ୟାରୋଜ୍ ଧର୍ମ ମହାସଭାର ସଦସ୍ୟ ନିର୍ବାଚନ ସଂସଦର ସଭାପତି ଥିଲେ। ଡ. ରାଇଟ୍ ସ୍ୱାମିଜୀଙ୍କ ଉଦ୍ଦେଶ୍ୟରେ ତାଙ୍କ ବନ୍ଧୁଙ୍କ ନିକଟକୁ ଏକ ପତ୍ର ଲେଖି ଦର୍ଶାଇଥିଲେ ଯେ– "ଏହି ବ୍ୟକ୍ତିଙ୍କର ପାଣ୍ଡିତ୍ୟ ଆମ ଦେଶର ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କର ସମବେତ ପାଣ୍ଡିତ୍ୟ ଅପେକ୍ଷା ବେଶି।" ଏହି ସୁପାରିସ ପତ୍ରଟି ଧରି ଶିକାଗୋ ଧର୍ମ ମହାସଭାରେ ଯୋଗଦାନ କରିବା ନିମନ୍ତେ ସ୍ୱାମିଜୀ ଯାତ୍ରା କରନ୍ତେ ଦୁର୍ଭାଗ୍ୟକୁ ସମିତି ଠିକଣାଟି ବାଟରେ ହଜାଇଦେଇ ହାଡ଼ଭଙ୍ଗା ଶୀତରୁ ରକ୍ଷା ପାଇବା ପାଇଁ ଷ୍ଟେଶନ ପ୍ରାଙ୍ଗଣରେ ମାଲପରିବହନ ନିମନ୍ତେ ରଖାଯାଇଥିବା ଗୋଟିଏ ଖାଲି କାଠବାକ୍ସ ମଧ୍ୟରେ ପଶି କୌଣସି ପ୍ରକାରେ ପ୍ରାଣରକ୍ଷା କଲେ। ସେ ଆଶଙ୍କା ଭିତରେ କ୍ଳାନ୍ତ ହୋଇ ବସିଥିବା ବେଳେ ଫୁଟ୍‌ପାଥ୍‌ର ଅପରପାର୍ଶ୍ୱରେ ଥିବା ଏକ ଅଟ୍ଟାଳିକାର ଦରଜା ଖୋଲିଗଲା ଏବଂ ମିସେସ୍ ହେଲ୍ ନାମ୍ନୀ ଜନୈକା ସହୃଦୟା ମହିଳା ଦେବଦୂତ ପରି ବାହାରି ଆସି ସ୍ୱାମିଜୀଙ୍କୁ ନିଜ ଗୃହକୁ ନେଇଗଲେ। ଏହି ଭଦ୍ରମହିଳାଙ୍କ ସହାୟତା କ୍ରମେ ସ୍ୱାମିଜୀ ଡ. ବ୍ୟାରୋଜ୍‌ଙ୍କ ସହିତ ସାକ୍ଷାତ୍ କରି ଧର୍ମ ମହାସଭାରେ ଯୋଗଦାନ ପାଇଁ ଅନୁମତି ପାଇଲେ। ସ୍ୱାମିଜୀଙ୍କର ଐତିହାସିକ ଶିକାଗୋ ବକ୍ତୃତା ତାଙ୍କୁ ସମଗ୍ର ବିଶ୍ୱରେ ଜ୍ଞାନର ଏକ ପ୍ରଦୀପ୍ତ ସୂର୍ଯ୍ୟଭାବେ ପରିଚୟ ପ୍ରଦାନ କରିଥିଲା। ଶିକାଗୋ ଧର୍ମସଭାରେ ସ୍ୱାମିଜୀ ବିଶ୍ୱ ଭ୍ରାତୃତ୍ୱର ବାର୍ତ୍ତା ଦେଇଥିବାରୁ ସେହି ଦିବସକୁ ବିଶ୍ୱ ଭ୍ରାତୃତ୍ୱ ଦିବସ ଭାବେ ପାଳନ କରାଯାଉଛି।

## ବିଶ୍ୱ ଭ୍ରାତୃତ୍ୱ ଦିବସ ଉପଲକ୍ଷେ

ଖଣ୍ଡପଡ଼ା, ନୟାଗଡ଼, ମୋ: ୯୯୩୭୩୩୪୮୦୦

## ଏଇ ଭାରତରେ

ହିନ୍ଦୁ ଓ ମୁସଲମାନଙ୍କ ପର୍ବ, ପରମ୍ପରା ଭିନ୍ନ ହୋଇଥିଲେ ହେଁ ବିହାରର ଏକ ଗାଁରେ ହିନ୍ଦୁମାନେ ଯେଭଳି ମୁସଲମାନଙ୍କ ପରମ୍ପରାକୁ ଆଦରିନେଇଛନ୍ତି ତାହା ସହାବସ୍ଥାନ ଓ ଭାଇଚାରାର ଉଦାହରଣ ସୃଷ୍ଟି କରିଛି। ବିହାରର କଟିଆର ଜିଲା ହସନଗଞ୍ଜ ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ହରିପୁର ଗାଁ ସାମ୍ପ୍ରଦାୟିକ ସଦ୍‌ଭାବନାର ଭିନ୍ନ ପରିଚୟ ଦେଇଛି। ଏହି ଗାଁର ଅଧିକାଂଶ ହିନ୍ଦୁ ରୋଜା ରଖନ୍ତି ଓ ମହରମର ତାଜିଆ ଶୋଭାଯାତ୍ରା ବାହାର କରନ୍ତି। ଏଥିରେ ଦୁଇ ସମ୍ପ୍ରଦାୟର ଲୋକଙ୍କ ସହଯୋଗ ଥାଏ। ମହରମକୁ ନେଇ ସବୁ ପ୍ରସ୍ତୁତି ଏଠାରେ ପାରମ୍ପରିକ ନୀତି ଅନୁଯାୟୀ କରାଯାଏ। ଲୋକମାନେ ନିୟମ ଅନୁସାରେ ଆଖଡା ସଜାଡ଼ନ୍ତି। ଶୋଭାଯାତ୍ରାରେ ଦୁଇ ସମ୍ପ୍ରଦାୟର ଲୋକେ ବିଭିନ୍ନ ସାହସିକ କଳା ପ୍ରଦର୍ଶନ କରନ୍ତି। ବହୁ ସଂଖ୍ୟାରେ ମହିଳା ବି ଏହି ଶୋଭାଯାତ୍ରାରେ ସାମିଲ ହୋଇଥାନ୍ତି। ଗାଁରେ ଥିବା ଛେଦି ଶାହଙ୍କ ସମାଧିରୁ ମହରମର ତାଜିଆ ବାହାରିବା ପରମ୍ପରା ବହୁ ଦିନରୁ ରହିଆସିଛି।

## ଚିରନ୍ତନୀ

ସେହିକାଳୁଁ ଶୁଣିଅଛି ଅଜାତ ସେ ଶିଶୁର କ୍ରନ୍ଦନ
ଅନ୍ତରେ ଅନ୍ତରେ ତା'ର ଲାଳିଛି
ସେ ପ୍ରାଣର ନନ୍ଦନ,
ତୃପ୍ତିହୀନ ଆଶା ବହି ପରାଣ ପରାସେ
ବସି ରହେ ତାହାରି ସକାଶେ ! (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ ସେପ୍ଟେମ୍ବର ୧୯୯୪

- କ୍ୟୁବାରୁ ଆମେରିକାକୁ ବେଆଇନ ଭାବେ ଆସୁଥିବା ଶରଣାର୍ଥୀମାନଙ୍କୁ ରୋକିବା ପାଇଁ କ୍ୟୁବା–ଆମେରିକା ଚୁକ୍ତିପତ୍ର ସ୍ୱାକ୍ଷରିତ।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ଷେପଣାସ୍ତ୍ର ପିନାକର ଉଡାଣ ପରୀକ୍ଷା ସଫଳତାର ସହିତ ସମ୍ପନ୍ନ।

# ପାଠକ ଶ୍ରେଷ୍ଠ ବିଚାରକ

## ବହୁମୁଖୀ ଶିକ୍ଷା କର୍ମଚାରୀ

ମହାଶୟ,

ଶିକ୍ଷା ବ୍ୟବସ୍ଥାରେ ଅନବରତ ପରିବର୍ତ୍ତନ ଚାଲିଛି। ଶିକ୍ଷକଙ୍କୁ ପାଠ ପଢାଇବା ସହିତ ଅନେକ ଅଣଶୈକ୍ଷିକ କାର୍ଯ୍ୟରେ ଜୋର ଜବରଦସ୍ତି ନିୟୋଜିତ କରି ଦିଆଯାଉଛି। ମଧ୍ୟାହ୍ନଭୋଜନ ପ୍ରସ୍ତୁତି ସହିତ ଅଣ୍ଡା କିଣି ଏବଂ ସିଝାଇ ପିଲାଙ୍କୁ ଦେବା, ଗୃହ ନିର୍ମାଣ କରିବା, ଆଧାର କାର୍ଡ ପ୍ରସ୍ତୁତି, କୃମିନାଶକ ଔଷଧ, ଆଇରନ ବଟିକା ଦେବା– ଏହିପରି କାର୍ଯ୍ୟର ଶେଷ ନାହିଁ। ଏତେ କାର୍ଯ୍ୟଭାରରେ ଶିକ୍ଷକମାନଙ୍କ ମାନସିକ ତଥା ଶାରୀରିକ ଅବସ୍ଥା ରୁଗ୍ଣ ହୋଇଯାଉଛି। ଉପରୁ ତଳ ପର୍ଯ୍ୟନ୍ତ ଚାଲିଛି କେବଳ ହୁକୁମ୍। ହ୍ୱାଟ୍‌ସଆପ୍‌ରେ ମେସେଜ୍ ଓ ଫଟୋ ଉଠାଇ ଛାଡିଦେଲେ କାମ ଶେଷ। ବାସ୍ତବ ସ୍ଥିତି ସୁଧାରିବାରେ କାହାରି ଆନ୍ତରିକତା ନାହିଁ। ଶିକ୍ଷକମାନଙ୍କର ପାଠ ପଢାଇବା ପାଇଁ ସ୍ୱାଧୀନତା ନାହିଁ। ଏଣୁ ଅଭିଭାବକମାନେ ଯାଉଛନ୍ତି ପ୍ରାଇଭେଟ୍ ସ୍କୁଲକୁ। ଶିକ୍ଷା ବ୍ୟବସ୍ଥା କ'ଣ ହେବ ଭବିଷ୍ୟତ କହିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

## ଭକ୍ତି ନାଁରେ ମସ୍ତି

ଧରିତ୍ରୀ(୨୯।୭)ରେ ଭାଲଚନ୍ଦ୍ର ଷଡ଼ଙ୍ଗୀଙ୍କର (ଭକ୍ତି ନାଁରେ ମସ୍ତି ଓ ବେପାର) ପଢି ଏହା ପଛରେ ଥିବା ଅନେକ କାରଣ ଜଣାପଡିଲା। ସତରେ ଭକ୍ତି କରିବା ସମସ୍ତଙ୍କର ମୌଳିକ ଅଧିକାର। ଯଦି ପଦଯାତ୍ରାରେ ଯାଇ ଘଣ୍ଟା ଘଣ୍ଟା ଲାଇନରେ ଛିଡା ହୋଇ ପାଣି ଢାଳି କାଉଡିଆ ଭାଇ ତପସ୍ୟା କରୁଛନ୍ତି ତେବେ ତପୋବନରେ ସେମିତି ଚାଲି ଚାଲି ଫେରିଲେ ହୁଅନ୍ତାନି ? ଫେରିଲା ବେଳେ ଟ୍ରେନ, ବସ ଇତ୍ୟାଦିରେ ଜବରଦସ୍ତି ଦୌରାତ୍ମ୍ୟ, ପେଲାଠେଲାରେ ସେ ପୁଣ୍ୟ ନଷ୍ଟ ହେଉନାହିଁ କି। ଶ୍ରାବଣ ମାସରେ ବରଷାର ଧାରା ବହିଯାଉଥିଲା ବେଳେ ଢାଳେ ଦୁଇ ଢାଳ ପାଣିର ତାତ୍ପର୍ଯ୍ୟ କ'ଣ ? ବରଂ ମେ–ଜୁନ୍ ମାସ ମୁଣ୍ଡଫଟା ଖରା ବେଳେ ତୃଷାର୍ତ୍ତ ବାଟୋଇକୁ ସେଇ ଦୁଇଢାଳ ପାଣି ଦାନ ଦେଇ ଅଂଶୁଘାତରୁ ରକ୍ଷା କଲେ କେମିତି ହୁଅନ୍ତା ? ଗଳ୍ପଟିଏ କେଉଁଠି ପଢିଥିଲି। ଥରେ କାଉଡିଆଙ୍କୁ ପରୀକ୍ଷା କରିବାକୁ ସ୍ୱୟଂ ଭୋଳାନାଥ ବୃଦ୍ଧ ବେଶରେ ଆବିର୍ଭୂତ ହୋଇ ପାଣି ମାଗିଲେ। କିନ୍ତୁ ବହୁ ପଥଶ୍ରମ କରି ମନ୍ଦିର ନିକଟରେ ହୋଇଥିବା କାଉଡିଆ ଭାଇମାନେ ପାଣି ଦେବାକୁ ମନାକଲେ। କିନ୍ତୁ ଜଣେ ଯୁବକ ଦୁଇ କଳସରୁ ପାଣି ଦେଲେ ଓ ଭୋଳାନାଥ ଆଶୀର୍ବାଦ କରି ଚାଲିଗଲେ। ଶ୍ରାବଣ ମାସ ଆସିଲେ ମନେପଡେ ହାସ୍ୟରସିକ ଫତୁରାନନ୍ଦଙ୍କ ଗଳ୍ପ 'ଶ୍ରାବଣର ଅଗିଆ ବାତ'। ଯାହାହେଉ ପ୍ରାବନ୍ଧିକଙ୍କୁ ଅଜସ୍ର ଧନ୍ୟବାଦ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇ ମିଳୁନି ସୁବିଧା



ଫିରିଙ୍ଗିଆ,୧୦।୯: ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଞ୍ଚାୟତ ପିଡିଆଗୁଡା ଗ୍ରାମର ଶଙ୍କର ବଗାର (୩୫)ଙ୍କ ଗୋଡ ଅଚଳ। ଏଥିପାଇଁ ତାଙ୍କୁ ମିଳିଛି ଦିବ୍ୟାଙ୍ଗ ପ୍ରମାଣପତ୍ର। ହେଲେ ସରକାରୀ ସୁବିଧା ମିଳୁନାହିଁ। ଚାଉଳ, ଭତ୍ତା କି ଆବାସ ଯୋଜନାରେ ଘର ଖଣ୍ଡେ ବି ପାଇନାହାନ୍ତି ଶଙ୍କର। ସହାୟତା ପାଇଁ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡି ନୟାନ୍ତ ହେଲେଣି। ପରିବାର ଚଳାଇବା ତାଙ୍କପକ୍ଷେ କଷ୍ଟକର ହୋଇପଡିଛି। ସେ ପିଲାବେଳୁ ଠିକ୍ ଥିଲେ। ବାହାଘର ସରି ତାଙ୍କର ଗୋଟିଏ ଝିଅ ଅଛି। ଗତ ୨ ବର୍ଷ ତଳେ ହଠାତ ଡାହାଣ ଆଣ୍ଠୁ ବ୍ୟଥା ହେବାରୁ ଡାକ୍ତର ପରାମର୍ଶ କରି ବହୁ ଔଷଧ ଖାଇଲେ। କିଛି ଫଳ ମିଳିଲା ନାହିଁ। ଗୋଡ କ୍ରମଶଃ ଅଚଳ ହୋଇପଡିବାରୁ ବାଡି ଧରି ଛୋଟେଇ ଚାଲୁଛନ୍ତି। ତାଙ୍କୁ ସରକାରଙ୍କ ପକ୍ଷରୁ ୨୦୧୮ ଡିସେମ୍ବର ୧୫ରୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ଯେଉଁଥିରେ ସେ ୫୦ ପ୍ରତିଶତ ଦିବ୍ୟାଙ୍ଗ ବୋଲି ଉଲ୍ଲେଖ ରହିଛି। ଏହାସତ୍ତ୍ୱେ ସରକାରୀ ସହାୟତା ମିଳିନି। ଶଙ୍କର କାମଧନ୍ଦା କରି ପାରୁନାହାନ୍ତି। ଜମିବାଡି ନାହିଁ। ଅନ୍ୟ ଜଣଙ୍କ ଜାଗାରେ ଚାଳ ଘରଟିଏ କରି ରହିଛନ୍ତି। ଡିମିରିଗୁଡା ଛକରେ ସେ ଏକ ଜଳଖିଆ ଦୋକାନ କରିଛନ୍ତି। ଦୋକାନ ଘର ପାଇଁ ମାସକୁ ୫୦୦ ଟଙ୍କା ଭଡା ଦେବାକୁ ପଡୁଛି ବୋଲି କହିଛନ୍ତି। ବିଡିଓ ପ୍ରବୀଣ କୁମାର ବାଣୁଆଙ୍କୁ ପଚାରିବାରୁ, ଦିବ୍ୟାଙ୍ଗ ପ୍ରମାଣପତ୍ର ଥିଲେ ସବୁ ସୁବିଧା ମିଳିବା କଥା, କ'ଣ ଅସୁବିଧା ହୋଇଛି ବୁଝି ପଦକ୍ଷେପ ନେବି ବୋଲି କହିଛନ୍ତି।

### ଶିକ୍ଷକ, ଶିକ୍ଷା ନିରୀକ୍ଷକ ସଂଘର ବୈଠକ

ଖଜୁରିପଡ଼ା,୧୦।୯(ଡି.ଏନ.ଏ.): ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ କନ୍ଧମାଳ ଶାଖାର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ମା' ନାରାୟଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରମେଶ କୁମାର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ସରୋଜ କୁମାର ସାହୁ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ବର୍ତ୍ତମାନ କାର୍ଯ୍ୟକାରିଣୀର କାର୍ଯ୍ୟକାଳ ସେପ୍ଟେମ୍ବର ୧୮ରେ ସରୁଥିବାରୁ ସମ୍ପାଦକ ସାହୁ ସାଧାରଣ ପରିଷଦ ଡ଼ାକି ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରସ୍ତାବ ଦେଇଥିଲେ। ସଂଘର ଆଇନ ପରାମର୍ଶଦାତା ବିଜୟ କୃଷ୍ଣ ପଟ୍ଟନାୟକଙ୍କ ପରାମର୍ଶରେ ଆସନ୍ତା ୨୯ରେ ବାର୍ଷିକ ସମ୍ମିଳନୀ ଓ ନିର୍ବାଚନ ଫୁଲବାଣୀଠାରେ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା। ଏଣୁ ବର୍ତ୍ତମାନର କାର୍ଯ୍ୟକାରିଣୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା।

■ ଖେଳପଡ଼ିଆ ପୁଣି ଜବରଦଖଲ

# ତହସିଲଦାର, ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଫୁଲବାଣୀ ଅଫିସ, ୧୦।୯

ଫୁଲବାଣୀ ବ୍ଲକ ଦଡକି ପଞ୍ଚାୟତ ଦୁବଗଡ (ଦଳିତ ସାହି) ବେଣାକେରାରେ ଥିବା ଏକ ଖେଳପଡିଆକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ନିଜ ଅକ୍ତିଆରକୁ ନେବାପରେ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଜବରଦଖଲ ଉଚ୍ଛେଦ ହୋଇଥିଲା। ହେଲେ କିଛି ମାସର ବ୍ୟବଧାନ ପରେ ପୁଣି ସମ୍ପୃକ୍ତ ବ୍ୟକ୍ତି ଏହି ପଡିଆକୁ ଜବରଦଖଲ କରିଛନ୍ତି। ସେଠାରେ ଗାତ ଖୋଳିଛନ୍ତି। ଖାଲି ଏତିକି ନୁହେଁ, ଗ୍ରାମବାସୀ ପ୍ରତିବାଦ କରିବାରୁ ଗାଳି କରିବା ସହ ଧମକ ବି ଦେଇଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଗ୍ରାମବାସୀ ତହସିଲଦାର ଏବଂ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଆମେ ପୂର୍ବରୁ ଅଭିଯୋଗ କରିବା ପରେ ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ସେହି ସ୍ଥାନକୁ ଜବରଦଖଲରୁ ଉଚ୍ଛେଦ କରିଥିଲେ। ଏଥିସହ ଚିହ୍ନ ମାରି ଆସିଥିଲେ। ହେଲେ ଏବେ ସେହି ସ୍ଥାନକୁ ପୁଣି ଜବରଦଖଲ କରାଯାଇଛି। ସେଠାରେ ଗାତ ଖୋଳି ଜାଗାକୁ ନିଜ ଅଧୀନକୁ ନେବାକୁ ଚେଷ୍ଟା କରାଯାଇଛି। ଆମେ ବିରୋଧ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଆମକୁ ଧମକ ଦେଉଛନ୍ତି। ଏଣୁ ଆମେ ତହସିଲଦାର ଏବଂ ଜିଲାପାଳଙ୍କୁ ଭେଟି ଘଟଣା ବିଷୟରେ ଅବଗତ କରିଛୁ। ସରକାରୀ ସ୍ଥାନରେ ନାଲି ପତାକା ମରାଯାଇ ସେଠାରେ ସରକାରୀ ବୋର୍ଡ ମରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିବା ୱାର୍ଡ ମେମ୍ବର ଶ୍ରୀମତୀ ବେହେରା, ଗ୍ରାମବାସୀ କୃତ୍ତିବାସ ନାୟକ, ପଞ୍ଚାନନ ବେହେରା, ଦଣ୍ଡପାଣି ପଟ୍ଟନାୟକ ଓ ଶ୍ରୀବସ୍ତ ମଲ୍ଲିକ ପ୍ରମୁଖ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଦୁବଗଡ ପଞ୍ଚାୟତ ବେଣାକେରା ଗ୍ରାମ ୧୧ ନଂ. ୱାର୍ଡରେ ଅବସ୍ଥିତ। ପୂର୍ବ ପୁରୁଷରୁ ପ୍ଲଟ ନଂ. ୪୭୨, ୪୭୩କୁ ଖେଳପଡିଆ ଭାବେ ବ୍ୟବହାର କରାଯାଉଛି। କିଛି ଦିନ ହେବ ଏହି ପଡିଆକୁ ଲାଗି ଜଣେ ବ୍ୟକ୍ତି ଘର ତିଆରି କରୁଛନ୍ତି। ପଡିଆକୁ ନିଜ ଅକ୍ତିଆରକୁ ନେବା ପାଇଁ ସେ ଜେସିବି ଲଗାଇ ପଡିଆକୁ ବାଗେଇ ଦେଇଛନ୍ତି। ଗ୍ରାମବାସୀ ଏହାର ବିରୋଧ କରିବାରୁ ସେ କାହାରି କଥା ନ ଶୁଣି ଓଲଟି ଧମକ ଦେଉଥିଲେ। ଏ ନେଇ ସେତେବେଳେ ତହସିଲଦାର, ବିଡିଓ, ବନଖଣ୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ସେହି ଜବରଦଖଲ ସ୍ଥାନକୁ ଉଚ୍ଛେଦ କରାଯାଇଥିଲା।



ତହସିଲଦାରଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

■ ବିଡିଓଙ୍କ ବୈଠକ ନେଇ ଗୁଜବ

# ନିରାଶରେ ଫେରିଲେ ବହୁ ମହିଳା

ଦାରିଙ୍ଗବାଡ଼ି,୧୦।୯(ଡି.ଏନ.ଏ)

ଦାରିଙ୍ଗବାଡି ବ୍ଲକ ଭ୍ରମରବାଡ଼ି ପଞ୍ଚାୟତର ବୃଦ୍ଧା ଏବଂ ବିଧବା ମହିଳାମାନେ ମଙ୍ଗଳବାର ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ବାରଣ୍ଡାରେ ବସିଥିଲେ। ଏନେଇ ସେମାନଙ୍କୁ ପଚାରିବାରୁ ଅଙ୍ଗନାୱାଡ଼ି କର୍ମୀ, ଗ୍ରାମସାଥୀ ଓ ୱାର୍ଡ଼ସଭ୍ୟମାନେ ବ୍ଲକରେ ମିଟିଂ ଅଛି, ବିଡିଓ ଡାକିଛନ୍ତି ବୋଲି କହିଲେ ତେଣୁ ଆମେ ଆସିଛୁ ବୋଲି ଉତ୍ତର ଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବହୁ ସମୟ ଧରି ଅପେକ୍ଷା କରିଥିଲେ ମଧ୍ୟ ତାଙ୍କୁ କେହି କର୍ମଚାରୀ ପଚାରି ବୁଝି ନ ଥିଲେ। କଲେଙ୍ଗବାଡ଼ି ଗ୍ରାମର କିନାରୀ ପ୍ରଧାନ, ପାସ୍ତିନା ପ୍ରଧାନ, ପିଡ଼ି ପ୍ରଧାନ, କୁମ୍ଭାରବାଡ଼ି ଗ୍ରାମର ବାଲମିନା ପ୍ରଧାନ, ଡଲାବାଡ଼ି ଗ୍ରାମର ସୁଶିଳା ପ୍ରଧାନ, ଜେରୀ ପ୍ରଧାନ ପ୍ରମୁଖ ବହୁ ସମୟ ଧରି ବାରଣ୍ଡାରେ ବସି ରହିଥିଲେ। ଏନେଇ ବିଡିଓ ତ୍ରିଲୋଚନ ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେଭଳି କୌଣସି କାର୍ଯ୍ୟକ୍ରମ ନାହିଁ କି, ମୁଁ ସେମାନଙ୍କୁ ଡାକିନାହିଁ ବୋଲି କହିଥିଲେ। ଘଟଣାର ସେ ତଦନ୍ତ କରିବା ସହ ସେମାନଙ୍କୁ ଘରକୁ ଯିବାକୁ କୁହାଯିବ ବୋଲି କହିଥିଲେ। ଭୁଲ୍ ଖବର ପାଇଁ ମହିଳାମାନେ ଦୂରଦୂରାନ୍ତରୁ ଆସି ହଟହଟା ହୋଇଥିବାବେଳେ କିଏ ଏଭଳି କାମ କରିଛି ତାହାର ତଦନ୍ତ କରିବାକୁ ଦାବି ହେଉଛି। ମାତ୍ର ପଞ୍ଚାୟତ ପକ୍ଷରୁ ଏଭଳି ସୂଚନା ଦିଆଯାଇନଥିବା ସରପଞ୍ଚ ଆକାଶ ପ୍ରଧାନ କହିଛନ୍ତି।



ବ୍ଲକ ଅଫିସ ବାରଣ୍ଡାରେ ଅପେକ୍ଷା କରିଥିବା ମହିଳାମାନେ।

■ ସାବିତ୍ରୀ ମହିଳା କଲେଜ ଏନ୍ଏସ୍ଏସ୍ ବାର୍ଷିକ ଯୋଜନା ପ୍ରସ୍ତୁତ

# ମୋବାଇଲ ଫୋନ ଧରିଲେ ଛାତ୍ରୀଙ୍କୁ ଜରିମାନା



ଏନଏସ୍ଏସ୍ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଭ୍ୟାସଭ୍ୟ।

ଭଞ୍ଜନଗର,୧୦।୯(ଡି.ଏନ.ଏ.)

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍)ର ବାର୍ଷିକ ଯୋଜନା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ ସଭାପତିତ୍ୱ କରିଥିଲେ। ଭଞ୍ଜନଗର ମେଡ଼ିକାଲ ରକ୍ତଭଣ୍ଡାର ଅଧିକାରୀ ତଥା ଏନ୍ଏସ୍ଏସ୍ ସଭ୍ୟ ଡ଼. ପ୍ରଣବାନନ୍ଦ ପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ଯୋଜନା ଅଧିକାରୀ ଅଧ୍ୟାପକ ଅମୁଲ୍ୟ ଶତପଥୀ, ଡ଼. ସୁଶାନ୍ତ କୁମାର ମଲ୍ଲିକ, ଯୋଜନା ଅଧିକାରିଣୀ ଅଧ୍ୟାପିକା ସନ୍ଧ୍ୟାରାଣୀ ପ୍ରଧାନ, ଜୟଲକ୍ଷ୍ମୀ ରଥ, ଡ଼. ପୁଷ୍ପାଞ୍ଜଳି ପଟ୍ଟନାୟକ, ସୁପ୍ରଭା ବେହେରା, ଉର୍ମିଳା ପାଢ଼ୀଯୋଶୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଚଳିତବର୍ଷ ଶ୍ରୀରାମନଗର, ଛେଦାଭୂମି, ଲାଲସିଂ ଓ ଲାଲସିଂପଲ୍ଲୀକୁ ପୋଷ୍ୟ ଗ୍ରାମ ଭାବେ ଚୟନ କରାଯାଇଛି। ଉକ୍ତ ଗ୍ରାମଗୁଡ଼ିକରେ ଆଗାମୀ ଦିନରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହେବ। ଏଥିସହ ରକ୍ତଦାନ ଶିବିର ପ୍ରମୁଖ ବିଷୟରେ ଆଲୋଚନା ହୋଇଥିଲା। ଏହାପୂର୍ବରୁ ଅଭିଭାବକ, ଶିକ୍ଷକ ଏବଂ ଛାତ୍ରୀମାନଙ୍କ ଏକ ସମ୍ମିଳନୀ ହୋଇଥିଲା। ଏଥିରେ ଅଧ୍ୟକ୍ଷା ଶ୍ରୀମତୀ ଉପାଧ୍ୟାୟ ସଭାପତିତ୍ୱ କରି ଛାତ୍ରୀମାନେ କିଭଳି ଶୃଙ୍ଖଳିତ ଜୀବନ ବିତାଇବା ସହ ପାଠ କିଭଳି ପଢ଼ିବେ ସେନେଇ କହିଥିଲେ। ଏଥିସହ ଯେଉଁ ଛାତ୍ରୀ କଲେଜରେ ମୋବାଇଲ ଫୋନ୍ ବ୍ୟବହାର କରିବେ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିବ ବୋଲି ଅଧ୍ୟକ୍ଷା କହିଥିଲେ। ଛାତ୍ରୀମାନେ ସଚେତନତା ହେବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଶାସନିକ ଅଧିକାରିଣୀ ଅଧ୍ୟାପିକା ଡ଼. ପ୍ରତିମା ପୂଜାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

### ଆଦର୍ଶ ବିଦ୍ୟାଳୟରେ ସ୍କାଉଟ,ଗାଇଡ୍ ଶୁଭାରମ୍ଭ

ଶେରଗଡ,୧୦।୯(ଡି.ଏନ.ଏ.)

ଶେରଗଡ ଆଦର୍ଶ ବିଦ୍ୟାଳୟରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟର ପ୍ରତି ବିଭାଗରେ ୫୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ସ୍କାଉଟ, ଗାଇଡ ଓ ଜୁନିୟର ରେଡକ୍ରସ ବିଭାଗ ଖୋଲାଯାଇଛି। ଆନୁଷ୍ଠାନିକ ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ବଗିଚା ଦେଖିବା ସହ ଚାରା ରୋପଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟରେ ନିୟୋଜତି ସହ ପରିବେଶ ସଫା ରଖିବାକୁ ପରାମର୍ଶ ଦେଇଥିଲେ। ପରେ ନୂତନ ଭାବେ ଖୋଲିଥିବା ବାଳିକା ଛାତ୍ରାବାସ ବୁଲି ଦେଖିଥିଲେ। ପରେ ଗୁଣାତ୍ମକ ଶିକ୍ଷା ନେଇ ବିଦ୍ୟାଳୟର ଅଧକ୍ଷ ଭକ୍ତିରଞ୍ଜନ ବେହେରା ଓ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ନୋଡାଲ ଅଧିକାରୀ ନବୀନ ଚନ୍ଦ୍ର ପାଢ଼ୀ, ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୟୀ ବିଷ୍ଣୁ କେଶରୀ ଉପାଧ୍ୟାୟଙ୍କ ସମେତ ବହୁବ୍ୟକ୍ତି ଯୋଗ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମ ନିମ୍ନମାନର

ଦାରିଙ୍ଗବାଡ଼ି,୧୦।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ତାଜୁଙ୍ଗିଆଠାରୁ ସରାମୁଳି ରାସ୍ତାର କିଲିମେରାଠାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ଉପରେ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ତାଜୁଙ୍ଗିଆ-ସରାମୁଳି ମଧ୍ୟରେ ଯାତାୟାତ ବନ୍ଦ ହୋଇଯାଇଛି। ସେହି ରାସ୍ତାରେ ଏବେ ଭାରିଯାନ ସହ ଯାତ୍ରିବାହୀ ଗାଡ଼ି ଚଳାଚଳ ବନ୍ଦ ରହିଛି। ଚଳିତ ବର୍ଷାରେ ରାସ୍ତା ଉପରେ ଏଭଳି ଗର୍ତ୍ତ ସୃଷ୍ଟି ହୋଇଛି। କୋଟି କୋଟି ଟଙ୍କାରେ ଉକ୍ତ ରାସ୍ତା ସମ୍ପ୍ରସାରଣ କରାଯାଇଥିବାବେଳେ କାମ ନ ସରୁଣୁ ରାସ୍ତାବସ୍ଥା ଶୋଚନୀୟ ହୋଇପଡ଼ିଛି ବୋଲି ସରାମୂଳି ସରପଞ୍ଚ ଚନ୍ଦ୍ରଶେଖର ମୁଠାମାଝୀ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଠିକାସଂସ୍ଥା ଏନ୍‌ବିସିସି ପକ୍ଷରୁ ଉକ୍ତ ବ୍ଲକର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ସଂଯୋଗ କରିବାକୁ ସବୁଦିନିଆ ପକ୍କାରାସ୍ତା ନିର୍ମାଣ କରାଯାଉଥିବାବେଳେ କାର୍ଯ୍ୟରେ ଅନିୟମିତା ଯୋଗୁ ଏଭଳି ପରିସ୍ଥିତି ହୋଇଛି। ଏନ୍‌ବିସିସି ପକ୍ଷରୁ ଅଞ୍ଚଳରେ ପ୍ରାୟ ୨୫ଟି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଇଥିବାବେଳେ ନିମ୍ନମାନର କାର୍ଯ୍ୟ କରାଯାଇଛି। ଏ ସମ୍ପର୍କରେ ବିଧାୟକ ସାଲୁଗା ପ୍ରଧାନ କହିଛନ୍ତି ଯେ, ସେ ଏନେଇ ସରକାରଙ୍କୁ ରିପୋର୍ଟ କରିବେ। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ସୁବୁଦ୍ଧି କହିଛନ୍ତି, ଉକ୍ତ କାର୍ଯ୍ୟ ଆମ ବିଭାଗ କରିନାହିଁ ଅନ୍ୟ ସଂସ୍ଥା କରିଛି, ତଥାପି ଏହାର ତଦନ୍ତ କରିବି ବୋଲି କହିଛନ୍ତି।



ରାସ୍ତା ଉପରେ ସୃଷ୍ଟି ହୋଇଥିବା ଗର୍ତ୍ତ।

■ କାର୍ଯ୍ୟ ନସରୁଣୁ ରାସ୍ତାରେ ଗର୍ତ୍ତ

■ ତାଜୁଙ୍ଗିଆ-ସରାମୁଳି ଯାତାୟାତ ବନ୍ଦ

# ଇଲେକ୍ଟ୍ରୋନିକ୍ସ, ଇତିହାସ ବିଭାଗର ପାଠଚକ୍ର

ଭଞ୍ଜନଗର,୧୦।୯(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଲେକ୍ଟ୍ରୋନିକ୍ସ ବିଭାଗର ଏକ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ଲିଖିତ ସନ୍ଦର୍ଭକୁ ଛାତ୍ର ସୁଦାମ ଗୌଡ଼, ସୌମ୍ୟରଞ୍ଜନ ପ୍ରଧାନ ପାଠ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ରାଜେନ୍ଦ୍ର କୁମାର ଦାସ ତାଙ୍କୁ ସହଯୋଗ କରିଥିଲେ। ରୋବୋଟିକ୍ସ, ଚନ୍ଦ୍ରଯାନ-୨, ମହାକାଶ ଜ୍ଞାନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କିଭଳି ବ୍ୟବହାର କରାଯାଉଛି ଆଲୋଚନା ହୋଇଥିଲା। ଅଧ୍ୟକ୍ଷ ଡ଼. ନୀଳାଞ୍ଚଳ ମୁନି ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ଼. ସୁବାସ ଚନ୍ଦ୍ର ପ୍ରଧାନ, ଡ଼. ବିନୋଦ ଚନ୍ଦ୍ର ଦାସ, ଡ଼. ରବୀନ୍ଦ୍ର ନାଥ ପାଳ ଆଲୋଚନାରେ ଭାଗ ନେଇଥିଲେ। ଏହାପୂର୍ବରୁ ଇତିହାସ ବିଭାଗର ଏକ ସଭା ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଏସ୍.କେ. ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଜ୍ୟୋସ୍ନାରାଣୀ ଦାସ, ଅଧ୍ୟାପକ ଡ଼. ଦାମୋଦର ଷଡଙ୍ଗୀ ଭାଗ ନେଇଥିଲେ।



ଇଲେକ୍ଟ୍ରୋନିକ୍ସ ବିଭାଗର ସନ୍ଦର୍ଭକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ କନାଝୁରୁ ପୋଲ

କୋଟଗଡ,୧୦।୯(ଡି.ଏନ.ଏ.)

କୋଟଗଡ ବ୍ଲକ ସୁବର୍ଣ୍ଣଗିରି ରାସ୍ତାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା କନାଝୁରୁ ନାଳ ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଲଗାଣ ବର୍ଷାରେ ପୋଲର ଦୁଇପାର୍ଶ୍ୱ ଧୋଇଯାଇଛି। ପୋଲ ଉପରେ ସୁବର୍ଣ୍ଣଗିରି, ବାଣ୍ଡିଗୁଡା, ରଡା, ବାନ୍ଦାଗୁଡା, ସାରତୁଲର ବହୁ ଗ୍ରାମବାସୀ ଯିବା ଆସିବା କରିଥାନ୍ତି। ମାଟି ଧୋଇ ଯାଇଥିବାରୁ ଯାନବାହନ ଚଳାଚଳ ବ୍ୟାହତ ହେବାସହ ଅଞ୍ଚଳବାସୀ ଯାତାୟାତ ପାଇଁ ଭୟ କରୁଛନ୍ତି। ତୁରନ୍ତ ବିଭାଗୀୟ ପ୍ରଶାସନ ମରାମତି କରିବାକୁ ପୂର୍ବତନ ସରପଞ୍ଚ ପରାସର ପାଟ୍ଟମାଝୀ, ପୂର୍ବତନ ସମିତିସଭ୍ୟା ସୁରେଖା ପାଟ୍ଟମାଝୀ ମହାରାଜା ବଡସେଟ ପ୍ରମୁଖ ଦାବି କରିଛନ୍ତି।



ରାସ୍ତାରେ ମାଟି ଧସି ଗର୍ତ୍ତ ସୃଷ୍ଟି ହୋଇଛି।

## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ସ୍ମୃତି ରଞ୍ଜନ ମିଶ୍ର (ପପୁ)
ତଡ଼ାସ ରାମହଂସପୁର
ଚନ୍ଦନପୁର, ପୁରୀ
ଆବିର୍ଭାବ: ୨୩।୦୭।୧୯୮୭
(ଶ୍ରାବଣ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୨୬।୦୯।୨୦୧୫
(ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ)
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୪୨୯୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରସନ୍ନ କୁମାର ପାଲ
N-4/ 244, ଆଇ.ଆର୍.ସି. ଭିଲେଜ,
ଭୁବନେଶ୍ୱର
ତିରୋଧାନ: ୨୨।୦୯।୨୦୧୮
(ଭାଦ୍ରବ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି)
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା,
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ।
ତୁମର ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ଶ୍ରଦ୍ଧାଭାବ ଅତୁଳନୀୟ। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
କ୍ରିଷ୍ଣା କୁମାରୀ ପାଲ, ମନୀଷା, ବବଲୁ, ଇଟୁନା, ପାକିନା, ବାବୁ ଓ ପରିବାରବର୍ଗ।
ଧ-୫୬୭୫୪

# ଜୋର ଧରୁଛି ମେଡିକାଲ କଲେଜ ଦାବି

ଫୁଲବାଣୀ ଅଫିସ, ୧୦।୯

କନ୍ଧମାଳ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିବାରେ ଲାଗିଛି। ମଙ୍ଗଳବାର ମିଳିତ ନାଗରିକ ମଞ୍ଚ ଏହି ଦାବିକୁ ଜୋରଦାର କରିଛି। ବାର ଆସୋସିଏଶନ, ପ୍ରେସ କ୍ଲବ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମହିଳା ସଂଘ, ଟ୍ରକ, ବସ୍ ଓ ଅଟୋ ଚାଳକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କୁ ନେଇ ଗଠିତ ମିଳିତ ନାଗରିକ ମଞ୍ଚ ପକ୍ଷରୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। କନ୍ଧମାଳ ଏକ ପଛୁଆ ତଥା ଆଦିବାସୀ ଜିଲା। ଏଠାକାର ଲୋକେ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। ସମାନ୍ୟ ରୋଗ ହେଲେ କଟକ ବଡ ମେଡିକାଲ, ବ୍ରହ୍ମପୁର, ଭୁବନେଶ୍ୱର ଯାଇଥାନ୍ତି। ୧୦ ବର୍ଷ ହେଲା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଦାବି ହୋଇଆସୁଛି। ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ବୌଦ୍ଧ, ସୋନପୁର ଓ ନୟାଗଡ ଜିଲାବାସୀ ମଧ୍ୟ ଉପକୃତ ହେବେ। ନିକଟରେ କେନ୍ଦ୍ର ସରକାର ଦେଶରେ ୭୫ଟି ମେଡିକାଲ କଲେଜ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ସେଥିରୁ କନ୍ଧମାଳରେ ଗୋଟିଏ ପ୍ରତିଷ୍ଠା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ମଞ୍ଚ ଆହାବକ ଅଶୋକ ପରିଡାଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନର କର୍ମକର୍ତା ତଥା ଆଇନଜୀବୀ ବିଜୟ କୁମାର ପଟ୍ଟନାୟକ, ମନୋଜ କୁମାର ପଟ୍ଟନାୟକ, ପ୍ରମୋଦ କୁମାର ମଣ୍ଡଳ, ନବୀନ କିଶୋର ପଣ୍ଡା, ସଞ୍ଜୟ ନାରାୟଣ ମହାପାତ୍ର, ଅଶୋକ କୁମାର ମହାନ୍ତିଙ୍କ ସମେତ ବହୁ ସଂଖ୍ୟାରେ ଜିଲାବାସୀ ଜିଲାପାଳ ଡା. ବୃନ୍ଦା ଡିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି ମିଳିତ ନାଗରିକ ମଞ୍ଚ କର୍ମକର୍ତ୍ତା।

IDBI BANK
ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦

## ସୁନା ଅଳଙ୍କାର ନିଲାମ ନୋଟିସ୍

ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ବନ୍ଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ବ୍ୟାଙ୍କ ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ **ତା.୧୬.୦୯.୨୦୧୯ରିଖ** ମଧ୍ୟାହ୍ନ **୧୨.୦୦** ଘଟିକା ଠାରୁ ଆରମ୍ଭ କରାଯିବ।

| କ୍ର. ନଂ. | ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାର ଗୁଡିକର ବିବରଣୀ | ମୋଟ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା | ନିଲାମ ସ୍ଥାନ |
|---|---|---|---|---|---|
| ୧. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୨୬୦୮/ ଦୁର୍ଗା ମେଡିସିନ୍ ଷ୍ଟୋର୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ, ସା.: ହେରାଗୋହିରୀ ସାହି, ପୁରୀ ଟାଉନ, ପୁରୀ, ପିନ୍-୭୫୨୦୦୧ | ହାର-୧ଟି / ଚେନ୍-୧ଟି | ୨୧.୩୬୫/୩.୪୯୫ | ଟ.୯୭,୩୫୦/-* / ଟ.୯,୭୩୫/- | ଆଇଡିବିଆଇ ଲିଃ., ବଡଶଙ୍ଖ, ଗ୍ରାଣ୍ଡ କନଭେସନ୍ ତଳ, ପୁରୀ-୭୫୨୦୦୨ |
| | | ସମୁଦାୟ | ୩୪.୮୬୦ | | |
| ୨. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୨୫୫୪/ ଶ୍ରୀ ସାଇ ଗାର୍ମେଣ୍ଟସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ହେମନ୍ତ କୁମାର ମହାରଣା, ସା.: ବାଲିସାହି ସାମିଲ ସିଦ୍ଧବକୁଳ ଲେନ୍, ପୁରୀ ମ୍ୟୁନିସିପାଲଟି, ପୁରୀ ଟାଉନ, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ହାର-୧ଟି ସହିତ ଚେନ୍-୧ଟି | ୨୩.୩୬୫ | ଟ.୧,୭୯,୮୫୦/-* / ଟ.୧୭,୯୮୫/- | |
| | | ଝରା-୬ଟି / ହାତ ମୁଦି-୪ଟି | ୧୧.୧୧୦/୧୩.୨୩୫ | | |
| | | ବ୍ରତ-୧ଟି ସହିତ ଲକେଟ-୧ଟି | ୧୫.୭୧୦ | | |
| | | ନୋଳି ଲକେଟ-୧ଟି | ୪.୧୮୫ | | |
| | | ସମୁଦାୟ | ୬୭.୬୦୫ | | |
| ୩. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୨୯୦୫/ ଶ୍ରୀ ସୌମ୍ୟ ରଞ୍ଜନ ଦାସ, ସା.: ଦଉତୋଟା, ଗ୍ରାମ ପଞ୍ଚାୟତ: ପୁରୀ ନଗର ପାଳିକା, କୁମ୍ଭାରପଡା, ପୁରୀ-୭୫୨୦୦୧ | ହାର-୫ଟି / ଚେନ୍-୧ଟି | ୧୨୧.୩୪୦/୧୭.୨୦୫ | ଟ.୭,୧୧,୧୫୦/-* / ଟ.୭୧,୧୧୫/- | |
| | | ରୁଲି-୨ଟି / ହାତ ମୁଦି- ୧୬ଟି | ୩୬.୬୪୦/୫୫.୮୧୫ | | |
| | | ଝରା ଏବଂ ଟପ- ୧୦ଟି / | ୨୦.୧୫୫/ | | |
| | | ଶଙ୍ଖା-୪ଟି | ୫୫.୧୨୦ | | |
| | | ସମୁଦାୟ | ୩୦୬.୨୭୫ | | |
| ୪. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୩୩୮୪/ ସୁପ୍ରିୟା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ତ୍ୱାଧିକାରୀ: କେ. ସୁରେଶ କୁମାର, ଦେବୀଘାଟ, ବାରବାଟି ଲେନ୍, ପୁରୀ-୭୫୨୦୦୧, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.: ୧୮୨୬, ସି-୩, ସିଦ୍ଧି ବିହାର, ଜାଗମରା, ଭୁବନେଶ୍ୱର-୭୫୧୦୩୦ | ହାର-୧ଟି / ଚୁଡ-୩ଟି | ୧୯.୭୨୫/୧୦୩.୪୮୦ | ଟ.୫,୭୯,୧୫୦/-* / ଟ.୫୭,୯୧୫/- | |
| | | ଝିଙ୍କା ଝରା-୧୦ଟି/ ହାତ ମୁଦି- ୩ଟି | ୩୧.୪୧୫/୮.୬୮୫ | | |
| | | କଏନ- ୧ଟି / ବାହୁଟି-୪ଟି | ୧୦.୦୦/୩୯.୮୧୫ | | |
| | | ସମୁଦାୟ | ୨୧୩.୧୨୦ | | |

* ଦର୍ଶିତ ମୂଲ୍ୟ GST ବ୍ୟତିତ। ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ (Closed Bid Public Auction) ସମ୍ପନ୍ନ ହେବ। ଏହାର କପି (ନକଲ) ସଂପୃକ୍ତ ଶାଖା କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ **ତା.୧୧.୦୯.୨୦୧୯ରିଖ** ରୁ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ବିଡ଼ରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: **ତା.୧୬.୦୯.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା।**

ସ୍ଥାନ : ପୁରୀ, ତାରିଖ : ୧୦.୦୯.୨୦୧୯ — ସ୍ୱା/- ଶାଖା ପ୍ରବନ୍ଧକ, ଆଇଡ଼ିବିଆଇ ବ୍ୟାଙ୍କ ଲିଃ.

## ସଂକ୍ଷେପରେ

### ଗୋପାଳପୁର ଶ୍ରମିକ ଏକତା ସଂଘ ଗଠିତ



**ଗଞ୍ଜାମ,୧୦ା୯(ଡି.ଏନ.ଏ.):** ଗଞ୍ଜାମ ବଡ଼ବଜାରସ୍ଥିତ ଆଇଆଇସିଏସ୍‌ଡି କାର୍ଯ୍ୟାଳୟଠାରେ ସୋମବାର ସନ୍ଧ୍ୟାରେ ଗୋପାଳପୁର ବନ୍ଦରରେ କାର୍ଯ୍ୟରତ ଶ୍ରମିକ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ସମାଜସେବୀ ଶ୍ରମିକ ପ୍ରତିନିଧିଙ୍କୁ ନେଇ ମିଳିତ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ସଭାରେ ବନ୍ଦରରେ କାର୍ଯ୍ୟରତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଗୋପାଳପୁର ଶ୍ରମିକ ଏକତା ସଂଘ ଗଠନ କରାଯାଇଥିଲା। ସଭାପତି ଭାବେ ରମେଶ ଚନ୍ଦ୍ର ଦାସ, ସମ୍ପାଦକ ସୂର୍ଯ୍ୟଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଅଭିମନ୍ୟୁ ଦାସଙ୍କୁ ଚୟନ କରାଯାଇଥିଲା। କେ. ଆଦେୟା ରେଡ୍ଡୀ, ବାବୁଲା ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ଜେ. ସହଦେବ ରେଡ୍ଡୀ ପ୍ରମୁଖ ସଂଘର କାର୍ଯ୍ୟନିର୍ବାହୀ ପାଇଁ ମନୋନିତ କରାଯାଇଛି। ଯୁଧିଷ୍ଠିର ପାତ୍ର, ରାଜେଶ କୁମାର ଦାସ, ଉପଦେଷ୍ଟା କମିଟି ସଭ୍ୟ ଥିବା ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ବହୁ ଶ୍ରମିକ ଯୋଗ ଦେଇଥିବାବେଳେ ଶ୍ରମିକ ପ୍ରତିନିଧି ଲକ୍ଷ୍ମୀପ୍ରିୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଖୁଦୁରୁକୁଣୀ ଭସାଣି ଉତ୍ସବ

**ଖଣ୍ଡପଡ଼ା,୧୦ା୯(ସ୍ୱ.ପ୍ର.):** କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସାହିବସ୍ତିର ଯୁବତୀ, ମହିଳାମାନେ ସୋମବାର ଖୁଦୁରୁକୁଣୀ ଭସାଣି ଉତ୍ସବ ପାଳନ କରିଥିଲେ। ପୂର୍ବାହ୍ନରେ ସ୍ଥାନୀୟ ହାଟମୁଣ୍ଡପାଟଣା, ଫକୀର ଅତବୁଦ୍ଧି ପାଟଣା ଆଦି ସାହିର ଝିଅ ଓ ବୟସ୍କା ମହିଳାମାନେ ଦଳ ଦଳ ହୋଇ ଖୁଦୁରୁକୁଣୀ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ସାହି ପରିକ୍ରମା କରାଇ କମେଇ ନଦୀରେ ବିସର୍ଜନ କରିଥିଲେ।

■ ବରପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

# ସ୍କୁଲ ପାଖରେ ପୋଖରି, ପାଚେରି ନାହିଁ

**ଗଞ୍ଜାମ,୧୦ା୯(ଡି.ଏନ.ଏ.)**

ଗଞ୍ଜାମ ଏନ୍‌ଏସି ୱାର୍ଡ ନଂ.୯ ବରପଲ୍ଲୀ ଗ୍ରାମଠାରେ ଅବସ୍ଥିତ ବରପଲ୍ଲୀ ପ୍ରାଥମିକ ବିଦ୍ୟାଳୟ। ୧୯୫୯ରେ ସ୍ଥାପିତ ଏହି ସ୍କୁଲ ଏବେ ବହୁ ସମସ୍ୟା ଦେଇ ଗତି କରୁଛି। ସ୍କୁଲଟି ପୋଖରୀ ନିକଟରେ ଥିଲେମଧ୍ୟ ପାଚେରି ନାହିଁ। ଫଳରେ ଏଠାରେ ପିଲାଙ୍କୁ ପଢ଼ାଇବା ପାଇଁ ଅଧିକାଂଶ ଅଭିଭାବକ ଅନିଚ୍ଛା ପ୍ରକାଶ କରୁଛନ୍ତି । ଯାହା ଫଳରେ ଉପସ୍ଥାନ ବର୍ଷକୁ ବର୍ଷ କମୁଛି। ସ୍କୁଲରେ ଷ୍ଟାଣ୍ଡପୋଷ୍ଟ ଅଛି, ହେଲେ ସେଥିରୁ ଦୂଷିତ ପାଣି ବାହାରୁଛି। ଯାହାକି ପିଇବା ଅନୁପଯୋଗୀ ବୋଲି କହିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମିଶ୍ର। ସ୍କୁଲ ପାଚେରି ନଥିବା ଯୋଗୁ ରିସେସ୍ କିମ୍ବା ଖାଇବା ଛୁଟିରେ ପିଲାମାନଙ୍କୁ ଜଗିବାକୁ ପଡୁଛି। ସ୍କୁଲ ଚାରିପଟେ ଚାଷଜମି ଓ ଘାସବୁଦା ଯୋଗୁ ବେଳେବେଳେ ବିଷଧର ସାପ ସ୍କୁଲ ହତାକୁ ପଶି ଆସୁଛନ୍ତି। ଏଣୁ ପାଚେରି ନିହାତି ଆବଶ୍ୟକ। ପାଚେରି ନଥିବାରୁ ଅଧିକାଂଶ ଅଭିଭାବକ ପିଲାଙ୍କୁ ଏଠାରେ ପଢାଉ ନ ଥିବା କଥାକୁ ସେ ସ୍ୱୀକାର କରିଛନ୍ତି। ଏନେଇ ସ୍କୁଲ ଅଭିଭାବକ କମିଟି ବୈଠକ କରାଯାଇ ଡିପିସିଙ୍କୁ ଲିଖିତ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି।



ପୋଖରୀ ନିକଟରେ ଥିବା ବରପଲ୍ଲୀ ପ୍ରାଥମିକ ବିଦ୍ୟାଳୟ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଃଖ ପାଇଲା ବେଳର କଥା**
**ଉଠିଆରି ବେଳକୁ ନ ଥାଏ ।**

ଯେତେବେଳେ ଦୁଃଖ ଆସେ ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ସେଥିରୁ କେମିତି ଉଦ୍ଧାର ପାଇବ ସେ ନେଇ ଭାଳି ହୋଇଥାଏ। ତେବେ ଯେତେବେଳେ ଦୁଃଖଦୁର୍ଦ୍ଦଶା ଟଳିଯାଏ ସେତେବେଳେ ମଣିଷ ହାଲୁକା ଅନୁଭବ କରିବା ସହ ଦୁଃଖ ବେଳର କଥାକୁ ପାସୋରି ଦେଇଥାଏ। ସୁଖ ଭୋଗ ହେବା ବେଳେ ଦୁଃଖ ବେଳର ଯାତନା ମନରୁ ଶୀଘ୍ର ଭୁଲି ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଖିଲେ କଥା ନ କହେ,**
**ନ ଦେଖିଲେ କାନ୍ଦୁଥାଏ ।**

ଉପର ଠାଉରିଆ ଭଲ ପାଇବା। କେତେକ ବ୍ୟକ୍ତି ମନରେ ପଛେ କିଛି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଦେଖେଇ ହୁଅନ୍ତି। ଆଖି ଛଳ ଛଳ କରି ନିଜର ଭାବ ପଣିଆ ଜାହିର କରିଥାନ୍ତି। ନ ଦେଖିଲେ ନ ଆସିଲେ ମନ କଷ୍ଟ, ଆସିଲେ ଆଡ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ନ ଥାଇ ଆନ୍ତରିକତା ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

**ବୁଗୁଡ଼ା,୧୦ା୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକର ୧୧ଟି କ୍ଲଷ୍ଟରରେ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ତାକରଡ଼ା କ୍ଲଷ୍ଟରରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ସରପଞ୍ଚ ଦମୟନ୍ତୀ ପ୍ରଧାନ, ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀ ଓ ସିଆର୍‌ସିସି ଆଶୁତୋଷ ମିଶ୍ର ଅତିଥି ଭାବେ ଯୋଗ ଦେଇଥିବାବେଳେ ବାଲିପଦର କ୍ଲଷ୍ଟରରେ ବିଇଓ ରସାନନ୍ଦ କର ଯୋଗଦେଇ ବିଦ୍ୟାଳୟମାନଙ୍କର ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ। ସେହିପରି ପଙ୍କଲବାଡ଼ି କ୍ଲଷ୍ଟରରେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ସାହୁ ଯୋଗ ଦେଇଥିବାବେଳେ ବୁଗୁଡ଼ା ଏନ୍‌ଏସି କ୍ଲଷ୍ଟରରେ ଏବିଇଓ ପୀତାମ୍ବର ବିଷୋୟୀ ଅତିଥି ରୂପେ ଯୋଗ ଦେଇଥିଲେ । ସେହିପରି ରାମଣ୍ଡା, ମାଣିତରା, ବିରଞ୍ଚିପୁର, କରଚୁଲି, ଅନ୍ତରପଡ଼ା, ଗୋଲିଆ, ବିଷ୍ଣୁଚକ୍ର ଓ ତାଳଶାକର କ୍ଲଷ୍ଟରରେ ମଧ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ କ୍ଲଷ୍ଟରମାନଙ୍କରେ ସମ୍ପୃକ୍ତ ସିଆରସିସିମାନେ ଉପସ୍ଥିତ ଥିଲେ।



ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ, ଶିକ୍ଷକ।

## ଗୃହରକ୍ଷୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୧୦ା୯(ସ୍ୱ.ପ୍ର.)**

ଖଣ୍ଡପଡା ଥାନା ଅଧୀନରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଗୃହରକ୍ଷୀମାନଙ୍କ ମଧ୍ୟରୁ ଇତିମଧ୍ୟରେ ୫ଜଣ ଅବସର ଗ୍ରହଣ କରଛନ୍ତି। ଖଣ୍ଡପଡା ଶୁଭମଣ୍ଡପ ପରିସରରେ ରବିବାର ଆୟୋଜିତ ଉତ୍ସବରେ ସେମାନଙ୍କୁ ଉତ୍ତରୀୟ, ଉପହାର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଖଣ୍ଡପଡା ଏସଡିପିଓ ଶ୍ରୀନୀବାସ ମହାନ୍ତି ମୁଖ୍ୟଅତିଥି ଓ ନୟାଗଡ ଜିଲା ଗୃହରକ୍ଷୀ ସଂଘ ସଭାପତି ରଘୁନାଥ ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅବସର ନେଇଥିବା ଗୃହରକ୍ଷୀ ଜୟକୃଷ୍ଣ ପ୍ରଧାନ, ବୈକୁଣ୍ଠନାଥ ସାହୁ, ପରଲୋକଗତ ଗୃହରକ୍ଷୀ ଦେବରାଜ ପଣ୍ଡାଙ୍କ ପୁତ୍ର କୈଳାସ ଚନ୍ଦ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ଚିକିଟିରେ ଚୋରାମଦ କାରବାର ବୃଦ୍ଧି

**ଚିକିଟି,୧୦ା୯(ଡି.ଏନ.ଏ.)**

କେ.ନୂଆଗାଁ ଥାନା ଚିକିଟି ଓ ଆଖପାଖ ଅଞ୍ଚଳରେ ଚୋରାମଦ କାରବାର ବୃଦ୍ଧି ପାଉଛି। ପାନ ଦୋକାନ ଠାରୁ ଆରମ୍ଭ କରି ହୋଟେଲ, ଢାବାମାନଙ୍କରେ ମଦ ମିଳୁଛି। ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଦୂର ହୋଇଥିବାରୁ ପାନ ଦୋକାନୀ, ଢାବା, ହୋଟେଲ ମାଲିକମାନେ ଏହାର ସୁଯୋଗ ଉଠାଉଛନ୍ତି। ଅପରପକ୍ଷରେ ଆନ୍ଧ୍ରରୁ ନକଲି ବିଦେଶୀ ମଦ ଆଣି ବିକ୍ରି ଚାଲିଛି। ଏଥିପ୍ରତି ନା ପୋଲିସ୍ ନା ଅବକାରୀ ବିଭାଗ କେହି ମଧ ଗୁରୁତ୍ୱ ଦେଉନାହାନ୍ତି। ଏପରିକି ରାସ୍ତା କଡରେ ମଧ ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସୂଚନାଯୋଗ୍ୟ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାର୍ଚ୍ଚ ୧୭, ୨୦୧୮ରେ ଧାନଘର ଛକରେ ଥିବା କେତୋଟି ପାନ ଦୋକାନରେ ଚଢାଉ କରି ୧୦୦ ଲିଟର ବିଦେଶି ମଦ ଜବତ କରାଯାଇଥିଲା। ଏହି ଚଢାଉରେ ବ୍ରହ୍ମପୁର ଉପଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଚିକିଟି ତହସିଲ୍‌ଦାର ଇନ୍ଦିରା ସାହୁ, ଅତିରିକ୍ତ ତହସିଲ୍‌ଦାର ଡ. ଶକ୍ତିପ୍ରସାଦ ଶ୍ରୀଚନ୍ଦନ ସାମିଲ ଥିଲେ। ସେହିଭଳି ଡିସେମ୍ବର ୧୧, ୨୦୧୮ରେ ଚିକିଟି ଅତିରିକ୍ତ ତହସିଲ୍‌ଦାର ଶ୍ରୀଚନ୍ଦନ ଧାନଘର ଛକରେଥିବା ଦୋକାନମାନଙ୍କରେ ଚଢାଉ କରି ୮୩ ବୋତଲ ବିଦେଶୀ ମଦ ଜବତ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରିଥିଲେ। ଅଗଷ୍ଟ ୯, ୨୦୧୯ରେ ଚିକିଟିପେଣ୍ଟରେ ଅବସ୍ଥିତ ହୋଟେଲରେ ଚଢାଉ କରି ଜଣଙ୍କୁ କୋର୍ଟ ଚାଲାଣ କରିଥିଲେ। ଏ ସମ୍ପର୍କରେ ଚିକିଟି ଅବକାରୀ ବିଭାଗର ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଯୋଗାଯୋଗବେଳେ ଏନେଇ ଆମ ପାଖରେ କୌଣସି ଅଭିଯୋଗ ଆସିନାହିଁ। ଆସିଲେ ପୋଲିସ୍ ସହାୟତାରେ ଚଢାଉ କରାଯିବ ବୋଲି କହିଛନ୍ତି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY
BUSINESS
EDUCATION
FINANCE

CAPITAL FINANCE
8607237523

TIRUPATI FINANCE
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

JIWAN JYOTI FINANCE LTD.
(Reg. No. - U6519TN198PLC00855)
7310644620
9499439810
VISHAL ENCLAVE, M. ROAD, UP

MY PROMISE
9899587663
8743922900

81 26 92 24 05

GTL Telecom Network Company
9348700276
8676907143

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi. We also offered Course (OT Technician, DMLT X-ray Technician)
Contact No: 9437425759 8280476992
Email : maataratarinison@gmail.com

BASUNDHAR FINANCE
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

REQUIRED / LOAN
HARI OM FINANCE
8394004932
8394004961
8394004898

LOAN
8929619951, 8395859853

BUSINESS
9499452368

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University UGC & NCTE Approved Equivalent to Govt. of Odisha
NIDT B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204062
9438286091

NRC FINANCE
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

Dhanalaxmi Finance
Regd. No.-U6519TN198PLC00855
HELPLINE
8859690149

Contact No.
7323867664
9065828165
New Ashok Nagar, East Delhi, Delhi

FINANCE
SHREE FINANCE
Mob: 9351833615

9540938429
9903852257

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

**ବ୍ରହ୍ମପୁର**

- ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା। ସ୍ଥାନ-ଖଲ୍ଲିକୋଟ କଲେଜ, ରାଜନୀତି ବିଜ୍ଞାନ ବିଭାଗ। ସମୟ- ପୂର୍ବାହ୍ନ ୧୧ଟା।
- ବିଶ୍ୱ ମାତୃତ୍ୱ ଦିବସ। ସ୍ଥାନ-ବ୍ରିଟ୍ କଲୋନୀ, ହାଉସିଂ ବୋର୍ଡ। ସମୟ- ସନ୍ଧ୍ୟା ୬.୧୫ମି.

## 'ଦାମିନୀ ଗୋ ଦାମିନୀ' କବିତା ସଂକଳନ ଉନ୍ମୋଚିତ

**ବ୍ରହ୍ମପୁର ଅଫିସ୍,୧୦।୯:** କବି ବିପ୍ର ଆଚାର୍ଯ୍ୟଙ୍କ ଅଷ୍ଟମ କବିତା ସଂକଳନ 'ଦାମିନୀ ଗୋ ଦାମିନୀ' ବ୍ରହ୍ମପୁର ସ୍ଥିତ ଉତ୍ତେରେଶ୍ୱର ମଣ୍ଡପରେ ଉନ୍ମୋଚିତ ହୋଇଯାଇଛି । ଗାଳ୍ପିକା ସ୍ୱର୍ଗତା ଦାମିନୀ ଆଚାର୍ଯ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଯୋଗ ଦେଇଥିଲେ । ନିଜର ଅଭିଭାଷଣରେ ସେ ସ୍ୱର୍ଗତା ଦାମିନୀଙ୍କ ସାହିତ୍ୟିକ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟ ଏକାଡ଼େମୀ ସଦସ୍ୟ ସୁଶାନ୍ତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ହରିହର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ. ଶାନ୍ତନୁ ରଥ, ଅବନୀ ଦାଶ ବକ୍ତବ୍ୟ ରଖିଥିଲେ । କବି ବିପ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଯୋଗ ଦେଇଥିଲେ ।

## କନିଷ୍ଠ ଯନ୍ତ୍ରୀଙ୍କୁ ଗାଳିଗୁଲଜ ଅଭିଯୋଗ, ମହିଳା କୋର୍ଟଚାଲାଣ

**ଗୋପାଳପୁର,୧୦।୯:** ଗୋପାଳପୁର ଏନ୍‌ଏସିର କନିଷ୍ଠ ଯନ୍ତ୍ରୀଙ୍କୁ ଗାଳିଗୁଲଜ, ଧମକଚମକ ଦେବା ଅଭିଯୋଗରେ ଗୋପାଳପୁର ପୋଲିସ ମଙ୍ଗଳବାର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଏନ୍‌ଏସି ଅଞ୍ଚଳର ପାର୍ବତୀ ଆକ୍ଷା ।

ପ୍ରକାଶ ଯେ, ଏହି ଥାନା ଅନ୍ତର୍ଗତ ପାର୍ବତୀ ଅଗଷ୍ଟ ୩୦ ତାରିଖ ମଧ୍ୟାହ୍ନରେ ଏନ୍‌ଏସିକୁ ଯାଇ କୌଣସି ଏକ କଥାକୁ ନେଇ କନିଷ୍ଠ ଯନ୍ତ୍ରୀ ହିସି ହାଂସଦାଙ୍କ ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ ପାର୍ବତୀ କନିଷ୍ଠ ଯନ୍ତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିଲେ। ଘଟଣାଟି କାର୍ଯ୍ୟାଳୟରେ ଲାଗିଥିବା ସିସି ଟିଭି ଫୁଟେଜ୍‌ରେ ରେକର୍ଡ ହୋଇଥିଲା। ଏନେଇ ହାଂସଦା ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ନଂ. ୯୨/୧୯ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ବେଳେ ଘଟଣା ପରଠାରୁ ପାର୍ବତୀ ଫେରାର ଥିଲେ । ମଙ୍ଗଳବାର ଘରେ ଥିବା ସମୟରେ ଖବର ପାଇ ପୋଲିସ ଚଢ଼ାଉ କରି ପାର୍ବତୀଙ୍କୁ ଗିରଫ କରିଥିଲା ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ■ ୫ ହଜାର ବିଦ୍ୟାର୍ଥୀଙ୍କ ପାଇଁ ନାହାନ୍ତି ଆବଶ୍ୟକ ଶିକ୍ଷକ

# ୯୦ ଅଧ୍ୟାପକ ପଦବୀରୁ ୫୫ ଖାଲି

**ବ୍ରହ୍ମପୁର ଅଫିସ, ୧୦।୯**

ବ୍ରହ୍ମପୁର ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବେ ଗୁରୁତ୍ୱ ହରାଇବାକୁ ବସିଛି। ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନ ଥିବାରୁ ମହାବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ବିଗତ ଦିନରେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଘୋଷଣା ପରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଏହାକୁ ବହୁ ପଛକୁ ନେଇଯାଇଥିବା ଅଭିଯୋଗ ହୋଇଛି ।

ଦୀର୍ଘ ବର୍ଷର ଦ୍ୱନ୍ଦ୍ୱ ପରେ ଖଲ୍ଲିକୋଟ ମହାବିଦ୍ୟାଳୟ କ୍ୟାମ୍ପସରୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବିବାଦ ଯୋଗୁ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ହୋଇ ପାରି ନ ଥିବାରୁ ଏବେ ଅଧ୍ୟାପକ ମରୁଡି ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଯାହା ଶିକ୍ଷାର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ମିଳିଥିବା ସୂଚନା ପ୍ରକାରେ, ଉକ୍ତ ମହାବିଦ୍ୟାଳୟକୁ ୨୦୧୫ ମେ ମାସରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଇଥିଲା । ପରବର୍ତ୍ତୀ ସମୟରେ ଘୋଷଣା କରାଯାଇଥିବା ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଦର୍ଶାଯିବା ଫଳରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ନେଇ ଦ୍ୱନ୍ଦ୍ୱ ଦେଖା ଦେଇଥିଲା। ଗୋଟିଏ ପଟେ ଖାଲିଥିବା ପଦବୀ ପୂରଣ ହୋଇ ନ ଥିବା ବେଳେ ବିଶ୍ୱବିଦ୍ୟାଳୟ ଘୋଷଣା ଓ ଦ୍ୱନ୍ଦ୍ୱ ଯୋଗୁ ୨୦୧୬ରେ ମହାବିଦ୍ୟାଳୟରେ ନୂତନ ଭାବେ ସୃଷ୍ଟି ହେବାକୁ ଥିବା ୪୦ ଅଧ୍ୟାପକ ପଦବୀ ପୂରଣ ନ ହୋଇ ବନ୍ଦ ହୋଇଯାଇଛି। ଏପରିକି ଗତ ୪ ବର୍ଷ ଧରି ୟୁଜିସିରେ ମହାବିଦ୍ୟାଳୟ ନାମ ରେଜିଷ୍ଟ୍ରେଶନ ହୋଇ ନ ଥିବା ମଧ୍ୟ ସୂଚନା ମିଳିଛି ।

ମହାବିଦ୍ୟାଳୟରେ ବର୍ତ୍ତମାନ ୧୮ ବିଭାଗ ରହିଥିବା ବେଳେ ସେଥିରୁ ୧୬ଟିରେ ସ୍ନାତକୋତ୍ତର ପାଠ୍ୟକ୍ରମ ରହିଛି। କିନ୍ତୁ ଅନେକ ବିଭାଗରେ

**ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ**




■ହିନ୍ଦୀ, କମ୍ପ୍ୟୁଟର ସାଇନ୍ସ, ଅର୍ଥନୀତି, ଷ୍ଟାଟିଷ୍ଟିକ୍ସରେ ଅଧ୍ୟାପକ ଶୂନ୍
■ଖାଲିପଡିଛି ୧୧ ପ୍ରଫେସର ପଦବୀ

ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନାହାନ୍ତି। ୧୮ ବିଭାଗ ପାଇଁ ମୋଟ ୯୦ ଅଧ୍ୟାପକ ପଦବୀ ରହିଥିବା ବେଳେ ୫୫ ପଦବୀ ଖାଲିପଡିଛି। ସେଥିରୁ କମ୍ପ୍ୟୁଟର ସାଇନ୍ସ, ଅର୍ଥନୀତି, ହିନ୍ଦୀ, ଷ୍ଟାଟିଷ୍ଟିକ୍ସରେ ଅଧ୍ୟାପକ ପଦବୀ ସମ୍ପୂର୍ଣ୍ଣ ଖାଲି ପଡିଛି। ଏହା ବ୍ୟତୀତ ଅନ୍ୟାନ୍ୟ ବିଭାଗରେ ଅଧାରୁ ଅଧିକ ପଦବୀ ଖାଲି ପଡିଛି । ଏହାବ୍ୟତୀତ ୨୦୧୩ରୁ ସୃଷ୍ଟି ହୋଇଥିବା ୧୧ ପ୍ରଫେସର ପଦବୀ ମଧ୍ୟ ଏଯାଏ ଖାଲି ପଡିଛି। ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ନେଇ ୨୦୧୬ରେ ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ପଠାଯାଇଥିବା କୁହାଯାଇଛି । ଚଳିତ ବର୍ଷ ସମସ୍ତ ମହାବିଦ୍ୟାଳୟରେ ଖାଲିଥିବା ପଦବୀରେ ଅଧ୍ୟାପକ ନିଯୁକ୍ତି ହୋଇଥିବା ବେଳେ ଖଲ୍ଲିକୋଟ ମହାବିଦ୍ୟାଳୟକୁ ଏଥିରୁ ବାଦ ଦିଆଯାଇଥିବା ଜଣାପଡିଛି। ବର୍ତ୍ତମାନ ଏଠାରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଚଳିତ ବର୍ଷ ପ୍ରାୟ ୧୮୦୦ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି । କିନ୍ତୁ ଏଠାରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ଯୋଗୁ ଏବେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଖାଲିଥିବା ପଦବୀ ପୂରଣ ଦେଇ ବିଭିନ୍ନ ମହଲରେ ଦାବି ହୋଇଛି । ଏ ସମ୍ପର୍କରେ ଅଧକ୍ଷା ଉତ୍ତମା ଜେନାଙ୍କୁ ପଚାରିବାରୁ ଅଧ୍ୟାପକ ନିଯୁକ୍ତି ସମ୍ପର୍କରେ ସରକାରଙ୍କୁ ଲିଖିତ ଭାବେ ଜଣାଯାଇଥିବା ସେ କହିଛନ୍ତି ।

## ବନ ବିଭାଗର ଚଢାଉ: ଦରପୋଡା ବାର୍‌ହା ଜବତ

**ପୁରୁଷୋତ୍ତମପୁର,୧୦।୯ (ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକ ଭାଟକୁମରଡା ମେଡିକାଲ ଛକ ନିକଟରେ କେତେଜଣ ଶିକାରୀ ମଙ୍ଗଳବାର ଏକ ବାର୍‌ହାକୁ ପୋଡି ମାଂସ ବିକ୍ରି କରିବାକୁ ଯୋଜନା କରୁଥିବା ପୁରୁଷୋତ୍ତମପୁର ଫରେଷ୍ଟର ପ୍ରଶାନ୍ତ କୁମାର କାର୍ଜି ଖବର ପାଇଥିଲେ। ସଦଳବଳେ ସେଠାରେ ଚଢାଉ କରିଥି ଦରପୋଡା ବାର୍‌ହାକୁ ଜବତ କରିଥିଲେ। ମାତ୍ର ଶିକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଦରପୋଡା ବାର୍‌ହାଟିକୁ ଜବତକରି ପୁରୁଷୋତ୍ତମପୁର ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କୁ ଡକାଇ ମୃତ ବାର୍‌ହାଟିର ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ବାର୍‌ହାଟିର ବୟସ ପ୍ରାୟ ୫ ବର୍ଷ ଓ ଓଜନ ପ୍ରାୟ ୬୦ ରୁ ୭୦ କେଜି ହେବ ବୋଲି ଜଣାପଡିଛି। ଏନେଇ ମାମଲା ରୁଜୁକରିବାକୁ ଖଲ୍ଲିକୋଟ ରେଞ୍ଜ ଅଫିସକୁ ଜଣାଇ ଦିଆଯାଇ ଘଟଣାର ତଦନ୍ତ ଚାଲିଥିବା ଫରେଷ୍ଟର କାର୍ଜି କହିଛନ୍ତି।

### ■ ଶ୍ରମିକ ପଞ୍ଜୀକରଣ ସୁବିଧା ପ୍ରଦାନ ଦାବି

# ୨୦ରେ ବିଭିନ୍ନ ଶ୍ରମିକ ସଂଗଠନର ଆନ୍ଦୋଳନ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ,୧୦।୯**

ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଶ୍ରମିକ ମାରଣନୀତି ବିରୋଧରେ ଏବଂ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ପ୍ରକାର ସୁବିଧା ପ୍ରଦାନରେ ସରକାରଙ୍କ ବିଫଳତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ନିର୍ମାଣ ଓ ଅସଂଗଠିତ ଶ୍ରମିକ ୟୁନିୟନ୍ ସମନ୍ୱୟ ସମିତି। ଏହାର ପ୍ରତିବାଦରେ ଆସନ୍ତା ୨୦ତାରିଖରେ ବ୍ରହ୍ମପୁର ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ କରାଯିବ। ଏଥିରେ ୬ ଶ୍ରମିକ ସଂଗଠନ ଯଥା ଏଆଇଟିୟୁସି, ଟିୟୁସିଆଇ, ଏଚ୍‌ଏମ୍‌ଏସ୍, ଆଇଏନ୍‌ଟିୟୁସି, ଆଇଏଫ୍‌ଟିୟୁ ଏବଂ ବିଏମ୍‌ଏମ୍ ଭାଗ ନେବେ। ତେବେ ଅନ୍ୟ କେତେକ ଶ୍ରମିକ ସଂଗଠନ ମଧ୍ୟ ଏହି ଆନ୍ଦୋଳନରେ ସାମିଲ୍ ହେବାର ସମ୍ଭାବନା ରହିଛି। ମଙ୍ଗଳବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମିତି ପକ୍ଷରୁ ଏନେଇ ସୂଚନା ଦିଆଯାଇଛି ।

ଜିଲାର ୨ ଶ୍ରମ ଜିଲା କାର୍ଯ୍ୟାଳୟରେ ୨ ଲକ୍ଷରୁ ଅଧିକ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ଆହୁରି ଅନେକ ଆବେଦନ କରିଛନ୍ତି। ହେଲେ ଶ୍ରମ କାର୍ଯ୍ୟାଳୟଗୁଡ଼ିକରେ ଆବଶ୍ୟକ କର୍ମଚାରୀ ନ ଥିବା ଯୋଗୁ ଆବେଦନଗୁଡ଼ିକ କାର୍ଯ୍ୟକାରୀ ହୋଇପାରୁନି । ପ୍ରାୟ ୯୦ଭାଗ କାର୍ଯ୍ୟ ୟୁନିୟନ୍‌ଗୁଡ଼ିକୁ କରିବାକୁ ପଡୁଛି। ଶ୍ରମ କାର୍ଯ୍ୟାଳୟର ଅଧିକାରୀମାନେ ଶ୍ରମିକମାନଙ୍କୁ ବିଭ୍ରାନ୍ତ କରୁଛନ୍ତି। ଶ୍ରମିକ ସଂଗଠନ ବଦଳରେ ଦଲାଲ୍‌ଙ୍କ ପାଖକୁ ଯିବାକୁ ଶ୍ରମିକଙ୍କୁ ଏକପ୍ରକାର ବାଧ୍ୟ କରାଯାଉଛି। ଅନ୍ୟପଟେ କେବଳ ସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଏହା ସମ୍ପୂର୍ଣ୍ଣ ଶ୍ରମିକ ବିରୋଧୀ। ଏହାକୁ ପ୍ରତ୍ୟାହାର କରାଯାଉ । ଏତଦ୍ ବ୍ୟତୀତ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ୧୨ଦଫା ଦାବି ପୂରଣ କରିବା ଦିଗରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଏଆଇଟିୟୁସିର ପ୍ରବୀଣ ଦାସ, ଟିୟୁସିଆଇର ଶଙ୍କର ସାହୁ, ଆଇଏଫ୍‌ଟିୟୁର ପ୍ରତାପ ପ୍ରଧାନ, ବିଏମ୍‌ଏସ୍‌ର ରାଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁକୂଳଚନ୍ଦ୍ରଙ୍କ ଭାଦ୍ରବ ପରିକ୍ରମା

**ପୋଲସରା,୧୦।୯(ଡି.ଏନ.ଏ.)**

ପୋଲସରା ଏନ୍‌ଏସିସ୍ଥିତ ବ୍ଲକ ଛକ ମାତୃଶକ୍ତିକଲ୍ୟାଣ ମଣ୍ଡପରେ ଏସ୍‌ପିଆର ଭ୍ରମରବର ସାହୁଙ୍କ ପରିଚାଳନାରେ ସମସ୍ତ କର୍ମୀଙ୍କ ଉପସ୍ଥିତରେ ତ୍ରୟୋଦଶତମ ଭାଦ୍ରବ ପରିକ୍ରମା ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମନୋରଞ୍ଜନ ସ୍ୱାଇଁ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ ପୋଲସରା ଏବଂ ଏହାର ଆଖପାଖ ଅଞ୍ଚଳରୁ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷଙ୍କ ସମାଗମ ହୋଇଥିଲା। ସମାବେଶରେ ବହୁ ବୁଦ୍ଧିଜିବୀ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଗୁରୁଭାଇ କୁଳମଣି ଭାଇ, କିଶୋର ଭାଇ, ପବିତ୍ର ଭାଇ, ପ୍ରଣୟ ଭାଇ, ସଞ୍ଜୟ ଭାଇ, ଟୁକୁନା ଭାଇଙ୍କ ସମେତ ବହୁ ଗୁରୁଭାଇମାନେ ଯୋଗ ଦେଇଥିଲେ।

## ହୃଦ୍‌ଘାତରେ ଶିକ୍ଷକଙ୍କ ମୃତ୍ୟୁ

**ପୋଲସରା,୧୦।୯(ଡି.ଏନ.ଏ.)**

ପୋଲସରା ବ୍ଲକ ଖଇଖତ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ନିୟମିତ ଶିକ୍ଷକ (ଏକ୍ସ-କ୍ୟାଡ଼ର) ଲମ୍ବୋଦର ଦାସଙ୍କର ସୋମବାର ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଏଥିଯୋଗୁ ଶିକ୍ଷକ ମାନଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି ।

## ମା'ବୁଢ଼ୀ ଠାକୁରାଣୀ ଦର୍ଶନ କଲେ ଆନ୍ଧ୍ର ବାଚସ୍ପତି

**ବ୍ରହ୍ମପୁର ଅଫିସ୍,୧୦।୯**

ଆନ୍ଧ୍ରପ୍ରଦେଶ ବିଧାନସଭା ବାଚସ୍ପତି ଟି.ସୀତାରାମ ମଙ୍ଗଳବାର ସକାଳେ ବ୍ରହ୍ମପୁରର ମା' ବୁଢୀ ଠାକୁରାଣୀଙ୍କୁ ଦର୍ଶନ କରିଛନ୍ତି। ବାଚସ୍ପତି ସପରିବାର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ସେ ଖବରଦାତାଙ୍କ ସହ କଥା ହେବା ବେଳେ କହିଥିଲେ, ସେ ପୂର୍ବରୁ ବହୁଥର ବୁଢୀ ଠାକୁରାଣୀଙ୍କ ଦର୍ଶନ କରିଛନ୍ତି। ମା' ବହୁତ ଶକ୍ତିଶାଳୀ। ସମସ୍ତଙ୍କ ମନସ୍କାମନା ପୂରଣ କରନ୍ତି । ମା'ଙ୍କ ମହିମା ତାଙ୍କୁ ସବୁଥର ଏଠାକୁ ଟାଣିଆଣୁଛି। ମା' ବୁଢୀ ଠାକୁରାଣୀଙ୍କ ଅପାର କୃପା ଯୋଗୁ ବ୍ରହ୍ମପୁର ସହରରେ ଶାନ୍ତି ବଜାୟ ରହିଛି। ଲୋକମାନେ ଖୁସିରେ ବଞ୍ଚୁଛନ୍ତି ବୋଲି ବାଚସ୍ପତି ସୀତାରାମ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ, ପ୍ରାୟ ୨ ବର୍ଷ ପୂର୍ବେ ଶେଷ ଥର ପାଇଁ ବ୍ରହ୍ମପୁରକୁ ଆସିଥିଲି। ଏହା ଭିତରେ ସହରରେ ବହୁତ ଉନ୍ନତି ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ଧନ୍ୟବାଦର ଯୋଗ୍ୟ ବୋଲି ସେ କହିଥିଲେ। ମା' ବୁଢୀ ଠାକୁରାଣୀଙ୍କ ମନ୍ଦିରରେ ଦର୍ଶନ ପରେ ସୀତାରାମ ସପରିବାର ମା' ଭୈରବୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ସେଠାରୁ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ଅଭିମୁଖେ ବାହାରିଥିଲେ। ସୋମବାର ରାତିରେ ସେ ବ୍ରହ୍ମପୁରରେ ପହଞ୍ଚିବା ପରେ କମାପଲ୍ଲୀସ୍ଥିତ ନିଜ ସମ୍ପର୍କୀୟଙ୍କ ଘରେ ରାତ୍ରିଯାପନ କରିଥିଲେ।

**ଉନ୍ନୟନ କାମ ଦେଖି ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଧନ୍ୟବାଦ**



ମା' ବୁଢୀ ଠାକୁରାଣୀଙ୍କ ମନ୍ଦିରରେ ବାଚସ୍ପତି ଟି.ସୀତାରାମ ଏବଂ ପରିବାରର ସଦସ୍ୟମାନେ ।

# ୫ ଫେରାର ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୧୦।୯**

**ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣା**

ଧାର ଟଙ୍କା ମାଗିବାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲାର ଫେରାର ୫ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ମଙ୍ଗଳବାର ମାମଲା ନଂ.୨୧୮/୧୯ରେ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଆମ୍ବଗଡ ଗ୍ରାମର ସନ୍ତୋଷ ବେହେରା, ହରିଶ୍ଚନ୍ଦ୍ର ମହାକୁଡ, ସନ୍ତୋଷ ଓରଫ ପେଟୁ ବେହେରା, ମଣ୍ଟୁ ବେହେରା ଓ ବୁଲୁ ବେହେରା। ପୋଲିସ ସନ୍ତୋଷଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ଲୁହା ପଞ୍ଚ(ଲୁହାର ଏକ ମାରଣାସ୍ତ୍ର) ଜବତ କରିଥିବା କହିଛି। ପ୍ରକାଶ ଯେ, ଆମ୍ବଗଡ ଗ୍ରାମର କୁରେଶ ପଣ୍ଡାଙ୍କଠାରୁ ହରିଶ୍ଚନ୍ଦ୍ର ମହାକୁଡ଼ କୌଣସି କାମ ପାଇଁ ୫ ହଜାର ଟଙ୍କା ଧାର ନେଇଥିଲେ। ହରିଶ୍ଚନ୍ଦ୍ର ଟଙ୍କା ଫେରସ୍ତ କରିପାରି ନ ଥିଲେ। ଟଙ୍କା ମାଗିବାରୁ ହରିଶ୍ଚନ୍ଦ୍ର ରାଗି ଯାଇ କୁରେଶଙ୍କୁ ଧମକଚମକ ଦେଉଥିଲେ। ଅଗଷ୍ଟ ୨୨ ତାରିଖ ରାତି ପ୍ରାୟ ୯ଟା ବେଳେ କୁରେଶ ଗାଁ ମୁଣ୍ଡରେ ଥିବା ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ସେଠାରୁ ସେ ଘରକୁ ଫେରୁଥିବା ବେଳେ ହରିଶ୍ଚନ୍ଦ୍ର ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଘାତକ ଆକ୍ରମଣ କରିଥିଲେ। ଏପରିକି କୁରେଶଙ୍କ ତଣ୍ଟି ଚିପି ଜୀବନରେ ମାରିଦେବାକୁ ହରିଶ୍ଚନ୍ଦ୍ର ଉଦ୍ୟମ କରିଥିଲେ। ପରେ କୁରେଶ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସୋମବାର ପୋଲିସ ସନ୍ତୋଷ ବେହେରାଙ୍କୁ ଫାଷ୍ଟଗେଟ ନିକଟରୁ ଗିରଫ କରି ଜେରା କରିଥିଲା। ତାଙ୍କ ବୟାନକୁ ଆଧାର କରି ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଥିଲା ବୋଲି ପୋଲିସ ସୂଚନା ଦେଇଛି।



ଗିରଫ ୫ ଅଭିଯୁକ୍ତ।

### ■ ୨୪ନଂ. ୱାର୍ଡ ବିଜିପୁରରେ ଶ୍ରମିକ ସମାବେଶ

# ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ୨ ଶହ କାର୍ଡ ବଣ୍ଟନ

**ବ୍ରହ୍ମପୁର ଅଫିସ,୧୦।୯**

ବ୍ରହ୍ମପୁର ମହାନଗର ନିଗମ ୨୪ନଂ. ୱାର୍ଡରେ ୨ ଶହ ମହିଳା ଓ ପୁରୁଷ ନିର୍ମାଣ ଶ୍ରମିକଙ୍କୁ ଗଞ୍ଜାମ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଚିହ୍ନଟ (ଲେବର) କାର୍ଡ ମଙ୍ଗଳବାର ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ବିଜିପୁର କାଳୁଆ ମନ୍ଦିର ପରିସରରେ ଏହି ଉପଲକ୍ଷେ ଅନୁଷ୍ଠିତ ସମାବେଶରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରମିକଙ୍କ ସମୂହ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିବା ପଦକ୍ଷେପ ସମ୍ପର୍କରେ ସମବେତ ଶ୍ରମିକଙ୍କୁ ଏମ୍‌ପି ସଚେତନ କରାଇଥିଲେ। ଏହା ଦ୍ୱାରା ଶ୍ରମିକ ଏବଂ ସେମାନଙ୍କ ପରିବାରକୁ ମିଳୁଥିବା ସୁବିଧା ନେଇ ଏମ୍‌ପି ଅବଗତ କରାଇଥିଲେ ।

ସମ୍ପୃକ୍ତ ୱାର୍ଡର ପୂର୍ବତନ କର୍ପୋରେଟର ତଥା ଗଞ୍ଜାମ ଜିଲା ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଡିଏର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ବଖାଣିଥିଲେ। ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସମ୍ପାଦକ ଉଜ୍ଜ୍ୱଳ ଚାନ୍ଦ ପାଢ଼ୀ ଉପସ୍ଥିତ ଥିଲେ। ସାମ୍ମୁଖ୍ୟର ଆଭିମୁଖ୍ୟ ଏବଂ ଗଞ୍ଜାମରେ କେତେ ଶ୍ରମିକ ଉପକୃତ ହୋଇଛନ୍ତି ସେହି ହିସାବ ଉପସ୍ଥାପନ କରିଥିଲେ ।

ସୂଚନାଯୋଗ୍ୟ, ବିଜିପୁର ଅଞ୍ଚଳରେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଶ୍ରମିକ ଅଛନ୍ତି। ସେମାନେ ପ୍ରତିଦିନ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା ପୂର୍ବତନ କର୍ପୋରେଟର ସଂଘମିତ୍ରା ଦର୍ଶାଇଥିଲେ। ଶ୍ରମିକ ସାମ୍ମୁଖ୍ୟର ଲେବର କାର୍ଡ ପାଇବା ଦ୍ୱାରା ସେମାନଙ୍କୁ ଅନେକ ସୁବିଧା ମିଳିବ ବୋଲି ସେ ସୂଚାଇଥିଲେ । ଯୁବ ନେତା ଭୀମସେନ ଦଳାଇଙ୍କ ସମେତ ବିଜେଡିର ନେତା ଓ କର୍ମୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ବିଜିପୁରରେ ନିର୍ମାଣ ଶ୍ରମିକଙ୍କୁ ଲେବର କାର୍ଡ ବଣ୍ଟନ କରାଯାଉଛି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀ ମୃତ

**ଗଞ୍ଜାମ,୧୦।୯(ଡି.ଏନ.ଏ.):** ରମ୍ଭା ଥାନା ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡ଼ି ରାଧାଗୋବିନ୍ଦପୁର ଗ୍ରାମରେ ସର୍ପାଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଚାଷୀ ହେଲେ ଉକ୍ତ ଗ୍ରାମର ହୃଷୀକେଶ ନାହାକଙ୍କ ପୁତ୍ର ସିନା। ମିଳିଥିବା ଖବର ଅନୁଯାୟୀ, ସିନା ରାତିରେ ଖାଇସାରି ବାରଣ୍ଡାରେ ଶୋଇଥିବା ବେଳେ ଭୋରରେ କୌଣସି ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଛତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁତର ଅବସ୍ଥାରେ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା ।

### କାର୍ ଧକ୍କାରେ ଜଣେ ମୃତ

**ଗୋପାଳପୁର,୧୦।୯:** ୧୬ ନମ୍ବର ଜାତୀୟ ରାଜପଥ ଗୋଳନ୍ଥରା ଥାନା ଚଟିଛକ ନିକଟରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ କାର ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚଟି ଗ୍ରାମର ଟୁନା ସେଠି ପ୍ରକାଶ ଯେ, ଟୁନା ରାତି ପ୍ରାୟ ୯ଟାରେ ଚଟିଛକ ନିକଟରେ ଜାତୀୟ ରାଜପଥ ପାର ହେଉଥିବାବେଳେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାର ଧକ୍କା ଦେଇଥିଲା। ଦୁର୍ଘଟଣାପରେ ଚାଳକ କାର ସହ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ପିଛାକରି କନିଶି ଗ୍ରାମ ନିକଟରେ କାରକୁ ଅଟକାଇ ଗୋଳନ୍ଥରା ପୋଲିସକୁ ହସ୍ତାନ୍ତର କରିଥିଲେ। ଏନେଇ ଉତ୍ତେଜନା ଦେଖାଦେବା ସହ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଥାନା ଅଧିକାରୀ ବାବୁଲି ନାଇକ ଘଟଣାସ୍ଥଳରେ ପହଞ୍ଚି ଟୁନାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ବୁଝାସୁଝା ପରେ ରାସ୍ତା ଅବରୋଧ ହଟିଥିଲା।

### ପଥର ଖାଦାନରେ ଚଢ଼ାଉ

**ସୋର, ୧୦।୯(ଡି.ଏନ.ଏ.):** ସୋର ତହସିଲଦାର ଦେବୀ ପ୍ରସାଦ ଦାଶ ତହସିଲ ଅନ୍ତର୍ଗତ ବାଗୁଡି ଖାଦାନରେ ଥିବା ଏକ ଖାଦାନରେ ବେଆଇନ ଭାବେ ପଥର ଉତ୍ତୋଳନ କରାଯାଉଥିବା ବେଳେ ପୋଲିସ ଫୋର୍ସ ସହାୟତାରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଏକ ପ୍ରୋକ୍ଲିନ୍ ଜବତ କରାଯାଇଛି। ରାସ୍ତାରେ ବିନା ପରମିଟ୍‌ରେ ପଥର ପରିବହନ କରୁଥିବା ଏକ ଡମ୍ପରରୁ ମଧ ଜରିମାନା ଆଦାୟ କରାଯାଇଛି। ୩୬ ନଂ. ଖାଦାନରୁ ପଥର ଉତ୍ତୋଳନ ନେଇ ମାମଲା ବିଚାରାଧୀନ ରହିଛି। ଏଠାରୁ ବେଆଇନ ଭାବେ ବିନା ଅନୁମୋଦନରେ ପଥର ଉତ୍ତୋଳନ କରାଯାଉଥିବା ଖବରପାଇ ରାଜସ୍ୱ ବିଭାଗ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ରାତି ପର୍ଯ୍ୟନ୍ତ ଏହି ଚଢ଼ାଉ ଜାରି ରହିଛି। ବେଆଇନ ପଥର ବୋଝେଇ ଡମ୍ପରରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୋର ତହସିଲ ଅଧୀନ ମଙ୍ଗଳପୁର ରାଜସ୍ୱ ସର୍କଲ ରାଜସ୍ୱ ନିରୀକ୍ଷକ ଶ୍ୟାମ ସୁନ୍ଦର ମାରାଣ୍ଡି, ଥାନା ଏଏସ୍‌ଆଇ ପ୍ରତାପ କାଲୋଙ୍କ ସହ ପୋଲିସ ଫୋର୍ସ ଚଢ଼ାଉରେ ସାମିଲ ଥିଲେ।

# ପୁରୀକୁ ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ କ୍ଷେତ୍ର କରିବା ଉଦ୍ୟମକୁ ପ୍ରଶଂସା

**ସୋରଡା,୧୦।୯(ଡି.ଏନ୍.ଏ.)**


ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ବିଧାୟକ ବିଧାୟିକାମାନେ।

## ଗଞ୍ଜାମ ଜିଲା ବିଜେଡି କାର୍ଯ୍ୟକାରିଣୀ ବୈଠକ

ଗଞ୍ଜାମ ଜିଲା ବିଜୁ ଜନତା ଦଳ କାର୍ଯ୍ୟକାରିଣୀ ବୈଠକ ସୋରଡା ଶିଶୁ ଉଦ୍ୟାନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତଥା ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିଲେ। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତି, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଚିକିଟି ବିଧାୟିକା ଉଷା ଦେବୀ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ସମେତ ଜିଲାର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ ସାତସୂତି ରାଜନୈତିକ ଚିଠା ପ୍ରସ୍ତାବ ଆଗତ ହୋଇଥିଲା। ସେଗୁଡିକ ହେଲା ୨୦୧୯ରେ ବିଜେଡିର ବିପୁଳ ବିଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା, ପୁରୀକୁ ବିଶ୍ୱସ୍ତରୀୟ ଆକର୍ଷଣୀୟ ଆଧାତ୍ମିକ କ୍ଷେତ୍ରରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା, ମହିଳାଙ୍କ ପାଇଁ ବିଧାନସଭା ଓ ଲୋକସଭାରେ ସ୍ଥାନ ସଂରକ୍ଷଣ ଉଦ୍ୟମ, ୫-ଟି ମନ୍ତ୍ରକୁ ଗୁରୁତ୍ୱ, ସେପ୍ଟେମ୍ବର ୨ରୁ ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ କରିବା, ଦଳୀୟ ବିଧାୟକମାନଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ବୈଠକ ପ୍ରାରମ୍ଭରେ ମଞ୍ଚାସିନ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ବିଜେଡିର ବହୁ ପୂର୍ବତନ ବିଧାୟକ ଓ ନେତାଙ୍କ ସହ ଯୁବନେତା ବସନ୍ତ ସ୍ୱାଇଁ, ମନୁ ବିଶ୍ୱାସରାୟ, ପ୍ରଫୁଲ୍ଲ ମହାକୁଡ, ପ୍ରଶ୍ମ ମୁନି, କାହ୍ନୁ ବେହେରା, ରାକେଶ ପ୍ରଧାନ, ବାବୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତର, ରୋଗୀ ସମ୍ପର୍କୀୟ ହତାହାତି ଘଟଣା, ୨ ଗିରଫ

**ବ୍ରହ୍ମପୁର ଅଫିସ,୧୦।୯**

ବ୍ରହ୍ମପୁର ଏମ୍‌କେସିଜିରେ ରୋଗୀ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧ୍ୟରେ ସୋମବାର ରାତିରେ ହାତାହାତି ହୋଇଥିଲା। ଡାକ୍ତର ମନୋଜ କୁମାର ବେହେରାଙ୍କ ଅଭିଯୋଗକ୍ରମେ ବୈଦ୍ୟନାଥପୁର ପୋଲିସ ମାମଲା ନଂ. ୧୮୫/୧୯ରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ଅଡ଼ବାର ମନୋଜ କୁମାର ବେହେରା ଓ ତାଙ୍କର ଜଣେ ସମ୍ପର୍କୀୟ ବାଦଲ ଶୋଭା ସୁନ୍ଦର ବୋଲି ପୋଲିସ କହିଛି। ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ବାସନ୍ତୀ ନାୟକଙ୍କ ପୁଅ ଅନିଲ ନାୟକ ବୋଲି ପୋଲିସ ସୂଚନା ଦେଇଛି। ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି। ଅନ୍ୟପଟେ ଅନିଲ ନାୟକ ମଧ ଡାକ୍ତର ବେହେରା ତାଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ପୋଲିସ ଏହି ଅଭିଯୋଗର ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି। ମଙ୍ଗଳବାର ଦିନତମାମ ଡାକ୍ତର, ମେଡିକାଲ କର୍ତ୍ତୃପକ୍ଷ ଓ ପୋଲିସଙ୍କ ମଧ୍ୟରେ ତ୍ରି-ପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ମେଡିକାଲରେ କାର୍ଯ୍ୟରତ ଡାକ୍ତରମାନଙ୍କ ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ରୋଗୀ ସମ୍ପର୍କୀୟଙ୍କ ପାଇଁ ପାସ୍‌ର ବ୍ୟବସ୍ଥା କରାଯିବ। ଯେଉଁଥିରେ ୨ ଜଣ ଲୋକ ହିଁ ମେଡିକାଲରେ ଥିବା ରୋଗୀଙ୍କୁ ଦେଖିବାକୁ ଯାଇପାରିବେ। ମେଡିକାଲରେ କୌଣସି ବିଶୃଙ୍ଖଳା ଦେଖାଦେଲେ ସୁରକ୍ଷା କର୍ମୀମାନେ ଦାୟୀ ରହିବେ, ମେଡିକାଲରେ ଲାଗିଥିବା ସିସି ଟିଭି କ୍ୟାମେରାଗୁଡିକ କାର୍ଯ୍ୟକ୍ଷମ କରାଯିବ, ସିକ୍ୟୁରିଟି ବ୍ୟବସ୍ଥା କଡାକଡି କରାଯିବା ସହିତ ପାର୍କିଂ ବ୍ୟବସ୍ଥା ଚିହ୍ନଟ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ନେଇ ଏମ୍‌କେସିଜି ମେଡିକାଲ କଲେଜ ଅଧୀକ୍ଷକ ପ୍ରଫେସର ଚରଣ ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସୋମବାର ରାତିରେ ଏମ୍‌କେସିଜିରେ ରୋଗୀ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧ୍ୟରେ ହୋଇଥିବା ହାତାହାତି ଘଟଣାରେ ଡାକ୍ତରମାନେ ରୋଗୀ ସେବା ବେଳେ ଆକ୍ରମଣର ଶିକାର ହେଉଥିବା ଦର୍ଶାଇ କାର୍ଯ୍ୟବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ଅନ୍ୟପଟେ ରୋଗୀ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧ୍ୟରେ ଦେଖାଦେଇଥିବା ଗଣ୍ଡଗୋଳରୁ ସେଠାରେ ଚାପା ଉତ୍ତେଜନା ଦେଖାଦେଇଥିଲା।

## ନିମ୍ନମାନର ମଧ୍ୟାହ୍ନଭୋଜନ
# ଖାଉନାହାନ୍ତି ଛାତ୍ରୀ



**କବିସୂର୍ଯ୍ୟନଗର,୧୦।୯**

### କବିସୂର୍ଯ୍ୟନଗର ବାଳିକା ହାଇସ୍କୁଲ

କବିସୂର୍ଯ୍ୟନଗର ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସରକାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇଦେଉଥିବାବେଳେ ଏଠାରେ ଛାତ୍ରୀମାନେ ଘରୁ ଆଣି ଖୋଲା ପଡିଆରେ ବସି ଖାଉଛନ୍ତି। ମୋଟ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୫୯୭ ଜଣ ଛାତ୍ରୀ ଏଠାରେ ପଢୁଛନ୍ତି। ସେଥିମଧ୍ୟରୁ ୨୦୨ ଜଣ ଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇଥାଏ। ମଙ୍ଗଳବାର ୧୨୩ ଛାତ୍ରୀ ଉପସ୍ଥାନ ରହିଥିବାବେଳେ ଚାଉଳ ମାତ୍ର ୪ କେଜି, ସୋୟାବିନ୍ ୧ କେଜି ରୋଷେଇ ହୋଇଥିବା ଦେଖିବାକୁ ମିଳିଥିଲା। ୭୦ ଭାଗ ଛାତ୍ରୀ ଘରୁ ଆଣି ଖାଉଥିଲେ। ଏନେଇ କେତେଜଣ ଛାତ୍ରୀଙ୍କୁ ପଚାରିବାରୁ ମଧ୍ୟାହ୍ନ ଭୋଜନ ଅତି ନିମ୍ନମାନର, ଭାତରେ ଗୋଡ଼ି, ଧାନ ବାହାରୁଛି। ଆଉ କେତେଜଣ ଛାତ୍ରୀ ଟାଣଭାତ ବୋଲି କହିଥିଲେ। ଆବଶ୍ୟକ ଠାରୁ କମ୍ ତେଲ, ପରିବା ହେତୁ ତରକାରୀ ସ୍ୱାଦହୀନ ହେଉଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ କମଳଲୋଚନ ସାହୁ କହିଛନ୍ତି, ପୂର୍ବ ଅପେକ୍ଷା ଭଲ ଖାଦ୍ୟ ଦିଆଯାଉଛି। ରୁଚି ଅନୁଯାୟୀ ଛାତ୍ରୀମାନେ ଘରୁ ଖାଦ୍ୟ ଆଣି ଖାଇଲେ ଆମେ କଣ କରିବୁ ବୋଲି କହିଥିଲେ। ଏନେଇ ଛୁଟିରେ ଥିବା ବିଇଓ ନିରଞ୍ଜନ ମିଶ୍ରଙ୍କୁ ଫୋନ ଯୋଗେ ପଚାରିବାରୁ ୨/୩ ଦିନ ପରେ ଗଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଥିଲେ। ବହୁ ଛାତ୍ରୀ ଓ ଅଭିଭାବକ ଗ୍ରୁପ ଚଳାଉଥିବା ବ୍ୟକ୍ତିଙ୍କୁ ଦାୟୀ କରି ତୁରନ୍ତ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି।

## ଅଶୋକନଗର ଯୁବକ ସଂଘ ଦେଲା ଦୁଇ ପାଣି ଟ୍ୟାଙ୍କର୍

**ବ୍ରହ୍ମପୁର ଅଫିସ୍,୧୦।୯**

ଅଶୋକନଗର ଯୁବକ ସଂଘ ପକ୍ଷରୁ ଲୋକଙ୍କ ବ୍ୟବହାର ପାଇଁ ମଙ୍ଗଳବାର ଦୁଇଟି ପାଣି ଟ୍ୟାଙ୍କର୍ ଉଦ୍‌ଘାଟନ କରାଯାଇଛି। ସହରରେ ଯେଉଁ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖା ହେବ, ଏ ସମ୍ପର୍କରେ ସଂଘ କର୍ମକର୍ତ୍ତାଙ୍କୁ ଅବଗତ କରାଗଲେ, ସେମାନେ ଟ୍ୟାଙ୍କର୍‌ରେ ପାଣି ପଠାଇବେ। ଗଣେଶ ପୂଜା ଆୟୋଜନ ଅବସରରେ ଏହି ପଦକ୍ଷେପ ନିଆଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ସହ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ପୂର୍ବତନ କର୍ପୋରେଟର ତଥା ସଂଘ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମହାରଣା ଓ ସମବାୟବିତ୍ ସୁଧୀର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ଯୁବଗୋଷ୍ଠୀମାନେ ବିକାଶର ନେତୃତ୍ୱ ନେବା ଆବଶ୍ୟକ। ଅନେକ ଯୁବକ ସଂଘକୁ ପ୍ରେରଣା ଦେବ ବୋଲି ଉଭୟ ଏମ୍‌ପି ସାହୁ ଏବଂ ବିଧାୟକ ପଣ୍ଡା ପ୍ରକାଶ କରିଥିଲେ। ସଂଘ ସମ୍ପାଦକ କେ.ସନ୍ତୋଷ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍. ଧନଞ୍ଜୟ ରାଓ, ଆଇନଜୀବୀ ସାନା ପାତ୍ର ଓ କାଳୁ ମହାରଣାଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଏବଂ ଜନସାଧାରଣ ଉପସ୍ଥିତ ଥିଲେ ।

# ଅର୍ଥ ହେରଫେର ନେଇ ଜିଲାପାଳଙ୍କୁ ଅଭିଯୋଗ

**ଦାରିଙ୍ଗବାଡ଼ି,୧୦।୯(ଡି.ଏନ.ଏ)**



### ଆବାସ ଯୋଜନାରେ ଚଞ୍ଚକତା

ଦାରିଙ୍ଗବାଡ଼ି ବ୍ଲକ ଶ୍ରାନିକଟୋ ପଞ୍ଚାୟତରେ ଭତ୍ତାଟଙ୍କା ହଡ଼ପ ଅଭିଯୋଗ ର ତଦନ୍ତ ଶେଷ ହେଉହେଉ ପୁଣି ଆବାସ ଯୋଜନାରେ ଅର୍ଥ ହଡ଼ପ ଅଭିଯୋଗ ହୋଇଛି। ଅଭିଯୋଗ କରିଛନ୍ତି ଉକ୍ତ ପଞ୍ଚାୟତ ଦଣ୍ଡିମା ଗ୍ରାମର ରୋଜୀ ପ୍ରଧାନ। ରୋଜି ଦାରିଙ୍ଗବାଡ଼ି ବିଡିଓ ତ୍ରିଲୋଚନ ପାତ୍ରଙ୍କ ସମେତ ମଙ୍ଗଳବାର ଫୁଲବାଣୀଠାରେ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡିଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କୁ କାର୍ଯ୍ୟାଦେଶ ମିଳିଥିଲା। ୨୦୧୭ ଡିସେମ୍ବର ୧୪ରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୦ ହଜାର ଟଙ୍କା ମଧ ଆସିଥିଲା। ଏହାପରେ ଦ୍ୱିତୀୟ କିସ୍ତି ଅର୍ଥରାଶି ୧୭ ମାର୍ଚ୍ଚ ୨୦୧୮ରେ ୩୫ହଜାର ଏବଂ ୬ ଅପ୍ରେଲ ୨୦୧୮ରେ ତୃତୀୟ କିସ୍ତି ୪୫ହଜାର ଟଙ୍କା ଏବଂ ଶେଷ କିସ୍ତି ବାବଦକୁ ୩୦ହଜାର ଟଙ୍କା ୧୬ଜୁନ ୨୦୧୮ରେ ଆସିଥିଲା। ତେବେ ଆଜି ପର୍ଯ୍ୟନ୍ତ ମନରେଗା ବାବଦ ଅର୍ଥ ୧୬ହଜାର୫ଶହ ଟଙ୍କା କାହିଁକି ପ୍ରଦାନ କରାଯାଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ତତ୍କାଳୀନ ଗ୍ରାମରୋଜଗାର ସେବକ ବିଜୟ କୁମାର ସାହୁଙ୍କୁ ପଚାରିବାରୁ ତୁମର ବିଲ୍ ହୋଇନାହିଁ ବୋଲି କହିଥିଲେ। କାହିଁକି ବିଳମ୍ବ ହେଉଛି ବୋଲି ବ୍ଲକ କାର୍ଯ୍ୟାଳୟର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ କେଦାର ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ବିଲ୍ ହୋଇସାରିଥିବା ସେ କହିଥିଲେ। ଟଙ୍କା ଆକାଉଣ୍ଟକୁ ଆସି ନ ଥିବାରୁ ପୁଣି ସେ ଗ୍ରାମରୋଜଗାର ସେବକ ବିଜୟ ସାହୁଙ୍କୁ ପଚାରିଥିଲେ। ମାତ୍ର କୌଣସି ସନ୍ତୋଷଜନକ ଉତ୍ତର ନପାଇ ରୋଜି ଦାରିଙ୍ଗବାଡ଼ି ବିଡିଓ ପାତ୍ରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ରୋଜି ଆବାସ ଯୋଜନାରେ ଘରକାମ ୪ ମାସ ମଧ୍ୟରେ ସାରିଥିଲେ ମଧ ବିଲ ବିଳମ୍ବ କରାଯିବା ସହ ଗୃହର ଫଟୋ ଉଠାଇବାକୁ ଥରୁଟିଏ ଗ୍ରାମ ରୋଜଗାର ସେବକ ଆସିଲେ ୫ଶହ ଟଙ୍କା ମାଗି ନେଉଥିବା ରୋଜି କହିଛନ୍ତି। କେବଳ ରୋଜୀଙ୍କ କ୍ଷେତ୍ରରେ ଏଭଳି ହୋଇନାହିଁ ଫଟୋ ଉଠାଇବାକୁ ଉକ୍ତ ଅଞ୍ଚଳରେ ସମସ୍ତ ଆବାସ ଯୋଜନା ହିତାଧିକାରୀମାନେ ଅଭିଯୋଗ କରିବା ସହ ତାଙ୍କର ୧୬ ହଜାର ୫ଶହ ଟଙ୍କା ଲେଖାଏ ବିଲ୍ ହୋଇନଥିବା ଗ୍ରାମରେ ରୁବିତା ବିନ୍ଧାଣୀ, ପାର୍ବତୀ ବିନ୍ଧାଣୀ, ଟୁନା ପ୍ରଧାନ, ସମିତି ବିନ୍ଧାଣୀ, ବିରୁପାକ୍ଷ ବେହେରା, ଯୁବତୀ ପ୍ରଧାନ, ବୈରାଗୀ ପ୍ରଧାନ ପ୍ରମୁଖ କହିଛନ୍ତି। ତେବେ ରୋଜୀଙ୍କୁ ଛାଡ଼ିଦେଲେ ଏନେଇ ବିଡିଓଙ୍କ ନିକଟରେ ଅନ୍ୟ କୌଣସି ଲୋକ ଅଭିଯୋଗ କରିନଥିବା ବିଡିଓ ପାତ୍ର କହିଛନ୍ତି।

ଏନେଇ ଅଭିଯୋଗ ଆସିଥିବା ଗ୍ରାମ ରୋଜଗାର ସେବକ ସାହୁ କହିଛନ୍ତି ଯେ, ଜିଲା ପ୍ରଶାସନ ଆବାସ ଯୋଜନା କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଲକ୍ଷ ଦେଉଛନ୍ତି। ଫଳରେ ହିତାଧିକାରୀଙ୍କ ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ସେମାନେ ଗୃହ କାର୍ଯ୍ୟ ଶେଷ କରିପାରୁନାହାନ୍ତି। ଲକ୍ଷ ପୂରଣ କରିବାକୁ ସେ ହିତାଧିକାରୀଙ୍କୁ ସିମେଣ୍ଟ, ଛଡ଼ ଆଦି ଯୋଗାଇ ଦେଇଥିଲେ। ଏବେ ବିଲ ହେବାପରେ ଉକ୍ତ ବକେୟା ଅର୍ଥ ମାଗିବାରୁ ଏଭଳି ମିଥ୍ୟା ଅଭିଯୋଗ କରୁଥିବା କହିଛନ୍ତି। ସେ ଆହୁରୀ କହିଛନ୍ତି ଯେ ସେ ଶ୍ରାନିକେତା ପଞ୍ଚାୟତରୁ ବଦଳି ହୋଇ ଗ୍ରୀନବାଡ଼ି ପଞ୍ଚାୟତକୁ ଆସିବାପରେ ଏଭଳି ଅଭିଯୋଗ ହୋଇଛି। ତେ ରୋଜି ଏଭଳି ହୋଇ ନ ଥିବା କହିଛନ୍ତି।

## ଶେରଗଡରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି
# ୧୭୩ ଅଭିଯୋଗ ଶୁଣିଲେ, ୯୩ ହଜାର ସହାୟତା

**ଶେରଗଡ,୧୦।୯(ଡି.ଏନ.ଏ.)**

ଶେରଗଡ ବ୍ଲକ ସଭାଗୃହରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ମୋଟ ୧୭୩ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଚିକିତ୍ସା ଓ ଗସ୍ତଖର୍ଚ୍ଚ ବାବଦକୁ ରେଡକ୍ରସ ପାଣ୍ଠିରୁ ୯୩ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅଭିଯୋଗ ଶୁଣାଣିରେ ଜିଲା ମଙ୍ଗଳ ଅଧିକାରୀ ପରକ୍ଷିତ ଦାଶ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଶୁଭ୍ରାଂଶୁ ମହାରଣା, ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ଜିଲା ପ୍ରାଣୀଧନ ଅଧିକାରୀ ତ୍ରିପତୀ ନାୟକ, ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ପରିଚାଳକ ଅଶୋକ କୁମାର ପଣ୍ଡା, ଜିଲା କୃଷି ଅଧିକାରୀ ସତ୍ୟ ପ୍ରକାଶ ସାମନ୍ତରାୟ, ସହକାରୀ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ପିଡିଙ୍କ କାର୍ଯ୍ୟାଳୟ ସହକାରୀ ଯନ୍ତ୍ରୀ ନୀଳକଣ୍ଠ ସୁନ୍ଦରାୟ, ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଶାନ୍ତ୍ୱ ଦେବୀ, ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ସୁରଞ୍ଜନ କୁମାର ସାହୁ ଓ ତହସଲିଦାର ଡ. ଦୟାସିନ୍ଧୁ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ୨୨ ପଞ୍ଚାୟତରୁ ୧୭୩ଟି ଅଭିଯୋଗ ଆସିଥିବାବେଳେ ଏହାକୁ ଅନୁଧାନ କରି ସମ୍ପୃକ୍ତ ବିଭାଗ ମାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି। ଲାଞ୍ଜିଆପଲ୍ଲି ଉଚ୍ଚ ବିଦ୍ୟାଳୟ ନିମନ୍ତେ ଶିକ୍ଷକ ନିଯୁକ୍ତି, ନରେନ୍ଦ୍ରପୁର ଗ୍ରାମରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ, ଶୋଳଶଳା ଗ୍ରାମରେ ରାସ୍ତା ନିର୍ମାଣରେ ଅନିୟମିତତା ଓ ମିହିରକଣା ଗ୍ରାମର ବିଜୁଳି ସମସ୍ୟା, ଶେରଗଡ ତିନିଛକଠାରୁ ଚାରିଛକ ଦେଇ ନନ୍ଦିନୀ ନଦୀକୁ ଏକ ନାଳ ସଂଯୋଗୀକରଣ ଆଦି ସାମୂହିକ ସମସ୍ୟା ରହିଥିଲା। ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ହୃଷୀକେଶ ପାଢୀ, ଡେଙ୍ଗାପଦର ସରପଞ୍ଚ ରାମକୃଷ୍ଣ ପଲେଇ, ମକରା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

# ଲୋକ ସଂସ୍କୃତି ଗବେଷଣା ପରିଷଦର ଜାତୀୟ ପାଠଚକ୍ର

**ବ୍ରହ୍ମପୁର ଅଫିସ, ୧୦।୯**


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ବିଶ୍ୱାସ ସବୁର ମୂଳ ଆଧାର। ଆବଶ୍ୟକତାରୁ ବିଶ୍ୱାସ ଜନ୍ମ ନିଏ। ସେହି କ୍ରମରେ ପିତାମାତାଙ୍କ ବିଶ୍ୱାସରୁ ସନ୍ତାନର ସୃଷ୍ଟି। ତେଣୁ ମାନବୀୟ ବିଶ୍ୱାସବୋଧର ମଧ ବୈଜ୍ଞାନିକ ଭିତ୍ତି ରହିଛି ବୋଲି ଲୋକ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ଆୟୋଜିତ ଜାତୀୟ ସମ୍ମାନରେ ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଏହା ମତବ୍ୟକ୍ତ କରିଛନ୍ତି।

ସମୁଦ୍ରତଟ ସନ୍ନିକଟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ସୋମବାର 'ଓଡ଼ିଶାର ଲୋକ ବିଶ୍ୱାସ : ଏକ ଅନୁଶୀଳନ' ଶୀର୍ଷକ ସପ୍ତମ ଜାତୀୟ ସମ୍ମାନର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମାନରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରାଣୀ ଭେଷଜ ବିଜ୍ଞାନ ବିଭାଗ ପ୍ରାକ୍ତନ ପ୍ରଫେସର ଡ. ଧ୍ରୁବଚରଣ ନାୟକ ଲୋକ ବିଶ୍ୱାସର ଭିତ୍ତି ସମ୍ପର୍କରେ ପୁରାଣରୁ ବିଭିନ୍ନ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ। ଏହି ଏକଦିବସୀୟ ଜାତୀୟ ଆଲୋଚନା ଚକ୍ରରେ ଲୋକ ସଂସ୍କୃତି ଗବେଷଣା ପରିଷଦ ନିର୍ଦ୍ଦେଶକ ଡ. ଦୁର୍ଗାମାଧବ ନନ୍ଦ ପୌରୋହିତ୍ୟ କରି ଦୀର୍ଘ କୋଡ଼ିଏ ବର୍ଷର ଲୋକ ସଂସ୍କୃତି ଗବେଷଣା ପରିଷଦର ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟର ଉପସଚିବ ଡ. କୁଳମଣି ଓଝା ଏହି ଜାତୀୟ ସମ୍ମାନର ସଂଯୋଜନା କରିଥିଲେ।

ମୁଖ୍ୟବକ୍ତା ଭାବେ ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ସହଯୋଗୀ ପ୍ରଫେସର ଡ. ଅନନ୍ତ କିଶୋର ଜେନା ଯୋଗଦେଇ ବିଶ୍ୱାସ ଓ ଅନ୍ଧ ବିଶ୍ୱାସ ମଧ୍ୟରେ ତୁଳନାତ୍ମକ ଆଲୋଚନା କରି ଓଡ଼ିଶାର ଲୋକ ବିଶ୍ୱାସ ସମ୍ପର୍କରେ ବିଭିନ୍ନ ଦୃଷ୍ଟାନ୍ତ ଦେଇ ବୁଝାଇଥିଲେ। ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ 'ଓଡ଼ିଶାର ଲୋକ ବିଶ୍ୱାସ : ପ୍ରସିଦ୍ଧି ଓ ପ୍ରଶସ୍ତି' ଶୀର୍ଷକ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। 'ଓଡ଼ିଶାର ଲୋକାଚାର' ଶୀର୍ଷକ ଗ୍ରନ୍ଥ ଲୋକାର୍ପିତ ହୋଇଥିଲା।

ପ୍ରଥମ ବୈଷୟିକ ଅଧିବେଶନରେ ରେଭେନ୍ସା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାକ୍ତନ ପ୍ରଫେସର ନିତ୍ୟାନନ୍ଦ ସାହୁ ପୌରୋହିତ୍ୟ କରିଥିବା ବେଳେ ଡ. ନଳିନୀ କୁମାର ପାଣିଗ୍ରାହୀ ସମୀକ୍ଷକ ଦାୟିତ୍ୱରେ ଥିଲେ। ଏହି ଅଧିବେଶନରେ ଡ. ବାୟାମନୁ ଚର୍ଚ୍ଚି, ଡ. ରୁଦ୍ରାଣୀ ମହାନ୍ତି, ଡ. ରାଜେନ୍ଦ୍ର ପାଢ଼ୀ, ଡ. କ୍ଷେତ୍ରବାସୀ ମାନସେଠ, ଇଂ ରାଧାଶ୍ୟାମ ପାତ୍ର, ଲୋକ ସଂସ୍କୃତି ଗବେଷକ ତାଉ ଭୋଇ, ଚୌଧୁରୀ ରାଧାମୋହନ ପରିଜା, ଅଧ୍ୟାପିକା ଅର୍ଚ୍ଚନା ନାୟକ ପ୍ରମୁଖ ଓଡ଼ିଶାର ବିଭିନ୍ନ ଆଞ୍ଚଳିକ ଲୋକ ବିଶ୍ୱାସ ବିଷୟରେ ପ୍ରବନ୍ଧ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନ ରାଜଧାନୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାକ୍ତନ ବିଭାଗ ମୁଖ୍ୟ ଡ. ବନମାଳୀ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ଡ. ରୁଦ୍ରାଣୀ ମହାନ୍ତି ସମୀକ୍ଷକ ରୂପେ ଯୋଗ ଦେଇଥିଲେ। ଏଥିରେ ଡ. ରାଜ କୁମାର ନାଏକ, ବୃନ୍ଦାବତୀ ବେହେରା, ରବୀନ୍ଦ୍ର କୁମାର ପଣ୍ଡା, ସ୍ନେହାଞ୍ଜଳି ମହାପାତ୍ର, ସୁଶାନ୍ତ କୁମାର ପରିଡ଼ା, ରଶ୍ମିତା ସିଂହ, ଡ. ନମିତା ପ୍ରଧାନ, ଜଳଧର ମାଝି ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡ. କୁଳମଣି ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଆର୍‌ଟିଓଙ୍କୁ ଭେଟିଲା ବସ୍ ମାଲିକ ସଂଘ



ଛତ୍ରପୁର,୧୦।୯(ଡି.ଏନ୍.ଏ.)-ଗଞ୍ଜାମ ଘରୋଇ ବସ୍ ମାଲିକ ସଂଘର ଏକ ପ୍ରତିନିଧି ଦଳ ବିଭିନ୍ନ ଦାବି ନେଇ ମଙ୍ଗଳବାର ଛତ୍ରପୁରରେ ଆର୍‌ଟିଓ ଏବଂ ଏମଭିଆଇଙ୍କୁ ଭେଟି ଆଲୋଚନା କରିଛନ୍ତି । ଗଜପତି ଓ ବ୍ରହ୍ମପୁରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ୧୫୦ ଗାଡ଼ିକୁ ଏ ଯାଏ ପ୍ରାପ୍ୟ ପ୍ରଦାନ କରାଯାଇନି। ଉକ୍ତ ବସଗୁଡିକର ମାଲିକଙ୍କୁ ସେମାନଙ୍କ ପ୍ରାପ୍ୟ ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ବସ୍ ରୁଟରେ ଅଟୋସବୁ ଯାତ୍ରୀ ଉଠାଉଛନ୍ତି। ଏଥିପାଇଁ ବସ ମାଲିକ କ୍ଷତି ସହୁଛନ୍ତି । ଏହାକୁ ବନ୍ଦ କରିବା ଏବଂ ଆରଟିଓ କାର୍ଯ୍ୟାଳୟରେ ପେଣ୍ଡିଂ ଥିବା ବସ ପରମିଟ ତ୍ୱରାନ୍ୱିତ କରିବା ଆଦି ରହିଛି । ବୁଧବାର ଏ ସମ୍ପର୍କରେ ଆରଟିଓଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଓ ଏସପିଙ୍କ ସହ ବସ ମାଲିକ ସଙ୍ଘର ଏକ ପ୍ରତିନିଧି ଦଳର ଆଲୋଚନା ହେବ ବୋଲି ସୂଚନା ମିଳିଛି ।

### କଞ୍ଚୁରୁ ଛକରେ ଆଣ୍ଠୁଏ ପାଣି ଯାତାୟାତରେ ଅସୁବିଧା



ବୁଗୁଡ଼ା,୧୦।୯(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ପାଙ୍ଗିଡ଼ି-କଳମ୍ବ ଗ୍ରାମ୍ୟ ଉନ୍ନୟନ ରାସ୍ତା କଞ୍ଚୁରୁ ଛକରେ ଦୀର୍ଘଦିନ ହେଲା ଆଣ୍ଠୁଏ ଲେଖାଏ ପାଣି ଥିବା ଯୋଗୁ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ଏହାର ପ୍ରତିକାର ପାଇଁ ସାଧାରଣରେ ଦାବି ହେଉଛି। କୋଟି କୋଟି ଟଙ୍କାରେ ରାସ୍ତା ତିଆରି ହେଉଛି। କିନ୍ତୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରା ନ ଗଲେ ପାଣି ରହି ରାସ୍ତାରୁ ପିଚୁ ଉଠି ଖରାପ ହେବାକୁ ବସିଛି। ଏହି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିଲେ ମଧ ଏହାର ପ୍ରତିକାର କରାଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ପାଙ୍ଗିଡ଼ିଠାରୁ କଞ୍ଚୁରୁ ଦେଇ ପ୍ରତ୍ୟହ ଅନ୍ତରପଡ଼ା, କଳମ୍ବ, ମାଣିକପୁର, ମାଣିବନ୍ଧ, ବକ୍ସିପଲ୍ଲୀ, କନ୍ଧପଥରାପଲ୍ଲୀ ଗ୍ରାମର ଜନସାଧାରଣ ଯାତାୟାତ କରୁଥିବା ବେଳେ ପାଠ ପଢ଼ିବାକୁ ମଧ ପ୍ରତିଦିନ ଛାତ୍ରୀଛାତ୍ରମାନେ ଏହି ରାସ୍ତା ଦେଇ ଆସିବାକୁ ପଡ଼େ। ତେବେ କଞ୍ଚୁରୁ ଛକରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଥିବା ଯୋଗୁ ଯିବା ଆସିବାରେ ଅସୁବିଧା ହୋଇଥାଏ । ଅପରପକ୍ଷରେ ସରପଞ୍ଚ ସୁଶାନ୍ତ କୁମାର ଆପଛ ଏନେଇ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରମୋଦ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ରାସ୍ତା ମରାମତି ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

### ଏନ୍‌ଏସି ସ୍ପେଶାଲ ଗାଡ଼ି କିଣାରେ ଦୁର୍ନୀତି ମାମଲା
### ଭିଜିଲାନ୍ସ କୋର୍ଟ ପକ୍ଷରୁ ସମନ ଜାରି

ଦିଗପହଣ୍ଡି,୧୦।୯(ଡି.ଏନ.ଏ.)-ଦିଗପହଣ୍ଡି ଏନଏସି ପକ୍ଷରୁ ସ୍ପେଶାଲ ଗାଡ଼ି (ପାଇଖାନା ମଇଳା ସଫେଇ ମେଶିନ) କିଣାରେ ଦୁର୍ନୀତି ଅଭିଯୋଗରେ ବ୍ରହ୍ମପୁର ଭିଜିଲାନ୍ସ କୋର୍ଟ ପକ୍ଷରୁ ସମନ ଜାରି କରାଯାଇଛି। ମଙ୍ଗଳବାର ବ୍ରହ୍ମପୁର ଭିଜିଲାନ୍ସ କୋର୍ଟ କର୍ମଚାରୀ ଏନଏସି କାର୍ଯ୍ୟାଳୟରେ ପହଞ୍ଚି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ମୁଖ୍ୟ କିରାଣୀ କାଶୀନାଥ ଗୌଡ, ତତ୍କାଳୀନ ଏନଏସି ଅଧକ୍ଷ ଭି.ରବି ନାରାୟଣ ରାଜୁଙ୍କ ବର୍ତ୍ତମାନର ଠିକଣା ସଂଗ୍ରହ କରି ଫେରିଛନ୍ତି। ଗତ ୨୦୧୨ରେ ଏନଏସି ପକ୍ଷରୁ ପ୍ରାୟ ୬ ଲକ୍ଷ ଟଙ୍କା ମୂଲ୍ୟର ସ୍ପେଶାଲ ମେଶିନ କିଣାରେ ବ୍ୟାପକ ଆର୍ଥିକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କୁ ପଚାରିବାରୁ ସେ କୋର୍ଟ ପକ୍ଷରୁ ସମନ ଜାରି କଥା ଜାଣି ନ ଥିବା କହିଥିଲେ। କାରଣ କାର୍ଯ୍ୟାଳୟରେ ସେ ଅନୁପସ୍ଥିତ ଥିଲେ। ଅଫିସ କାମରେ ଛତ୍ରପୁର ଯାଇଥିଲେ ବୋଲି କହିଛନ୍ତି। ସ୍ପେଶାଲ ଗାଡ଼ି କିଣା ସମୟରେ ସେ ନ ଥିଲେ କି ତାଙ୍କ ସମୟରେ ଭିଜିଲାନ୍ସ ପକ୍ଷରୁ କୌଣସି ନଥିପତ୍ର କିମ୍ବା ଫାଇଲ ଜବତ କରାଯାଇନି ବୋଲି କହିଛନ୍ତି।

# ୪ କର୍ମଚାରୀଙ୍କୁ ନିଲମ୍ବନ ପରେ ଥମିଲା ଶ୍ରମିକ ଅଶାନ୍ତି

**ଆସିକା ଚିନିଶିଳ୍ପ**

ଆସିକା,୧୦।୯(ଡି.ଏନ୍.ଏ.)

ଆସିକା ସମବାୟ ଚିନିଶିଳ୍ପ ଗୋଦାମରୁ ରଦି କାର୍ଟୁନ ଚାଲାଣ ବାହାନାରେ ଭଲ କାର୍ଟୁନ ଚାଲାଣକୁ ନେଇ ସୋମବାର ସନ୍ଧ୍ୟାରୁ ଶ୍ରମିକ ଅଶାନ୍ତି ଆରମ୍ଭ ହୋଇଥିଲା। ଏପରିକି ଶ୍ରମିକମାନେ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରାଙ୍କୁ ବିଳମ୍ବିତ ରାତ୍ର ଯାଏ କାରଖାନା ପରିସରରେ ଘେରାଉ କରିଥିଲେ । ଖବରପାଇ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଶ୍ରମିକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଅଭିଯୁକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଶ୍ରମିକମାନେ ଜିଦରେ ଅଟଳ ରହିଥିଲେ । ରାତି ପ୍ରାୟ ସାଢ଼େ ୧ଟାରେ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ କାର୍ଟୁନ ଚାଲାଣ ଘଟଣାରେ ୪ କର୍ମଚାରୀଙ୍କୁ ତତ୍କାଳ ନିଲମ୍ବନ ଆଦେଶ ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମାର୍କେଟିଂ ବିଭାଗର ସହଯୋଗୀ, ଷ୍ଟୋର କିପର ଓ ୨ଜଣ ଷ୍ଟୋର ଆଟେଣ୍ଡର ନିଲମ୍ବିତ ହୋଇଛନ୍ତି । ଏ ସମ୍ପର୍କରେ ପରିଚାଳନା ନିର୍ଦ୍ଦେଶକ ବେହେରା କହିଛନ୍ତି, ନିଲମ୍ବିତ କର୍ମଚାରୀଙ୍କ କାର୍ଯ୍ୟକଳାପର ତଦନ୍ତ ପରେ କାରଖାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନାଯୋଗ୍ୟ, କାରଖାନାର ରଦି କାର୍ଟୁନ ନିଲାମ ନେଇଥିବା ଜଣେ ବ୍ୟବସାୟୀ ଏକ ମିନି ଟ୍ରକରେ କାର୍ଟୁନ ନେଉଥିଲେ । ସେହି ଟ୍ରକରେ ଭଲ କାର୍ଟୁନ ତଳେ ରଖାଯାଇ ଉପରକୁ ରଦି କାର୍ଟୁନ ରହିଥିବା ଶ୍ରମିକଙ୍କ ଦୃଷ୍ଟିକୁ ଆସିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା ।

## ଶ୍ରମିକ ପଞ୍ଜୀକରଣ ଶିବିର

ଦିଗପହଣ୍ଡି,୧୦।୯(ଡି.ଏନ.ଏ.)



ଧାଡିରେ ଅପେକ୍ଷା କରିଥିବା ଶ୍ରମିକମାନେ।

ଦିଗପହଣ୍ଡି ବ୍ଲକ ପକ୍ଷରୁ ଜିଲା ଶ୍ରମ କାର୍ଯ୍ୟାଳୟ ସହାୟତାରେ ମଙ୍ଗଳବାର କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ହଳଧର ଶବର, ସହକାରୀ ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଶ୍ରମ ବିଭାଗ ଡିଇଓ ସୁନିଲ କୁମାର, ଲୋକନାଥ ବେହେରା, ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଅନୀଲ କୁମାର ପାଣି, ସରପଞ୍ଚ ଭୀମସେନ ସାହୁ, ଚୈତନ୍ୟ ପ୍ରଧାନ, ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁ, ଭଗବାନ ବାଡତ୍ୟାଙ୍କ ସମେତ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଉପସ୍ଥିତ ଥିଲେ। ବ୍ଲକ ଅଧୀନ ୨୫ ପଞ୍ଚାୟତରୁ ଚିହ୍ନଟ କରାଯାଇଥିବା ୧୬୯୪ ଶ୍ରମିକଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪୦୦ ଯୋଗ୍ୟଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଲେବର କାର୍ଡ ପ୍ରଦାନ ନିମନ୍ତେ ପଞ୍ଜୀକରଣ କରାଯାଇଥିବା ବିଡିଓ ଜଣାଇଛନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୧୮-୧୯ ଓ ୨୦୧୯-୨୦ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଯେଉଁ ଜବ କାର୍ଡଧାରୀ ଶ୍ରମିକ ୧ ଶହ କର୍ମ ଦିବସ ମଧ୍ୟରୁ ଅନ୍ୟୁନ ୯୫ ଦିନ କାମ କରି ମଜୁରି ପାଇଥିବେ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଲେବର କାର୍ଡ ଦିଆଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ପ୍ରଦାନ କରାଯିବ। ବ୍ଲକ ଅଧୀନ ଗ୍ରାମାଞ୍ଚଳର ବାଦ ପଡ଼ିଥିବା ପ୍ରକୃତ ଜବ କାର୍ଡଧାରୀ ଶ୍ରମିକଙ୍କ ନିମନ୍ତେ ପରବର୍ତ୍ତୀ ସମୟରେ ଏପରି ଶିବିର ଆୟୋଜନ କରାଯାଇ ଲେବର କାର୍ଡ ନିମନ୍ତେ ଦରଖାସ୍ତ ଗ୍ରହଣ କରାଯିବ ବୋଲି ବିଡ଼ିଓ କହିଛନ୍ତି।

## କୀଟନାଶକ ପିଇ ଯୁବକ ଗୁରୁତର

ବୁଗୁଡ଼ା,୧୦।୯(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ବି.କରଡ଼ାବାଡ଼ି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ କୀଟନାଶକ ପିଇ ଜଣେ ଯୁବକ ଗୁରୁତର ହୋଇଛନ୍ତି। ପାରିବାରିକ ଅଶାନ୍ତିରୁ ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥିବା ସନ୍ଦେହ କରାଯାଉଛି। ଗୁରୁତର ଅବସ୍ଥାରେ ଯୁବକଙ୍କୁ ପରିବା ଲୋକ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି ।

## ଗାଙ୍ଗପୁର, ନିମିନାରେ ନଳ ଯାତ୍ରା

ଆସିକା,୧୦।୯(ଡି.ଏନ୍.ଏ.)



ଗାଙ୍ଗପୁର ଥାନା ଅନ୍ତର୍ଗତ ଗାଙ୍ଗପୁର ଓ ନିମିନା ଗ୍ରାମରେ ମଙ୍ଗଳବାର ନଳ ଯାତ୍ରା ଅନୁଷ୍ଠିତ ହୋଇଛି । କୃଷି କାର୍ଯ୍ୟ ନିମନ୍ତେ ଆବଶ୍ୟକ ବୃଷ୍ଟିପାତ, ଫସଲକୁ ରୋଗପୋକ ଦାଉରୁ ରକ୍ଷା ସହ ପ୍ରାଣୀ ସମ୍ପଦର ସୁରକ୍ଷା କାମନା କରି ଗ୍ରାମ ଠାକୁରାଣୀଙ୍କ ନିକଟରେ ଏହି ପୂଜାର୍ଚ୍ଚନା କେଉଁ ଆବାହମାନ କାଳରୁ କରାଯାଇ ଆସୁଛି। ଯାତ୍ରାରେ ଶ୍ରଦ୍ଧାଳୁଙ୍କ ପକ୍ଷରୁ ୩ଟି ନଳ (ବାଉଁଶ)କୁ ବିଭିନ୍ନ ବସ୍ତ୍ରରେ ସଜାଯାଇ ପୂଜାର୍ଚ୍ଚନା ଓ ହୋମ ପରେ ନଗର ପରିକ୍ରମା କରି ଠାକୁରାଣୀଙ୍କ ପୀଠକୁ ନିଆଯାଇଥିଲା । ସେଠାରେ ମଧ ପୂଜାର୍ଚ୍ଚନା କରାଯାଇଛି। ଗାଙ୍ଗପୁର ଯାତ୍ରାରେ ଶ୍ରଦ୍ଧାଳୁ ଗ୍ରାମ ସଂଲଗ୍ନ ରତନେଇ ଓ କନ୍ଧୁଣିଦେବୀଙ୍କ ପୀଠ ପରିକ୍ରମା ପରେ ଗ୍ରାମଦେବତୀଙ୍କ ପୀଠକୁ ଆସି ପୂଜାର୍ଚ୍ଚନା କରିଥିଲେ । ସେହିଭଳି ନିମିନା ଗ୍ରାମବାସୀ ନଳକୁ ପୂଜାର୍ଚ୍ଚନା କରି ରଙ୍ଗ ଚିଟିଆ ପାହାଡରେ ବିଜେ ଠାକୁରାଣୀଙ୍କ ନିକଟକୁ ନେଇ ପୂଜାର୍ଚ୍ଚନା କରିବା ପରେ ଗ୍ରାମର ଆରାଧ୍ୟା ରତନେଇ ଠାକୁରାଣୀଙ୍କ ପୀଠକୁ ଆସିଥିଲେ ।

## କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ହିଞ୍ଜିଳିକାଟୁ,୧୦।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ମଧ୍ୟାହ୍ନରେ ହିଞ୍ଜିଳିକାଟୁ ଗସ୍ତ କରି କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଯୋଗଦେବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ। ଶାସନଆମ୍ବଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାଳିକା ହଷ୍ଟେଲ କାମ ମନ୍ଥର ଦେଖି ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ସ୍କୁଲ ଅଧକ୍ଷ ଭାବେ ଯୋଗଦେଇଥିଲେ। ବହୁ ସଦସ୍ୟାସଦସ୍ୟ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟ ପକ୍ଷରେ ସହରର ବାରାହୀ ପାହାଡ଼ରେ ଇକୋ ଟୁରିଜମ ପାଇଁ ଅର୍ଥ ପ୍ରଦାନ କରାଯାଇଥିଲେ ମଧ୍ୟ ଠିକାଦାର କାମ ଆରମ୍ଭ କରି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ କାମ ଆରମ୍ଭ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ଓୟୁଆଇଡ଼ିଏଫ ପକ୍ଷରୁ ପ୍ରାୟ ୨କୋଟି ଟଙ୍କା ସହାୟତାରେ ହିଞ୍ଜିଳି ଦେଉଳବନ୍ଧ ସୌନ୍ଦର୍ଯ୍ୟକରଣ ଓ ପୁନଃନିର୍ମାଣ କାର୍ଯ୍ୟ ଦେଖିଥିଲେ। ପରେ ଭାବନ୍ଧ ପଞ୍ଚାୟତରେ ବିଭିନ୍ନ ଯୋଜନାରେ ହୋଇଥିବା ଉନ୍ନୟନ କାର୍ଯ୍ୟର ତଦାରଖ କରିଥିଲେ। ଜିଲାପାଳଙ୍କ ସହ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ତହସିଲଦାର ଗୋପୀନାଥ କୁଅଁର, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର , ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ ପଟେଲ, କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗର ଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଲଡୁ କିଶୋର ପଣ୍ଡା ପ୍ରମୁଖଙ୍କ ସହ ବହୁ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

### ଟାକରଡ଼ା ବିଦ୍ୟାଳୟରେ ଟିକାକରଣ କାର୍ଯ୍ୟକ୍ରମ

ବୁଗୁଡ଼ା,୧୦।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଟାକରଡ଼ା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ଉପସ୍ଥିତିରେ ପଞ୍ଚମ ଓ ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଟିଟାନସ ଓ ଡିପ୍‌ଥେରିଆ ଇଞ୍ଜେକ୍ସନ୍ ଦିଆଯାଇଥିଲା ।ମହିଳା ସ୍ୱାସ୍ଥ୍ୟକର୍ମୀ ସୁମତି କୁମାରୀ ଦାଶ ଛାତ୍ରୀଛାତ୍ରଙ୍କୁ ଇଞ୍ଜେକ୍ସନ ଦେଇଥିଲେ । ଏଥିରେ ଅଙ୍ଗନୱାଡ଼ି କର୍ମୀ ପୁଷ୍ପଲତା ଦାଶ ସହଯୋଗ କରିଥିଲେ ।

■ ଅଟୋ-କାର୍ ଦୁର୍ଘଟଣା

## ଅଟୋ ଚାଳକ ଗୁରୁତର, କାର୍ ଜବତ



ଦୁର୍ଘଟଣା ଘଟାଇଥିବା କାର।

ଛତ୍ରପୁର,୧୦।୯(ଡି.ଏନ୍.ଏ.)

ଛତ୍ରପୁର ଥାନା ଅଧୀନ ବାଇପାସ ବ୍ୟାଙ୍କ କଲୋନୀ ନିକଟ ଜାତୀୟ ରାଜପଥରେ ମଙ୍ଗଳବାର ଏକ ଅଟୋକୁ ପଛପଟୁ କାର ଧକ୍କା ଦେଇ ବ୍ରହ୍ମପୁର ଅଭିମୁଖେ ପଳାଇଥିଲା । ଏଥିରେ ଅଟୋ ଚାଳକ ତଥା ଛତ୍ରପୁର ଦେବୀ ନଗର ସାହିର ସୋମନାଥ ବେହେରା ଓରଫ ମିଟୁ ଗୁରୁତର ଆହତ ହୋଇଛନ୍ତି। ଛତ୍ରପୁର ପୋଲିସ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ଅବସ୍ଥା ଗୁରୁତର ଥିବାରୁ ମିଟୁଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା କାରଟି ବ୍ରହ୍ମପୁରରୁ ଭୁବନେଶ୍ୱରକୁ ଫେରୁଥିବା ବେଳେ ହୁମ୍ମା ନିକଟରେ ଛତ୍ରପୁର ପୋଲିସ ତାହାକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ସକାଳେ ମିଟୁ ଅଟୋ (ନଂ.ଓଡି ୦୭ଏବି ୭୦୮୮) ନେଇ ଦେବୀ ନଗରରୁ ଛତ୍ରପୁର କଲେଜଛକ ଅଭିମୁଖେ ଯାଉଥିବା ବେଳେ ଭୁବନେଶ୍ୱରରୁ ବ୍ରହ୍ମପୁର ଯାଉଥିବା କାର (ନଂ.ଓଡି ୦୨ ଏୟୁ ୭୩୯୩) ପଛପଟୁ ଧକ୍କା ଦେଇ ପଳାଇଥିଲା। ଏନେଇ ମିଟୁଙ୍କ ବାପା ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଏତଲା ପ୍ରକାରେ ଛତ୍ରପୁର ଥାନାରେ (ନଂ.୨୧୪/୧୯)ରେ ଏକ ମାମଲା ରୁଜୁ କରାଯାଇଛି।

## କୃଷକ ସଭାର ଜିଲା ପରିଷଦ ବୈଠକ




କୃଷକ ସଭା ବେଠକରେ ମଞ୍ଚାସୀନ ଅତିଥି ।

ଆସିକା,୧୦।୯(ଡି.ଏନ୍.ଏ.)

ଆସିକା ବ୍ଲକ କାଳକଣ୍ଠପୁରସ୍ଥିତ ମେରୁ ମଣ୍ଡପଠାରେ ମଙ୍ଗଳବାର ଉତ୍କଳ ରାଜ୍ୟ କୃଷକ ସଭାର ଗଞ୍ଜାମ ଜିଲାସ୍ତରୀୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ଶ୍ରୀହର୍ଷ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସଭାପତି ରାଜୀବ ଲୋଚନ ପଣ୍ଡା, ସମ୍ପାଦକ ରଙ୍ଗନାଥ ସ୍ୱାଇଁ, ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଅଳକ ନାଥ ମିଶ୍ର, ପୀତବାସ ମହାପାତ୍ର, ବିଦେଶୀ ନାହାକ, ରାଜେନ୍ଦ୍ର ଦାସ, ସନ୍ତୋଷ ପାଣିଗ୍ରାହୀ ଓ ନାରାୟଣ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଚାଷୀଙ୍କୁ ମାସିକ ୩ହଜାର ଟଙ୍କା ପେନସନ, ଧାନର ଦର କୁଇଣ୍ଟାଲ ପ୍ରତି ୩ହଜାର ଟଙ୍କା ଧାର୍ଯ୍ୟ କରିବା, ଆଖୁ ଚାଷୀଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ, ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା, ଚାଷକାର୍ଯ୍ୟ ଲାଗି ଜଳସେଚନ ବ୍ୟବସ୍ଥା ଏବଂ ବିହନ ଓ ସାର ରିହାତି ଦରରେ ଯୋଗାଇବା, ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ଏବଂ ପ୍ରତି ପଞ୍ଚାୟତରେ ଧାନ ମଣ୍ଡି ଖୋଲିବା ଆଦି ପାଇଁ କୃଷକ ସଭା ପକ୍ଷରୁ ଦାବି କରାଯାଇଥିଲା । ଦାବି ସମୂହକୁ ନେଇ କୃଷକ ସଭା ପକ୍ଷରୁ ଆସନ୍ତା ୧୫ରୁ ୩୦ ତାରିଖ ମଧରେ ବ୍ଲକ ଓ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

## ସମଗ୍ର ଶିକ୍ଷା ଦିବ୍ୟାଙ୍ଗ ସାଧନ କେନ୍ଦ୍ରରେ ତାଲିମ୍



ଫିଜିଓଥେରାପି ତାଲିମ ଦିଆଯାଉଛି ।

ଛତ୍ରପୁର,୧୦।୯(ଡି.ଏନ୍.ଏ.)

ଛତ୍ରପୁରସ୍ଥିତ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଦିବ୍ୟାଙ୍ଗ ସାଧନ କେନ୍ଦ୍ରଠାରେ ସ୍ପିଚ ଓ ଫିଜିଓ ଥେରାପି ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଶିବିରକୁ ଅର୍ଥ ପରାମର୍ଶଦାତା ମଧୁସୂଦନ ପରିଡା ଉଦ୍‌ଘାଟନ କରିଥିଲେ। ବେଗୁନିଆପଡ଼ା ବ୍ଲକର ୧୫ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏଥିରେ ଯୋଗଦେଇଥିଲେ। ପିଲାଙ୍କୁ ୪ ଦିନ ଧରି ଅଭିଜ୍ଞ ଥେରାପିଷ୍ଟମାନେ ଚିକିତ୍ସା କରିବେ। ଦିବ୍ୟାଙ୍ଗ ବିଭାଗର ସଂଯୋଜକ ତପନ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସନ୍ତୋଷ ପଣ୍ଡା, ଜ୍ୟୋତି ପ୍ରକାଶ ରଥ, ପ୍ରଶାନ୍ତ ବେହେରା, ଲକ୍ଷ୍ମୀ ଶତପଥୀ, ଡମ୍ବରୁ ଦୋରା, ବିଜୟ ବେହେରା, ଅଶ୍ୱିନୀ ପାଇକରାୟ, ଧ୍ରୁବ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ପୁନର୍ବାସ ଥଇଥାନ କେନ୍ଦ୍ରର ଫିଜିଓ ଥେରାପିଷ୍ଟ ବି. ମାନସା, ଛତ୍ରପୁର ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ଦୀପାଞ୍ଜଳି ସାବତ, ପୁରୁଷୋତ୍ତମପୁର ବ୍ଲକ ସମ୍ବଳ ଶିକ୍ଷକ ଅଜୟ ସାହୁ ପିଲାଙ୍କୁ ଥେରାପି ଦେଇଥିଲେ।

### ବିଦ୍ୟୁତ୍ ଆଘାତରେ ନାବାଳକ ଗୁରୁତର ଘଟଣା

## ସହାୟତାର ହାତ ବଢ଼ାଇଲା ଆର୍‌ବିଏସ୍‌କେ

କୋଦଳା,୧୦।୯(ଡି.ଏନ୍.ଏ.)



ଆହତ ନାବାଳକଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

କୋଦଳା ଖଲାଡିସାହି ଛକ ନିକଟସ୍ଥ ସୁର ପ୍ରଧାନଙ୍କ ପୁଅ କାହ୍ନୁଚରଣ(୧୬) ଫେବୃୟାରୀ ୨୨ରେ ଗାଁର ଏକ ଶ୍ମଶାନ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କର ଛାତି, ଦୁଇହାତ ଓ ଜଙ୍ଘରେ ଶତକଡା ପଚାଶ ପ୍ରତିଶତ ପୋଡିଯାଇଥିଲା। କାହ୍ନୁଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଅର୍ଥ ଅଭାବରୁ ସେ ଚିକିତ୍ସା ହୋଇ ନ ପାରି ଫେରି ଆସିଥିଲେ। ଏବେ ତାଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢାଇଛି ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଟିମ୍। ସୋମବାର ଆର୍‌ବିଏସ୍‌କେ ଟିମ ଓ ଡ. ଜୟଦେବ ନାୟକ କାହ୍ନୁଙ୍କ ଘରେ ପହଞ୍ଚି ଆଶ୍ୱାସନା ଦେବା ସହ ମଙ୍ଗଳବାର ବ୍ରହ୍ମପୁର ସିଟି ହସ୍‌ପିଟାଲକୁ ନେଇଥିଲେ।
ପ୍ରକାଶ ଯେ, ଶ୍ମଶାନ ଗୃହ ନିର୍ମାଣ କରୁଥିବା ସମ୍ପୃକ୍ତ ଠିକାଦାର କାହ୍ନାଙ୍କୁ ଏକ ମୋଟର ସଜାଡିବାକୁ ଡାକିଥିଲେ। ସେ ସଜାଡୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କ ଚିକିତ୍ସା ବାବଦ ଆଶିଂକ ଖର୍ଚ୍ଚ ସମ୍ପୃକ୍ତ ଠିକାଦାର ବହନ କରିଥିଲେ। କାହ୍ନୁଙ୍କ ପରିବାର ଗରିବ ଶ୍ରେଣୀର। ପରେ ଅର୍ଥ ଅଭାବରୁ ତାଙ୍କୁ ପରିବାର ଲୋକେ ଚିକିତ୍ସା ଅଧାରୁ କଟକ ବଡ ମେଡିକାଲରୁ ଘରକୁ ନେଇ ଆସିଥିଲେ। ଠିକାଦାର କାମ ପାଇଁ ନେଇଥିବାରୁ ସେ ସମସ୍ତ ଖର୍ଚ୍ଚ ବହନ କରନ୍ତୁ ବୋଲି ପରିବାର ଲୋକେ ଦାବି କରିଥିଲେ। ଏଥିରେ ବିଫଳ ହେବାରୁ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନଙ୍କୁ ଗୁହାରି ଜଣାଇଥିଲେ। ଏନେଇ ସିଡିଏମ୍‌ଓଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଚିନ୍ମୟ ମିଶ୍ର କାହ୍ନୁଙ୍କ ପ୍ରାଥମିକ ଚିକିତ୍ସା କରି ବ୍ରହ୍ମପୁର ପଠାଇଛନ୍ତି। ପ୍ରଥମେ ସିଟି ହସ୍‌ପିଟାଲକୁ ନେବା ପରେ ସିଡିଏମ୍‌ଓ ପହଞ୍ଚି ଚିକିତ୍ସା ନିମନ୍ତେ କେଉଁଠାକୁ ପଠାଯିବ ନିଷ୍ପତ୍ତି ନେବେ ବୋଲି ଟିମ୍ ଡା. ଜୟଦେବ ନାୟକ ଓ ଏଏନ୍‌ଏମ୍ ପି. ଗୀତାଞ୍ଜଳି ଆଚାରୀ ଜଣାଇଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୧୧ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ଶ୍ରୀନଅରରେ ସୁନିଆଁ ଚାଲିଲା ୬୨ ଅଙ୍କ, ୧୪୨୭ ସାଲ



**ପୁରୀ ଅଫିସ, ୧୦।୯:** ଗଜପତି ମହାରାଜା ଦିବ୍ୟ ସିଂହଦେବଙ୍କ ଶାସନରେ ୬୧ ଅଙ୍କ ଶେଷ ହୋଇଛି। ମଙ୍ଗଳବାର ସୁନିଆଁ ଅବସରରେ ୬୨ଅଙ୍କ ଏବଂ ୧୪୨୭ ସାଲ ଆରମ୍ଭ ହୋଇଛି। ସେଥିପାଇଁ ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡିଥିଲା। ପ୍ରାତଃରୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚ ଦେବତା ପୂଜା, ରାମାଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୬୨ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ଏହାପରେ ଗଜପତି ମହାରାଜାଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆଁ ଭେଟି ଦେଇଥିଲେ। ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଉପସ୍ଥିତ ରହି ରାଜଗୁରୁ ସେବା କରିଥିଲେ। ସୁନିଆଁ ପରମ୍ପରା ସମ୍ପର୍କରେ ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ କହିଛନ୍ତି, ସୁନିଆଁରେ ଗଜପତି ମହାରାଜାଙ୍କ ନବବର୍ଷର ଅଙ୍କମାରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୨ଅଙ୍କ ପ୍ରଚଳିତ ହେଲା ୧୪୨୭ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।

### ମଧ୍ୟାହ୍ନ ଭୋଜନ ଖାଇ ଛାତ୍ର ମୃତ୍ୟୁ ଘଟଣା
### ନବରଙ୍ଗପୁର ଜିଲାପାଳଙ୍କୁ ଏନ୍‌ଏଚଆରସିଙ୍କ ତାଗିଦ୍

**ଭୁବନେଶ୍ୱର,୧୦।୯(ବ୍ୟୁରୋ):** ନବରଙ୍ଗପୁର ଜିଲାରେ ୨୦୧୮ ମସିହାରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ଜଣେ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା। ସେହି ଛାତ୍ରଙ୍କ ନିକଟ ସମ୍ପର୍କୀୟଙ୍କୁ ଦିଆଯାଇଥିବା କ୍ଷତିପୂରଣ ରାଶିର ପ୍ରମାଣ ଦେବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚଆରସି) ନବରଙ୍ଗପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ପ୍ରମାଣ ସହ ଦାଖଲ କରିବାକୁ କୁହାଯାଇଛି। ଆଡଭୋକେଟ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଦାଏର କରାଯାଇଥିବା ମାମଲାର ଶୁଣାଣି କରି କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ନବରଙ୍ଗପୁର ଜିଲାର ଏକ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ୧୪ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨୦୧୮ ଫେବୃୟାରୀ ୧୯ ତାରିଖରେ ସେମାନଙ୍କ ମଧ୍ୟରୁ ଗୁରୁବନ୍ଧୁ ଭାତ୍ରାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ରାଜ୍ୟ ସରକାର ମୃତ ଛାତ୍ରଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ମୃତ ଛାତ୍ରଙ୍କ ନିକଟ ସମ୍ପର୍କୀୟଙ୍କୁ ନବରଙ୍ଗପୁର ଜିଲାପାଳ କ୍ଷତିପୂରଣ ରାଶି ବାବଦରେ ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏଥିସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁଇ ଜଣ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯିବା ସହ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ଜଣାଇବା ସତ୍ତ୍ୱେ ମୃତ ଛାତ୍ରଙ୍କର ନିକଟ ସମ୍ପର୍କୀୟଙ୍କୁ ଦିଆଯାଇଥିବା କ୍ଷତିପୂରଣ ରାଶିର ପ୍ରମାଣପତ୍ର ଆସନ୍ତା ୬ ସପ୍ତାହ ମଧ୍ୟରେ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

## ଟ୍ରାଫିକ ନିୟମ କୋହଳ ପରେ ସମୀକ୍ଷା

# ଛୁଟିଦିନରେ ଖୋଲିବ ଆର୍‌ଟିଓ

- ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରରେ ଲାଗିବ ରେଟ୍ ଚାର୍ଟ
- ଆର୍‌ଟିଓରେ ରହିବେ ଇନସ୍ୟୁରାନ୍ସ ଅଧିକାରୀ
- ଡିଜିଙ୍କୁ ଚିଠି ଲେଖିଲେ ପରିବହନ ସଚିବ
- ଦଲାଲ୍‌ଙ୍କ ଉପରେ ରହିବ ନଜର

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ନୂଆ ମୋଟର ଯାନ ଆଇନ ଓଡ଼ିଶାରେ ଲାଗୁ କରାଯିବାର ଦିନ କେଇଟା ମଧ୍ୟରେ ଲୋକମାନଙ୍କ ନିଦ ହଜିଯାଇଥିଲା। ନିୟମ ଅନୁଯାୟୀ ଗାଡ଼ି ଚାଳକମାନଙ୍କ ନିକଟରେ ଆବଶ୍ୟକୀୟ ସମସ୍ତ କାଗଜ ପତ୍ର ନ ଥିବା କାରଣରୁ ଲୋକେ ଟ୍ରାଫିକ ନିୟମ ଏବଂ ମୋଟା ଅଙ୍କର ଜରିମାନା ଦେଖି ଗାଡି ଚଳାଇବା ଏକ ପ୍ରକାର ବନ୍ଦ କରିଦେଲେ। ଏହାର ଦିନ କେଇଟା ପରେ ଭୁବନେଶ୍ୱର ରାଜମହଲ ଛକଠାରେ ପୋଲିସ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଲଙ୍କାକାଣ୍ଡରୁ ସ୍ପଷ୍ଟ ହୋଇଥିଲା ଏହି ନିୟମ ପରେ ଲୋକେ କେତେ ମାତ୍ରାରେ ବ୍ୟଥିତ ଥିଲେ। କୌଣସି ସଙ୍ଗଠନ ନୁହେଁ ବରଂ ସାଧାରଣ ଲୋକମାନେ ସ୍ୱତଃସ୍ଫୂର୍ତ୍ତଭାବେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଅପରପକ୍ଷରେ ଏଭଳି ନିୟମ ଯୋଗୁ ଲୋକଙ୍କ ଗାଡି ଚଳାଇବା ବନ୍ଦ ହୋଇଯିବା ସଙ୍ଗେ ସଙ୍ଗେ ପେଟ୍ରୋଲ, ଡିଜେଲ ସହିତ ମଦ ବିକ୍ରି ମଧ୍ୟ ହ୍ରାସ ପାଇଲା। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସୋମବାର ଟ୍ରାଫିକ ନିୟମକୁ ଆସନ୍ତା ୩ ମାସ ପର୍ଯ୍ୟନ୍ତ କୋହଳ କରିବା ପାଇଁ ପରିବହନ ଏବଂ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଲେ। ଟ୍ରାଫିକର କଡ଼ାକଡି ନିୟମ ଆରମ୍ଭ ହୋଇ ହଠାତ୍ ବନ୍ଦ କରିଦିଆଯିବା ପରେ ଲୋକଙ୍କୁ ଆଶ୍ୱସ୍ତି ମିଳିଥିଲା ହେଲେ ଜିଲା ଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ପରିବହନ ଏବଂ ପୋଲିସ ଅଧିକାରୀ କିପରି କାର୍ଯ୍ୟ କରିବେ ସେନେଇ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇ ନ ଥିଲା। ତେଣୁ ମଙ୍ଗଳବାର ପରିବହନ ବିଭାଗ ସଚିବ ଜି. ଶ୍ରୀନିବାସ ଏବଂ ପରିବହନ କମିଶନର ଭିଡିଓ କନଫରେନ୍ସିଂ ଜରିଆରେ ଆର୍‌ଟିଓମାନଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ୩ ମାସ ପର୍ଯ୍ୟନ୍ତ ଲୋକମାନଙ୍କ ଗାଡି ମୋଟର କାଗଜପତ୍ର କିପରି ସଜଡା ଯାଇପାରିବ ସେନେଇ ଆଲୋଚନା ହୋଇଛି। ଅନ୍ୟପଟେ ଲୋକମାନେ ଛୁଟିଦିନରେ ନିଜର କାଗଜ ପତ୍ର ଆର୍‌ଟିଓ ଅଫିସରେ କରିପାରିବେ ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି।

ମନ୍ତ୍ରୀ ବେହେରା କହିଛନ୍ତି, ଡ୍ରାଇଭିଂ ଲାଇସେନ୍ସ, ଫିଟନେସ ଏବଂ ପ୍ରଦୂଷଣ ସାର୍ଟିଫିକେଟ ଆଦି କାର୍ଯ୍ୟ ଛୁଟିଦିନରେ କରିହେବ। ସେଥିଲାଗି ସରକାରୀ ସ୍ତରରେ ଲୋକଙ୍କୁ ସମସ୍ତ ସାହାଯ୍ୟ ଯୋଗାଇ ଦିଆଯିବ। ଆବଶ୍ୟକୀୟ ସ୍ଥାନରେ ଏ ସମସ୍ତ କାର୍ଯ୍ୟାଳୟ ଛୁଟିଦିନରେ ଖୋଲା ରହିବ। ଏହାସହ ବିଭିନ୍ନ କ୍ୟାମ୍ପ କରାଯାଇ ଲୋକଙ୍କୁ କାଗଜପତ୍ର କାମରେ ସହଯୋଗ କରାଯିବ। ୩ ମାସ ମଧ୍ୟରେ ଜନସାଧାରଣ ନିଜ ଗାଡ଼ିର କାଗଜପତ୍ର ଠିକ୍ କରାଇ ନେବା ପାଇଁ ବେହେରା କହିଛନ୍ତି। ଏହାସହ ବିରୋଧୀ ଦଳ ନେତାମାନେ ମୋଟା ଅଙ୍କର ଜରିମାନା ପୈଠ କରିଥିବା ଲୋକଙ୍କୁ ସେମାନଙ୍କ ଟଙ୍କା ଫେରାଇବା ଲାଗି ଦାବି କରିଥିବା ବେଳେ ମନ୍ତ୍ରୀ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଅନ୍ୟପଟେ ବୈଠକ ପରେ ଜି. ଶ୍ରୀନିବାସ କହିଛନ୍ତି ଯେ, ଆର୍‌ଟିଓ ଅଫିସରେ ଅଧିକ କ୍ୟାମ୍ପ ଖୋଲାଯିବ। ବର୍ତ୍ତମାନ ସ୍ଥିତିରେ ବହୁ ସଂଖ୍ୟାରେ ଲୋକମାନେ ଡ୍ରାଇଭିଂ ଲାଇସେନ୍ସ ଆବେଦନ କରୁଥିବାରୁ ବର୍ତ୍ତମାନ ଦୈନିକ ଯେତିକି ଲର୍ନିଂ ପ୍ରଦାନ କରାଯାଉଥିଲା ସେହି ସଂଖ୍ୟା ବୃଦ୍ଧି କରାଯାଇଛି। ଯେଉଁମାନେ ଲାଇସେନ୍ସ କରାଇବା ଲାଗି ଦଲାଲି କରିବେ ସେମାନଙ୍କୁ ଦଣ୍ଡ ଦିଆଯିବ। ସେହିପରି ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରରେ ରେଟ୍ ଚାର୍ଟ ଲଗାଯିବ। ଅଧିକ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ମଧ୍ୟ ଖୋଲିବ। ଏହାସହ ଆର୍‌ଟିଓ କାର୍ଯ୍ୟାଳୟରେ ଇନସ୍ୟୁରାନ୍ସ ଅଧିକାରୀଙ୍କୁ ରଖାଯିବ ବୋଲି ସେ କହିଛନ୍ତି।

ଅନ୍ୟ ଜଣେ ପରିବହନ ଅଧିକାରୀଙ୍କ କହିବାନୁଯାୟୀ, ଦୈନିକ ଭୁବନେଶ୍ୱର ଆର୍‌ଟିଓ କାର୍ଯ୍ୟାଳୟରେ ୧୫୦ ଲର୍ନିଂ ପ୍ରଦାନ କରାଯାଉଥିଲା। ଏବେ ସେହି ସଂଖ୍ୟା ୩ଶହକୁ ବୃଦ୍ଧି କରାଯାଇଛି। ଆଜିଠାରୁ ଦୁଇଜଣ ଲେଖା ଇନସ୍ୟୁରାନ୍ସ କର୍ମଚାରୀଙ୍କୁ ଆରଟିଓରେ ବସାଇବାର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରେ ଅଧିକ ସଂଖ୍ୟାରେ ଲୋକ ରହିଥିବାରୁ ଏଠାରେ ଅଧିକ ଭିଡ଼ ରହୁଛି। ସେହିଭଳି ବ୍ରହ୍ମପୁର, ବାଲେଶ୍ୱର, କଟକ ଆଦି କେତୋଟି ଜିଲାରେ ଅଧିକ ଭିଡ଼କୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ପରିବହନ ସଚିବ ଜି. ଶ୍ରୀନିବାସ ପୋଲିସ ଡିଜି ଏବଂ କମିଶନରଙ୍କୁ ଚିଠି ଲେଖି ପୋଲିସ କର୍ମଚାରୀଙ୍କ ବ୍ୟବହାର ସମ୍ପର୍କରେ ସୂଚନା ଦେଇଛନ୍ତି। ପରିବହନ ସଚିବ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଗାଡ଼ି ଚାଳକମାନଙ୍କୁ ଅଯଥାରେ ହଇରାଣ ନ କରିବା ପାଇଁ ପୋଲିସ ଏସ୍‌ପି ଏବଂ ଡିସିପିଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଉ। ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଲାଗୁ କରିବାବେଳେ ଲୋକଙ୍କୁ ପୋଲିସ ହଇରାଣ କରିବାର ବହୁ ଘଟଣା ସାମ୍ନାକୁ ଆସିଛି। ଟ୍ରାଫିକ ନିୟମର ପ୍ରାବଧାନ ଅନୁଯାୟୀ ଦାୟିତ୍ୱରେ ଥିବା କୌଣସି ପୋଲିସ ଅଧିକାରୀ ଯଦି ଭୁଲ୍ କରନ୍ତି ତେବେ ସେମାନଙ୍କଠାରୁ ଦୁଇଗୁଣା ଜରିମାନା ଆଦାୟ କରାଯିବ। ଏ ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ସମସ୍ତ ଜିଲା ପୋଲିସ ଏସ୍‌ପି ଏବଂ ଡିସିପିଙ୍କୁ ଜଣାଇବା ପାଇଁ ଡିଜିଙ୍କୁ ପରିବହନ ସଚିବ ଅନୁରୋଧ କରିଥିବା ଜଣାପଡିଛି।



ଭୁବନେଶ୍ୱର ଆର୍‌ଟିଓ ଅଫିସ ସମ୍ମୁଖରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଭିଡ଼।

## ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ଚାଷୀଙ୍କ ଦାବି
# ମଧ୍ୟାହ୍ନ ଭୋଜନରେ ଦିଆଯିବ ଦୁଗ୍ଧଜାତ ଦ୍ରବ୍ୟ

**ଭୁବନେଶ୍ୱର, ୧୦।୯(ବ୍ୟୁରୋ)**

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବିଗତ ବର୍ଷଗୁଡ଼ିକରେ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ଅଧିକରୁ ଅଧିକ ଲୋକ ଦୁଗ୍ଧ ଚାଷକୁ ଆପଣେଇଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଉଥିବାବେଳେ ଏହାର ଠିକ୍ ବିକ୍ରିବଟା ଏବଂ ଖାଉଟିମାନଙ୍କୁ ଉନ୍ନତ ମାନର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୈନିକ ୧୫ ଲକ୍ଷ ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା କୃଷିଭବନଠାରେ ଆୟୋଜିତ 'ଗୋସମ୍ପଦର ବିକାଶରେ ଉଦ୍ୟୋଗୀମାନଙ୍କ ଭୂମିକା' ଶୀର୍ଷକ କର୍ମଶାଳାରେ ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଗୋପାଳନ ରାଜ୍ୟ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ଉପାଦାନ। କୃଷକମାନଙ୍କ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ନିମନ୍ତେ ପ୍ରାଣୀପାଳନ ବିଶେଷ କରି ଗୋପାଳନ ଏକାନ୍ତ ଆବଶ୍ୟକ। ତେଣୁ ଗୋପାଳନର ବିକାଶ ନିମନ୍ତେ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଅରୁଣ ସାହୁ କହିଛନ୍ତି।

ସେପଟେ ଘରୋଇ ଦୁଗ୍ଧ ସଂସ୍ଥା ଆଗୁଆ ଦର ବୃଦ୍ଧି କରିଛନ୍ତି। କର୍ମଶାଳାରେ ବିଭିନ୍ନ ଜିଲାର ଚାଷୀମାନେ ଦୁଗ୍ଧ ଦର ବଢ଼ାଇବା ପାଇଁ ଜୋର ଦେଇଥିଲେ। ବିଶେଷକରି କୋରାପୁଟ, ପୁରୀ, ମାଲକାନଗିରି ଭଳି ଜିଲାର ଚାଷୀମାନେ ଜୋରଦାର ଦାବି ଉଠାଇଥିଲେ। ଖର୍ଚ୍ଚ ଅନୁସାରେ ଆୟ ହେଉନାହିଁ ବୋଲି ଚାଷୀମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏନେଇ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ସରକାର ଚିନ୍ତା କରୁଛନ୍ତି। ଉଭୟ ଖାଉଟି ଓ ଦୁଗ୍ଧ ଚାଷୀଙ୍କୁ ସୁହାଇଲା ଭଳି ଦର ଧାର୍ଯ୍ୟ ହେବ ବୋଲି ଅରୁଣ ସାହୁ କହିଛନ୍ତି।

ଅନ୍ୟପକ୍ଷରେ ମଧ୍ୟାହ୍ନ ଭୋଜନରେ ଦୁଗ୍ଧଜାତ ଦ୍ରବ୍ୟ ଦେବାକୁ ସରକାର ଯୋଜନା କରୁଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କର୍ମଶାଳାରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟକ ଭାବେ ଯୋଗଦେଇ କହିଛନ୍ତି ଯେ, ମଧ୍ୟାହ୍ନ ଭୋଜନରେ ଦୁଗ୍ଧଜାତ ଦ୍ରବ୍ୟ ଦେବା ପ୍ରସ୍ତାବକୁ ନେଇ ସରକାର ତର୍ଜମା କରୁଛନ୍ତି। ଏପରି ହେଲେ ରାଜ୍ୟର ଦୁଗ୍ଧ ଚାଷୀ ଉପକୃତ ହେବେ। ପିଲାମାନେ ମଧ୍ୟ ପୁଷ୍ଟିକର ଖାଦ୍ୟ ପାଇବାକୁ ସକ୍ଷମ ହେବେ।

ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଦୁଗ୍ଧ ଚାଷୀମାନେ ଦୁଗ୍ଧଚାଷ କ୍ଷେତ୍ରରେ ସେମାନଙ୍କର ଅଭିଜ୍ଞତା, ଅସୁବିଧା ଓ ଦୁଗ୍ଧର କ୍ରୟମୂଲ୍ୟ ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। କର୍ମଶାଳା ଅବସରରେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ ଯୋଗଦେଇ ବିଭାଗ ପକ୍ଷରୁ ଗୋସମ୍ପଦର ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳା ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରତ୍ନାକର ରାଉତ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବାବେଳେ ଓମ୍‌ଫେଡ୍‌ର ସାଧାରଣ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ।

## ୮ମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକ
# ଭାରତ ଉର୍ଜା ନ୍ୟାୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛି: ଧର୍ମେନ୍ଦ୍ର


**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ଭାରତରେ ଉର୍ଜା ନ୍ୟାୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଛନ୍ତି। ଆବୁଧାବୀଠାରେ ସୋମବାର ଆୟୋଜିତ ଅନ୍ତର୍ଜାତୀୟ ଶକ୍ତି ଫୋରମର ଅଷ୍ଟମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ୟୁଏଇ ଓ ଭିଏତନାମର ମନ୍ତ୍ରୀ, ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ପ୍ରମୁଖ ଅଧିକାରୀ, ଓପେକ୍‌ର ସାଧାରଣ ସଚିବ ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଭେଟି ଭାରତ ଓ ୟୁଏଇ ସହ ଆର୍ଥିକ ଏବଂ ଅନ୍ୟାନ୍ୟ ସହଯୋଗ ଉପରେ ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଆସନ୍ତା ଦୁଇ ଦଶନ୍ଧିରେ ଏସିଆ ବିଶ୍ୱ ଆର୍ଥିକ ବିକାଶର କେନ୍ଦ୍ର ହେବ। ଭାରତ ଓ ଚାଇନା ଏହାର ୮୦ ଭାଗ ଅଂଶୀଦାର ହେବେ। ବିଶ୍ୱର ଶକ୍ତି ଚାହିଦା ବଢ଼ିବା ସହ ଅକ୍ଷୟ ଶକ୍ତିର ବ୍ୟବହାରରେ ଦ୍ରୁତ ପ୍ରଗତି ଘଟିବ। ୨୦୪୦ ସୁଦ୍ଧା ଅକ୍ଷୟ ଶକ୍ତି ଯୋଗାଣରେ ଦୁଇ ତୃତୀୟାଂଶ ବୃଦ୍ଧି ପାଇବ ଭବିଷ୍ୟତରେ ଉର୍ଜା ମିଶ୍ରଣ ୩୦ ପ୍ରତିଶତରେ ପହଞ୍ଚିବ। ଦୁର୍ବଳ ଏବଂ ଅସନ୍ତୁଳିତ ଉର୍ଜା କାରଣରୁ ଏସିଆରେ ୪ଶହ ମିଲିୟନରୁ ଊର୍ଦ୍ଧ୍ୱ ଲୋକ ବିଜୁଳି ପାଇବାରୁ ବଞ୍ଚିତ ଅଛନ୍ତି। ଏଥିପାଇଁ ସୁରକ୍ଷିତ, ଶସ୍ତା ଏବଂ ସୁଲଭ ଉର୍ଜା ପ୍ରଦାନ କରିବା ସବୁ ଦେଶର ସରକାରଙ୍କ ପାଇଁ ପ୍ରାଥମିକତା ରହିଛି। ବିଗତ ୫ବର୍ଷରେ ଭାରତ ଉର୍ଜା ନ୍ୟାୟ ଏବଂ ଉର୍ଜାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଉପରେ ଅଧିକ ଜୋର ଦେଇଛି। ଏହି ସମୟରେ ଭାରତ ଦେଶର ୧.୩ ବିଲିୟନର ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଉର୍ଜା ନ୍ୟାୟ ଅନୁଭବ କରିବା ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଛି ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ବୈଠକ ଉର୍ଜା ସୁରକ୍ଷାକୁ ମଜବୁତ୍ କରିବାର ନୂଆ ରାସ୍ତା ଦେଖାଇବ। ଏହି ଅବସରରେ ୟୁଏଇର ଶକ୍ତି ଓ ଶିଳ୍ପ ମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି। ଭାରତ-ୟୁଏଇ ମଧ୍ୟରେ ବ୍ୟାପକ ରଣନୈତିକ ସହଯୋଗକୁ ଦୃଢ଼ କରିବା ପାଇଁ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବିଶେଷଭାବେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ହାଇଡ୍ରୋକାର୍ବନ କ୍ଷେତ୍ରର କାର୍ଯ୍ୟକୁ ଆହୁରି ମଜବୁତ କରିବା ଦିଗରେ ରାସ୍ତା ବାହାର କରିବା ଓ ଇସ୍ପାତ୍ ରପ୍ତାନି ଚାହିଦାକୁ ବୃଦ୍ଧି ଉପରେ ଆଲୋଚନା ହୋଇଛି। ଓଡ଼ିଶାର ଚଣ୍ଡିଖୋଲ ଏବଂ କର୍ଣ୍ଣାଟକର ପାଦୁରଠାରେ ହେବାକୁ ଥିବା ଭାରତର ରଣନୈତିକ ପେଟ୍ରୋଲିୟମ ଭଣ୍ଡାର କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ୟୁଏଇ ପୁନର୍ବାର ଅଂଶଗ୍ରହଣ କରିବା ପାଇଁ ସେମାନଙ୍କୁ କହିଛନ୍ତି। ଷ୍ଟ୍ରେଟ୍ ଅଫ୍ ହରମୁଜରେ ଦେଖାଯାଇଥିବା ବିଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିବା ସହ ଉତ୍ପାଦନ ହ୍ରାସକୁ ଓପେକ୍‌ର ସଦସ୍ୟମାନେ ସମର୍ଥନ କରିବା ଦ୍ୱାରା ପ୍ରତିକୂଳଭାବେ ଏହି ନିଷ୍ପତ୍ତି ଭାରତୀୟ ଉପଭୋକ୍ତାଙ୍କ ଉପରେ ପ୍ରଭାବ ପକାଉଛି ବୋଲି ସେ କହିଛନ୍ତି।

ସେହିପରି ଓପେକ୍‌ର ସାଧାରଣ ସଚିବ ଏଚ୍‌ଇ ମହମ୍ମଦ ସାନୁସି ବାର୍କିଣ୍ଡୋଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସାକ୍ଷାତ କରିଛନ୍ତି। ସମ୍ପ୍ରତି ଭୂ-ରାଜନୈତିକ ବିକାଶ ଦ୍ୱାରା ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟର ସ୍ଥିରତା ଏବଂ ଏହାର ରପ୍ତାନି ଉପରେ ପଡିଥିବା ପ୍ରଭାବ ସମ୍ବନ୍ଧରେ ସେ ଆଲୋଚନା କରିଛନ୍ତି। ବିଶ୍ୱସ୍ତରର ଅଶୋଧିତ ତୈଳର ସନ୍ତୁଳନ ଏବଂ ହାରାହାରି ମୂଲ୍ୟ ନିର୍ଦ୍ଧାରଣ ପାଇଁ ଦୁଇ ଦେଶ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଭାରତ ଏବଂ ଓପେକ୍ ମଧ୍ୟରେ ଆସନ୍ତା ଉଚ୍ଚସ୍ତରୀୟ ବୈଠକ ଚଳିତବର୍ଷ ଶେଷ ଆଡ଼କୁ ଆୟୋଜନ କରିବା ପାଇଁ ବାର୍କିଣ୍ଡୋ ଇଚ୍ଛା ପ୍ରକାଶ କରିଛନ୍ତି। ଏହାସହ ଧର୍ମେନ୍ଦ୍ର ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ଇଡି ଫତେହ ବିରୋଲଙ୍କୁ ଭେଟି ବିଶ୍ୱ ବଜାରରେ ତୈଳ ଏବଂ ଗ୍ୟାସର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରି ଏହାର ସମୀକ୍ଷା କରିଛନ୍ତି।



ଅଷ୍ଟମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

- ଚଣ୍ଡିଖୋଲ ରଣନୈତିକ ତୈଳ ଭଣ୍ଡାର କାମରେ ଅଂଶଗ୍ରହଣ ପାଇଁ ୟୁଏଇକୁ ଅନୁରୋଧ
- ତୈଳ ଉତ୍ପାଦନ ଓ ରପ୍ତାନିକୁ ସ୍ଥିର ପାଇଁ ଓପେକ୍ ଅଧିକାରୀଙ୍କ ସହ ଆଲୋଚନା
- ଆଗାମୀ ଦୁଇ ଦଶନ୍ଧିରେ ଏସିଆ ବିଶ୍ୱ ଆର୍ଥିକ ବିକାଶର କେନ୍ଦ୍ର ହେବ

## ୨ ପୁଅ, ମା'ଙ୍କ ମୃତଦେହ ମିଳିବା ଘଟଣା
# ସ୍ୱାମୀ ହିଁ ହତ୍ୟାକାରୀ, ପ୍ରେମିକାଙ୍କ ସମେତ ୩ ଅଟକ

**ଭବାନୀପାଟଣା,୧୦।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନାଠାରୁ ୧୦ କି.ମି. ଦୂର ସିଂଝରଣ ଗ୍ରାମରେ ସୋମବାର ୨ ଶିଶୁଙ୍କ ସମେତ ସ୍ତ୍ରୀଙ୍କୁ ତଣ୍ଟି କାଟି ହତ୍ୟା କରିବା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଲିଙ୍ଗ ମାଝିଙ୍କୁ ଭବାନୀପାଟଣା ସଦର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଲିଙ୍ଗ ମାଝି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ସଦର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ବି. ଗଙ୍ଗାଧର ସୂଚନା ଦେଇଛନ୍ତି। ଏହାସହ ତାଙ୍କ ପ୍ରେମିକାଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଲିଙ୍ଗ ମାଝି।

ଏସ୍‌ପି ସୂଚନା ଦେଇ କହିଛନ୍ତି ଯେ, ଲିଙ୍ଗ ମାଝି ତାଙ୍କ ସ୍ତ୍ରୀ ବିମଳା ମାଝି ଓ ଦୁଇ ଶିଶୁ ଦୁଷ୍ମନ୍ତ (୭) ଓ ରବୀନ୍ଦ୍ର (୨) ଙ୍କୁ ଛାଡି ୪ ମାସ ହେଲା ଅନ୍ୟ ଏକ ମହିଳାଙ୍କ ସହ ସମ୍ପର୍କ ରଖି ଭବାନୀପାଟଣାରେ ରହୁଥିଲେ। ସମ୍ପୃକ୍ତ ମହିଳା ଲିଙ୍ଗଙ୍କ ସହ ଗୋଟିଏ ମାସ ରହିବା ପରେ ପ୍ରଥମ ସ୍ୱାମୀ ନିକଟକୁ ଫେରି ଯାଇଥିଲେ। ପରେ ଲିଙ୍ଗ ଯେତେବେଳେ ସ୍ତ୍ରୀ ବିମଳାଙ୍କ ନିକଟକୁ ଯାଇ ପୂର୍ବ ଭଳି ଘର ସଂସାର କରି ରହିବା ପାଇଁ କହିଥିଲେ। ଏଥିରେ ବିମଳା ରାଜି ହୋଇ ନ ଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ମନାନ୍ତର ରହିବା ସହ ଅଶାନ୍ତି ଲାଗି ରହିଥିଲା। ୩ ମାସ ଧରି ଲିଙ୍ଗ ଭବାନୀପାଟଣାରେ ଏକା ରହୁଥିଲେ। ଗତ ରବିବାର ଲିଙ୍ଗ ସିଂଝରଣ ଗ୍ରାମସ୍ଥିତ ନିଜ ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ସ୍ତ୍ରୀ ବିମଳା ଶୋଇଥିବା ଅବସ୍ଥାରେ ପ୍ରଥମେ ତାଙ୍କ ମୁହଁକୁ ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିବା ପାଇଁ ଚେଷ୍ଟା କରିଥିଲେ। ବିମଳା ଅଚେତ ହୋଇଯିବା ପରେ ତାଙ୍କୁ ଟେକି ନେଇ ନିକଟସ୍ଥ ରେଳଧାରଣା ପର୍ଯ୍ୟନ୍ତ ନେଇ ଯାଇଥିଲେ। ରେଳଧାରଣା ନିକଟରେ ଏକ ଟାଙ୍ଗିଆରେ ସେ ବିମଳାଙ୍କ ମୁଣ୍ଡ ଗଣ୍ଡି ଅଲଗା କରିବା ପରେ ରେଳଧାରଣାରେ ମୃତଦେହକୁ ଆତ୍ମହତ୍ୟା ଭଳି ପକାଇ ଘରକୁ ଫେରିଆସିଥିଲେ। ଏପଟେ ଘରେ ଶୋଇଥିବା ଅବସ୍ଥାରେ ଦୁଇ ପୁଅ ଦୁଷ୍ମନ୍ତ ଓ ରବୀନ୍ଦ୍ରଙ୍କୁ ଟାଙ୍ଗିଆରେ ଗଳା କାଟି ହତ୍ୟା କରିଥିଲେ। ୩ ଜଣଙ୍କୁ ହତ୍ୟା କରିବା ପରେ ଲିଙ୍ଗ ରାତିରେ ହିଁ ଭବାନୀପାଟଣା ଫେରି ଆସିଥିଲେ। ଯୋଜନାବଦ୍ଧ ଭାବରେ ୩ ଜଣଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା ସେ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଅଭିଯୁକ୍ତ ଲିଙ୍ଗ ମାଝି ହତ୍ୟା ଘଟଣାକୁ ସ୍ୱୀକାର କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଗଜପତିଙ୍କ ପ୍ରତିକ୍ରିୟା
# ନିର୍ଦ୍ଧାରିତ ତିଥିରେ କରନ୍ତୁ ରଥଯାତ୍ରା

**ପୁରୀ ଅଫିସ, ୧୦।୯**

ଅଦିନରେ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁଙ୍କ ପ୍ରତି ଘୋର ଅପମାନ। ଆସନ୍ତା ନଭେମ୍ବର ୧୭ ତାରିଖରେ ପଞ୍ଜାବ ଲୁଧିଆନାସ୍ଥିତ ଇସ୍କନ ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହେଉଥିବା ଜଣାପଡିବା ପରେ ଏହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିବାଦ ସୃଷ୍ଟି ହୋଇଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ଇସ୍କନ ଏଥିରୁ ଓହରିଯାଇଛି। ତେବେ ମଙ୍ଗଳବାର ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ନିର୍ଦ୍ଧାରିତ ତିଥିରେ ରଥଯାତ୍ରା ପାଳନ କରିବାକୁ ବିଶ୍ୱବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଶ୍ରୀନଅର ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ଗଜପତି ମହାରାଜା କହିଛନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ସନାତନ ଶାସ୍ତ୍ର ଆଧାରିତ ପରମ୍ପରାରେ ହୋଇଥାଏ। ଶ୍ରୀକ୍ଷେତ୍ରଧାମରେ ପ୍ରତିବର୍ଷ ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ଗୁଣ୍ଡିଚା ଯାତ୍ରା ହୋଇଥାଏ। ରଥଯାତ୍ରା ସରିବା ପରେ ଶ୍ରୀବିଗ୍ରହମାନେ ପୁନଃ ଆଷାଢ ଶୁକ୍ଳ ପକ୍ଷ ତ୍ରୟୋଦଶୀ କିମ୍ବା ଚତୁର୍ଦ୍ଦଶୀରେ ରତ୍ନସିଂହାସନକୁ ବିଜେ କରିଥାନ୍ତି। ବିଶ୍ୱର ସବୁ ଜଗନ୍ନାଥପ୍ରେମୀ ଭକ୍ତ ଏବଂ ଅନୁଷ୍ଠାନକୁ ନିବେଦନ ନିର୍ଦ୍ଧାରିତ ତିଥିରେ ସେମାନେ ମହାପ୍ରଭୁଙ୍କ ଏହି ଘୋଷଯାତ୍ରା କରନ୍ତୁ। ଶ୍ରୀମନ୍ଦିରର ମହାନ୍ ପରମ୍ପରା ଏବଂ ଶାସ୍ତ୍ରୀୟ ଘୋଷଣାକୁ ଉଲ୍ଲଙ୍ଘନ କରି ଏହି ପବିତ୍ର ଯାତ୍ରା କରନ୍ତୁ ନାହିଁ ବୋଲି ଗଜପତି ମହାରାଜା କହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ

କୁଆମରା,୧୦।୯(ଡି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ପଞ୍ଚାୟତର ମାଙ୍କଡକେନ୍ଦା ଗ୍ରାମର ଜଣେ ନାବାଳିକାଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ସୋମବାରୀ ସିଂ (୧୫)। ସୋମବାର ରାତିରେ ସୋମବାରୀ ତାଙ୍କ ମାଆଙ୍କ ସହ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କ ହାତକୁ କାମୁଡ଼ି ଦେଇ ପଳାଇ ଯାଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବାରିପଦା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ସୋମବାରୀ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ପଢୁଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକରଛାୟା ଖେଳି ଯାଇଛି। ଏଥିନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୭/୧୯) ରୁଜୁ ହୋଇଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବଡ଼ସାହି,୧୦।୯(ସ୍ୱ.ପ୍ର)-ବଡ଼ସାହି ଥାନା ଅଧୀନ ମଧୁପୁର ଗ୍ରାମର ଜନୈକା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସେହି ଗ୍ରାମର ରାଧିମଣି ସିଂ(୨୫)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪୦/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ମହିଳା ଜଣକ ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ଚିକତ୍ସା ପାଇଁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ବାଙ୍ଗିରିପୋଷି,୧୦।୯(ଡି.ଏନ୍.ଏ.)- ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ତରଫରୁ ନବାଗତ ଛାତ୍ରୀଛାତ୍ରୀଙ୍କ ନିମନ୍ତେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧାପକ ହରିହର ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ଡ. ପୁଷ୍ପାରାଣୀ ପାତ୍ର, ମୁଖ୍ୟ ବକ୍ତା ରୂପେ ଇତିହାସ ବିଭାଗର ମୁଖ୍ୟ ପ୍ରାଧାପକ ପବିତ୍ର ମୋହନ ଦାଶ, ସମ୍ମାନିତ ଅତିଥି ରୂପେ ଇଂଲିଶ ବିଭାଗର ମୁଖ୍ୟ ପ୍ରାଧାପକ ସତ୍ୟନାରାୟଣ ସାମଲ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଭାଗୀୟ ଅଧାପକ ସତ୍ୟବ୍ରତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଶୁଭମ୍ ନାଏକ, ନିନି ପାତ୍ର, ମୀନତି ହାଁସଦା ନୃତ୍ୟ ପରିବେଷଣ କରିଥିଲେ। ଅଧାପିକା ସ୍ୱାତୀ କର୍ମକାର ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ

ରାଇରଙ୍ଗପୁର, ୧୦।୯ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ତିରିଂ ଥାନା ଅନ୍ତର୍ଗତ ୨୨୦ ନଂ ଜାତୀୟ ରାଜପଥର ମାଙ୍କିଡିଘାଟି ନିକଟରେ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଚାଳକ ଜଣକ ହଲେ ଝାଡଖଣ୍ଡ ରାଜ୍ୟ ରାଜନଗର ଥାନା ଅନ୍ତର୍ଗତ ବନ୍ଦୁଗାଁ ଗ୍ରାମର ୟୁପିନ ହାଂସଦା (୨୨)। ମଙ୍ଗଳବାର ୟୁପିନ ଜାମଦା ଥାନା ଅଞ୍ଚଳକୁ ମେଳା ଦେଖିବାକୁ ଆସି ଫେରୁଥିବା ବେଳେ ରାତି ୮ଟା ସମୟରେ ଭାରସାମ୍ୟ ହରାଇ ରାସ୍ତାରେ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଜାତୀୟ ପୁଷ୍ଟି ସପ୍ତାହ ପାଳିତ

କପ୍ତିପଦା,୧୦।୯(ଡି.ଏନ୍.ଏ.) କପ୍ତିପଦା ବ୍ଲକ ଅଧୀନ ଶରତ ପଞ୍ଚାୟତର ଗୌରଚନ୍ଦ୍ରପୁର ଗ୍ରାମରେ ଆରମ୍ଭ ପ୍ଲାନ୍ ପ୍ରୋଜେକ୍ଟ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ମିଳିତ ଆନୁକୂଲ୍ୟରେ ଜାତୀୟ ପୁଷ୍ଟି ସପ୍ତାହ ଦିବସ ପାଳିତକ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ, ଆଶା, ମହିଳା, କିଶୋରୀ ବାଳିକା ଓ ଆରମ୍ଭ ପ୍ଲାନ୍‌ର କର୍ମୀଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରିଥିଲା। ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ମୀତାରାଣୀ ବସା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆରମ୍ଭ ପ୍ଲାନ୍‌ର ପ୍ରୋଗ୍ରାମ୍ ଅଫିସ୍‌ର ରଣଜିତ ଲେଙ୍କା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଶରତ ପଞ୍ଚାୟତର ସମିତି ସଭ୍ୟା ପଦ୍ମାବତୀ ସିଂ, ସ୍ୱାସ୍ଥ୍ୟ ବିଭାଗର ସୁପରଭାଇଜର ବିଭୂତି ବେହେରା, ସ୍ୱାସ୍ଥ୍ୟକର୍ମୀ ବୀରେନ୍ଦ୍ର ବେହେରା, ଆଇସିଡ଼ିଏସ୍ ସୁପରଭାଇଜର ଦୀପ୍ତିମୟୀ ପୁଥାଳ, ଶକୁନ୍ତଳା ବେହେରା ପ୍ରମୁଖ ଯୋଗ ଦେଇଥିଲେ। କର୍ମୀ ଆଶୀଷ କୁମାର ମଲ୍ଲିକ୍, ପାର୍ବତୀ ବେହେରା, ସୁକାନ୍ତୀ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଲ୍ୟୁସନ ଟେଷ୍ଟିଂ ଗାଡ଼ିକୁ ହଟାଇଲେ ଲୋକେ

ବାରିପଦା ଅଫିସ,୧୦।୯


ବାରିପଦା ଆରଟିଓ ଅଫିସରେ ଲୋକଙ୍କ ଭିଡ଼।

**■ଆରଟିଓ ଅଫିସରେ ଦଲାଲଙ୍କ ଭିଡ଼**
**■ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପଦବୀ ଖାଲି**

ନୂତନ ମୋଟରଯାନ ଆଇନରେ ପରିବର୍ତ୍ତନ ହେବା ପରେ ଜରିମାନା ଭୟରେ ଗାଡ଼ି ଚାଳକଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି। ରାଜ୍ୟ ସରକାର ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ଜରିମାନା ଆଦାୟକୁ ୩ ମାସ ପାଇଁ କୋହଳ କରିଛନ୍ତି। ତଥାପି ଲୋକଙ୍କ ମନରୁ ଜରିମାନା ଭୟ ଛାଡି ନାହିଁ। ଫଳରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ ଅଫିସ) ଗୁଡିକରେ ଲୋକଙ୍କ ଭିଡ଼ ଲାଗି ରହୁଛି। ଲୋକେ ନିଜ ନିଜ ଗାଡିର ବିଭିନ୍ନ କାଗଜପତ୍ର ଯଥା ଫିଟନେସ, ପରମିଟ, ଡ୍ରାଇଭିଂ ଲାଇସେନ୍ସ, ମାଲିକାନା ପରିବର୍ତ୍ତନ, ପଲ୍ୟୁସନ ସାର୍ଟିଫିକେଟ, ଗାଡ଼ି ପଞ୍ଜୀକରରଣ ପାଇଁ ଲାଇନ ଲଗାଉଛନ୍ତି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ବାରିପଦା ମୁର୍ଗାବାଡିସ୍ଥିତ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଦଲାଲମାନେ ଲୋକଙ୍କ କାର୍ଯ୍ୟ କରାଇ ଦେବା କହି ଠକୁଛନ୍ତି। କାର୍ଯ୍ୟାଳୟ କର୍ତ୍ତୃପକ୍ଷ ସବୁ ଜାଣିଶୁଣି ମଧ କିଛି ପଦକ୍ଷେପ ନେଉ ନାହାନ୍ତି। ଦଲାଲମାନେ କାର୍ଯ୍ୟାଳୟ ଭିତରେ ଓ ବାହାରେ ରହି କେତେକ କର୍ମଚାରୀମାନଙ୍କୁ ଧରି ବିଭିନ୍ନ କାର୍ଯ୍ୟ କରୁଛନ୍ତି। ଲୋକଙ୍କଠାରୁ ମୋଟାଅଙ୍କର ଟଙ୍କା ଠକେଇ କରୁଛନ୍ତି। ଏ ସମ୍ପର୍କରେ ଏଆରଟିଓ ମନୋଜ କୁମାର ଟପ୍ପୋଙ୍କୁ ପଚାରିବାରୁ ଦଲାଲମାନଙ୍କୁ କାର୍ଯ୍ୟାଳୟକୁ ନ ଆସିବା ପାଇଁ ତାଗିଦ କରାଯାଇଛି ବୋଲି କହିଥିଲେ। ତେବେ ବର୍ତ୍ତମାନ ଲୋକଙ୍କ ଭିଡ଼ ଲାଗି ରହୁଥିବା ବେଳେ ଦଲାଲମାନେ ଶୋଷଣ କରୁଥିବା ପ୍ରଶ୍ନର ଉତ୍ତର ଦେବାକୁ ସେ ମନା କରିଥିଲେ।

ସେହିପରି ଲୋକେ ଜରିମାନା ଭୟରେ କାଗଜପତ୍ର ଶୀଘ୍ର କରିବା ପାଇଁ ତତ୍ପର ହୋଇଛନ୍ତି। ଏହାର ସୁଯୋଗ ନେଇ ବାରିପଦା ଜୁବୁଲି ପେଟ୍ରୋଲ ପମ୍ପ ନିକଟରେ ଏକ ଚାରିଚକିଆ ଗାଡି ରଖି ବେଆଇନ ଭାବେ ପଲ୍ୟୁସନ ଟେଷ୍ଟିଂ କରି ସାର୍ଟିଫିକେଟ ଦିଆଯାଉଥିଲା। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ପରେ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଘଟଣା ଏଆରଟିଓ ଟପ୍ପୋଙ୍କ ନଜରକୁ ଆଣିବାରୁ ସେ ଗାଡ଼ିକୁ ସେଠାରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଅନ୍ୟପକ୍ଷରେ ପଲ୍ୟୁସନ ଟେଷ୍ଟିଂ କରିବାକୁ ଆସିଥିବା ଗାଡିରେ ମଧ ପଲ୍ୟୁସନ ସାର୍ଟିଫିକେଟ ଲଗାଯାଇ ନ ଥିଲା। ଏକ ସଂସ୍ଥାକୁ ଏହି କାର୍ଯ୍ୟ ପାଇଁ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଅନୁମତି ଦେଇଥିଲେ ମଧ କେଉଁ ଚାରିଚକିଆ ଯାନ ବ୍ୟବହାର କରାଯିବ ସେ ନେଇ କୌଣସି ତଥ୍ୟ ଉଲ୍ଲେଖ କରାଯାଇ ନ ଥିଲା। ଅନ୍ୟପକ୍ଷେ ଅଳ୍ପ କିଛି ସଂସ୍ଥାକୁ ପଲ୍ୟୁସନ ଟେଷ୍ଟିଂ ପାଇଁ ଅନୁମତି ଦିଆଯାଇଥିବା ବେଳେ ଏହି ସଂସ୍ଥା ଏଥିରେ ଅନ୍ତର୍ଭୁକ୍ତ ନାହିଁ। ଜିଲା ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ କେଉଁ ପରିସ୍ଥିତିରେ ଏହି ସଂସ୍ଥାକୁ ଅନୁକମ୍ପା ଦେଖାଉଛନ୍ତି ତାହା ବୁଝାପଡୁନାହିଁ। ଏ ନେଇ ଏଆରଟିଓ ଟପ୍ପୋଙ୍କୁ ପଚାରିବାରୁ ଏ ନେଇ ସେ କିଛି ମତାମତ ଦେଇ ପାରିବେ ନାହିଁ ଓ ଗଣମାଧମକୁ ମତାମତ ନ ଦେବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲାପାଳ ତାଙ୍କୁ ମନା କରିଛନ୍ତି ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ଏକ ବର୍ଷ ହେବ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପଦବୀ ଖାଲି ରହିଛି। ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏହାର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି।

### କିଙ୍ଗ୍‌ଷ୍ଟାର ଦଳ ଚାମ୍ପିୟନ

କୋଷ୍ଟା,୧୦।୯(ଡି.ଏନ୍.ଏ.) ଗଡ଼ିଆ ପଞ୍ଚାୟତର କଙ୍କଡାତେଲିଆ ଗ୍ରାମ ରାଧାକୃଷ୍ଣ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ୩୨ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ। କିଙ୍ଗ୍‌ଷ୍ଟାର ଓ ଚାପାଡି ଫୁଟବଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କିଙ୍ଗ୍‌ଷ୍ଟାର ଚାମ୍ପିୟନ ହୋଇଥିବା ବେଳେ ଚାପାଡି ଦଳ ରନର୍ସଅପ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ବିଶ୍ୱମ୍ଭର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ଟୁଡୁ ମୁଖ୍ୟଅତିଥି, ସମିତି ସଭ୍ୟା ବନସ୍ମିତା ଦାସ ମୁଖ୍ୟବକ୍ତା ଓ ରବି ନାରାୟଣ ପ୍ରଧାନ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ରାଶି ବଣ୍ଟନ କରିଥିଲେ। ଖେଳ ଦେଖିବା ପାଇଁ ପ୍ରତ୍ୟହ ସହସ୍ରାଧିକ ଜନ ସମାଗମ ହୋଇଥିଲା। ରାଧାକୃଷ୍ଣ ଯୁବକ ସଂଘର ସଭାପତି ସୁଶାନ୍ତ ହେମ୍ବ୍ରମ୍ ଓ ସମ୍ପାଦକ ଗୋବିନ୍ଦ ମୁଖୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଯୁବକ ସଂଘର ଅନ୍ୟାନ୍ୟ ସଦସ୍ୟ ତଥା ଗ୍ରାମବାସୀ ସହଯୋଗ କରିଥିଲେ।

## ୫୦ ହଜାର ଟଙ୍କାର କାଠ ଜବତ


ବନ ବିଭାଗ କର୍ମଚାରୀମାନଙ୍କ ସହ ଜବତ ହୋଇଥିବା କାଠ।

କୁଆମରା,୧୦।୯(ଡି.ଏନ୍.ଏ.)

ଉଦଳା ରେଞ୍ଜ ତଥା କୁଆମରା ବନ ବିଭାଗ ଅନ୍ତର୍ଗତ ଖିରିପଦା ନିକଟରୁ ମଙ୍ଗଳବାର ସକାଳେ ବନ ବିଭାଗ ଚୋରା କାଠ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। ଏହି ଗାଡ଼ିରେ ୩୫ଖଣ୍ଡ ଆକାଶିଆ ଗଣ୍ଡି ଥିବା ବେଳେ ଏହାର ମୂଲ୍ୟ ୫୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

ବନ ବିଭାଗ ସୂଚନା ମୁତାବକ ସକାଳେ ପିକ୍‌ଅପ୍ ଭ୍ୟାନଟି ବଡସାହି ଆଡୁ କୁଆମରା ଦେଇ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଖବରପାଇ ବନ ବିଭାଗ କର୍ମଚାରୀମାନେ ତାର ପିଛା କରିଥିଲେ। ମାତ୍ର ଖିରିପଦା ନିକଟରେ ଡ୍ରାଇଭର ଗାଡ଼ିଟିକୁ ପିଛା କରାଯାଉଥିବା ଜାଣି ଚତୁରତାର ସହ ସେ ଗାଡ଼ି ରଖି ଫେରାର ହୋଇଯାଇଥିଲେ। ଗାଡିରେ ୩/୪ ଜଣ ଲୋକ ବସିଥିବା ବେଳେ ସେମାନେ ମଧ ଜଙ୍ଗଲ ମଧକୁ ଦୌଡି ପଳାଇଥିଲେ। କାଠ ଗଣ୍ଡିଗୁଡିକ କେଉଁଠୁ ଆସିଲା ଓ କେଉଁଠାକୁ ଯାଉଥିଲା ସେ ସମ୍ପର୍କରେ ଠିକ ଭାବେ ଜଣାପଡିନାହିଁ। କୁଆମରା ଫରେଷ୍ଟର ଧ୍ରୁବଚରଣ ବସନ୍ତିଆଙ୍କ ତତ୍ତ୍ୱାବଧାନରେ ଉଦଳା ବନ ବିଭାଗ କର୍ମଚାରୀ ହୃଷୀକେଶ ବେହେରା, ଅନନ୍ତ ନାରାୟଣ ଚୌଧୁରୀ, ମାନସ ରଞ୍ଜନ ପଣ୍ଡା ଓ ଅଜୟ ସାହୁ ପ୍ରମୁଖ ଚଢାଉରେ ସାମିଲ ଥିଲେ।

## ବିଜେଡି କର୍ମୀଙ୍କ ବୈଠକ

ଖୁଣ୍ଟା,୧୦।୯(ଡି.ଏନ୍.ଏ.)

ଖୁଣ୍ଟା ବ୍ଲକ ଅଧୀନ ଭୋଳାଗଡ଼ିଆ ମିନି ଷ୍ଟାଡିୟମ କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ସକାଶେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁବ୍ରତ ଚକ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପୂର୍ବତନ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ ଡା.ଦେବାଶିଷ ମାର୍ଣ୍ଡି, ବାରିପଦା ପୌର ପରିଷଦର ଉପାଧ୍ୟକ୍ଷ ତଥା ଯୁବ ବିଜେଡିର ଜିଲା ସଭାପତି ଜିତେନ୍ଦ୍ର ମହାନ୍ତି, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ମାର୍ଣ୍ଡି, ପୂର୍ବତନ ଅଧକ୍ଷ ସୁଧନ୍ୟା ନାଏକ, ବରିଷ୍ଠ ନେତା ଠାକୁରା ମୁର୍ମୁ, ପ୍ରିୟବ୍ରତ ମାଝି, ଯୁବ ବିଜେଡିର ସଭାପତି ଲାଲାଜି ରଥ ଯୋଗ ଦେଇଥିଲେ। ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ମହିଳା ପୁରୁଷ କର୍ମୀ ତଥା ବିଜୁ ଯୁବ ବାହିନୀର ସଦସ୍ୟମାନେ ମଧ ଉପସ୍ଥିତ ଥିଲେ। ଅତିଥି ଗଣ ରାଜ୍ୟରେ ବିଜେଡି ସରକାରଙ୍କ ସଫଳତା ସମ୍ପର୍କରେ ସୂଚନା ଦେବା ସହିତ ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଦଳକୁ ତୃଣମୂଳସ୍ତରରେ ଆହୁରି ଅଧିକ ମଜଭୁତ କରିବା ପାଇଁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଆରମ୍ଭ କରିଥିବା ସଭ୍ୟ ସଂଗ୍ରହ ଅଭିଯାନରେ ସାମିଲ ହୋଇ ୱାର୍ଡ଼ ୱାରି ସକ୍ରିୟ ସଭ୍ୟ ସହିତ ଅଧିକରୁ ଅଧିକ ପ୍ରାଥମିକ ସଭ୍ୟ ସଂଗ୍ରହ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ବଦଳିକୁ ନେଇ ଉତ୍ତେଜନା
# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ଖୁଣ୍ଟା,୧୦।୯(ଡି.ଏନ୍.ଏ.)

ଖୁଣ୍ଟା ବ୍ଲକ ଅଧୀନ ସୋନପୋଖରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବଦଳିକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଗ୍ରାମବାସୀମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଏକ ମାସ ପୂର୍ବରୁ ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷକଙ୍କୁ ବଦଳି କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏଥିନେଇ ବିଚାର କରିବେ ବୋଲି ଶିକ୍ଷାଧିକାରୀ କହିଥିଲେ। ମାତ୍ର ଅଭିଯୋଗ ହୋଇଥିବା ଶିକ୍ଷକଙ୍କୁ ବଦଳି କରା ନ ଯାଇ ଅନ୍ୟ ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଥିଲା। ଏକଥା ଜାଣିବା ପରେ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମଙ୍ଗଳବାର ବିଦ୍ୟାଳୟ ଖୋଲିବା ସମୟରେ ଶତାଧିକ ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ଶିକ୍ଷୟତ୍ରୀଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇପାରି ନ ଥିଲେ। ଖବରପାଇ ଅତିରିକ୍ତ ଶିକ୍ଷାଧିକାରୀ(ଏବିଇଓ) ବୃନ୍ଦାବନ ମାର୍ଣ୍ଡି ବିଦ୍ୟାଳୟରେ ପହଞ୍ଚି ବୁଝାସୁଝା କରିଥିଲେ ମଧ ଗ୍ରାମବାସୀମାନେ ସେମାନଙ୍କ ଜିଦରେ ଅଟଳ ରହିଥିଲେ। ପରେ ଖୁଣ୍ଟା ବ୍ଲକ ଅଧକ୍ଷ ପୁଷ୍ପଲତା ମାର୍ଣ୍ଡି ଏହି ଘଟଣାରେ ହସ୍ତକ୍ଷେପ କରିବାରୁ ଏବିଇଓ ମାର୍ଣ୍ଡି ବଦଳି କରାଯାଇଥିବା ଶିକ୍ଷକଙ୍କ ବଦଳି ଆଦେଶ ରଦ୍ଦ କରାଯିବ ବୋଲି ଗ୍ରାମବାସୀଙ୍କୁ ଲିଖିତ ଦେବା ପରେ ଉତ୍ତେଜନା ସାମୟିକ ଭାବେ ହ୍ରାସ ପାଇଥିଲା। ତେବେ ଅଭିଯୋଗ କରାଯାଇଥିବା ଶିକ୍ଷକଙ୍କୁ ବଦଳି କରା ନଗଲେ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ଟିସି ନେଇଯିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ ବିଦ୍ୟାଳୟରେ ତାଲା ପଡିବା ଯୋଗୁ ମଧାହ୍ନଭୋଜନ ରୋଷେଇ ହୋଇ ନ ଥିଲା। ଛାତ୍ରଛାତ୍ରୀମାନଙ୍କୁ ଖାଇବା ପାଇଁ ମୁଢି ଦିଆଯାଇଥିବା ଦେଖିବାକୁ ମିଳିଥିଲା।


ବିଦ୍ୟାଳୟ ଫାଟକ ବାହାରେ ବସିଥିବା ଛାତ୍ରୀଛାତ୍ର ମୁଢି ଖାଉଛନ୍ତି।

# 'ବାଘାଯତୀନ୍ ଥିଲେ ମୁକ୍ତି ସଂଗ୍ରାମର ଅଭିମନ୍ୟୁ'

**୧୦୪ ତମ ବଳିଦାନ ଦିବସ**

କପ୍ତିପଦା,୧୦।୯(ଡି.ଏନ୍.ଏ.)

ସବୁ ବାଉଁଶର ଭାଗ୍ୟରେ ଜାତୀୟ ପତାକା ଟେକି ଧରିବାର ସୁଯୋଗ ନ ଥାଏ। ସବୁ ବଂଶୀ ମୋହନ ବଂଶୀ ନୁହେଁ। ଯେଉଁ ବଂଶୀ କୃଷ୍ଣଙ୍କ ଓଠରେ ଲାଗିଥାଏ ସେ ହେଉଛି ମୋହନ ବଂଶୀ। ଠିକ୍ ସେହିପରି କପ୍ତିପଦା ମାଟି ବୀର ସଂଗ୍ରାମୀମାନଙ୍କୁ କୋଳାଗ୍ରତ କରି ଭାରତୀୟ ମୁକ୍ତି ସଂଗ୍ରାମର ମୋହନ ବଂଶୀ ପାଲଟିଛି। ଏହା ବ୍ୟତୀତ ମହାଭାରତର ଅଭିମନ୍ୟୁଙ୍କ ଭଳି ବାଘାଯତୀନ ନିଜ ବୀରତ୍ୱ ପ୍ରତିପାଦିତ କରିଛନ୍ତି ବୋଲି ମଙ୍ଗଳବାର ମହାନ ସ୍ୱାଧୀନତା ସଂଗ୍ରାମୀ ବାଘାଯତୀନଙ୍କ ୧୦୪ତମ ବଳିଦାନ ଦିବସ ସମାରୋହରେ ଯୋଗ ଦେଇଥିବା ବିଶିଷ୍ଟ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସହିଦଙ୍କ ସାଧନାକ୍ଷେତ୍ର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଥିବା ସହିଦ୍ ବାଘାଯତୀନ୍ ସ୍ମୃତି ପୀଠରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ତହସିଲଦାର ପ୍ରଦୀପ କୁମାର ବେହେରା ସ୍ମୃତି ବେଦୀରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ମୃତିପୀଠରେ ସହିଦ ଜ୍ୟୋତିକୁ କପ୍ତିପଦା ବିଡିଓ ରବିନ୍ଦ୍ର କୁମାର ମଲିକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ କପ୍ତିପଦା ବିଇଓ ଶଶଧର ସିଂ ସମ୍ବୋଧିତ କରିଥିଲେ। ଏହାପରେ ଏହି ଜ୍ୟୋତି ଛାତ୍ରୀଛାତ୍ର ତଥା ଅତିଥିମାନଙ୍କ ଦ୍ୱାରା କପ୍ତିପଦା ବଜାର ପରିକ୍ରମା କରିଥିଲା। ଏହି ଅବସରରେ କପ୍ତିପଦା ମହାବିଦ୍ୟାଳୟ ୟୁଥ ରେଡକ୍ରସ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇଙ୍କ ଅଧକ୍ଷତାରେ ସହିଦ୍ ସ୍ମାରକୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମ ଜାଗରଣ ପୂର୍ବକ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁ, ବିଶିଷ୍ଟ ଅତିଥିଭାବେ ମୟୂରଭଞ୍ଜ ଏମପି ବିଶେଶ୍ୱର ଟୁଡୁ, ସମ୍ମାନୀତ ଅତିଥିଭାବେ କ୍ରାନ୍ତିକାରୀ ଶତାବ୍ଦୀ ଆୟୋଜକ ସମିତି ଦେୱାସ ମଧ୍ୟପ୍ରଦେଶର ରବିନ୍ଦ୍ର ଭରଦ୍ୱାଜ ଓ କପ୍ତିପଦା ବ୍ଲକ୍ ଅଧକ୍ଷା ସୁଶୀଳା ବାନରା ପ୍ରମୁଖ ଯୋଗଦେଇ ସହିଦଙ୍କ ସ୍ମୃତିଚାରଣ କରିଥିଲେ। ସହିଦ୍ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଲିକଙ୍କ ପରିଚାଳନାରେ ସମାବେଶ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ବାଘାଯତୀନ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ମିଶ୍ର। ଏହି ଅବସରରେ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ କିଶୋର ଚନ୍ଦ୍ର ପରିଡା, ଚେତନା ସାହିତ୍ୟ ସଂସଦ, ଖନ୍ତାପଡାର ସଭାପତି ଶରତ ମହାପାତ୍ର, ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସମ୍ପାଦକ ଡ. ଭାଗବତ ପ୍ରସାଦ ଲେଙ୍କାଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟପାଇଁ ସମ୍ମାନୀତ କରାଯାଇଥିଲା। ସ୍ମୃତି ପରିଷଦର ସମ୍ପାଦକ ସୁଶାନ୍ତ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ଭରତ ଚନ୍ଦ୍ର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ମୃତି କମିଟିର ସମସ୍ତ ସଦସ୍ୟାସଦସ୍ୟ ଏବଂ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଅପାଭାଇମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଉତ୍ସବରେ ଉପସ୍ଥିତ ଅତିଥିମାନେ।



"ରୋହିତ ସେଟ୍ଟୀଙ୍କ ସହ କାମ କରିବାକୁ ମୋତେ ବହୁତ ଭଲ ଲାଗେ।
-ଆୟୁଷ୍ମାନ୍ ଖୁରାନା, ଫିଲ୍ମ ଅଭିନେତା

# ବହି କିଣିବାକୁ ଚାପ ପ୍ରୟୋଗ କଲେ ସ୍କୁଲ ଦେବ ଜରିମାନା

ପାଟନା



ପାଟନା ଡିଭିଜନର ବେସରକାରୀ ସ୍କୁଲ୍ ଆଗାମୀ ସେଶନ୍‌ରେ ୭ ପ୍ରତିଶତରୁ ଅଧିକ ଦେୟ ବୃଦ୍ଧି କରିପାରିବେ ନାହିଁ ବୋଲି ଡିଭିଜନ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଧାର୍ଯ୍ୟଠାରୁ ବେଶି ବୃଦ୍ଧି କରିବାକୁ ହେଲେ ତା'ର କାରଣ ଜଣାଇବାକୁ ପଡିବ ଓ ଡିଭିଜନର ମୁଖ୍ୟଙ୍କ ବିନା ଅନୁମତିରେ ଯଦି ୭ ପ୍ରତିଶତରୁ ଅଧିକ ଦେୟ ବୃଦ୍ଧି କରାଯାଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାଟନା, ନାଲନ୍ଦା,ଭୋଜପୁର,ବକ୍ସର, ରୋହତାସ ଓ କୈମୁର ଜିଲାର ବେସରକାରୀ ସ୍କୁଲ ଗୁଡିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ବର୍ଷର ଦେୟ ବୃଦ୍ଧି ଲାଗି ନଭେମ୍ବର ୩୦ ସୁଦ୍ଧା ପ୍ରସ୍ତାବ ଦେବା ପାଇଁ କୁହାଯାଇଛି । ଅଭିଭାବକମାନେ ନିଜ ଇଚ୍ଛାରେ ଦେକାନରୁ ବହି ଓ ଖାତା କିଣିପାରିବେ। ସ୍କୁଲ ସେମାନଙ୍କ ଜଣାଶୁଣା ଦୋକାନରୁ ଏସବୁ କିଣିବା ଲାଗି ଚାପ ପକାଇ ପରିବନାହିଁ। ଯଦି ପକାନ୍ତି , ଅଭିଯୋଗ ଆସିଲେ ପ୍ରଥମ ଥର ୧ ଲକ୍ଷ ଓ ଦ୍ୱିତୀୟ ଥର ଅଭିଯୋଗ ହେଲେ ୨ ଲକ୍ଷ ଟଙ୍କା ଜରିମାନା ଦେବେ । ଏ ବାବଦରେ ତୃତୀୟଥର ଅଭିଯୋଗ ହେଲେ ସ୍କୁଲର ଆଫିଲେଶନ ରଦ୍ଦ କରାଯିବ। ପ୍ରତ୍ୟେକ ସ୍କୁଲ୍ ନିଜ ୱେବ୍‌ସାଇଟ ଖୋଲିବେ । ଏଥିରେ ଦେୟ ବାବଦରେ ସବୁ ବିବରଣୀ ପ୍ରଦାନ କରିବେ ଓ ଏହାର ଏକ କପି ନୋଟିସ ବୋର୍ଡରେ ବି ଲଗାଇବେ । ଛାତ୍ରୀ ଓ ଛାତ୍ରଙ୍କ ଲାଗି ଅଲଗା ଅଲଗା ଟଏଲେଟ କରିବାକୁ ପଡିବ। ଛାତ୍ରୀଙ୍କ ଟଏଲେଟ ସଫା କରିବା ପାଇଁ ମହିଳା ସଫେଇକର୍ମୀ ନିଯୁକ୍ତ ହେବେ। ଛାତ୍ରୀଙ୍କ ପାଇଁ ମହିଳା କାଉନସିଲର ବି ରହିବେ । ସ୍କୁଲର କାର୍ଯ୍ୟରତ ଗାର୍ଡ,ସଫେଇକର୍ମୀ,ଡ୍ରାଇଭର,ପିଅନଙ୍କ ଠିକଣା ୧୫ ଦିନ ମଧ୍ୟରେ ଥାନାରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ବସ୍‌ରେ ମ୍ୟୁଜିକ ସିଷ୍ଟମ ବି ରହିବନି। ଜିଲା ପରିବହନ ଅଧିକାରୀ ବସ୍‌ର ଯାଞ୍ଚ କରିବେ। ଯଦି ଏହାର ଉଲ୍ଲଂଘନ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍କୁଲରେ ବୃଦ୍ଧି ପାଉଥିବା ଅପରାଧ ଆଶଙ୍କା କମ୍ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି।

# ଟୁଇଟରରେ ବଢୁଛି ମୋଦିଙ୍କ କ୍ରେଜ୍



**ବିଶ୍ୱର ତୃତୀୟ ଲୋକପ୍ରିୟ ନେତା**

**ନୂଆଦିଲ୍ଲୀ:** ମାଇକ୍ରୋ ବ୍ଲଗିଂ ଆକାଉଣ୍ଟ ଟୁଇଟରରେ ବିଶ୍ୱର ସବୁଠୁ ଅଧିକ ଫଲୋଅର୍ସ ଥିବା ନେତାଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗତ ବର୍ଷକ ମଧ୍ୟରେ ୬୦ ଲକ୍ଷ ଟୁଇଟର ୟୁଜର୍ସ ମୋଦିଙ୍କୁ ଫଲୋ କରିଥିବାବେଳେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ୫ କୋଟିରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ୬ କୋଟି ୪୦ ଲକ୍ଷ ଫଲୋଅର୍ସ ଥିବାବେଳେ ସେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୦ କୋଟି ୮୦ ଲକ୍ଷ ଫଲୋଅର୍ସ ଥିବାରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ପ୍ରଥମ ସ୍ଥାନରେ ଅଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ୨୦୦୯ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ମୋଦି ଟୁଇଟର ବ୍ୟବହାର ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମରେ ମଧ୍ୟ ବେଶ୍ ସକ୍ରିୟ ରହିଛନ୍ତି। ଫେସ୍‌ବୁକ୍‌ରେ ତାଙ୍କର ୩ କୋଟି ୪୦ ଲକ୍ଷ ପ୍ରଶଂସକ ଥିବା ବେଳେ ଇନ୍‌ଷ୍ଟାଗ୍ରାମରେ ୨କୋଟି ୫୦ ଲକ୍ଷ ଫଲୋଅର୍ସ ଅଛନ୍ତି। ମୋଦି ପାର୍ଲାମେଣ୍ଟ ଭିତରେ ଏକ ଛୋଟ ପିଲା ସହ ଖେଳୁଥିବାର ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଏହି ଫଟୋକୁ ସବୁଠୁ ଅଧିକ ଲାଇକ୍ ମିଳିଥିଲା।

# ଚାଇନାର ସବୁଠୁ ଧନୀ ବ୍ୟବସାୟୀ ଜ୍ୟାକ୍ ମା



**ଶ୍ରେଣୀରେ ଅନେକଥର ଫେଲ୍, ୩୦ କମ୍ପାନୀଠାରୁ ପ୍ରତ୍ୟାଖ୍ୟାତ**

**ବେଜିଂ:** ଅଭାବ ଅନଟନର ଦ୍ୱାହି ଦେଇ ସଂଘର୍ଷ କରିବାକୁ ପଛଘୁଞ୍ଚା ଦେଉଥିବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଏକ ଉଦାହରଣ ହେଉଛନ୍ତି ଜ୍ୟାକ୍ ମା। ବାଲ୍ୟକାଳରୁ ଏକ ଦୁର୍ବଳ ଛାତ୍ର, ଯିଏ କି ଏକାଧିକ ଥର ଶ୍ରେଣୀରେ ଫେଲ୍ ହୋଇଥିଲେ। ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଜଣେ ଇଂଲିଶ ଶିକ୍ଷକ ହୋଇପାରିଲେ। କେବଳ ଏତିକି ନୁହେଁ, ସେ ଜୀବନ ସହ ସଂଘର୍ଷ କରି, ସବୁ ପ୍ରତିକୂଳ ପରିବେଶକୁ ନିଜ ସପକ୍ଷରେ କରି ଚାଇନାର ସବୁଠାରୁ ବଡ଼ ଧନୀ ହେବା ସହ ସଫଳ ବ୍ୟବସାୟୀ ମଧ୍ୟ ହୋଇପାରିଲେ।

ଆଲିବାବା ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଲୋକପ୍ରିୟ ବ୍ୟବସାୟୀ ଜ୍ୟାକ୍ ମା ୨୦୧୯ ସେପ୍ଟେମ୍ବର ୧୦ ତଥା ନିଜ ୫୫ତମ ଜନ୍ମଦିବସରେ ନିଜ କମ୍ପାନୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଆଲିବାବା କମ୍ପାନୀ ଆରମ୍ଭ କରିବା ପୂର୍ବରୁ ଜ୍ୟାକ୍ ମା ଶିକ୍ଷକତା କରୁଥିଲେ। ପିଲାବେଳେ ତାଙ୍କର ପାଠ ହେଉ ନ ଥିବାରୁ ସେ ଅନେକ ଥର ଶ୍ରେଣୀରେ ଫେଲ୍ ହୋଇଛନ୍ତି। ପରେ ସଂକଳ୍ପ ଓ ସଂଘର୍ଷ କରି ସେ ଜଣେ ସଫଳ ଶିକ୍ଷକ ହୋଇପାରିଥିଲେ। ଶିକ୍ଷକତା କରୁଥିବା ସମୟରେ ସେ ବିଭିନ୍ନ କମ୍ପାନୀରେ ଚାକିରି ପାଇଁ ଆବେଦନ କରୁଥିଲେ। କେଏଫ୍ ସି ଭଳି ପ୍ରାୟ ୩୦ଟି କମ୍ପାନୀ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା। ଏଥିରେ କିନ୍ତୁ ଜ୍ୟାକ୍ ଭାଙ୍ଗି ପଡ଼ି ନ ଥିଲେ। ବ୍ୟବସାୟ ପାଇଁ ମନବଳାଇ ନିଜର ୧୭ଜଣ ବନ୍ଧୁଙ୍କ ସହ ମିଶି ୧୯୯୯ରେ ଚାଇନାର ଝେଜିୟାଂଗର ହାଙ୍ଗଝୁଙ୍ଗରେ ଏକ ଆପାର୍ଟମେଣ୍ଟର ଛୋଟ ରୁମ୍‌ରୁ ଅନ୍‌ଲାଇନ୍ କମ୍ପାନୀ 'ଆଲିବାବା' ଆରମ୍ଭ କରିଥିଲେ। ତେବେ ସବୁଠାରୁ ମଜାକଥା ହେଲା ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାର ନିଷ୍ପତି ନେବାବେଳେ ଜ୍ୟାକ୍‌ଙ୍କ କମ୍ପ୍ୟୁଟର ଜ୍ଞାନ ମଧ୍ୟ ସେତେଟା ନ ଥିଲା। ଜ୍ୟାକ୍ ୨୦୧୩ ଯାଏ ଅଲିବାବା କମ୍ପାନୀର ଅଧ୍ୟକ୍ଷ ରହିଲେ। ୨୦୧୪ରେ ସେ 'ଜ୍ୟାକ୍ ମା ଫାଉଣ୍ଡେଶନ୍' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ିଲେ। ଏବେ ଅବସର ନେବା ପରେ ଏହି ଫାଉଣ୍ଡେଶନ୍‌କୁ ଜ୍ୟାକ୍ ନିଜର ସମ୍ପୂର୍ଣ୍ଣ ସମୟ ଦେବେ। ଶିକ୍ଷା କ୍ଷେତ୍ରରେ ଲୋକଙ୍କୁ ସେବା ଯୋଗାଇବା ଏହି ସଂସ୍ଥାର ମୂଳ ଉଦ୍ଦେଶ୍ୟ। ଆମ ସମସ୍ତଙ୍କୁ ଜ୍ୟାକ୍ ମାଙ୍କ କାହାଣୀରୁ ଅନୁପ୍ରାଣିତ ହେବା ଉଚିତ୍।

# ମୃତ ବ୍ୟକ୍ତିଙ୍କ ନାମରେ ମାମଲା



**କୋର୍ଟରୁ ଆସିଛି ନୋଟିସ**

ପାଟନା: ମୃତକ ହିତାଧିକାରୀ ହୋଇ ରାଶନ, ଘର ତଥା ଭତ୍ତା ପାଇବା କଥା ଶୁଣିଛନ୍ତି। ମାତ୍ର ମୃତକଙ୍କ ନାମରେ କେସ୍ ହେବା କଥା କେବେ ଶୁଣିଛନ୍ତି କି? ବିହାରରେ ଘଟିଛି ଏମିତି ଏକ ଘଟଣା। ମୃତ ବ୍ୟକ୍ତିଙ୍କ ନାମରେ କେସ୍ କରି ପୋଲିସ ତା' ଅପାରଗ ପଣିଆ ପଦାରେ ପକାଇ ଦେଇଛି। ପାଟନା ଜିଲାର ବରହ ଅଞ୍ଚଳରେ ଶାନ୍ତି ଭଙ୍ଗ ପାଇଁ ପୋଲିସ ଏଫ୍‌ଆଇଆରରେ୍ ପାଞ୍ଚଜଣଙ୍କ ସହ ଜଣେ ମୃତ ବ୍ୟକ୍ତିଙ୍କ ନାମ ସାମିଲ କରିଥିଲା । ମୃତ ବ୍ୟକ୍ତିଙ୍କ ନାମ ଅଜୟ କୁମାର ଯାଦବ। ଏହାପରେ ୧୦୭ ଧାରାରେ ଏହି ୬ ଜଣଙ୍କ ନାମରେ କେସ୍ ଦାଏର କରି କୋର୍ଟରେ ଦାଖଲ କରିଥିଲା। ବରହ ଅଞ୍ଚଳରେ ମନ୍ଦିରକୁ ଦିଆଯାଉଥିବା ଦାନକୁ ନେଇ ଏକ ବିବାଦୀୟ ପରିସ୍ଥିତିରେ ଶାନ୍ତି ଭଙ୍ଗ ହେବା ଆଶଙ୍କା କରି ଏହି କେସ କରାଯାଇଥିଲା। ପୋଲିସ କୋର୍ଟ ଏବେ ଅଜୟଙ୍କ ନାମରେ ନୋଟିସ ପଠାଇ ସେପ୍ଟେମ୍ବର ୧୧ରେ ହାଜର ହେବାକୁ ନେର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଘର ଲୋକ ଏହି ନୋଟିସ ପାଇବା ପରେ ଅଜୟଙ୍କର ୫ ବର୍ଷ ହେବ ମୃତ୍ୟୁ ହୋଇଛି ବୋଲି ଜଣାଇଛନ୍ତି। ଅଜୟଙ୍କ ମୃତ୍ୟୁ ହୋଇଥିଲେ ବି ପୋଲିସ ଅଜୟଙ୍କ ନାମରେ ଜାନୁୟାରୀ, ୨୦୧୯ରେ ଏଫ୍‌ଆଇଆର୍ ଦାଏର କରିଛି ବୋଲି ତାଙ୍କ ପିତା ରାମକୃଷ୍ଣ ଯାଦବ କହିଛନ୍ତି। ବରହ ଥାନା ଏସ୍‌ଏଚଓ ସଞ୍ଜିତ କୁମାର ଏହି ଘଟଣାକୁ ଏକ ତ୍ରୁଟି ବୋଲି ଦର୍ଶାଇ ତାହାକୁ ଠିକ୍ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

# ନ୍ୟୁୟର୍କରୁ କ୍ୟାନ୍‌ସର ଚିକିତ୍ସା ସାରି ଘର ବାହୁଡ଼ିଲେ ଋଷି

**ମୁମ୍ବାଇ:** ସାରା ବଲିଉଡ୍ ଓ ଋଷିଙ୍କ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେହିପରି ବି-ଟାଉନର କପୁର ପରିବାରରେ ମଧ୍ୟ ଖୁସିର ମାହୋଲ୍ ରହିଛି। କାରଣ ପ୍ରାୟ ବର୍ଷେ ପରେ ନ୍ୟୁୟର୍କରୁ କ୍ୟାନ୍‌ସରର ସଫଳ ଚିକିତ୍ସା କରାଇ ଭାରତ ଫେରିଛନ୍ତି ଅଭିନେତା ଋଷି କପୁର। ଏଥିପାଇଁ ସୋସିଆଲ ମିଡିଆରେ ମଧ୍ୟ ଶୁଭେଚ୍ଛାର ସୁଅ ଛୁଟିଛି।

ସୂଚନାଥାଉ କି, କ୍ୟାନ୍‌ସର ପୀଡ଼ିତ ଋଷି କପୁର ପ୍ରାୟ ୧ବର୍ଷ ଧରି ନ୍ୟୁୟର୍କରେ ଚିକିତ୍ସିତ ହେଉଥିଲେ। ବାପା ଋଷି କପୁରଙ୍କୁ କ୍ୟାନ୍‌ସର ହୋଇଥିବା ସୂଚନା ମିଳିବା କ୍ଷଣି ପୁଅ ରଣବୀର କପୁର ତାଙ୍କୁ ନ୍ୟୁୟର୍କକୁ ଚିକିତ୍ସା ପାଇଁ ପଠାଇଥିଲେ। ସୂଚନା ଅନୁସାରେ ଦିଲ୍ଲୀରେ ଏକ ଫିଲ୍ମର ଶୁଟିଂ ଚାଲିଥିବାବେଳେ ରଣବୀର ଏବଂ ତାଙ୍କ ପରିବାରର କିଛି ସଦସ୍ୟ ଦିଲ୍ଲୀରେ ଆସି ପହଞ୍ଚିଥିଲେ। ସେମାନେ ଫିଲ୍ମ ପ୍ରଯୋଜକଙ୍କ ସହ କଥା ହୋଇ ଋଷିଙ୍କ କ୍ୟାନ୍‌ସର ବାବଦରେ ସମସ୍ତ ବିଷୟ ଜଣାଇଥିଲେ। ସେହି ଦିନ ସନ୍ଧ୍ୟା ସୁଦ୍ଧା ସମସ୍ତେ ମିଶି ଋଷିଙ୍କୁ ମୁମ୍ବାଇ ନେଇଆସିଥିଲେ ଏବଂ ଯଥାଶୀଘ୍ର ତାଙ୍କୁ ନ୍ୟୁୟର୍କ ପଠାଇଥିଲେ। ରଣବୀର ବାପା ଋଷିଙ୍କୁ ନୂଆ ଫିଲ୍ମର ଶୁଟିଂ ଛାଡ଼ି ନ୍ୟୁୟର୍କରେ ଚିକିତ୍ସା ପାଇଁ ବାଧ କରିଥିଲେ। ତେବେ ଚିକିତ୍ସା ସମୟରେ ମଧ୍ୟ ସେ ନିଜ ପ୍ରଶଂସକଙ୍କ ସହ ସୋସିଆଲ ମିଡିଆ ଜରିଆରେ ଯୋଡ଼ି ହୋଇ ରହିଥିଲେ।




# ଧରିତ୍ରୀ DHARITRI CAREER APPOINTMENT

ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly *Salary upto Rs. 24,000/-.*
Contact : 9938414918

**REFCEM® SITUATION VACANT**
Since 1983...
RRPL, Bhubaneswar invites application for the following Posts;

| | Post | Qualification | Experience |
|---|---|---|---|
| 1. | Accountant | B.com with Tally & above | Min 5 yrs |
| 2. | Welder, Cutter & Electrician | ITI & Diploma | Min 5 yrs |

Salary is based on industry and experience.
Mail your CV / Contact on:
rrpl2019@rediffmail.com
Contact: 7381095402 & 7381095422

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**WANTED**
ଭୁବନେଶ୍ୱରରେ ପ୍ରତିଷ୍ଠିତ କମ୍ପାନୀର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବିକ୍ରୟ କରିବା ପାଇଁ ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା (+2) ରହିବା ସୁବିଧା ଅଛି। ଦରମା ମାସିକ 15,000/- Contact :
7978049094, 9178362001

Need an experienced (10yrs. or more)
**DRIVER in BBSR**
to drive personal cars.
- One should not have any bad habit.
- He should be highly disciplined and sober.
- Should be ready to help in household works.
- Should have a good character.
- Valid Driving License and Adhaar Card are needed.

*Salary is negotiable.*
Contact: 9437180218

**VACANCY**
An accounting firm requires an experienced **Data Entry Operator** having experience in operation of Tally package and drafting of letters.
Apply with confidence to
**Box No. 386, DHARITRI,**
B-15, Industrial Estate,
Rasulgarh, Bhubaneswar-10.

**URGENTLY REQUIRED FOR REAL ESTATE COMPANY**
Related Jobs
1. ACCOUNTS MANAGER (Male), 2. JUNIOR ACCOUNTANT (Male), 3. FRONT OFFICE EXECUTIVE (Ladies), 4. SUPERVISOR (Male), 5. COOK (Male).
Experience needed 2 to 3 years
**SHREEHARI CONSTRUCTIONS**
Shreehari Bihar, Batamangala, Puri- 752002
Mail ID: shreeharipuri@gmail.com, Contact No. 9439537644 / 9861796270
Send CV with colour photograph to this above address or Email id.

ପୁରୀ ସହରରେ ବୟସ୍କ ଦମ୍ପତିଙ୍କ ସହିତ ରହି ଗୃହ କର୍ମରେ ସହଯୋଗ କରିବା ପାଇଁ ଜଞ୍ଜାଳ ନଥିବା କର୍ମନିପୁଣା
**ମହିଳା ଆବଶ୍ୟକ।**
ଯୋଗାଯୋଗ କରନ୍ତୁ
8763329788

**PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, SUPERVISOR, TELE-CALLER**
For Pre-Cast Manufacturing Unit
Two-Wheeler must; All Odisha
CONTACT :
9040019196 / 9778821577

**WALK IN INTERVIEW**
**HOTEL PURI BEACH RESORT PVT. LTD.**
New Marine Drive Road, Near Light House, Puri
▶ Housekeeping Supervisor, ▶ Room Boy, ▶ Store Keeper & Restaurant Supervisor, ▶ Laundry man, ▶ Accountant, ▶ Security Guard.
A walk in interview will be held at **Hotel campus on dt.16.09.2019, 10.30AM** for the above posts. Candidates should have experience of 2 years for all posts.
Contact: MD- 9437444444
S.K. Mishra- 9937231888

**APPOINTMENT**
**Need the following personnel for** SALES.
SALES OFFICER :
Graduate having minimum 1-2 years experience in consumer durable/FFCG/Furniture industry/Lights division will be preferred. He must have the ability to develop & manage the dealer network with good knowledge of sales & marketing.
In case of experience candidate qualification no bar.
*Please send your Biodata within 7 days to*
PATRIOT
Rajpath Group SCR-14, Surya Nagar, 1st Floor Bhubaneswar-751003,
Email: hrd@rajpathgroup.in
Mob.: 9337724585

ନିଃଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
**BRANCH MANAGER - 20 NOS**
**ASSISTANCE MANAGER - 10 NOS**
**OFFICE EXECUTIVE - 5 NOS**
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
**OMI MANAGEMENT**
Plot no : 551, Samantarapur
Chhak, Behind Reliance Fresh, Bhubaneswar
Ph : 7992848615, 9114237051

**ସଫେଇ କର୍ମଚାରୀ ଆବଶ୍ୟକ**
ରାୟଗଡ ନଗର ନିଗମ (ଛତିଶଗଡ) ରେ ସହରର ସଫେଇ କାର୍ଯ୍ୟ ପାଇଁ ଏକ ସଂସ୍ଥାରେ ୨୦ ରୁ ୫୦ ସଫେଇ କର୍ମଚାରୀ ଆବଶ୍ୟକ । ରହିବା, ଖାଇବା ସହ ଦରମା ୧୦,୦୦୦/- ଦିଆଯିବ
ବର୍ଫାନୀ ସିକ୍ୟୁରିଟି ସର୍ଭିସ୍ । ଯୋଗାଯୋଗ - ପ୍ରିୟରଞ୍ଜନ ଦାସ (Supervisor)
7735833199 (11AM - 2PM)

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର୍, ଅଫିସ୍ ଷ୍ଟାଫ୍ ଆବଶ୍ୟକ । ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ବିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ **Office Staff** ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto **Rs.27,000/-.**
**(Part Time / Full Time)**
Contact: 9938676412

**PART TIME JOB**
**DETECTIVES / VERIFIERS / INVESTIGATORS**
GRADUATES
Per Assignment Basis
Email : ceebak@gmail.com

**ଚେନ୍ନାଇ ପାଇଁ ଆବଶ୍ୟକ**
ଲୋଡ୍‌ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9840893117

**CLOTHES CARE LAUNDRY**
ଦୋକାନ ପାଇଁ ପିଲା ଆବଶ୍ୟକ, ବୟସ-18+, ସ୍ଥାନ-ସତ୍ୟବିହାର, ରସୁଲଗଡ଼, ଭୁବନେଶ୍ୱର
8249233993
8895200115

**WANTED**
**COMPUTER OPERATOR FOR HOTEL AT TALCHER**
CONTACT :
9776331667

**RECRUITMENT NOTICE**
**Kaapro** invites online applications for Water Testing Laboratory at State, District and Sub-Divisional Laboratories under Rural Water Supply and Sanitation (RWSS), Panchayati Raj & Drinking Water Department, Government of Odisha, from candidates for deployment on outsource basis covering the following posts located at **different places of Odisha** :-

**STATE LEVEL**

| Positions | No. of Positions | Qualification | Experience Yrs | Salary Rs. p.m. |
|---|---|---|---|---|
| Project Manager | 1 | Bachelor in Arts/Science/Commerce/ Engineering and MBA | 5 | 40000 |
| Lab. Chemist/ Microbiologist | 1 | Graduation in Science with Biology & PGDCA | 3 | 20000 |
| Lab. Chemist | 3 | Graduation in Science with Chemistry & PGDCA | 3 | 20000 |
| Data Entry Operator | 2 | Graduation with PGDCA or equivalent certification with 1 years' experience | 3 | 8800 |
| Lab. Assistant | 2 | +2 Science with Chemistry & DCA | 3 | 10000 |

**DISTRICT AND SUB DIVISIONAL LEVEL**

| Positions | No. of Positions | Qualification | Experience Yrs | Salary Rs. p.m. |
|---|---|---|---|---|
| Lab. Chemist/ Microbiologist | 76 | Graduation in Science with Chemistry/Biology & PGDCA | 3 | 20000 |
| Lab. Assistant | 46 | +2 Science with Chemistry & DCA | 3 | 10000 |
| Lab.Attendant cum Sample Collector | 76 | 10th Pass | 2 | Salary 7300 + 1500 other Expenses |

**For Details of Role Responsibilities, Qualification and other Eligibility criteria for each position and online application can be accessed at recruitment.kaapro.co.in The last date of receipt of application is 28.09.2019 (17.00 Hrs. IST).**

**WALK-IN-INTERVIEW**
Field verification Executives required for location BBSR, Jajpur Road, Anandpur, Keonjhar, Talcher, Dhenkanal, Joda, Barbil. **307 Nirmala Plaza, Forest Park, BBSR.**
Contact: 0674-2595911
Mob : 7504008200

**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 7327065424 / 8895725158


ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଡିଏମ୍‌ଏଫ୍ ବିନିଯୋଗରେ ୧୨,୬୪୯ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ) ବିନିଯୋଗ କରାଯାଇ ଗତ ଜୁଲାଇ ଶେଷ ସୁଦ୍ଧା ବିଭିନ୍ନ ଜିଲାରେ ୧୨,୬୪୯ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ହୋଇଥିବା ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଅନୁମୋଦିତ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପଗୁଡିକ ପାଇଁ ୮୦୭୪ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଜଣାପଡିଛି। ଏହି ପାଣ୍ଠିର ବିନିଯୋଗ ସମୟରେ ଜିଲା ଟ୍ରଷ୍ଟମାନଙ୍କ ସହାୟତାରେ ୫ ବର୍ଷିଆ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ବିଭିନ୍ନ ଉନ୍ନୟନମୂଳକ ଯୋଜନାରୁ ବାଦ୍ ପଡିଥିବା ପ୍ରକଳ୍ପକୁ ଏହି ୫ ବର୍ଷିଆ ଯୋଜନା ମଧ୍ୟରେ ସାମିଲ କରିବାକୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।



ଡିଏମ୍‌ଏଫ୍ ସମ୍ପର୍କିତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ପ୍ରକଳ୍ପଗୁଡିକର ମଞ୍ଜୁରୀ ପାଇଁ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ଆର୍ଥିକ ମଞ୍ଜୁରୀ କ୍ଷମତା ୪ କୋଟିରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପଗୁଡିକ ଅଗ୍ରଗତି ସମ୍ପର୍କରେ ପ୍ରତି ମାସରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମୀକ୍ଷା କରାଯିବ। ଜିଲାୱାରି ସମୀକ୍ଷାରୁ ଜଣାପଡିଛି ଯେ ଅନୁଗୋଳ, ଝାରସୁଗୁଡା, କେନ୍ଦୁଝର ଓ ସୁନ୍ଦରଗଡ ଆଦି ଜିଲାରେ ଖଣିଜ ପାଣ୍ଠି ସର୍ବାଧିକ ସଂଗ୍ରହ ହେବା ସହ ବିନିଯୋଗ ହୋଇପାରିଛି। ଗତ ଜୁଲାଇ ଶେଷ ସୁଦ୍ଧା ୧୨,୬୪୯ ପ୍ରକଳ୍ପ ମଧ୍ୟରୁ ୧୧,୧୨୬ ପ୍ରକଳ୍ପ ଉପରୋକ୍ତ ୫ଟି ଜିଲାରେ କାର୍ଯ୍ୟକାରୀ ହେଉଥିବା ଜଣାପଡିଛି। ବିଭିନ୍ନ ଜିଲାରୁ ୭୬୦୦ କୋଟି ସଂଗୃହୀତ ହୋଇଥିବାବେଳେ ୮୦୭୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିବା ଜଣାପଡିଛି।

# ତସିଫ, ସୋଆଇବ, ଅବୁଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ମଙ୍ଗଳବାର ସାହସିକତା ପ୍ରଦର୍ଶନ ପାଇଁ ଯାଜପୁର ଜିଲାର ୩ ଜଣ ବାଳକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ସେକ୍ ତସିଫ୍ ରାଜା, ମହମ୍ମଦ ସୋଆଇବ ଏବଂ ଅବୁଲ ରୁମନ୍ ଖାଁ। ବିଶେଷ କରି ତସିଫ ଏବଂ ସୋଆଇବଙ୍କ ସାହସିକତାର ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଡିକ୍ସନାରି, ବ୍ୟାକରଣ ପୁସ୍ତକ, ପାଠ୍ୟ ଉପକରଣ ଓ ଚକୋଲେଟ ଆଦି ପ୍ରଦାନ କରିଥିଲେ। ଅନୁରୂପ ଭାବେ ଅବୁଲକୁ ମଧ୍ୟ ପାଠ୍ୟ ଉପକରଣ ଏବଂ ଚକୋଲେଟ ପ୍ରଦାନ କରାଯାଇଥିଲା।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ବାଳକ।

## ସାହସିକତା ପାଇଁ ସାଧୁବାଦ

ଉଲ୍ଲେଖଯୋଗ୍ୟ, ଚଳିତ ମାସ ୨ ତାରିଖ ଗଣେଶ ପୂଜା ଦିନ ଯାଜପୁର ସଡକ ପ୍ରାଇମେରୀ ସ୍କୁଲରେ ପଢୁଥିବା ୬ ବର୍ଷୀୟ ଅବୁଲ ସ୍କୁଲରୁ ଫେରୁଥିଲେ। ଏହି ସମୟରେ ଏକ ପୋଖରୀରେ ତାଙ୍କ ଗୋଡ ଖସି ଯିବା ସହ ସେ ବୁଡିଯିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଫଜଲପୁର ଗାଁ କୋରେଇ ହାଇସ୍କୁଲ ୮ମ ଶ୍ରେଣୀର ଦୁଇ ଛାତ୍ର(ତସିଫ୍ ଓ ସୋଆଇବ) ପୋଖରୀକୁ ଲମ୍ଫ ପ୍ରଦାନ କରିବା ସହ ଅବୁଲଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କ ଏହି ସାହସିକତା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ବର୍ଦ୍ଧନା ସମୟରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ ବଳ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପରାମର୍ଶଦାତା ଆର.ବାଲକ୍ରିଷ୍ଣନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ବାଚସ୍ପତିଙ୍କୁ ଭେଟିଲେ ଚାଇନା ପ୍ରତିନିଧି ଦଳ


ଚାଇନା ପ୍ରତିନିଧିଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର।

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ହଂକଂସ୍ଥିତ ଚାଇନା-ଭାରତ ବାଣିଜ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଏକ ଚାଇନା ପ୍ରତିନିଧି ଦଳ ଅଧ୍ୟକ୍ଷ କ୍ୱାଇ ଶୁନ ଚୋ ପଲ୍‌ଙ୍କ ନେତୃତ୍ୱରେ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ବିଧାନସଭାସ୍ଥିତ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ। ଚାଇନା-ଭାରତ ଦ୍ୱିପାକ୍ଷିକ ସମ୍ପର୍କ, ବିଶେଷତଃ ସଂସ୍କୃତି, ଭାରତରେ ପୁଞ୍ଜିନିବେଶ ଏବଂ ବ୍ୟବସାୟ ସୁଯୋଗ ଓ ସମ୍ଭାବନା ଅନ୍ୱେଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତିନିଧି ଦଳ ବାଚସ୍ପତିଙ୍କୁ ପରିଷଦର କାର୍ଯ୍ୟାବଳୀ ସହିତ ପୂର୍ବରୁ ତିଆରି ହୋଇଥିବା ନିର୍ମାଣ ସାମଗ୍ରୀ ଓ ସ୍ୱଳ୍ପ ମୂଲ୍ୟ ଗୃହ ନିର୍ମାଣ ଉପରେ ଅବଗତ କରାଇଥିଲେ।

ପରିଷଦ ଏହା ପୂର୍ବରୁ ବହୁଥର ଭାରତୀୟ ଓ ଚାଇନା କମ୍ପାନୀ ମଧ୍ୟରେ ବ୍ୟବସାୟ ସମ୍ପର୍କିତ ଆଲୋଚନା ଆୟୋଜନ କରି ସାରିଛି। ଭାରତରେ ପୁଞ୍ଜିନିବେଶ ସମ୍ପର୍କରେ ପରାମର୍ଶ ଦେବା ସହ ନେଟୱର୍କ, ଆର୍ଥିକ ସହାୟତା, ସେବା ଯୋଗାଣ ଲକ୍ଷ୍ୟ ନେଇ ଏଥିନିମନ୍ତେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରତିନିଧି ଦଳ କହିଥିଲେ। ଏହାଦ୍ୱାରା ଚାଇନା ଓ ଭାରତୀୟ କମ୍ପାନୀମାନେ ଉଭୟ ଦେଶରେ ବ୍ୟବସାୟ ବିସ୍ତାର କରି ପାରିବେ। ପରିଷଦ ପୁଞ୍ଜିନିବେଶକଙ୍କ ବୈଠକ, ସମ୍ମିଳନୀ , ପ୍ରଦର୍ଶନୀ, ବିପଣନ ସମ୍ପର୍କିତ ଆଲୋଚନା ସହିତ ସୁଯୋଗ ଓ ଭାଗୀଦାରିକୁ ଗୁରୁତ୍ୱ ଦେଇ ଗବେଷଣା ଜାରି ରଖିଛି।

ଏହିପ୍ରତିନିଧିଦଳରେପରିଷଦରସଚିବଅଜୟ ଠାକୁରଙ୍କ ସମେତ ଇଲଡ ଗ୍ରୁପର ଲଙ୍ଗମିନ ଲାଉ ରନସନ, ଟିଙ୍ଗ ହନଜନ କ୍ୱାନ, ଝେଜିୟାନ ଗ୍ରୀନ ବିଲ୍ଡିଂର ୱାଇ ହୁଙ୍ଗ ହୋ ବ୍ରିୟାନ, ୱେ ପାସିଫିକର ଜିଆନହୁଆଙ୍ଗ ହୁ ପ୍ରମୁଖ ସାମିଲ ହୋଇଥିଲେ।

## ଶିକ୍ଷକ ସଂଘ ସହିତ ସରକାରଙ୍କ ଆଲୋଚନା

# ଦାବି ପୂରଣ ପାଇଁ ସମୟ ମାଗିଲେ ମନ୍ତ୍ରୀ

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଶିକ୍ଷକ ସଙ୍ଗଠନ ସହିତ ସଚିବାଳୟରେ ଆଲୋଚନା ହୋଇଛି। ନିଜ ନିଜର ସମସ୍ୟା ନେଇ ସଂଗଠନଗୁଡ଼ିକ ବିଭାଗ ପାଖରେ ଦାବି ଉପସ୍ଥାପନା କରିଛନ୍ତି। ପ୍ରଥମେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଏକ ପ୍ରତିନିଧି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚାକିରି ସର୍ତ୍ତାବଳୀ ସହ ସପ୍ତମ ପେ' ଓ ଅବସରକାଳୀନ ସୁବିଧା ଭଳି ସଂଘର ବିଭିନ୍ନ ଦାବି ଉପରେ ଦୁଇଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହି ଆଲୋଚନା ସକାରାତ୍ମକ ଥିଲା ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଆଲୋଚନାରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଚିତ୍ରା ଅରୁମୁଗମ୍, ଅତିରିକ୍ତ ସଚିବ ବିଶ୍ୱନାଥ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଷ୍ଟା ପକ୍ଷରୁ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଭୟ ମନ୍ତ୍ରୀ ଏବଂ କମିଶନର ବିଭାଗ ପାଇଁ ନୂଆ ସେଥିପାଇଁ ସମସ୍ୟାର ସମାଧାନ ପାଇଁ କିଛି ସମୟ ଲାଗିପାରେ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଶିକ୍ଷକମାନଙ୍କର ପଡ଼ି ରହିଥିବା ସମସ୍ୟାର ସମାଧାନ, ଶିକ୍ଷକ ନିଯୁକ୍ତି ଓ ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ବହି, ପୋଷାକ ଆଦି ଯୋଗାଇ ଦେଲେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିବ ବୋଲି ଓଷ୍ଟା ପକ୍ଷରୁ ସରକାରଙ୍କୁ କୁହାଯାଇଛି। ସେହିପରି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ମଧ୍ୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଫେଡେରେଶନ ସଭାପତି ହୃଦାନନ୍ଦ ଦ୍ୱିବେଦୀ ଓ ମହାସଚିବ ଅମୀୟ କୁମାର ଦାଶଙ୍କ ନେତୃତ୍ୱରେ ଏକ ୧୧ଜଣିଆ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶିକ୍ଷକଙ୍କୁ ଚାପମୁକ୍ତ ସହ ଅଧିକ ସ୍ୱାଧୀନତା ଦେବା ପାଇଁ ଦାବି ହୋଇଛି।

# ବ୍ରାଉନ ସୁଗାର ଜବତ, ଜଣେ ଗିରଫ

କଟକ ରୋଡ,୧୦।୯(ଡି.ଏନ୍.ଏ.): କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ମଙ୍ଗଳବାର ରାଜଧାନୀରେ ଚଢ଼ାଉ କରି ଜଣେ ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ରଞ୍ଜିତ୍ ସାହୁ। ତାଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ରଞ୍ଜିତଙ୍କ କିଟ ଛକରେ ଏକ ଜଳଖିଆ ଦୋକାନରେ ସେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ତଥ୍ୟ ମିଳିଥିଲା।


**ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ, ଶ୍ରମ ଓ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର, ମଠସାହି, ଦେବଗଡ଼**

୧୪ ବର୍ଷରୁ କମ ବୟସର ଶିଶୁମାନଙ୍କୁ ଯେକୌଣସି କାମରେ ଓ ୧୮ ବର୍ଷରୁ କମ ବୟସର କିଶୋରମାନଙ୍କୁ ବିପଦସଙ୍କୁଳ କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ଅଟେ, ଏଥିରେ ଖିଲାପ କଲେ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା/ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିପାରେ।

ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ "ଶିଶୁ ଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର" ଖୋଲାଯାଇ ଜିଲ୍ଲାରେ ଚିହ୍ନଟ ହୋଇଥିବା ୯ରୁ ୧୪ ବର୍ଷର ଶିଶୁ ଶ୍ରମିକମାନଙ୍କୁ ଉଭୟ ଶିକ୍ଷା ଓ ବୃତ୍ତିଗତ ଟ୍ରେନିଂ, ମାସିକ ଚାରିଶତ ଟଙ୍କା ଷ୍ଟାଇପେଣ୍ଡ, ମଧ୍ୟାହ୍ନ ଭୋଜନ, ସ୍ୱାସ୍ଥ୍ୟସେବା ଓ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି।

ଆପଣଙ୍କ ନଜରରେ କେହି ଶିଶୁ ଶ୍ରମିକ ଥିଲେ ତୁରନ୍ତ ନିକଟସ୍ଥ "ଶିଶୁ ଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର"ରେ ନାମଲେଖାଇ ଜିଲ୍ଲାକୁ ଶିଶୁ ଶ୍ରମିକ ପ୍ରଥା କବଳରୁ ମୁକ୍ତ କରିବାରେ ପ୍ରଶାସନକୁ ସହଯୋଗ କରନ୍ତୁ ।
ଶିଶୁ ଶ୍ରମିକ ମୁହଁରେ ହସ-ଆମର ଲକ୍ଷ୍ୟ

ଶ୍ରୀ ପ୍ରସନ୍ନ କୁମାର ସିଂହ, ପ୍ରକଳ୍ପ ନିର୍ଦ୍ଦେଶକ | ଡକ୍ଟର ସମୀର କୁମାର ନନ୍ଦ, ପ୍ରୋଗ୍ରାମ ମ୍ୟାନେଜର ଓ ନିରୀକ୍ଷକ | ଶ୍ରୀଯୁକ୍ତ ସୁଧାଂଶୁ ମୋହନ ସାମଲ, ଆଇଏଏସ୍, ଜିଲ୍ଲାପାଳ ଓ ଅଧ୍ୟକ୍ଷ


## ICDS PROJECT, CHHENDIPADA

**No.404** **TENDER CALL NOTICE** **Date: 07.09.19**

The tender papers containing detailed Terms and conditions for hiring of vehicle can be available in the office of the CDPO Chhendipada and while submitting such tender paper a DD of Rs.1000/- Rupees (One Thousand ) only in favour of CDPO Chhendipada payable at ICICI Bank, Chhendipada is to be submitted failing which the tender paper will be rejected . The Tender cost of Rs. 1000/- Rupees (One Thousand ) only fixed is refundable . Tender paper complete in all respect (Technical & Financial ) in separate cover along with all required documents and both cover to be kept in a separate big cover is super scribed "for Hiring of Vehicle for Mission Shakti " to be submitted to the CDPO, Chhendipada on or before 16.09.2019, 5.00 P.M. The tender shall be opened on the date i.e on 17.09.2019 at 3.30 P.M in Office of the CDPO, Chhendipada in presence of the members of Tender Committee and renderers or their authorized representatives. The tender received beyond the scheduled date and time shall not be taken into consideration. **Sd./- CDPO, Chhendipada**

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମାଲକାନଗିରି

**Dist.- Malkangiri-764048, Phone No.06861-230409**
**Fax No.06861-230279, E-Mail : ori-dmalkangiri@nic.in**

ପତ୍ର ସଂଖ୍ୟା.୨୫୦୧/୨୦୧୯ ତା.୧୦।୦୯।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ସମସ୍ତ ଅଧିବାସୀ ତଥା ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧି ଏବଂ ଜବ୍‌କାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆନୁକୂଲ୍ୟରେ ୨୦୧୮-୧୯ ଆର୍ଥିକ ବର୍ଷର ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ.୧୦.୦୦ଟିକାଠାରୁ | ସ୍ଥାନ |
|---|---|---|
| କୋରୁକୋଣ୍ଡା | ୨୫।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋରୁକୋଣ୍ଡା |
| ପଡ଼ିଆ | ୨୬।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଖଇରପୁଟ |
| ଖଇରପୁଟ | ୨୭।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ,ପଡ଼ିଆ |
| କାଲିମେଲା | ୨୫।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଲିମେଲା |
| ମାଲକାନଗିରି | ୨୬।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଲକାନଗିରି |
| ମାଥିଲି | ୨୭।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି |
| ଚିତ୍ରକୋଣ୍ଡା | ୨୮।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନ୍‌ରେଗା, ମାଲକାନଗିରି

## OFFICE OF THE EXECUTIVE ENGINEER
## ADDITIONAL SPILLWAY DIVISION, HIRAKUD, Camp Office-Burla

**Phone No.: 0663-2430080, 'e' mail ID: eeasdhirakud@gmail.com**

**No.............** **QUOTATION CALL NOTICE** **Dt..............**

No.228-A :- Sealed quotations in plain paper/ letter pad are invited from reputed Travel agencies/ Tour operators or Private individuals having valid GST/ TIN/ SRIN registration number under the OGST Act-2017, Income Tax clearance certificate, Pan card etc. for providing Non AC/ AC diesel driven vehicle (Bolero/ Marshal/ Tata Sumo/ Mahindra Max) for office use, having seating capacity as mentioned below so that it should reach office of the undersigned or Liaison office of the Chief Engineer & Basin Manager, Upper Mahanadi Basin, Secha Sadan, Bhubaneswar on or before dt.21.09.2019 up to 04.00 P.M. through Registered post/ Sped post or in person.

The details are available in office of the undersigned as well as in the Liaison Office of the Chief Engineer and Basin Manager, Upper Mahanadi Basin, o/o the Engineer-in-Chief, Water Resources, Odisha, Secha Sadan, Bhubaneswar during office hours or they may visit the websites **http://dowrodisha.gov.in or http://tendersodisha.gov.in or https://sambalpur.nic.in.**

| Sl. No. | Name of work | No. | Seating Capacity including Driver not more than |
|---|---|---|---|
| 1 | Hire and running charges of Private Inspection vehicle for official use of the Executive Engineer, Additional Spillway Division, Hirakud for the period from 01.10.2019 to 31.03.2020. | 01 (One) | 07 |
| 2 | Hire and running charges of Private Inspection vehicle for official use of the Sub Divisional Officer, Additional Spillway Sub Division No.-I, of Additional Spillway Division, Hirakud for the period from 01.10.2019 to 31.03.2020 | 01 (One) | 10 |
| 3 | Hire of Private Inspection vehicle for official use of the Sub Divisional Officer, Additional Spillway Sub Division No.-II of Addl. Spillway Division, Hirakud for the period from 01.10.2019 to 31.03.2020 | 01 (One) | 10 |

**32394/11/0003/1920**
**Sd./- Executive Engineer**
**Additional Spillway Division, Hirakud**

## ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

ନଂ ୧୦୩୦୦ ତା୧୦।୦୯।୨୦୧୯

**ବିଜ୍ଞାପନ**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମରେ ଥିବା ଶାଖାଗୁଡ଼ିକ ନିମନ୍ତେ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ପାରିଶ୍ରମିକ ଯଥାକ୍ରମେ ଟ.୧୨,୯୦୦/- ଓ ଟ.୧୧,୧୦୦/-ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ସଡ଼କ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧୀନରେ ଥିବା ଶାଖାମାନଙ୍କରେ ଅବସ୍ଥାପିତ କରାଯିବ।

ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ତା.୧୬।୦୯।୨୦୧୯ଠାରୁ ୩୦।୦୯।୨୦୧୯ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ସାକ୍ଷାତକାର ଦେଇପାରିବେ।

ଏହାର ସବିଶେଷ ବିବରଣୀ **OSRTC website www.osrtc.in**ରେ ଉପଲବ୍ଧ।

**ଅଧ୍ୟକ୍ଷ ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ**
**ସ୍ୱା./- ସାଧାରଣ ପରିଚାଳକ (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

## DIRECTORATE OF MEDICAL EDUCATION & TRAINING, ODISHA

**WALK-IN-INTERVIEW**

**FOR PROFESSOR IN RADIOTHERAPY AT MKCG MEDICAL COLLEGE, BRAHMAPUR**

**No.: 12305** **Dt. 10.09.2019**

No.: 312-E: Eligible and qualified candidates are invited to appear for a Walk-in-Interview for the Posts of Professor in Radiotherapy at MKCG MC, Brahmapur. The details of Posts, Mode of recruitment, Essential Qualifications etc. is available in the website of DMET, Odisha i.e. **www.dmetodisha.gov.in**. Candidates may appear for the interview with required original documents in the Office of the DMET, Odisha, Heads of Department Building, Bhubaneswar - 751001.

**10016/11/0024/1920** **Sd./- Jt. DMET, Odisha**

ODISHA NEW OPPORTUNITIES

**Tender Call Notice No. IFCAL/ Elect/1124** **Date: 09.09.2019**

**FOR ELECTRICAL MAINTENANCE AT IFCAL COLONY INCLUDING 33/11KV, 1x5MVA SUB-STATION, IFCAL PLANT INCLUDING 33/11KV, 2X20 MVA SUB-STATIONS, ELECTRICAL INSTALLATIONS AT IFCAL PLANT & COLONY, OPERATION & MAINTENANCE OF APC PLANT, BOREWELL PUMP ETC. ON ANNUAL CONTRACT BASIS.**

Date of downloading of Tender : 11.09.2019 to 20.09.2019.
Last date of receipt of Tender : 23.09.2019 (5.00P.M.).
For details, please log on to : www.idcorissa.com/ www.ifcal.nic.in

**MANAGING DIRECTOR**

## IDCOL FERRO CHROME & ALLOYS LIMITED

(A Wholly Owned Subsidiary of IDCOL) A Govt. of Odisha Undertaking)
CIN-U27109OR1999SGC005736
Regd. Office : Ferro Chrome Project - 755020, Jajpur Road, Dist : Jajpur (Odisha), India
Tel. No. 06726 - 220212 / 220508, Fax No. 06726 - 220524, E-mail ID : ifcal@nic.in

## OFFICE OF THE SR. GENERAL MANAGER (ELECTRICAL)

**UPPER INDRAVATI HYDRO ELECTRIC PROJECT, MUKHIGUDA**
**DIST: KALAHANDI-766026, Ph.No.7328840415,**
**E-mail: sgmel_uihep@ohpcltd.com**

OHPC ISO 9001-14001 18001 Certified

ODISHA HYDRO POWER CORPORATION LTD.
**(A GOVERNMENT OF ODISHA UNDERTAKING)**
**Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,**
**Tel: 91-0674-2542983, 2542802, 2545526, 2542826, Fax:2542102,**
**E-Mail: ohpc.co@gmail.com / md@ohpcltd.com**
**WEB: www.ohpcltd.com, CIN: U40101OR1995SGC003963**
**No. UIHEP/SGM (EL.)/TW/ 2330 (Part – II) (Vol.-I)/ 3866 / Date.07.09.2019**

**NOTICE INVITING TENDER No.12/2019-20 DATE.07.09.2019**

No.CAD-370 :- Tenders are invited in .sealed envelopes from the registered travel agencies / vehicle owners for providing services as mentioned below.

| Description of Materials / Services | Cost of tender paper (Nonrefundable) in Rs. | EMD in shape of DD/Banker's Cheque only (Refundable) in Rs. |
|---|---|---|
| Deployment of one no. of diesel run 13 seater vehicle on hire basis for a period of 03 (Three) years. | 7,080/- (inclusive GST) | 19,700/- |

For details of the tender documents, terms and conditions please visit our website **www.ohpcltd.com**

**32136/11/0019/1920** **Sd./- Unit Head UIHEP, Mukhiguda**

## OFFICE OF THE NOTIFIED AREA COUNCIL, KHARIAR ROAD

**e-mail: nackhrd@rediffmail.com**

**No. 3228** **Dated: 07.9.2019**

**DETAILED TENDER CALL NOTICE**

| | | |
|---|---|---|
| Name of work | : | Supply, transportation, installation, testing and commissioning of SWM-MCC equipment |
| E.M.D. | : | Rs. 10,000.00 |
| Tender Notice No & Date | : | No. 3228 Dt. 07.9.2019 |
| Agency | : | As per eligibility |
| Period of Tender | : | Three Months |
| Cost of Bid documents | : | Rs. 2,000.00 |
| Sale of Documents | : | 10.09.2019 to 21.09.2019 during office hour |
| Last date of Receipt of filled up bid documents | : | Up to 4.00 PM of 26.09.2019 |
| Date of Opening of Tender | : | 11.30 AM of 06.09.2019 |
| Name & address of the Officer inviting the notice | : | Executive Officer, NAC, Khariar Road |
| Details can be seen from | : | http://www.nuapada.nic.in |

**Sd./- Executive Officer, NAC, Khariar Road**

## GOVERNMENT OF ODISHA

**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**MAIN DAM DIVISION, BURLA**

No.227-A

**GOVERNMENT OF ORISSA 'e' PROCUREMENT NOTICE**
**BID IDENTIFICATION NO. MDD-e-02/2019-20 (ONLINE)**
**Email : ee_mddburla@rediffmail.com**

No. 8539 Date : 09.09.2019

| | | | |
|---|---|---|---|
| 1. | No. of Work | : | 05 Nos |
| 2. | Estimated Cost | : | Rs. 2.11 to 7.32 lakhs |
| 3. | Period of completion | : | 6 months |
| 4. | Date & Time of available of bid document in the Portal | : | 13.09.2019 at 10 A.M. |
| 5. | Last date / Time for receipt of bids in the portal | : | 22.09.2019 upto 05.00 P.M. |
| 6. | Date of opening of bid | : | 23.09.2019 at 11.00 A.M. |
| 7. | Name & Address of the Officer inviting bid | : | Executive Engineer, Main Dam Division, Burla, At/ Po- Burla, Dist- Sambalpur, Odisha Email : ee_mddburla@rediffmail.com |

Further details, any corrigendum or addendum can be seen from the e-procurement portal http://tendersorissa.gov.in

32017/11/0002/1920 **Sd./- Executive Engineer, Main Dam Division, Burla**

## OFFICE OF THE MUNICIPAL COUNCIL, CHOUDWAR

**"e" Procurement Notice**
**Bid Reference No. ChM- 01/2019-20**

| | | | |
|---|---|---|---|
| 1. | Name of the Work | : | Construction of 2TPD Capacity Micro Composting Centers and repair of Kalyan Mandap under Choudwar Municipality |
| 2. | No. of Work | : | 06 Nos. |
| 3. | Bid Value | : | Rs. 1.86 to 47.09 Lakh |
| 4. | Period of Completion | : | Three Calendar Months |
| 5. | Date and Time of availability of the bid documents in the Portal | : | From 10.00 AM of 12.09.2019 to 05.00 PM of 24.09.2019. |
| 6. | Last Date/ Time for receipt of bid in the portal | : | 24.09.2019 upto 05.00 PM. |
| 7. | Bids received online shall be opened on dt. 30.09.2019 at 11.00 AM. | | |
| 8. | Name and address of the officer inviting Bid | : | Executive Officer, Choudwar Municipality, Choudwar. Further details can be seen from the procurement Portal **www.tendersorissa.gov.in**. |
| 9. | The tender paper should be accompanied with valid xerox copy of Contractory Licence, PAN Card, GST, Labour Contract Licence, Cost of tender paper in shape of Bankers Cheque/ Demand Draft in favour of the undersigned, 1% EMD separately in shape of NSC/TDR of Schedule Bank/ NSC/Post Office time deposit should be pledged in favour of the undersigned. | | |

**N.B.:-** Without labour contractor licence, Valid contractory licence, PAN CARD, GST, Cost of tender paper (Non-refundable) & EMD separately, the tender will be automatically rejected.

**Sd./- Executive Officer,**
**Choudwar Municipality**

**No. 178-C**

## GOVERNMENT OF ODISHA

**OFFICE OF THE EXECUTIVE ENGINEER,**
**P.H. DIVISION, JHARSUGUDA**
**e-mail ID- eephjsg@gmail.com**

**REQUEST FOR PROPOSAL (RFP) CONSULTANCY SERVICES FOR PREPARATION OF DETAILED PROJECT REPORT (DPR)**

The Executive Engineer, PH Division, Jharsuguda on behalf of Governor of Odisha invites proposals from empanelled consultants of Odisha for preparation of DPR of piped water supply projects.

| | | | |
|---|---|---|---|
| 1. | Name of the work. | :- | 1. Consultancy services for preparation of DPR for the project "Laying of Distribution Pipe line in Uncovered area of Jharsuguda Municipality under GAP closing for Universal coverage of Water Supply" under DMF funding. 2. Consultancy services for preparation of DPR for the project "Laying of distribution pipe line in the uncovered areas of Brajrajnagar & Belpahar Municipality under GAP closing for Universal Coverage of water supply" under DMF funding. |
| 2 | Indicative area | | Within Jharsuguda, Brajrajnagar & Belpahar Municipality |
| 3 | Period of completion | :- | 100 (hundred) Days. |
| 4 | Date & time of availability of bid document in the portal | :- | From 11.00 AM of 14.09.19 to 5.00 PM of 27.09.19. |
| 5 | Last date / time of receipt of bids in the portal | :- | 5.00 PM of 27.09.19 |
| 6 | Date & time of opening of Technical proposal | :- | 11.30 AM of 30.09.19 |
| 7 | Name and address of the Officer Inviting Bid | :- | The Executive Engineer, P.H. Division, Jharsuguda 768204, Odisha. email:eephjsg@gmail.com |

Further details can be seen from e-procurement portal https:// www.tendersodisha.gov.in

**13057/11/0002/1920** **Sd/- Executive Engineer, PH. Division, Jharsuguda**

## ଗେଣ୍ଡୁଫୁଲ

ଏବେ ଆଫ୍ରିକୀୟ ଗେଣ୍ଡୁ ଲଗାନ୍ତୁ। ଆଫ୍ରିକୀୟ ଗେଣ୍ଡୁର କିସମ ଗୁଡିକ ଯଥା-ଜାଏଣ୍ଟବଲ,ଆଫ୍ରିକାନ୍ ଅରେଞ୍ଜ, ଏରଲି ଏଲୋ,ଏରଲି ଅରେଞ୍ଜ, ସେରାକୋଲା, ଆଫ୍ରିକଟ୍, ସନ୍‌ଜାଏଣ୍ଟ,କ୍ରାଉନ୍‌ଅଫ୍ ଗୋଲ୍‌ଡ,ସ୍ୱନ୍ ଗୋଲ୍‌ଡ,କ୍ୟୁପ୍ରିଡ୍ ଏଲୋ ଇତ୍ୟାଦି ବ୍ୟବହାର କରନ୍ତୁ। ୨୫ରୁ ୩୦ଦିନର ତଳି ବା ଡାଳ କଲମୀ ଉପରବେଳା ରୁଅନ୍ତୁ। ତଳିକୁ ଧାଡିକୁ ଧାଡି ୩୦ ସେ.ମି ଓ ଗଛକୁ ଗଛ ୨୦ସେ.ମି ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡିକ ଜମିରେ ଭଲଭାବରେ ଲାଗିଯିବା ପାଇଁ ତଳି ଲଗାଇବା ପରେ ହାଲ୍‌କା ଜଳସେଚନ କରନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ୪୦କି.ଗ୍ରା ଯବକ୍ଷାରଜାନ, ୮୦ କିଗ୍ରା ଫସଫରସ ଓ ୮୦ କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ।



## ଚିନାବାଦାମ ଅମଳ ଅବସ୍ଥା ଆସିବା ବେଳେ

ସଅଳ ଲଗାଯାଇଥିବା ଚିନା ବାଦାମ ଫସଲ ଅମଳ ଅବସ୍ଥାରେ ଅଛି। ଚିନାବାଦାମ ଫଳର ଭିତର ଶୀରା କଳାପଡିଥିଲେ ପାକଳ ହୋଇଥିବା ଜଣାପଡେ। ଏହି ସମୟରେ ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ରହିଥିଲେ ପତ୍ରପୋଡା ଲାଗିବାର ଆଶଙ୍କା ରହିଛି। ତା'ର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ ମାତ୍ର ଫସଲ ଅମଳ ଅବସ୍ଥାକୁ ଆସିଥିଲେ ଏହା ପ୍ରୟୋଗ କରନ୍ତୁ ନାହିଁ। ବାଦାମ ଫସଲରେ ଟୀକା ଓ ମୂଳସଢ଼ା ରୋଗ ହେବାର ଆଶଙ୍କା ଥାଏ। ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ମିଶ୍ରଣକୁ ୨ଗ୍ରାମ୍ ହିସାବରେ ୧୦ଦିନ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ।





# ଗୋରୁଙ୍କ ଫାଟୁଆ ରୋଗ ନିୟନ୍ତ୍ରଣ



ଡା. ବୀର କିଶୋର ପରିଡ଼ା



ଫାଟୁଆ ଏକ ମାରାତ୍ମକ ଭୂତାଣୁ ଜନିତ ସଂକ୍ରାମକ ରୋଗ । ବିଭିନ୍ନ କ୍ଷୁରାଯୁକ୍ତ ଗୃହପାଳିତ ପ୍ରାଣୀ ଯଥା ଗୋରୁ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରି ଏହି ରୋଗରେ ସଂକ୍ରମିତ ହେବା ସହିତ ବିଭିନ୍ନ ବନ୍ୟପ୍ରାଣୀ ଯଥା – ଚମରୀ ଗାଈ, ହାତୀ ଆଦି ମଧ ପୀଡ଼ିତ ହୋଇଥାନ୍ତି । ଘୁଷୁରିମାନେ ମଧ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ, ଉଭୟ ବଡ଼ ଓ ଛୋଟ ଘୁଷୁରି ଛୁଆ ବିଶେଷ ପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପଡ଼ିଥାନ୍ତି।

**ଲକ୍ଷଣ:** ଶାରୀରିକ ଉତ୍ତାପ ୧୦୨ରୁ ୧୦୫ ଡିଗ୍ରୀ ଫାରେନ୍‌ହାଇଟ୍‌କୁ ବୃଦ୍ଧି ଘଟେ । ପାଟିରୁ ଅତ୍ୟଧିକ ଲାଳ ନିର୍ଗତ ହେବା ସହିତ ନାକରୁ ପତଳା ସିଂଘାଣୀ ବାହାରେ । ପାଟି, ଜିଭ, ନାକ, ଗୋଡ଼ କ୍ଷୁରା ମଝିସନ୍ଧି ଓ ପହ୍ନା ବା ଚିରରେ ନାଲି ଫୋଟକା ହୋଇ ଏହା ଫାଟିଯିବା ଦ୍ୱାରା ଘା' ସୃଷ୍ଟି ହୁଏ । ଗୋଡ଼ର ଦୁଇ କ୍ଷୁରା ମଝିସନ୍ଧି ଓ ଏହାର ଉପର ଅଂଶରେ ଘା' ବା କ୍ଷତ ସୃଷ୍ଟି ହୁଏ । ସଂକ୍ରମିତ ଗୋରୁ ଦୁର୍ବଳ ଦିଶନ୍ତି। ଚାଲିବାରେ କଷ୍ଟ ଅନୁଭବ କରନ୍ତି। ପାଟି ଓ ଜିଭରେ ଘା' ସୃଷ୍ଟି ହେବା ଯୋଗୁ ଖାଦ୍ୟ ଖାଇପାରନ୍ତି ନାହିଁ। ଗାଈ ଓ ମଇଁଷି ହଠାତ୍ ଦୁଗ୍ଧ ଦେବା କମେଇ ଦିଅନ୍ତି । ବଳଦଙ୍କ କାର୍ଯ୍ୟଦକ୍ଷତା କମିଯାଏ । ପ୍ରାପ୍ତ ବୟସ୍କ ଗୋରୁ ଏହି ରୋଗରେ ପୀଡ଼ିତ ହୋଇ ଆରୋଗ୍ୟଲାଭ କରୁଥିବାବେଳେ ସଙ୍କର ଜାତୀୟ ଛୋଟ ବାଛୁରି ଏହି ରୋଗରେ ସଂକ୍ରମିତ ହେଲେ ହୃତ୍‌ପିଣ୍ଡରେ ମାଂସପେଶୀ ସଂକ୍ରମିତ ହେବା ଯୋଗୁ ମୃତ୍ୟୁବରଣ କରନ୍ତି । ଫାଟୁଆ ରୋଗରେ ପୀଡ଼ିତ ଗୋରୁଙ୍କ ଯତ୍ନ ନେଲେ ଖୁବ୍‌ଶୀଘ୍ର ଆରୋଗ୍ୟଲାଭ କରନ୍ତି। ନଚେତ୍ ଏହି ରୋଗରୁ ଭଲହେବା ପାଇଁ ଅଧିକଦିନ ଲାଗିଥାଏ। କ୍ଷେତ୍ରୀୟ ସ୍ତରରେ ଦେଖାଯାଇଛି ଯେ – ଫାଟୁଆ ରୋଗରେ ସଂକ୍ରମିତ ପ୍ରାପ୍ତ ବୟସ୍କ ଗୋରୁ ବେଳେବେଳେ ଜୀବାଣୁଜନିତ ପାଶ୍ଚୁରେଲୋସସ୍ ସଂକ୍ରମଣ ଯୋଗୁ କାଁ ଭାଁ ମୃତ୍ୟୁବରଣ କରିବାର ଆଶଙ୍କା ଥାଏ ।

**ଚିକିତ୍ସା:** ପାଟିରେ ଘା' ହୋଇଥିଲେ ଖାଇବା ସୋଡ଼ା ମିଶ୍ରିତ ଉଷୁମ ପାଣି (୧୦୦ଗ୍ରାମ୍ ଖାଇବା ସୋଡ଼ା ସହିତ ୧ ଲିଟର ପାଣି)ରେ ପାଟି ଭିତର ଓ ଗୋଡ଼ର କ୍ଷୁରା ଘା', ପହ୍ନାର ଚିର ଘା' କୁ ଦିନକୁ ଥରେ ଭଲଭାବେ ଧୋଇଦେବା ଆବଶ୍ୟକ । ପାଟିରେ ଘା' ହୋଇଥିଲେ ଘା' କୁ ଉପରୋକ୍ତ ଦ୍ରବଣରେ ଧୋଇ ସାରିବା ପରେ ବୋରୋଗ୍ଲିସେରିନ୍ ତରଳ (ଗ୍ଲିସେରିନ୍ ୮୫୦ମି.ଲି ଓ ବୋରିକ୍ ପାଉଡର ୧୨୦ ଗ୍ରାମ ମିଶ୍ରଣରେ ପ୍ରସ୍ତୁତ) ଜିଭ ଘା' ଉପର, ଦାନ୍ତମୂଳ ଘା' ଓ ପାଟିରେ ଲଗାଇବା ଦରକାର । ଏହିପରି ଭାବେ ୩–୫ ଦିନ ପର୍ଯ୍ୟନ୍ତ ଅନ୍ୟୂନ ପାଟିରେ ଲଗାଇବା ପ୍ରୟୋଜନ । ମହୁ ସହିତ ମାଣ୍ଡିଆ (ରାଗି) ଗୁଣ୍ଡ ମିଶାଇ ଜିଭରେ ଲଗାଇଲେ ମଧ ଉପଶମ ମିଳେ। ଗୋରୁ ଏହି ଫାଟୁଆ ରୋଗରେ ଅତ୍ୟଧିକ ପୀଡ଼ିତ ହେଲେ ୩–୫ଦିନ ପର୍ଯ୍ୟନ୍ତ ବିଭିନ୍ନ ଆଣ୍ଟିବାଓଟିକ୍ସ ଯଥା– ଟେଟ୍ରାସାଇକ୍ଲିନ୍, ଡାଇକ୍ରିଷ୍ଟିସିନ୍ ଇତ୍ୟାଦି ଇଞ୍ଜେକସନ୍ ସହିତ ଦରଜ ଓ ଜ୍ୱର କମାଇବା ପାଇଁ ଆନାଲଜେସିକ୍ ଓ ଆଣ୍ଟିପାଇରେଟିକ୍ ଆଦି ଔଷଧ ଇଞ୍ଜେକସନ୍ ଆକାରରେ ଦେଲେ ଗୋରୁଙ୍କୁ ଆରାମ ମିଳେ ।

ଏତଦ୍‌ବ୍ୟତୀତ, ଗୋଡ଼ରେ ଘା' ହୋଇଥିଲେ, ଘା'କୁ ଖାଇବା ସୋଡ଼ା କିମ୍ବା ପୋଟାସିୟମ୍ ପରମାଙ୍ଗାନେଟ୍ ମିଶ୍ରିତ ଉଷୁମ ପାଣିରେ ଭଲ ଭାବେ ଧୋଇବା ପରେ ମାଛି ନ ବସିବା ପାଇଁ ବିଭିନ୍ନ ମଲମ ଯଥା ହିମାକ୍ସ, ସ୍କାଭନ୍, ଡ୍ରେସଲ୍ ସ୍ପ୍ରେ, ନିମ୍ବ ତେଲ, ଡ୍ରାଏ ଡ୍ରେସିଂ ପାଉଡ଼ର ଆଦି ଔଷଧ ଲଗାଇଲେ ଗୋଡ଼ ଘା' ଶୀଘ୍ର ଭଲହୁଏ । ଗୋଡ଼ରେ ପୋକ ହୋଇଥିଲେ, ଟର୍‌ପେଣ୍ଟାଇନ୍ ଅଏଲ (ତେଲ) ସଂକ୍ରମିତ ପୋକରା ଘା'ରେ ପକାଇଲେ ପୋକ ଆପେ ଆପେ ବାହାରିଯାଏ ବା ମରିଯାଏ ।

ସେହିପରି ଅସୁସ୍ଥ ପ୍ରାଣୀଙ୍କୁ ଚାଉଳ, ଗହମ ଓ ମାଣ୍ଡିଆ ଗୁଣ୍ଡ ସମ ପରିମାଣରେ ପାଣିରେ ସିଝାଇ ପେୟ ଆକାରରେ ଦୈନିକ ଖାଇବାକୁ ଦେଲେ ୭–୧୦ ଦିନ ମଧ୍ୟରେ ଦୁଧିଆଳୀ ଗାଈଙ୍କ ଦୁଗ୍ଧ ଦେବା କ୍ଷମତା ପୂର୍ବାବସ୍ଥାକୁ ଫେରିଆସେ । ଏଥିସହିତ ଗୁଡ଼ (୧୦–୧୫%), ପୁଷ୍ଟିସାର (କୋଳଥ, ପିଡ଼ିଆ, ମୁଗଚୂନି, ବିରିଚୂନି) ଓ ଧାତବଲବଣ ଆଦି ଖାଇବାକୁ ଦେଲେ ସଂକ୍ରମିତ ଗୋରୁ ଓ ମଇଁଷି ଶୀଘ୍ର ଆରୋଗ୍ୟଲାଭ ହୋଇଥାନ୍ତି।

**ରୋଗ ନିୟନ୍ତ୍ରଣ:** ରାଜ୍ୟରେ ଫାଟୁଆ ରୋଗର ନିୟନ୍ତ୍ରଣ ଓ ଏହାକୁ ସୀମିତ ରଖିବା ପାଇଁ ନିମ୍ନମତେ ପଦକ୍ଷେପ ଗ୍ରହଣ କରିପାରିବେ।

– ୪ ମାସରୁ ଊର୍ଦ୍ଧ୍ୱ ବୟସ୍କର ସମସ୍ତ ସୁସ୍ଥ ଗୋରୁ ଓ ମଇଁଷିଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ପ୍ରଦାନ କରିବା ଉଚିତ ଏବଂ ପ୍ରତି ୬ ମାସରେ ଥରେ ଏହି ରୋଗ ଟିକା ସମସ୍ତ ପ୍ରାଣୀଙ୍କୁ ଦେବା ଦରକାର।

– ପ୍ରତି ୪ ମାସରେ ଥରେ ପ୍ରାଣୀଙ୍କ ମଳ ପରୀକ୍ଷା କରି କୃମିନାଶକ ଔଷଧ ଡାକ୍ତରଙ୍କ ପରାମର୍ଶ କ୍ରମେ ଦେବା ଜରୁରୀ।

– ପ୍ରାଣୀଙ୍କୁ ଫାଟୁଆ ରୋଗ ସଂକ୍ରମଣରୁ ରକ୍ଷା କରିବା ପାଇଁ ଗୋରୁ ରହୁଥିବା ଗୁହାଳ ବା ଫାର୍ମର ଜୈବ–ନିରାପତ୍ତା ଓ ଜୈବ–ନିରାପଦ ପ୍ରତି ବିଶେଷ ଧାନଦେବା ଆବଶ୍ୟକ।

– ବାହାରୁ ଆସୁଥିବା ନୂତନ ପ୍ରାଣୀଙ୍କୁ ଅନ୍ୟୂନ ୨୧ ଦିନ ବାହାରେ ଅଲଗା ରଖିବା ପରେ (କ୍ୱାରେଣ୍ଟାଇନ୍) ରୋଗ ନ ଥିଲେ ସୁସ୍ଥ ପ୍ରାଣୀଙ୍କ ସହିତ ମିଶାଇବା ପ୍ରୟୋଜନ।

– ସଂକ୍ରମିତ ଫାର୍ମ ମଧ୍ୟକୁ ଯେତେ ସମ୍ଭବ କମ୍ ସଂଖ୍ୟକ ଲୋକ ଚଳାଚଳ କରିବା ଦରକାର।

– ସଂକ୍ରମିତ ଅଞ୍ଚଳରୁ ଖାଦ୍ୟ, ନଡ଼ା, କୁଟା, କୁଣ୍ଡା, ପାଣି ଆଦି ସୁସ୍ଥ ପ୍ରାଣୀଙ୍କୁ ଖାଇବାକୁ ଦେବା ଅନୁଚିତ।

–ଡାକ୍ତରଖାନାକୁ ନ ଆଣି ସଂକ୍ରମିତ

–ଫାଟୁଆ ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ସଂକ୍ରମିତ ଗୋଚରରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ।

– ଫାଟୁଆ ରୋଗ ସଂକ୍ରମିତ ଅଞ୍ଚଳରେ ମଶା, ଡାଆଁଶ ଓ ଟିଙ୍କ ମାଧ୍ୟମରେ ବିଶେଷ କରି ସମୁଦ୍ର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଅନ୍ୟାନ୍ୟ ଏକକୋଷୀ ପ୍ରାଣୀଜନିତ ରକ୍ତକୃମି ରୋଗ ଯଥା – ଥେଇଲେରିଆ, ସରା ଆଦି ରୋଗ ହେବାର ଆଶଙ୍କା ଥାଏ। ତେଣୁ ଏହି ରକ୍ତକୃମି ରୋଗର ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରାଇନେବା ଆବଶ୍ୟକ । ରକ୍ତ ପରୀକ୍ଷାରେ ରକ୍ତକୃମି ବାହାରିଲେ ଫାଟୁଆ ରୋଗର ଚିକିତ୍ସା କରିବା ସହିତ ରକ୍ତକୃମିର ଚିକିତ୍ସା ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କ୍ରମେ କରିବା ଜରୁରୀ।

–ଫାଟୁଆ ରୋଗ ନ ହେବା ପାଇଁ ଶହେ ପ୍ରତିଶତ ପ୍ରାଣୀଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦେବା ଆବଶ୍ୟକ ।

*ମୋ: ୯୪୩୭୬୦୭୩୧୨*

### କ'ଣ କରିବେ

– ରୋଗ ଦେଖାଦେଲେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ତୁରନ୍ତ ଜଣାନ୍ତୁ ।
– ଅସୁସ୍ଥ ପ୍ରାଣୀଙ୍କୁ ସୁସ୍ଥ ପ୍ରାଣୀଙ୍କଠାରୁ ଅଲଗା ରଖନ୍ତୁ ।
– ରୋଗ ନ ବ୍ୟାପିବା ପାଇଁ ୪% ଖାଇବା ସୋଡ଼ା ଦ୍ରବଣ ସିଞ୍ଚନ (୪୦୦ଗ୍ରାମ ସୋଡ଼ିୟମ୍ ବାଇ କାର୍ବୋନେଟ ସହିତ ୧୦ ଲିଟର ପାଣିରେ) କିମ୍ବା ଲାଇମ୍ ବା ବ୍ଲିଚିଂ ପାଉଡ଼ର ଅନ୍ୟୂନ ୧୦ଦିନ ପର୍ଯ୍ୟନ୍ତ ପ୍ରତ୍ୟେକଦିନ ଗୁହାଳ ଭିତରେ, ବାହାରେ, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ପକାନ୍ତୁ ।
– ସଂକ୍ରମିତ ପ୍ରାଣୀଙ୍କ ସହିତ ମିଶୁଥିବା ଲୋକଙ୍କ ହାତ, ଜୋତା, ପୋଷାକ ଆଦିକୁ ୪% ଖାଇବାସୋଡ଼ା ମିଶ୍ରିତ ପାଣିରେ ଧୁଅନ୍ତୁ ।
– ପ୍ରଥମେ ସୁସ୍ଥ ଗାଈ ବା ମଇଁଷିଙ୍କଠାରୁ ଦୁଗ୍ଧ ଦୁହିଁବା ପରେ ସଂକ୍ରମିତ ଗାଈର ଦୁଗ୍ଧ ଦୁହିଁବା ଆବଶ୍ୟକ ଏବଂ ଦୁହିଁବା ପରେ ହାତକୁ ଭଲଭାବେ ବିଶୋଧକ ଦ୍ରବଣରେ ଧୁଅନ୍ତୁ ।
– ଦୁଗ୍ଧ ଦୁହିଁବା ପାତ୍ରକୁ ୪% ସୋଡ଼ିୟମ୍ କାର୍ବୋନେଟ ବା ସୋଡ଼ା ପାଣିରେ ଧୋଇଦେବା ଆବଶ୍ୟକ ।
– ସଂକ୍ରମିତ ଗ୍ରାମର ଚତୁଃପାର୍ଶ୍ୱ ଅଞ୍ଚଳ ବା ଗ୍ରାମରେ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦେଇଦେବା ଜରୁରୀ। ଟିକା ଦେବା ସମୟରେ ଅଲଗା ଅଲଗା ଛୁଞ୍ଚି ବ୍ୟବହାର କରିବା ଆବଶ୍ୟକ।
– ଯାନବାହନଗୁଡ଼ିକୁ ଫାର୍ମଠାରୁ ଦୂରେଇ ରଖନ୍ତୁ ।


### କ'ଣ କରିବେ ନାହିଁ

– ଗୋଟିଏ ସାଧାରଣ ସ୍ଥାନରେ ପ୍ରାଣୀ ବା ଗୋରୁଙ୍କୁ ବାରମ୍ବାର ଚରିବାକୁ ଛାଡ଼ନ୍ତୁ ନାହିଁ।
– ଗୋଟିଏ ଜଳାଶୟକୁ ପାଣି ପିଇବା ପାଇଁ ଛାଡ଼ନ୍ତୁ ନାହିଁ । ଗୋରୁଙ୍କ ପିଇବା ପାଣିରେ ୨% ଖାଇବାସୋଡ଼ା ମିଶାନ୍ତୁ।
– ଆପାତତଃ ସୁସ୍ଥ ପ୍ରାଣୀଙ୍କଠାରୁ ଅସୁସ୍ଥ ପ୍ରାଣୀଙ୍କୁ ଅଲଗା ରଖନ୍ତୁ।
– ସଂକ୍ରମିତ ଗୋରୁଙ୍କ ଯତ୍ନ ନେଉଥିବା ମନୁଷ୍ୟ ମାଧ୍ୟମରେ ସୁସ୍ଥ ପ୍ରାଣୀଙ୍କୁ ଏହା ବ୍ୟାପିବାର ଆଶଙ୍କା ଥାଏ। ତେଣୁ ସେମାନଙ୍କ ଚଳାଚଳ ସୀମିତ ରଖନ୍ତୁ।
– ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ ବା ଚାଷ କାମରେ ଲଗାନ୍ତୁ ନାହିଁ।
– ସଂକ୍ରମିତ ଅଞ୍ଚଳରୁ ନୂତନ ପ୍ରାଣୀ କ୍ରୟ କରି ଆଣି ସୁସ୍ଥ ପ୍ରାଣୀଙ୍କ ସଙ୍ଗେ ମିଶାଇବା ଉଚିତ ନୁହେଁ।
– ସଂକ୍ରମିତ ଅଞ୍ଚଳରୁ ଗୋରୁଙ୍କ ଖାଦ୍ୟ ଯଥା – ନଡ଼ା, କୁଟା, କୁଣ୍ଡା, ଚୋକଡ଼, ଘାସ ଆଦି ଆଣି ସୁସ୍ଥ ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ।
–ସୁସ୍ଥ ଅଞ୍ଚଳର ଗୋରୁଙ୍କୁ ଅସୁସ୍ଥ ଅଞ୍ଚଳର ଗୋରୁଙ୍କ ସହିତ ମିଶିବାକୁ ଦିଅନ୍ତୁ ନାହିଁ।

## କୃଷି ଯୋଜନା

ଆମ ରାଜ୍ୟରେ କୃଷକ ତଥା କୃଷି ପରିବାରର ଉନ୍ନତି ଓ ଆର୍ଥିକ ବିକାଶ ନିମନ୍ତେ ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନାଗୁଡ଼ିକ ୨୦୧୯–୨୦ ବର୍ଷ ନିମନ୍ତେ ପ୍ରବର୍ତ୍ତିତ ହୋଇଛି। ରାଜ୍ୟ ଯୋଜନାଗୁଡ଼ିକ ୭ଟି ବର୍ଗରେ ଓ କେନ୍ଦ୍ରୀୟ ଯୋଜନାଗୁଡ଼ିକ ୬ଟି ବର୍ଗରେ ରଖାଯାଇଛି। ରାଜ୍ୟ ଯୋଜନାର ବର୍ଗଗୁଡ଼ିକ ହେଲା– ଫସଲ ଉତ୍ପାଦନ ପରିଚାଳନା (ତନ୍ମଧ୍ୟରେ ଇନ୍‌ପୁଟ୍ ବା ଉପାଦାନ ଉପରେ ରିହାତି, ସାର, ସମନ୍ୱିତ କୃଷି, ଆଖୁ ବୈଷୟିକ ମିଶନ, କପା ବୈଷୟିକ ମିଶନ, ଫସଲ ବୀମା, ଜୈବିକ କୃଷି, ମୃତ୍ତିକାର ସ୍ୱାସ୍ଥ୍ୟ ପରିଚାଳନା, ଫସଲ ସଂରକ୍ଷଣ ପ୍ରୋତ୍ସାହନ, ଅଣଧାନ ଉପରେ ଗୁରୁତ୍ୱ ଆଦି), କୃଷି ଯାନ୍ତ୍ରିକୀକରଣ ଓ ଅର୍ଥ ବିନିଯୋଗ, କୃଷି ତାଲିମ୍, ଭୂପୃଷ୍ଠ ଓ ଭୂତଳ ଜଳର ସୁବ୍ୟବହାର, ବିଜୁ କୃଷକ କଲ୍ୟାଣ ଯୋଜନା, କୃଷି ଶିକ୍ଷା ଓ ଯୋଗାଯୋଗ ଏବଂ କୃଷକ କଲ୍ୟାଣ ଯୋଜନା ସବୁ ରହିଛି। ସେହିପରି କେନ୍ଦ୍ରୀୟ ଯୋଜନାଗୁଡ଼ିକ ମଧ୍ୟରେ ଜାତୀୟ ତୈଳବୀଜ ଓ ତାଳତେଲ ମିଶନ, ଚିରପୋଷ୍ୟମାନ କୃଷିର ଜାତୀୟ ମିଶନ, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଧାନ, ଡାଲିଜାତୀୟ, ମୋଟା ଶସ୍ୟ –ମକା ଓ ମାଣ୍ଡିଆ, ନ୍ୟୁଟ୍ରିଶସ୍ୟ, ବାଣିଜ୍ୟିକ ଫସଲ– କପା, ଝୋଟ ଓ ଆଖୁ ଏବଂ ତୈଳବୀଜ), ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ବିଶେଷକରି ପୂର୍ବ ଭାରତର ଦ୍ୱିତୀୟ ସବୁଜ ବିପ୍ଳବ) ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରାଜ୍ୟରେ ପ୍ରଚଳିତ ହୋଇଛି।

***ରାଜ୍ୟ ଯୋଜନା:*** ଫସଲ ଉତ୍ପାଦନ ପରିଚାଳନାରେ ଧାଡ଼ି ବୁଣା/ରୁଆ ଧାନ ଚାଷରେ ହେକ୍ଟର ପ୍ରତି ୧୫୪୦ ଟଙ୍କାର ପ୍ରୋତ୍ସାହନ ଦିଆଯାଇଥାଏ। ବିହନ ବିଶୋଧନ ଲାଗି ବିଶୋଧକ



କିଣାରେ ହେକ୍ଟର ପ୍ରତି ୬୨.୫୦ ଟଙ୍କା ରିହାତି ରହିଛି। ସମନ୍ୱିତ କୃଷି ପ୍ରୋତ୍ସାହନରେ ପ୍ରକଳ୍ପ ପ୍ରତି ୧ଲକ୍ଷ ଟଙ୍କାର ସହାୟତା/ ରିହାତି ରଖାଯାଇଛି। ରାଜ୍ୟର ୭ଟି ଆଦିବାସୀ ଅଧ୍ୟୁଷିତ ଜିଲାର ଚିହ୍ନଟ ହୋଇଥିବା ୩୦ଟି ବ୍ଲକରେ ଲଘୁ ଶସ୍ୟ ଉତ୍ପାଦନ ନିମନ୍ତେ (କଳାହାଣ୍ଡି, କୋରାପୁଟ, କନ୍ଧମାଳ, ମାଲକାନଗିରି, ରାୟଗଡ଼ା, ଗଜପତି ଏବଂ ନୂଆପଡ଼ା ଜିଲା) ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯାଇଛି। ତାହା ପାର୍ଶ୍ୱବର୍ତ୍ତୀ ୧୪ଟି ଜିଲାର ୭୨ଟି ବ୍ଲକକୁ ସଂପ୍ରସାରଣ ନିମନ୍ତେ ଯୋଜନା ହୋଇଛି। ଏହି ଯୋଜନା ମାଧ୍ୟମରେ ଆଦିବାସୀ/ଅନୁସୂଚିତ ଜନଜାତି ପରିବାରର ପୋଷଣ ସୁରକ୍ଷିତ ହୋଇପାରିବ ତଥା ପରିବାରର ଆର୍ଥିକ ସମ୍ବଳ ବୃଦ୍ଧି ପାଇବ। ଗ୍ରାମୀଣ ତଥା ସହରୀ ବଜାରକୁ ଲଘୁଶସ୍ୟର ବିକ୍ରିବଟା ମଧ୍ୟ ଏହାର ଅଂଶଭାବେ ପାଳିତ ହେବ। (କ୍ରମଶଃ....)

***–ଡ. ପରେଶ କୁମାର ପଣ୍ଡା,*** *ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର,*
*ମୋ: ୭୨୦୫୦୯୬୦୮୦*



# ପ୍ରାକ୍ ରବିଋତୁରେ ମୁଗ ଓ ବିରି ଚାଷ


ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

ପ୍ରାକ୍ ରବିଋତୁ ଅର୍ଥାତ୍ ବର୍ଷାଋତୁ ସରିଯାଉଥିବ ଏବଂ ରବିଋତୁ ଆରମ୍ଭ ହେବା ପୂର୍ବ ସମୟକୁ ବୁଝାଇଥାଏ। ଏହି ସମୟରେ ବର୍ଷାର ବଳ ହଟିଯାଇ ଥିବାରୁ ଢିପ ଜମିର ଧାନ ଓ ବିଆଳି ଧାନ ଅମଳ ହୋଇଯାଇଥାଏ। ପ୍ରାକ୍ ରବିଋତୁରେ ମୁଗ ଓ ବିରି ଫସଲ ଚାଷ କରାଯାଇପାରେ। ଢିପ ଓ ମଧ୍ୟମ କିସମ ଜମିର ଦୋରସା, ଲାଲ ଓ ମଟାଳ ମାଟିରେ ମୁଗ ବିରି ଫସଲ ଭଲ ହୁଏ। ନିଗିଡା ଦୋରସା, ପଟୁ ମାଟିରେ ମୁଗ ବିରି ଫସଲ ଭଲ ଅମଳ ଦେଇଥାଏ। ବିରି ଚାଷ ପାଇଁ ମାଟି ଲୁଣି କିମ୍ବା କ୍ଷାରୀ ହେବା ଉଚିତ ନୁହେଁ। ବିରି ପାଇଁ ମାଟିର ପିଏଚ୍ ୪.୭ ରୁ ୭.୫ ହେବା ବାଞ୍ଛନୀୟ। ମୁଗ ଓ ବିରି ଚାଷ ପାଇଁ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଭଲ। ପ୍ରାକ୍ ରବିଋତୁରେ ଅର୍ଥାତ୍ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ମୁଗ ବୁଣିବା ଆବଶ୍ୟକ। ଅକ୍ଟୋବର ମାସର ପ୍ରଥମ ସପ୍ତାହରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ବୁଣା ହୋଇଥିବା ମୁଗ ଭଲ ଅମଳ ଦିଏ। ପ୍ରାକ୍ ରବିଋତୁରେ ଅଗଷ୍ଟଠାରୁ ଅକ୍ଟୋବର ମାସ ମଧ୍ୟରେ ବିରି ବୁଣାଯାଇ ପାରିବ। ପ୍ରାକ୍ ରବି ଋତୁରେ ଧଉଳି, ସୁଜାତା, ଜ୍ୟୋତି ପିଡିଏମ୍ ୫୪ ଇତ୍ୟାଦି ଉନ୍ନତ କିସମର ମୁଗ ବିହନ ବୁଣିବା ଆବଶ୍ୟକ, ଯାହା କି ୬୦ରୁ ୭୦ ଦିନ ମଧ୍ୟରେ ଅମଳ ହୋଇଥାଏ। ସେହିଭଳି ପ୍ରାକ୍ ରବିଋତୁରେ ଟି–୯, ଶାରଳା, ପିୟୁ–୩୦, ପିୟୁ–୩୫ ଇତ୍ୟାଦି ଉନ୍ନତ କିସମର ବିରି ବିହନ ବାଛନ୍ତୁ, ଯାହା କି ୬୫ରୁ ୭୫ ଦିନ ମଧ୍ୟରେ ଅମଳ ହୋଇଥାଏ। ଏକର ପ୍ରତି ୧୦ କିଗ୍ରା ମୁଗ ବିହନ ଆବଶ୍ୟକ ହେଉଥିବା ସ୍ଥଳେ ୧୦ରୁ ୧୨ କିଗ୍ରା ବିରି ବିହନ ଦରକାର ହୋଇଥାଏ। ଧାନ କାଟିବା ପୂର୍ବରୁ ଛଟା ଫସଲ ରୂପେ ବିରି ବୁଣୁଥିଲେ ଏକର ପ୍ରତି ୧୨ରୁ ୧୬ କିଗ୍ରା ବିହନ ବ୍ୟବହାର କରିବା ପ୍ରୟୋଜନ। ମୁଗ ଓ ବିରି ବୁଣିବାର ୭ ଦିନ ପୂର୍ବରୁ ୧ କିଲୋଗ୍ରାମ ବିହନ ପିଛା ୩ ଗ୍ରାମ କ୍ୟାପଟାନ କିମ୍ବା ଥିରାମ ଗୁଣ୍ଡ ମିଶାଇ ବିଶୋଧନ କରନ୍ତୁ। ମୁଗ ଓ ବିରି ଫସଲ ଛୁଇଁ ଜାତୀୟ ଫସଲ ହୋଇଥିବାରୁ ପ୍ରାକୃତିକ ଉପାୟରେ ଗଛ ଭୂମିରୁ ଯବକ୍ଷାରଯାନ ଆହରଣ କରିବା ଲାଗି ରାଇଜୋବିୟମ୍ ଜୀବାଣୁ କଲଚରରେ ମୁଗ ଓ ବିରି ବିହନକୁ ଉପଚାର କରନ୍ତୁ। ୨୦୦ ଗ୍ରାମ ବୀଜାଣୁ କଲଚରରେ ୫୦ ଗ୍ରାମ ଗୁଡରୁ ପ୍ରସ୍ତୁତ ହୋଇଥିବା ୫୦୦ ମିଲି ଲିଟର ଗୁଡ ପାଣି ଗୋଳାଇ ଏବଂ ସେଥିରେ ୧୦ ଗ୍ରାମ ଆମୋନିୟମ ମଲିବଡେଟ୍ କିମ୍ବା ସୋଡିୟମ ମଲିବଡେଟ୍ ମିଶାଇ ଦ୍ରବଣରେ ଭଲ ଭାବରେ ୧୦ କେଜି ମୁଗ ବା ବିରି ବିହନକୁ ଗୋଳାନ୍ତୁ ଓ ଛାଇରେ ଶୁଖାଇ ଦିଅନ୍ତୁ। ଉପର ବେଳା ଉପଚାରିତ ବିହନକୁ ଜମିରେ ବୁଣନ୍ତୁ।

ଜମିକୁ ଭଲ ଭାବରେ ଚାଷ କରି ଘାସ ବାଛି ମାଟିକୁ ଗୁଣ୍ଡ କରନ୍ତୁ। ଏକର ପ୍ରତି ୪–୫ ଗାଡି ଶଢ଼ା ଗୋବର ଖତ ଜମିରେ ପ୍ରୟୋଗ କରନ୍ତୁ। ଶେଷ ସମୟରେ ଏକର ପିଛା ୩୫ କିଲୋ ଡିଏପି ଓ ୧୩ କେଜି ପଟାସ୍ ସାର ମାଟିରେ ମିଶାଇ ଦିଅନ୍ତୁ।

ମୁଗ ଓ ବିରି ଫସଲକୁ ଛଟା ବୁଣା କିମ୍ବା ଧାଡିରେ ମଧ ଲଗାଯାଇପାରେ। ଧାଡିରେ ଲଗାଉଥିଲେ ଧାଡିକୁ ଧାଡି ୧ ଫୁଟ ଏବଂ ଗଛକୁ ଗଛ ୪ ଇଞ୍ଚ ବ୍ୟବଧାନରେ ବିହନ ବୁଣନ୍ତୁ। ଘାସ ନିୟନ୍ତ୍ରଣ ପାଇଁ ଫସଲକୁ କୋଡା ଖୁସା କରନ୍ତୁ । ଧାଡିରେ ବୁଣିଥିଲେ ଘାସ ମରା ଔଷଧ ମଧ ପ୍ରୟୋଗ କରାଯାଇପାରେ। ଠିକ୍ ସମୟରେ ରୋଗ ପୋକ ନିୟନ୍ତ୍ରଣ ଲାଗି ରାସାୟନିକ ଔଷଧ ବ୍ୟବହାର କରନ୍ତୁ। ଛୁଇଁଗୁଡିକ କଳା ହୋଇଗଲେ ଅମଳ କରନ୍ତୁ ।

ଅମଳ ହୋଇଥିବା ମୁଗ ଓ ବିରିକୁ ଭଲ ଭାବରେ ଖରାରେ ଶୁଖାଇ କୁଇଣ୍ଟାଲ ପିଛା ୨୦୦ ଗ୍ରାମ ସୋରିଷ କିମ୍ବା ରାଶି



ତେଲ ଗୋଳାଇ ସାଇତି ରଖିଲେ ପୋକ କମ ଲାଗିଥାନ୍ତି। ଏକ ଏକର ଜମିରୁ ୪–୬ କୁଇଣ୍ଟାଲ ଅମଳ ମିଳିଥାଏ।

*ମୋ: ୭୮୯୪୩୩୫୩୭୧*

> ଗ୍ରାହକଙ୍କୁ ଭିଡିଓ ମାଧ୍ୟମରେ ଆକର୍ଷିତ କରି ସାମଗ୍ରୀ ବିକ୍ରି ଯୋଜନାକୁ ମିନ୍ତ୍ରା ଆଗେଇ ନେଉଛି। ଏଥିଲାଗି କମ୍ପାନୀ ଭାରି ମାତ୍ରାରେ ନିବେଶ କରୁଛି।
> – ଅମର ନାଗରାମ୍, ମିନ୍ତ୍ରା ଜବଙ୍ଗ୍ ମୁଖ୍ୟ



> କଲମ୍ବିଆ ପାସିଫିକ ଗ୍ରୁପ୍ ପକ୍ଷରୁ ବେଙ୍ଗାଲୁରୁଠାରେ ୮୦ କୋଟି ଟଙ୍କା ବ୍ୟୟରେ ସିନିୟର ଲିଭିଂ ରେସିଡେନ୍ସିଆଲ ପ୍ରକଳ୍ପ ନିର୍ମାଣ କରିବ।
> – ମୋହିତ ନିରୁଲା, କଲମ୍ବିଆ ପାସିଫିକ କମ୍ୟୁନିଟିଜ ସିଇଓ



## ସଂକ୍ଷେପରେ

### ଅଧସ୍ତନଙ୍କ ୩୮ କୋଟି ହଡ଼ପ
## ଗୋଲ୍ଡମ୍ୟାନ ସାକ୍ସର ଭିପି ଗିରଫ



**ବେଙ୍ଗାଲୁରୁ,୧୦-୯:** ଅନ୍‌ଲାଇନ ପୋକର୍ ଗେମ୍ ଖେଳି ବିଶ୍ୱ ନିବେଶକାରୀ କମ୍ପାନୀ ଗୋଲ୍ଡମ୍ୟାନ ସ୍ୟାକ୍ସର ବେଙ୍ଗାଲୁରୁ ଅଫିସର ଭାଇସ୍ ପ୍ରେସିଡେଣ୍ଟ(ଭିପି) ଅଶ୍ୱିନୀ ଝୁନ୍‌ଝୁନ୍‌ୱାଲା ବହୁ କୋଟି ଟଙ୍କା ହରାଇଛନ୍ତି। ଏହି ଅର୍ଥ ପରିଶୋଧ କରିବାକୁ ଯାଇ ସେ ଅଧସ୍ତନ କର୍ମଚାରୀଙ୍କ ଆକାଉଣ୍ଟକୁ ବ୍ୟବହାର କରି ପ୍ରାୟ ୩୮ କୋଟି ଟଙ୍କା(୫.୪ ମିଲିୟନ ଡଲାର) ହଡପ କରିନେଇଛନ୍ତି ବୋଲି ଅଭିଯୋଗ ହୋଇଛି। ମଙ୍ଗଳବାର ମରାଠାହାଲି ପୋଲିସ ଏକ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିଛି। କମ୍ପାନୀର ଆଇନ ବିଭାଗ ମୁଖ୍ୟ ଅଭିଷେକ ପର୍‌ସିରାଙ୍କ ପକ୍ଷରୁ ଅଭିଯୋଗ ଅଣାଯାଇଛି। ତାଙ୍କର ସହଯୋଗୀ ବେଦାନ୍ତ ଫେରାର ହୋଇଯାଇଛନ୍ତି। ପ୍ରାରମ୍ଭିକ ଅଭିଯୋଗ ଅନୁଯାୟୀ, ଝୁନ୍‌ଝୁନ୍‌ୱାଲା ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ନିଜ ଅଧୀନରେ ଥିବା ୩ ଜଣ କର୍ମଚାରୀ ଗୌରବ ମିଶ୍ରା, ଅଭିଷେକ ଯାଦବ ଏବଂ ସୁଜିତ୍ ଅପ୍ପେୟାଙ୍କୁ ବ୍ୟବହାର କରିଥିଲେ। ସେମାନଙ୍କୁ ପ୍ରଶିକ୍ଷଣ ଦେବା ବାହାନାରେ ସେ ନିଜ ଆଡକୁ ଆକର୍ଷିତ କରିଥିଲେ। ଝୁନ୍‌ଝୁନ୍‌ୱାଲା ସେମାନଙ୍କ କମ୍ପ୍ୟୁଟରରୁ ଲଗ୍ ଇନ୍ କରିବା ବେଳେ ଅନ୍ୟ କାମରେ ନିୟୋଜିତ କରିଥିଲେ। ପେମେଣ୍ଟ ଫେରସ୍ତ ପାଇବା ଲାଗି ସେଟେଲ୍‌ମେଣ୍ଟ ରିକନ୍‌ସିଲିଏଶନ ସର୍ଭିସର ଆବଶ୍ୟକତା ରହିଥିବାରୁ ଗୌରବଙ୍କୁ ଏଥିପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନୂଆ ନିଯୁକ୍ତି ପାଇଥିବାରୁ ସେ ଏହା ଜାଣି ନ ଥିବା କହିବା ପରେ ଝୁନ୍‌ଝୁନ୍‌ୱାଲା ତାଙ୍କର କମ୍ପ୍ୟୁଟର ବ୍ୟବହାର କରି କମ୍ପାନୀ ଆକାଉଣ୍ଟରୁ ୩୮.୮ କୋଟି ଟଙ୍କା ହଡପ୍ କରିନେଇଥିଲେ। ଆଭ୍ୟନ୍ତରୀଣ ତଦନ୍ତ ପରେ ସେ ସବୁ କଥା ମାନି ଯାଇଥିଲେ। ଗୌରବଙ୍କ କମ୍ପ୍ୟୁଟର ମାଧ୍ୟମରେ ସେ ସେପ୍ଟେମ୍ବର ୪ରେ ହଂକଂସ୍ଥିତ ଇଣ୍ଡଷ୍ଟ୍ରିଆଲ ଆଣ୍ଡ କମର୍ସିଆଲ ବ୍ୟାଙ୍କ ଅଫ୍ ଚାଇନାରେ ଥିବା ସିନର୍ଜି ୱିଜ୍‌ଡମ୍ ଲିମିଟେଡ ଆକାଉଣ୍ଟକୁ ଉକ୍ତ ଅର୍ଥ ପଠାଇଥିବା ଝୁନ୍‌ଝୁନ୍‌ୱାଲା ସ୍ୱୀକାର କରିଥିଲେ। ସେ ଅନ୍‌ଲାଇନ ପକର ଖେଳି ୭୦ ହଜାର ଡଲାର ହାରି ଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ନିୟନ୍ତ୍ରଣ ପାଇଁ ପ୍ରତିଷ୍ଠା ହେବ ନିୟାମକ
## ତେଜସ୍ ଟ୍ରେନ ଭଡ଼ା ବଢ଼ାଇ ପାରିବେନି ଘରୋଇ ଅପରେଟର




**ନୂଆଦିଲ୍ଲୀ,୧୦-୯:** ଦେଶର ପ୍ରଥମ ଘରୋଇ ଟ୍ରେନ ତେଜସ୍ ଏକ୍ସପ୍ରେସ୍ ଆସନ୍ତା ମାସରେ ଚଳାଚଳ କରିବା ସମ୍ଭାବନା ରହିଛି। ଭାରତୀୟ ରେଳର ସହାୟକ କମ୍ପାନୀ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟ୍ୟୁରିଜିମ୍ କର୍ପୋରେଶନ(ଆଇଆର୍‌ସିଟିସି)କୁ ତେଜସ୍ ଏକ୍ସପ୍ରେସର ପରିଚାଳନା ଭାର ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ-ଲକ୍ଷ୍ନୌ ଓ ଅହମ୍ମଦାବାଦ୍- ମୁମ୍ବାଇ ମଧ୍ୟରେ ଦୁଇଟି ତେଜସ୍ ଏକ୍ସପ୍ରେସ ଚାଲିବ। ଏହି ଟ୍ରେନରେ ବିମାନ ଭଳି ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଦିଆଯିବ। ତେବେ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଘରୋଇ ଅପରେଟର ଯେପରି ଭଡ଼ା ବୃଦ୍ଧି ନ କରିବେ ସେଥିଲାଗି ରେଳ ବିକାଶ ପ୍ରାଧିକରଣର କ୍ଷମତାକୁ ବୃଦ୍ଧି କରାଯାଇ ଏହାକୁ ଏକ ରେଗୁଲେଟର ବା ନିୟାମକ ଭାବେ ଗଠନ କରାଯିବ। ଘରୋଇ ଟ୍ରେନର ଟିକେଟ ମୂଲ୍ୟ ନିର୍ଦ୍ଧାରଣ କରିବା ଏହାର ଦାୟିତ୍ୱ ହେବ। ରେଲୱେ ବୋର୍ଡ ଅଧକ୍ଷ ଭି.କେ. ଯାଦବ କହିଛନ୍ତି ଯେ, ଯାତ୍ରୀଙ୍କୁ ସୁବିଧାସୁଯୋଗ ଯୋଗାଇବା କ୍ଷେତ୍ରରେ ଘରୋଇ ଅପରେଟରଙ୍କୁ ସମସ୍ତ ପ୍ରକାର ଅନୁମତି ଦିଆଯାଇଛି। ଇତିମଧ୍ୟରେ ଆଇଆର୍‌ସିଟିସି ପକ୍ଷରୁ ତେଜସ୍ ଏକ୍ସପ୍ରେସର ଯାତ୍ରୀଙ୍କ ପାଇଁ ହୋଟେଲ ବୁକିଂ, ଟ୍ୟାକ୍ସି, ବ୍ୟାଗେଜ ପିକ୍‌ଅପ୍ ଏବଂ ଡ୍ରପ୍ ଭଳି ସୁବିଧା ଯୋଗାଇ ଦିଆଯିବ। ଏହାଛଡ଼ା ଆବଶ୍ୟକ କରୁଥିବା ଯାତ୍ରୀଙ୍କୁ ଆଇଆର୍‌ସିଟିସି ହୁଇଲଚେୟାର ଯୋଗାଇବ।

### ମାନ୍ଦାବସ୍ଥା ଆଣିଛି ଘୋର ସଙ୍କଟ
# ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ସପକ୍ଷରେ

**ନୂଆଦିଲ୍ଲୀ,୧୦-୯**

ଭାରତ ସମେତ ସାରା ବିଶ୍ୱରେ ମାନ୍ଦାବସ୍ଥାର ପ୍ରଭାବ ଏଭଳି ସ୍ଥିତିରେ ପହଞ୍ଚିଛି ଯେ, ସମସ୍ତ କ୍ଷେତ୍ର ଏବେ ଘୋର ସଙ୍କଟ ଦେଇ ଗତିକରୁଛି। ଫଳସ୍ୱରୂପ ଆଗାମୀ ତୃତୀୟ ତ୍ରୈମାସ(ଅକ୍ଟୋବର-ଡିସେମ୍ବର) ମଧ୍ୟରେ ନୂଆ ନିଯୁକ୍ତି ସୃଷ୍ଟି ସମ୍ଭାବନା ନାହିଁ କହିଲେ ଚଳେ। ଏହି ସମୟରେ ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ଦେବାକୁ ଯୋଜନା କରୁଛନ୍ତି। ଅନ୍ୟପକ୍ଷରେ ୫୨ ପ୍ରତିଶତ ନିଜର କାର୍ଯ୍ୟବଳ ବା କର୍ମଚାରୀ ସଂଖ୍ୟାକୁ ଅପରିବର୍ତ୍ତିତ ରଖିବାକୁ ଚେଷ୍ଟା କରିବେ ବୋଲି ମତପୋଷଣ କରିଛନ୍ତି। ବିଶ୍ୱ ସ୍ତରରେ ହୋଇଥିବା ସର୍ଭେରୁ ଏହା ଜଣାପଡିଛି।

ବିଶ୍ୱର ଏକ ସଂସ୍ଥା 'ମ୍ୟାନପାୱାର ଗ୍ରୁପ୍ ଏମ୍ପ୍ଲଏମେଣ୍ଟ ଆଉଟଲୁକ୍' ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟକୁ ମଙ୍ଗଳବାର ଜାରି କରାଯାଇଛି। କମ୍ପାନୀମାନେ ଅକ୍ଟୋବର-ଡିସେମ୍ବର ମଧ୍ୟରେ ତୃତୀୟ ତ୍ରୈମାସ ମଧ୍ୟରେ ଆର୍ଥିକ ଦୃଶ୍ୟପଟ ଓ ନୂଆ ନିଯୁକ୍ତି ସମ୍ଭାବନା ନେଇ ଆଲୋଚନା କରିଛନ୍ତି। ଏଥିରୁ ଜଣାପଡିଛି ଯେ, କେବଳ ୧୯% ନିଯୁକ୍ତିଦାତା କର୍ମଚାରୀ ସଂଖ୍ୟା ବଢ଼ାଇବାକୁ ଚାହୁଁଛନ୍ତି। ଏହାବ୍ୟତୀତ ୫୨ ପ୍ରତିଶତ କର୍ମଚାରୀ ସଂଖ୍ୟା ବଦଳାଇବାର ଆବଶ୍ୟକତା ନାହିଁ ବୋଲି ମତପୋଷଣ କରିଥିବା ବେଳେ ବର୍ତ୍ତମାନ ନିଯୁକ୍ତିକୁ ନେଇ କିଛି ହେବ ନାହିଁ ବୋଲି ୨୮% ମତ ଦେଇଛନ୍ତି।

### ୪୪ ଦେଶର ୫୯ ହଜାର ନିଯୁକ୍ତିଦାତାଙ୍କୁ ନେଇ ସର୍ଭେ

ମ୍ୟାନ୍‌ପାୱାର ପକ୍ଷରୁ ସାରା ବିଶ୍ୱର ୪୪ ଦେଶର ୫୯ ହଜାରରୁ ଅଧିକ କମ୍ପାନୀଙ୍କ ସହ ନୂଆ ନିଯୁକ୍ତି ନେଇ ଆଲୋଚନା କରାଯାଇଛି। ସର୍ଭେରୁ ଏହା ଜଣାପଡିଛି ଯେ, ଆଗାମୀ ୩ ମାସ ମଧ୍ୟରେ ୪୩ରୁ ୪୪ ଦେଶର ନିଯୁକ୍ତିଦାତାଙ୍କର ନିଜର କର୍ମଚାରୀ ସଂଖ୍ୟା ବଢ଼ାଇବା ଆଶାକରୁନାହାନ୍ତି। ଗତ ତ୍ରୈମାସ ସମ୍ପର୍କରେ ଆଲୋଚନାରୁ ଜଣାପଡୁଛି ଯେ, ୪୪ ଦେଶ ମଧ୍ୟରୁ ମାତ୍ର ୧୫ ଦେଶର କମ୍ପାନୀ ନୂଆ ନିଯୁକ୍ତିକୁ ନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଅନ୍ୟପକ୍ଷରେ ୨୩ ଦେଶର ନିଯୁକ୍ତିଦାତା ଦୁର୍ବଳ ରୋଜଗାର ସୃଷ୍ଟି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଚାଇନାର ମାତ୍ର ୪% କମ୍ପାନୀ ନୂଆ ନିଯୁକ୍ତି ସମ୍ପର୍କରେ ମତପୋଷଣ କରିଛନ୍ତି।



- ୫୨% କର୍ମଚାରୀ ସଂଖ୍ୟା ଅପରିବର୍ତ୍ତିତ ରଖିବେ
- ୨୮%ଙ୍କର ସ୍ଥିତି ଅସ୍ପଷ୍ଟ

### ନୂଆ ନିଯୁକ୍ତିକୁ ନେଇ ଭାରତ ଚତୁର୍ଥ ସ୍ଥାନରେ

ନୂଆ ନିଯୁକ୍ତି ସୃଷ୍ଟିକୁ ନେଇ ଅପେକ୍ଷାକୃତ ହାଲୁକା ପରିସଂଖ୍ୟାନ ସତ୍ତ୍ୱେ ଆସନ୍ତା ୩ ମାସ ଭିତରେ ନୂଆ ନିଯୁକ୍ତି ସୃଷ୍ଟିରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିବ ବୋଲି ସର୍ଭେରେ ଅନୁମାନ କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ନୂଆ ନିଯୁକ୍ତି ସୃଷ୍ଟିରେ ଜାପାନ ପ୍ରଥମ, ତାଇୱାନ ଦ୍ୱିତୀୟ ଓ ଆମେରିକା ତୃତୀୟ ସ୍ଥାନରେ ରହିବ ବୋଲି ଆଶାକରାଯାଉଛି। ଜାପାନରେ ସର୍ବାଧିକ ୨୬% ନିଯୁକ୍ତିଦାତା ତୃତୀୟ ତ୍ରୈମାସରେ ନୂଆ ଚାକିରି ଦେବାକୁ ଇଚ୍ଛାପ୍ରକାଶ କରିଛନ୍ତି। ଏହାପଛକୁ ତାଇୱାନ ୨୧% ଓ ଆମେରିକାର ୨୦% କମ୍ପାନୀ ନୂଆ ନିଯୁକ୍ତି ଦେବାକ ଚାହୁଁଛନ୍ତି। ମ୍ୟାନ୍‌ପାୱାର ଗ୍ରୁପ୍ ଅଧକ୍ଷ ତଥା ସିଇଓ ଜୋନାସ୍ ପ୍ରାଇସିଙ୍ଗ୍ କହିଛନ୍ତି ଯେ, ସାରା ବିଶ୍ୱରେ ନୂଆ ନିଯୁକ୍ତି ସୃଷ୍ଟିକୁ ନେଇ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳିଛି। କେତେକ ବଡ଼ ଅର୍ଥନୀତି କ୍ଷେତ୍ରରେ ସ୍ଥିତି ଭଲ ରହିଥିବା ବେଳେ ବ୍ରେକ୍‌ଜିଟ୍ ଏବଂ ଶୁଳ୍କକୁ ନେଇ ଚାଲିଥିବା ଟଣାଓଟରା ଯୋଗୁ ଅନ୍ୟ ଦେଶରେ ନୂଆ ନିଯୁକ୍ତିକୁ ନେଇ ମନୋଭାବ ସେପରି ଭଲ ନୁହେଁ।

## ହିରୋ ଆଣିଲା ବିଏସ୍-୬ ସ୍ପ୍ଲେଣ୍ଡର ଆଇସ୍ମାର୍ଟ

**ନୂଆଦିଲ୍ଲୀ, ୧୦-୯**



ହିରୋ ମୋଟୋକର୍ପ ପକ୍ଷରୁ ନୂଆ ବିଏସ୍-୬ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ୧୧୦ ମଡେଲକୁ ପ୍ରସ୍ତୁତ ହୋଇଛି। ଯାନଟିକୁ ଡିଲରମାନଙ୍କ ପାଖରେ ସଚେତନତା ଏବଂ ଟ୍ରେନିଂ ଲାଗି ଉପଲବ୍ଧ କରାଯାଇଛି। ଏହାର ବ୍ୟବସାୟିକ ଶୁଭାରମ୍ଭ ଶୀଘ୍ର ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ଡିଲର ଏବଂ କର୍ମଚାରୀଙ୍କୁ ମୋଟର ସାଇକେଲ ସମ୍ପର୍କରେ ତାଲିମ ଦେଇ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ବିଏସ୍-୬ ମାନକ ଯୁକ୍ତ ମୋଟର ସାଇକେଲ ଏବଂ ସ୍କୁଟର ଧାର୍ଯ୍ୟ ସମୟ ପୂର୍ବରୁ ବଜାରକୁ ଛାଡିବାକୁ ଲକ୍ଷ୍ୟ ରଖିଛି। ଉକ୍ତ ମଡେଲର ବଜାର ଦର ବର୍ତ୍ତମାନର ସ୍ପ୍ଲେଣ୍ଡର ଆଇ ସ୍ମାର୍ଟ ମୋଟର ସାଇକେଲଠାରୁ ୧୨ରୁ ୧୫% ଅଧିକ ହେବ ବୋଲି ଆଶା କରାଯାଉଛି। ଇଣ୍ଟରନ୍ୟାଶନାଲ ସେଣ୍ଟର ଫର ଅଟୋମୋଟିଭ ଟେକ୍ନୋଲୋଜିଠାରୁ ଏହା ବିଏସ୍-୬ ପ୍ରମାଣପତ୍ର ଲାଭ କରିଛି। ଜୟପୁରରେ ଥିବା କମ୍ପାନୀର ସେଣ୍ଟର ଫର ଇନୋଭେସନ ଆଣ୍ଡ ଟେକ୍ନୋଲୋଜିଠାରେ ଏହାକୁ ପ୍ରସ୍ତୁତ କରାଯାଇଛି।

## କୃଷି ଫାଇନାନ୍ସ ଶାଖା ଖୋଲିଲା ଆଲ୍ଲାହାବାଦ ବ୍ୟାଙ୍କ




**କଲିକତା, ୧୦-୯**

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ କୃଷି ଫାଇନାନ୍ସ ଶାଖା ଏବଂ କିଶାନ ପ୍ରଗତି କେନ୍ଦ୍ର ଶୁଭାରମ୍ଭ ହୋଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ କିଶାନ ପ୍ରଗତି କେନ୍ଦ୍ର ଲକ୍ଷ୍ନୌ ସମେତ ୪୨ ଅନ୍ୟ ସ୍ଥାନରେ ଉନ୍ମୋଚନ କରିଛନ୍ତି। ଏହାବାଦ ସେ ୩୧ କୃଷି ଫାଇନାନ୍ସ ଶାଖାର ଆରମ୍ଭ କରିଛନ୍ତି। ଲକ୍ଷ୍ନୌର ଫିଲ୍ଡ ଜେନେରାଲ ମ୍ୟାନେଜର ରବୀନ୍ଦ୍ର ସିଂଙ୍କ ସମେତ ବ୍ୟାଙ୍କର ଅନ୍ୟ କର୍ମଚାରୀ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ୟାଙ୍କର ନବୋଦୟ ପ୍ରକଳ୍ପ ଅନ୍ତର୍ଗତ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କୃଷକଙ୍କ ଆୟବୃଦ୍ଧି ଦିଗରେ ନିବେଶ କ୍ରେଡିଟ ମଞ୍ଜୁରୀ ଲାଗି ଏଭଳି ଯୋଜନା କାର୍ଯ୍ୟ କରିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ଡିଜିଟାଲ ମୋଡରେ ଋଣ ମଞ୍ଜୁରୀ କରାଯିବ। ଯୋଜନାର ସଫଳ ରୂପାୟନ ଲାଗି ଅଲ ବ୍ୟାଙ୍କ ଫାର୍ମ ଟେକ୍, ଅଲ୍ ବ୍ୟାଙ୍କ ଗ୍ରୀନ ହାଉସ, ଅଲବ୍ୟାଙ୍କ ହର୍ଟିକଲଚର, ଅଲ୍‌ବ୍ୟାଙ୍କ ଫୁଡ ପ୍ରୋସେସିଂ ଏବଂ ଅଲ୍‌ବ୍ୟାଙ୍କ ଇରିଗେଶନ ଭଳି ଯୋଜନା ଆରମ୍ଭ କରାଯାଇଛି। କିଶାନ ପ୍ରଗତି କେନ୍ଦ୍ରର୨୬୦ କୋଟି ଟଙ୍କାର ୨୩୫ ପ୍ରସ୍ତାବ ମିଳିଛି। ଏହା ମଧ୍ୟରେ ୩୭ ପ୍ରସ୍ତାବରେ ୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## ଷ୍ଟାର୍ଟଅପ୍ ପ୍ରତିଷ୍ଠାରେ ଦିଲ୍ଲୀ-ଏନ୍‌ସିଆର୍ ସର୍ବାଗ୍ରେ


**ନୂଆଦିଲ୍ଲୀ,୧୦-୯**

ଷ୍ଟାର୍ଟଅପ୍ ଏବଂ ୟୁନିକର୍ନ ପ୍ରତିଷ୍ଠା କ୍ଷେତ୍ରରେ ମୁମ୍ବାଇ, ବେଙ୍ଗାଲୁରୁକୁ ପଛରେ ପକାଇ ଦେଇଛି ଦିଲ୍ଲୀ-ଏନ୍‌ସିଆର୍। ଏଠାରେ ଷ୍ଟାର୍ଟଅପ୍‌ଙ୍କ ସଂଖ୍ୟା ୭୦୩୯ରେ ପହଞ୍ଚିଛି ବୋଲି ଜିନୋଭ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। 'ଟର୍ବୋଚାର୍ଜିଂ ଦିଲ୍ଲୀ-ଏନ୍‌ସିଆର୍ ଷ୍ଟାର୍ଟଅପ୍ସ ଇକୋସିଷ୍ଟମ' ଶୀର୍ଷକ ରିପୋର୍ଟ ଅନୁଯାୟୀ, ଦେଶରେ ପ୍ରତିଷ୍ଠିତ ମୋଟ ଷ୍ଟାର୍ଟଅପ୍ ମଧ୍ୟରୁ ୨୩% କେବଳ ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରତିଷ୍ଠା କରାଯାଇଛି। ରିପୋର୍ଟ ଅନୁଯାୟୀ କେବଳ ଦିଲ୍ଲୀରେ ୪୪୯୧, ଗୁରୁଗ୍ରାମରେ ୧୫୪୪ ଏବଂ ନୋଏଡାରେ ୧୦୦୪ ଷ୍ଟାର୍ଟଅପ୍ ରହିଛି। ସେହିପରି ବେଙ୍ଗାଲୁରୁରେ ଏହି ସଂଖ୍ୟା ୫୨୩୪, ମୁମ୍ବାଇରେ




୩୮୨୯ ଓ ହାଇଦ୍ରାବାଦ୍‌ରେ ୧୯୪୦ ରହିଛି। ୨୦୦୯ରୁ ୨୦୧୯ ମଧ୍ୟରେ ନୂଆ କମ୍ପାନୀ ପ୍ରତିଷ୍ଠା ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦, ବେଙ୍ଗାଲୁରୁରେ ୯, ମୁମ୍ବାଇ ଓ ପୁନେରେ ୨ଟି ଲେଖାଏ ଏବଂ ଚେନ୍ନାଇରେ ଗୋଟିଏ ୟୁନିକର୍ନ(ଏକକ ନିୟନ୍ତ୍ରଣରେ ଥିବା ନାମୀଦାମୀ ଷ୍ଟାର୍ଟଅପ୍) କମ୍ପାନୀ ରହିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଦିଲ୍ଲୀ-ଏନ୍‌ସିଆର୍ ବିଶ୍ୱ ସ୍ତରରେ ୫ ଶୀର୍ଷ ଷ୍ଟାର୍ଟଅପ୍ ହବ୍‌ରେ ପରିଣତ ହୋଇପାରିବ।

## ହୋଣ୍ଡାର ଜାତୀୟ ସଡ଼କ ସୁରକ୍ଷା ସଚେତନତା




**ବାଲେଶ୍ୱର, ୧୦-୯**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ବାଲେଶ୍ୱରରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଡର୍ନ ପବ୍ଲିକ ସ୍କୁଲଠାରେ ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଏସମ୍ପର୍କରେ ସଚେତନ କରାଯାଇଛି। ୩ ଦିନ ଧରି ଚାଲିଥିବା କମ୍ପାନୀର ଏହି ସଚେତନତା କାର୍ଯ୍ୟକ୍ରମରେ ଟ୍ରାଫିକ ନିୟମ ଏବଂ ସଡ଼କ ଶୃଙ୍ଖଳା ଉପରେ ବିଭିନ୍ନ ପ୍ରସଙ୍ଗ ସ୍ଥାନିତ ହୋଇଥିଲା। ପିଲାମାନଙ୍କୁ ଆଗକୁ ଆଇନ ଅନୁପାଳନକାରୀ ନାଗରିକମାନେ ଗଢି ତୋଳିବାରେ ସହାୟକ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ୯୦ ସହରରେ କମ୍ପାନୀ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ୨.୧୦ ଲକ୍ଷରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଛି। ସୁରକ୍ଷା ପ୍ରସଙ୍ଗକୁ ହୋଣ୍ଡା ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଆଇଡିବିଆଇର ରେପୋ ଲିଙ୍କଡ୍ ଗୃହ, ଅଟୋ ଲୋନ

**ନୂଆଦିଲ୍ଲୀ, ୧୦-୯**

ଚଳିତ ମାସ ୧୦ରୁ ଗୃହ ଏବଂ ଅଟୋ ଋଣ କ୍ଷେତ୍ରରେ ରେପୋ ଲିଙ୍କଡ ଋଣ ଯୋଗାଣ ନେଇ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଚଳିତ ମାସ ୪ରେ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ନୂଆ ଫ୍ଲୋଟିଂ ଖୁଚୁରା ଋଣକୁ ଏକ୍ସଟରନାଲ ବେଞ୍ଚମାର୍କ ସହ ଅକ୍ଟୋବର ୧ରୁ ସଂଯୋଗ କରାଯିବ। ଏଣୁ ସେପ୍ଟେମ୍ବର ୧୦ରୁ ପ୍ରଚଳନ ହେବାକୁ ଥିବା ରେପୋ ସଂଯୋଗୀ ଗୃହ ଋଣ ଅଟୋ ଋଣ ବ୍ୟବସ୍ଥାକୁ ବର୍ତ୍ତମାନ ବ୍ୟାଙ୍କ ପକ୍ଷରୁ ସ୍ଥଗିତ ରଖାଯାଇଛି।

## ୟେସ୍ ବ୍ୟାଙ୍କ ଅଂଶଧନ କିଣିବ ପେଟିଏମ୍

**ନୂଆଦିଲ୍ଲୀ,୧୦-୯**

ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଦେଶର ଅଗ୍ରଣୀ କମ୍ପାନୀ ପେଟିଏମ୍ ଘରୋଇ ୟେସ୍ ବ୍ୟାଙ୍କର ଅଂଶଧନ କିଣିବାକୁ ଯାଉଛି। ପ୍ରାପ୍ତ ସୂତ୍ରରୁ ଜଣାପଡିଛି ଯେ, ଅଂଶଧନ କିଣିବିକା ନେଇ ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କ ସହ ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମାଙ୍କର ଆଲୋଚନା ଚାଲିଛି। ରିଜର୍ଭ ବ୍ୟାଙ୍କର ଅନୁମତି ମିଳିବା ପରେ ନେଣଦେଣ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସୂଚନାଥାଉ କି, ରାଣା କପୁର ଓ ତାଙ୍କ ପରିବାର ନିକଟରେ ୟେସ୍ ବ୍ୟାଙ୍କର ୯.୬% ଅଂଶଧନ ରହିଛି। ତେବେ ଅଂଶଧନ ବିକ୍ରି ନେଇ ବ୍ୟାଙ୍କ ପକ୍ଷରୁ କୌଣସି ଟିପ୍ପଣୀ କରାଯାଇ ନାହିଁ। ଅନ୍ୟପକ୍ଷରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବନୀତ ଗିଲ୍ କହିଛନ୍ତି ଯେ, ପ୍ରଶାସନ ଓ ନିୟମ ପାଳନ ଉପରେ ବ୍ୟାଙ୍କ ଅଧିକ ଗୁରୁତ୍ୱ ଦେଉଛି। ଉଲ୍ଲେଖଥାଉ କି, ଆର୍‌ବିଆଇ ପକ୍ଷରୁ ପ୍ରସ୍ତୁତ ନିୟମକୁ ୟେସ୍ ବ୍ୟାଙ୍କ ଅଣଦେଖା କରିବା ଯୋଗୁ ରାଣା କପୁରଙ୍କୁ ବ୍ୟାଙ୍କ ଛାଡ଼ିବାକୁ ପଡିଛି।

## ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆଧାର ଭିତ୍ତିକ ପେମେଣ୍ଟ ସିଷ୍ଟମ

**ନୂଆଦିଲ୍ଲୀ, ୧୦-୯**

ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆଧାର ଭିତ୍ତିକ ପେମେଣ୍ଟ ସିଷ୍ଟମ ଶୁଭାରମ୍ଭ କରାଯାଇଛି। କେନ୍ଦ୍ର ଇଲେକଟ୍ରୋନିକ୍ସ ତଥା ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରଶାଦ ଏହି ସେବାର ଆରମ୍ଭ କରିଛନ୍ତି। ବ୍ୟାଙ୍କ ନ ଥିବା ବା କମ୍ ସଂଖ୍ୟକ ବ୍ୟାଙ୍କ ଥିବା ଅଞ୍ଚଳରେ ଏହି ସେବା ଦ୍ୱାରା ଗ୍ରାହକ ଲାଭବାନ ହୋଇ ପାରିବେ। ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ ବିଭାଗ ସଚିବ ଅନନ୍ତ ନାରାୟଣ ନନ୍ଦ, ବ୍ୟାଙ୍କର ଏମ୍‌ଡି ତଥା ସିଇଓ ସୁରେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସୁବିଧା ଦ୍ୱାରା ଗ୍ରାମାଞ୍ଚଳରେ ଲୋକମାନେ ସୁବିଧାରେ ଆର୍ଥିକ ସେବା ଲାଭ କରିବାକୁ ସକ୍ଷମ ହେବେ ବୋଲି ମନ୍ତ୍ରୀ ରବି ଶଙ୍କର ପ୍ରଶାଦ କହିଛନ୍ତି। ଜନସାଧାରଣଙ୍କ ଦ୍ୱାରଦେଶରେ ସେବା ପହଞ୍ଚାଇବା ଏହା ଦ୍ୱାରା ସହଜ ହେବ ବୋଲି ବ୍ୟାଙ୍କର ସିଇଓ ସୁରେଶ ସେଠୀ କହିଛନ୍ତି। ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଡାକବାଲା ଏବଂ ଗ୍ରାମୀଣ ଡାକ ସେବକଙ୍କ ଦ୍ୱାରା ନୂଆ ସେବା ଲୋକମାନଙ୍କୁ ଯୋଗାଇ ଦିଆଯିବ। ବ୍ୟାଙ୍କିଙ୍ଗ ସେବା ଯେଭଳି ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବ ତାହା ଧ୍ୟାନରେ ରହିଛି ବୋଲି ଡାକ ବିଭାଗ ସଚିବ ଏ.ଏନ୍.ନନ୍ଦ କହିଛନ୍ତି।

# ଠିକ୍ ନିବେଶ ଏବେ ଚ୍ୟାଲେଞ୍ଜିଂ ହୋଇଛି

**ଭୁବନେଶ୍ୱର, ୧୦-୯ (ବ୍ୟୁରୋ)**

ବର୍ତ୍ତମାନର ଡିଜିଟାଲ ସମୟରେ ଲୋକଙ୍କ ଆବଶ୍ୟକତା ଭିତ୍ତିରେ ସବୁ କାମ ଅନଲାଇନରେ କରାଯିବା ଆବଶ୍ୟକ। ଅପରପକ୍ଷରେ ଦେଶର ଅଭିବୃଦ୍ଧି ନିମନ୍ତେ ବିନିଯୋଗ କରିବା ମଧ୍ୟ ଜରୁରୀ। ବିନିଯୋଗ ନିମନ୍ତେ କ୍ରୟ ଏବଂ କ୍ରୟ ଲାଗି ବିକ୍ରୟ କୁ ମଧ୍ୟ ବିଚାର କରିବାକୁ ହେବ। ଏଭଳି ସ୍ଥିତିରେ ଠିକ୍ ନିବେଶ କରିବା ଏବେ ଚ୍ୟାଲେଞ୍ଜିଂ ହୋଇଛି ବୋଲି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷ (ଆଇଇପିଏଫଏ)ଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନିବେଶକ ସଚେତନତା କାର୍ଯ୍ୟକ୍ରମରେ ଶ୍ରୀନିବାସ କହିଛନ୍ତି ଯେ, ନିବେଶ ପଦ୍ଧତିରେ ବହୁ ନିୟାମକ, ମଧ୍ୟସ୍ଥି ଏବଂ ବ୍ୟବସ୍ଥାପକ ସଂସ୍ଥାଗୁଡିକ ସଂଶ୍ଳିଷ୍ଟ। ଏହାକୁ ଧ୍ୟାନରେ ରଖି ନିବେଶକ ଶିକ୍ଷା ଏବଂ ସଚେତନତା ବୃଦ୍ଧି କରିବାକୁ ହେବ। ଏଥିଲାଗି ଏକ ନେଟ୍‌ୱର୍କ ସହ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାରକୁ ବିଚାରକୁ ନିଆଯିବା ସହ ଉକ୍ତ କ୍ଷେତ୍ରରେ ହେଉଥିବା ଠକେଇକୁ ରୋକାଯାଇ ପାରିବ ବୋଲି ଶ୍ରୀନିବାସ ମତ ରଖିଛନ୍ତି।




### ରାଜ୍ୟସ୍ତରୀୟ ନିବେଶକ ସଚେତନତା କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭଲ ସମ୍ପର୍କ ରହିଲେ ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ଗ୍ରାମୀଣ ଅର୍ଥନୀତି ବିକାଶ ଦିଗରେ ନିବେଶକ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିବେଶକ ନୀତି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଆଇଇପିଏଫଏର ଏଭଳି ପଦକ୍ଷେପ ବିଶେଷ ସହାୟକ ହେବ। କାର୍ଯ୍ୟକ୍ରମରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ମନୋଜ ପାଣ୍ଡେ, ଆଇଇପିଏଫଏ ସଦସ୍ୟ ରାଜୀବ ଶେଖର ସାହୁ, ଆଇସିଏଆଇ ସଭାପତି ପ୍ରଫୁଲ୍ଲ ପି.ଛୋଜେଦ ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ବୁଧବାର, ୧୧ ସେପ୍ଟେମ୍ବର, ୨୦୧୯



> ବିରାଟ କୋହଲିଙ୍କୁ ଆଉଟ କରିବା ଲାଗି ଆମ ଅନଭିଜ୍ଞ ବୋଲର ଆନ୍‌ରିଚ୍ ନୋର୍ଜେ, ଜୁନିୟର ଡାଲା, ବେରନ ହେଣ୍ଡ୍ରିକ୍ସ ଓ ଆଣ୍ଡିଲ୍ ଫେଲୁକ୍ୱେଓଙ୍କ ପାଇଁ ଚ୍ୟାଲେଞ୍ଜ ହେବ ।
> —କାଗିସୋ ରାବାଡା, ଦକ୍ଷିଣ ଆଫ୍ରିକା ପେସ୍ ବୋଲର



> ଜଣେ ଖେଳାଳି ଏବଂ ଅଧିନାୟକ ହିସାବରେ ଫାଫ୍ ଡୁ'ପ୍ଲେସିଙ୍କ ଯଥେଷ୍ଟ ଅବଦାନ ରହିଛି, କିନ୍ତୁ ଭବିଷ୍ୟତରେ କ୍ୱିଣ୍ଟନ ଡି'କକ୍‌ଙ୍କ ନେତୃତ୍ୱ ଉପରେ ଆମକୁ ନିର୍ଭର କରିବାକୁ ପଡ଼ିବ ।
> —ଏନୋଚ୍ ଏନ୍‌କ୍ୱେ, ଦକ୍ଷିଣ ଆଫ୍ରିକା କ୍ରିକେଟ କାମଚଳା ନିର୍ଦ୍ଦେଶକ



## ସଂକ୍ଷେପରେ

### ଇଷ୍ଟ ଜୋନ୍ ସ୍ନୁକର: କ୍ୱାର୍ଟରରେ ସୁବ୍ରତ

**ଭୁବନେଶ୍ୱର,୧୦।୯(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍ ମଙ୍ଗଳବାର ଷଷ୍ଠ ଦିବସରେ ପହଞ୍ଚିଛି। ଓଡ଼ିଆର ସୁବ୍ରତ୍ ଦାସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୁବ୍ରତ ୪-୨ରେ ନିଜ ରାଜ୍ୟର ଜାକିର ଅଲିଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଅନ୍ୟଏକ ମ୍ୟାଚ୍‌ରେ ପଶ୍ଚିମବଙ୍ଗର କିଙ୍ଗ୍‌ସୁକ ସାହା ୩-୨ରେ ଓଡ଼ିଶାର ସତ୍ୟକାମ ମହାନ୍ତିଙ୍କୁ ହରାଇଛନ୍ତି। ସେହିପରି ଛତିଶଗଡ଼ର ଆଦର୍ଶ ବର୍ମା ୩-୦ରେ ଓଡ଼ିଶାର ଅମୀୟ ନାୟକଙ୍କୁ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ରାକେଶ ରୋଶନ ପ୍ରଧାନ ୩-୨ରେ ନିଜ ରାଜ୍ୟର ଉଧ୍‌ବାସ ମହାପାତ୍ରଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଟୁର୍ନାମେଣ୍ଟରେ ଏକାଧିକ ଖେଳାଳି ପ୍ରି-କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ବାକିଥିବା ଗେଷ୍ଟ ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିବେ ଓ ପ୍ରି- କ୍ୱାର୍ଟର ଫାଇନାଲାରୁ ଅଭିଯାନ ଆରମ୍ଭ କରିବେ।

### ଅହମ୍ମଦାବାଦ୍‌ରେ ପିକେଏଲ୍ ଫାଇନାଲ


**ଅହମ୍ମଦାବାଦ,୧୦।୯(ପି.ଟି.):** ଆସନ୍ତାମାସ ୧୯ ତାରିଖରେ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଫାଇନାଲ ମ୍ୟାଚ୍ ଖେଳାଯିବ। ଲିଗ୍‌ର ଏହି ସପ୍ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଖେଳାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏଠାରେ ପ୍ଲେ-ଅଫ୍ ମ୍ୟାଚ୍‌ଗୁଡ଼ିକ ମଧ୍ୟ ଖେଳାଯିବ। ଦୁଇଟି ଏଲିମିନେଟର ସମେତ, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ଗୁଡ଼ିକ ଏଠାରେ ଆୟୋଜନ ହେବ। ଅକ୍ଟୋବର ୧୪ ତାରିଖରେ ଏଲିମିନେଟରଗୁଡ଼ିକ ଖେଳାଯିବ। ସେହିପରି ୧୬ ତାରିଖରେ ସେମିଫାଇନାଲ ଖେଳାଯିବ। ଏବେ ୧୨ଟି ଦଳ ମଧ୍ୟରୁ ଦବଙ୍ଗ ଦିଲ୍ଲୀ କେ.ସି. ୫୯ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ସେହିପରି ବେଙ୍ଗଲ ୱାରିୟର ୪୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ୪୮ ପଏଣ୍ଟ ପାଇ ବେଙ୍ଗାଲୁରୁ ବୁଲ୍ସ ତୃତୀୟ ଓ ୪୬ ପଏଣ୍ଟ ପାଇ ହରିୟାଣା ଷ୍ଟିଲର୍ସ ଚତୁର୍ଥ ସ୍ଥାନରେ ରହିଛି। ବେଙ୍ଗାଲୁରୁ ବୁଲ୍ସ ଗତ ସଂସ୍କରଣରେ ଟାଇଟଲ ଜିତିଥିଲା। ଏପର୍ଯ୍ୟନ୍ତ ଲିଗ୍‌ରେ ୧୩୫ଟି ମ୍ୟାଚ୍ ଖେଳାଯାଇଛି।

### ବିଶ୍ୱ ଚାମ୍ପିୟନଶିପ ରୁଷିଆର ଆହୁରି ୧୧ ଆଥଲେଟ୍‌ଙ୍କୁ ଅନୁମତି

**ପ୍ୟାରିସ, ୧୦।୯ (ଏଏଫ୍‌ପି):** ଦୋହାଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ଆଉ ଦୁଇ ସପ୍ତାହ ସମୟ ବାକି ଥିବାବେଳେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ(ଏଆଇଏଫ୍ଏଫ୍) ମଙ୍ଗଳବାର ଅନ୍ତର୍ଜାତୀୟସ୍ତରରେ ଅଂଶଗ୍ରହଣ ଲାଗି ଆହୁରି ୧୧ ରୁଷୀୟ ଆଥଲେଟଙ୍କୁ ଅନୁମତି ଦେଇଛି। ରାଷ୍ଟ୍ର ପ୍ରାୟୋଜିତ ଡୋପିଂ ପାଇଁ ରୁଷିଆକୁ ୨୦୧୫ରୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ବାସନ୍ଦ କରାଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ସ୍ୱଚ୍ଛ ଆଥଲେଟ୍‌ମାନଙ୍କୁ ନିରପେକ୍ଷ ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଅନୁମତି ମିଳିଥିଲା। ୨୦୧୭ରେ ଲଣ୍ଡନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ରୁଷିଆର ୧୯ଜଣ ଏବଂ ବର୍ଲିନଠାରେ ୨୦୧୮ ୟୁରୋପିଆନ ଚାମ୍ପିୟନଶିପ୍‌ରେ ୨୯ ଜଣ ନିରପେକ୍ଷ ଆଥଲେଟ୍ ଭାବେ ଭାଗ ନେଇଥିଲେ। ୨୦୧୯ରେ ପ୍ରତିଯୋଗିତାରେ ଭାଗ ନେବାଲାଗି ମୋଟ ୧୨୮ ରୁଷୀୟ ପ୍ରତିଯୋଗୀଙ୍କୁ ଅନୁମତି ମିଳିଛି। ହେଲେ ରଷିଆନ ଆଥଲେଟିକ୍ସ ଫେଡେରେଶନ ଉପରୁ ଏପର୍ଯ୍ୟନ୍ତ ବାସନ୍ଦାଦେଶ ପ୍ରତ୍ୟାହାର ହୋଇ ନାହିଁ। ସଦ୍ୟ ଅନୁମତି ପାଇଥିବା ୬ ମହିଳା ଆଥଲେଟ୍ ହେଲେ କେସେନ୍ୟା ଆକ୍ସିନୋଭା (୪୦୦ମିଟର), ଇରିନା ଇଭାନୋଭା (ପୋଲ୍‌ଭଲ୍ଟ) ସାର୍ଦ୍ଦାନା ଟ୍ରୋପିନା (୩୦୦୦ମିଟର ଷ୍ଟିପଲଚେଜ୍), ୟୁଲିଆ ଟୁରୋଭା (୨୦କିମି ରେସ୍ ୱାକ୍) ଏବଂ ନାଟାଲିଆ ଆକ୍ସିନୋଭା (ହାଇଜମ୍ପ)। ଯେଉଁ ୫ ପୁରୁଷ ଆଥଲେଟଙ୍କୁ ଅନୁମତି ମିଳିଛି ସେମାନେ ହେଲେ ମିଖାଇଲ ଆକିମେଙ୍କୋ (ହାଇଜମ୍ପ), ଭ୍ଲାଡିସ୍ଲାଭ ପାନାସେନ୍‌କୋଭ (ଜାଭେଲିନ୍), ଦିମିତ୍ରୀ ସୋରୋକିନ୍ (ଟ୍ରିପଲ ଜମ୍ପ), ଆନାଟୋଲି ରବରକୋଭ୍ (୫୦୦୦/୧୦,୦୦୦ ମିଟର) ଏବଂ କନଷ୍ଟାଣ୍ଟିନ ଶାବାନୋଭ (୧୧୦ମିଟର ହର୍ଡଲ୍ସ)।

# ସ୍ୱସ୍ତିକ, ସତ୍ୟେନ୍ଦ୍ର, ଅନନ୍ତଙ୍କୁ ସରୋଜ ମହାସୁଆର ପୁରସ୍କାର

**ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)**



ସତ୍ୟେନ୍ଦ୍ର ମୋହନ ମହାନ୍ତି



ଅନନ୍ତ ବାସୁଦେବ ମିଶ୍ର



ସ୍ୱସ୍ତିକ ସାମଲ

ଯୁବ କ୍ରିକେଟର ସ୍ୱସ୍ତିକ ସାମଲ ଏବଂ ରାଜ୍ୟର ଦୁଇ ଜଣାଶୁଣା ଅମ୍ପାୟର ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ ଅନନ୍ତ ବାସୁଦେବ ମିଶ୍ର ଚଳିତ ବର୍ଷର ସରୋଜ ମହାସୁଆର ସ୍ମୃତି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାର ପ୍ରଦାନର ଧାରା ଗତ ୧୬ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଛି। ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ସ୍ୱସ୍ତିକ ଯୁବ କ୍ରିକେଟର ଅଫ୍ ଦି ଇୟର ଏବଂ ସତ୍ୟେନ୍ଦ୍ର ଓ ଅନନ୍ତ ଯୁଗ୍ମଭାବେ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ପାଇବେ। ସରୋଜ ମହାସୁଆର ସ୍ମୃତି କମିଟି ଏବଂ ବରିଷ୍ଠ କ୍ରୀଡ଼ା ଖବରଦାତାଙ୍କୁ ନେଇ ଗଠିତ ଚୟନ କମିଟି ଏହି ୩ କ୍ରୀଡ଼ାବିତ୍‌ଙ୍କୁ ମନୋନୀତ କରିଛି। ଚଳିତମାସ ୧୫ ତାରିଖରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ୨୦୧୬-୧୭ ସିଜନରୁ ଓଡ଼ିଶା ପାଇଁ ଘରୋଇ କ୍ରିକେଟ ଖେଳି ଆସୁଥିବା ସ୍ୱସ୍ତିକ ଭାରତୀୟ ଯୁବ ଦଳରେ ସ୍ଥାନ ପାଇବା ସମ୍ଭାବନା ସୃଷ୍ଟି କରିଛନ୍ତି। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ପାଇଁ ସେ ଜେଡ୍‌ସିଏ ଏବଂ ଏନ୍‌ସିଏ ଶିବିରରୁ ଡାକରା ପାଇଛନ୍ତି। ଗତ ସିଜନରେ ସେ ୪୫୨ ରନ କରି ରାଜ୍ୟର ଅଗ୍ରଣୀ ସ୍କୋରର ହୋଇଥିଲେ। ଏଥିପାଇଁ ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନସିଏ) ଡାକରା ପାଇବା ସହ ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ସ୍ଥାନ ପାଇଥିଲେ। ସିନିୟର ବର୍ଗରେ ସୟଦ ମୁସ୍ତାକ ଅଲୀ ଟ୍ରଫି ଦଳରେ ମଧ୍ୟ ସ୍ଥାନ ପାଇଥିଲେ। ରାଜ୍ୟ ଭିନୁ ମଙ୍କଡ ଓ କୁଚ୍‌ବିହାର ଟ୍ରଫିରେ ଦଳର ନେତୃତ୍ୱ ନେଇଥିଲେ। ୨୩ ବର୍ଷରୁ କମ୍ ସି.କେ.ନାଇଡୁ ଦଳରୁ ମଧ୍ୟ ଖେଳିଥିଲେ। ରାଉରକେଲା ଛେଣ୍ଡ କଲୋନୀର ମଧୁସ୍ମିତା ଓ ପୀୟୂଷ ପ୍ରକାଶ ସାମଲଙ୍କ ପୁଅ ସ୍ୱସ୍ତିକ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଭାବେ ଆଗକୁ ବଢ଼ିବା ଲକ୍ଷ୍ୟରେ ରହିଛନ୍ତି।

ସତ୍ୟେନ୍ଦ୍ର ଓ ଅନନ୍ତ ଗତ ୩ ଦଶନ୍ଧିଧରି ରାଜ୍ୟରେ କ୍ରିକେଟ ଅମ୍ପାୟରିଂ କରି ଆସୁଛନ୍ତି। ନିମାପଡ଼ାର ୫୪ ବର୍ଷୀୟ ସତ୍ୟେନ୍ଦ୍ର ୧୯୯୨ରୁ ଏବଂ ଭୁବନେଶ୍ୱରର ୪୯ ବର୍ଷୀୟ ଅନନ୍ତ ୧୯୯୦ରୁ ଅମ୍ପାୟରିଂ କରି ଆସୁଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନର ପ୍ୟାନେଲ ଅମ୍ପାୟରଭାବେ ଉଭୟ ଆନ୍ତଃଜିଲା, ଆନ୍ତଃମହାବିଦ୍ୟାଳୟ, ରାଜ୍ୟସ୍ତରୀୟ, ସର୍ବଭାରତୀୟ ପ୍ରତିଯୋଗିତାଗୁଡ଼ିକରେ ମ୍ୟାଚ ପରିଚାଳନା କରିବାର ଦକ୍ଷତା ରଖିଛନ୍ତି। ଯୁବ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପୂର୍ବରୁ ୨୦୦୪ରେ ଦୀପକ ମଙ୍ଗରାଜ, ୨୦୦୫ରେ ପରେଶ ପଟେଲ, ୨୦୦୬ରେ ଆତିଶ ଜେନା, ୨୦୦୭ରେ ଆଲୋକ ସାହୁ-ଆଲୋକ ମଙ୍ଗରାଜ, ୨୦୦୮ରେ ହଳଧର ଦାସ, ୨୦୦୯ରେ ବସନ୍ତ ମହାନ୍ତି, ୨୦୧୦ରେ ନଟରାଜ ବେହେରା, ୨୦୧୧ରେ ସୌମେନ୍ଦ୍ର ଦାସ, ୨୦୧୨ରେ ମାଧୁରୀ ମେହେଟା, ୨୦୧୩ରେ ରୋଶନାରା ପରବିନ, ୨୦୧୪ରେ ସ୍ୱାଗତିକା ରଥ, ୨୦୧୫ରେ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ୨୦୧୬ରେ ରଣଜୀତ ସିଂ, ୨୦୧୭ରେ ପ୍ରୀତ ସିଂ କନୱର ଏବଂ ୨୦୧୮ରେ ରଘୁନାଥ ମଲ୍ଲ ପାଇଥିଲେ। ସେହିପରି ଅରୁଣ କୁମାର ବାସା, ସୁବ୍ରତ ଦାସ, ମାରିଓ ଫ୍ରାନ୍ସିସ, ବିଭୁ ଶତପଥୀ, ପରାସର ବିଶ୍ୱାଳ, ଚଣ୍ଡିପ୍ରସନ୍ନ ମହାପାତ୍ର, ଅସିତ ପଟ୍ଟନାୟକ, ପବିତ୍ର ପ୍ରଧାନ, ଶରତ କୁମାର ସାହୁ, ନିର୍ମଳ ମିଶ୍ର ପୂର୍ବରୁ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ହାସଲ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଜଣାଶୁଣା ଅମ୍ପାୟର ସରୋଜ ମହାସୁଆର ୨୦୦୨ରେ କଟକରେ ଆନ୍ତଃଜିଲା ପ୍ରତିଯୋଗିତାରେ ଏକ ମ୍ୟାଚ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ବାଟରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

## ସେଲ୍ ଥେରାପି ପାଇଁ ପ୍ୟାରିସ୍‌ରେ ସୁମାକର



**ପ୍ୟାରିସ୍, ୧୦।୯ (ଏଏଫ୍‌ପି):** ଆଘାତପ୍ରାପ୍ତ ୭ଥର ଚାମ୍ପିୟନ ଫର୍ମୁଲା ୱାନ ବିଶ୍ୱ ଚାମ୍ପିୟନ ମାଇକେଲ ସୁମାକରଙ୍କୁ ପ୍ୟାରିସର ଜର୍ଜେସ ପମ୍ପିଡୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ସେଲ୍ ଥେରାପି ସର୍ଜରି ହେବ ବୋଲି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଡାକ୍ତରଖାନାରେ ଫେରାରିର ପୂର୍ବତନ ଷ୍ଟାର ଡ୍ରାଇଭର ପୂର୍ବରୁ ଦୁଇଥର ଏହି ଚିକିତ୍ସା ହୋଇ ସାରିଛନ୍ତି। ୨୦୧୩ ଡିସେମ୍ବରରେ ଏକ ସ୍କି ଦୁର୍ଘଟଣାରେ ସେ ଗୁରୁତର ଭାବେ ଆହତ ହେବା ପରେ ୬ ମାସ ଧରି ହସ୍ପିଟାଲରେ କୋମା ଅବସ୍ଥାରେ ଥିଲେ। ୨୦୧୪ ସେପ୍ଟେମ୍ବରରେ ସେ ନିଜ ବାସଭବନକୁ ଫେରି ଘରୋଇ ଭାବେ ଚିକିତ୍ସିତ ହୋଇ ଆସୁଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବାହାରକୁ ଖୁବ୍ କମ୍ ସୂଚନା ଆସିଥାଏ।



ପ୍ରୋ କବାଡ଼ି ଲିଗ୍‌ରେ ମଙ୍ଗଳବାର ତେଲୁଗୁ ଟାଇଟନ୍ସ ଓ ୟୁ ମୁମ୍ବା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଆମେରିକାରେ ପଦାର୍ପଣ କରିବ ଦିନିକିଆ କ୍ରିକେଟ୍

**ଫ୍ଲୋରିଡା, ୧୦।୯:** କ୍ରିକେଟ୍ ଇତିହାସରେ ପ୍ରଥମଥର ଲାଗି ଏକ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଆମେରିକାରେ ଅନୁଷ୍ଠିତ ହେବାକୁ ଯାଉଛି। ଆଇସିସି ପୁରୁଷ ବିଶ୍ୱକପ୍ ଲିଗ୍-୨ ପର୍ଯ୍ୟାୟ ଅଂଶବିଶେଷ ତ୍ରି-ରାଷ୍ଟ୍ରୀୟ ସିରିଜର ଏକ ମ୍ୟାଚ୍‌ରେ ଶୁକ୍ରବାର ପପୁଆ ନ୍ୟୁ ଗିନିଆ ଘରୋଇ ଆମେରିକାକୁ ଭେଟିବ। ସ୍ଥାନୀୟ ଫୋର୍ଟ ଲୌଡରଡାଲେସ୍ଥିତ ବ୍ରୋୱାର୍ଡ କାଉଣ୍ଟି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ତୃତୀୟ ଦଳ ଭାବେ ନାମ୍ବିଆ ଏହି ତ୍ରି-ରାଷ୍ଟ୍ରୀୟ ସିରିଜରେ ଅଂଶଗ୍ରହଣ କରୁଛି।

## ମହମ୍ମଦ ସାମିଙ୍କୁ ଆଶ୍ୱସ୍ତି




**କୋଲକାତା, ୧୦।୯**

ଭାରତୀୟ କ୍ରିକେଟ ଦଳର ପ୍ରମୁଖ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ଆଶ୍ୱସ୍ତି ମିଳିଛି। ସାମିଙ୍କ ବିରୋଧରେ ହୋଇଥିବା ଗିରଫ ୱାରେଣ୍ଟ ଆଦେଶ ଉପରେ ଜିଲା କୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ପୂର୍ବରୁ ସାମିଙ୍କ ସ୍ତ୍ରୀ ହସିନା ଜହାନ ତାଙ୍କ ନାମରେ ଘରୋଇ ହିଂସା ଅଭିଯୋଗ ଆଣିଥିଲେ। ଏହି ମାମଲାରେ ଗତ ସପ୍ତାହରେ କୋର୍ଟ ସାମି ଏବଂ ତାଙ୍କ ଭାଇ ହସିଦ୍ ଅହମ୍ମଦଙ୍କ ନାମରେ ଆଡିଶନାଲ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ (ଏସିଜେଏମ୍) ଗିରଫ ୱାରେଣ୍ଟି ଜାରି କରିଥିଲେ। ସାମି ସେହି ସମୟରେ ୱେଷ୍ଟଇଣ୍ଡିଜ ଗସ୍ତରେ ଥିବାରୁ ସେଠାରୁ ଫେରିବାର ୧୫ ଦିନ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ଏସିଜେଏମ୍‌ଙ୍କ ନିର୍ଦ୍ଦେଶ ରହିଥିଲା। ତେବେ ସାମି ଏହାକୁ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେଠାରେ ସାମିଙ୍କ ଗିରଫ ୱାରେଣ୍ଟି ଉପରେ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ କୋର୍ଟ ଜର୍ଜ ରାଇ ଚଟ୍ଟୋପାଧ୍ୟାୟ ଅନ୍ତରୀଣ ରୋକ୍ ଲଗାଇଥିବା ତାଙ୍କ ଓକିଲ ଶେଖ ସଲିମ ରହମାନ କହିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨ରେ ହେବ ବୋଲି ଜଣାପଡ଼ିଛି।

# ମହିଳା କ୍ରିକେଟ ଦଳ ଲାଗି ପ୍ରଦର୍ଶନ ବିଶ୍ଳେଷକ ନିଯୁକ୍ତ ହେବେ

**ନୂଆଦିଲ୍ଲୀ, ୧୦।୯ (ପି.ଟି.):** ଜାତୀୟ ମହିଳା କ୍ରିକେଟ ଦଳ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପରଫର୍ମାନ୍ସ ଆନାଲିଷ୍ଟ ବା ପ୍ରଦର୍ଶନ ବିଶ୍ଳେଷକ ନିଯୁକ୍ତି ଦେବ। ଏ ନେଇ ବୋର୍ଡ ଦରଖାସ୍ତ ଆହ୍ୱାନ କରିଛି। ଟିମ୍ ମ୍ୟାନେମେଣ୍ଟ ଏହି ପଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ସେପ୍ଟେମ୍ବର ୨୦କୁ ଆବେଦନ ଦାଖଲ କରିବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ପରଫର୍ମାନ୍ସ ଆନାଲିଷ୍ଟଙ୍କ ବୟସ ୬୦ ବର୍ଷରୁ ଅଧିକ ହୋଇ ନ ଥିବ ବୋଲି କୁହାଯାଇଛି। ତଥ୍ୟକୁ ଭିତ୍ତି କରି ଆନାଲିଷ୍ଟ ତାଙ୍କର କାର୍ଯ୍ୟ କରିବେ ବୋଲି ବିସିସିଆଇ କହିଛି। ଖେଳାଳିମାନଙ୍କ ବୈଷୟିକ ଓ ଯୋଜନା ସମ୍ପର୍କିତ ଦୃଷ୍ଟିକୋଣକୁ ବୁଝିବା ଓ ଏହାକୁ ଆହୁରି ଦୃଢ଼ କରିବା ପାଇଁ ପରଫର୍ମାନ୍ସ ଆନାଲିଷ୍ଟ କୋଚିଂ ଷ୍ଟାଫ୍‌ଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବେ। ଏଥି ସହିତ ମ୍ୟାଚ୍ ପୂର୍ବରୁ ସବୁ ପ୍ରକାର ପ୍ରସ୍ତୁତିରେ ପରଫର୍ମାନ୍ସ ଆନାଲିଷ୍ଟ ସହଯୋଗ କରିବେ। ପୁଣି ପ୍ରତିପକ୍ଷ ଦଳ ଓ ଖେଳାଳିଙ୍କ ଦୁର୍ବଳତା ଓ ଦକ୍ଷତାକୁ ଆନାଲିଷ୍ଟ ବିଶ୍ଳେଷଣ କରି ନିଜ ଖେଳାଳିମାନଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଇବେ ବୋଲି ବୋର୍ଡ ତରଫରୁ କୁହାଯାଇଛି। ଏହି ପଦ ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କର କୌଣସି ରାଜ୍ୟସ୍ତରୀୟ ସିନିୟର ଦଳ କିମ୍ବା ଆହୁରି ଉଚ୍ଚସ୍ତରର ଦଳ ସହ କାର୍ଯ୍ୟ କରିବାରେ ଅତିକମ୍‌ରେ ୩ ବର୍ଷ ଅଭିଜ୍ଞତା ରହିଥିବ। ୨୪ରୁ ଆରମ୍ଭ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ପୂର୍ବରୁ ପରଫର୍ମାନ୍ସ ଆନାଲିଷ୍ଟଙ୍କୁ ନିଯୁକ୍ତି ଦିଆଯିବ।

## ଭାରତ ଯୋଗୁ ଶ୍ରୀଲଙ୍କା ଖେଳାଳି ରାଜି ହେଉନାହାନ୍ତି



ଫାୱାଦ ହୁସେନ

**ଲାହୋର,୧୦।୯:** ଭାରତୀୟ କର୍ତ୍ତୃପକ୍ଷଙ୍କ ଚାପରେ ବଶବର୍ତ୍ତୀ ହୋଇ ଶ୍ରୀଲଙ୍କା କ୍ରିକେଟ ଖେଳାଳିମାନେ ପାକିସ୍ତାନ ଟୁର୍‌ରେ ଯିବା ଲାଗି ରାଜି ହେଉ ନ ଥିବା ଏହି ଦେଶ ଜଣେ ମନ୍ତ୍ରୀ ଫାୱାଦ ହୁସେନ ଅଭିଯୋଗ କରିଛନ୍ତି। ସୁରକ୍ଷାଜନିତ କାରଣରୁ ଶ୍ରୀଲଙ୍କାର ୧୦ଜଣ ଖେଳାଳି ପାକିସ୍ତାନ ଗସ୍ତରେ ଯିବା ଲାଗି ମନା କରିଦେବାର ଦିନକ ପରେ ମନ୍ତ୍ରୀ ଜଣକ ଏହି ଅଭିଯୋଗ କରିଛନ୍ତି। ଯେଉଁ ଖେଳାଳିମାନେ ପାକିସ୍ତାନରେ ଖେଳିବେ ସେମାନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳାଯିବ ନାହିଁ ବୋଲି ଭାରତୀୟ କ୍ରୀଡ଼ା କର୍ତ୍ତୃପକ୍ଷଙ୍କ ତରଫରୁ ଚେତାଇ ଦିଆଯାଇଛି। ଏହା ଏକ ହୀନ କୌଶଳ ଏବଂ କ୍ରୀଡ଼ା କ୍ଷେତ୍ରରେ ଏହା ଶୋଭନୀୟ ନୁହେଁ ବୋଲି ହୁସେନ କହିଛନ୍ତି। ସୁରକ୍ଷାଜନିତ କାରଣରୁ ଟି୨୦ ଅଧିନାୟକ ଲସିଥ ମାଲିଙ୍ଗା ଏବଂ ପୂର୍ବତନ ଅଧିନାୟକ ଦ୍ୱୟ ଆଞ୍ଜେଲୋ ମାଥ୍ୟୁସ ଓ ଥିସାରା ପେରେରା ଆସନ୍ତା ପାକିସ୍ତାନ ଟୁର୍‌ରୁ ଓହରି ଯାଇଛନ୍ତି। ୨୦୦୯ ମାର୍ଚ୍ଚରେ ଏକ ଟେଷ୍ଟ ମ୍ୟାଚ ବେଳେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଏକ ଆତଙ୍କବାଦୀ ଆକ୍ରମଣ ପରେ ଅଧିକାଂଶ ଅନ୍ତର୍ଜାତୀୟ ଟିମ୍ ପାକିସ୍ତାନ ଟୁର୍‌ରେ ଯିବା ଲାଗି ରାଜି ହେଉନାହାନ୍ତି। ପାକିସ୍ତାନ ବିପକ୍ଷରେ ୬ ମ୍ୟାଚ ବିଶିଷ୍ଟ ସୀମିତ ଓଭର ସିରିଜ ଲାଗି ଶ୍ରୀଲଙ୍କା ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ କରିଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଟୁର୍‌ରେ ଯିବା ଇଚ୍ଛାଧୀନ ବୋଲି ଖେଳାଳିମାନଙ୍କୁ କୁହାଯାଇଥିଲା। କରାଚୀରେ ସେପ୍ଟେମ୍ବର ୨୭ରୁ ଆରମ୍ଭ ହେବାକୁଥିବା ଏହି ସିରିଜରେ ୩ ଟି ଲେଖାଏଁ ଦିନିକିଆ ଓ ଟି୨୦ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଟୁର୍‌ରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିବା ଅନ୍ୟ ୭ ଖେଳାଳି ହେଲେ ନିରୋଶାନ ଡିକ୍‌ୱେଲା, କୁସାଲ ପେରେରା, ଧନଞ୍ଜୟ ଡି' ସିଲ୍‌ଭା, ଆକିଲା ଦନଞ୍ଜୟ, ସୁରଙ୍ଗ ଲକମଲ, ଦୀନେଶ ଚାଣ୍ଡିମଲ ଓ ଦିମୁଥ କରୁଣାରତ୍ନେ।

# ଭାରତ 'ଏ' ଦଳରେ ଓଡ଼ିଶାର ଦିବ୍ୟଦର୍ଶିନୀ

**ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)**

ପ୍ରତିଭାସମ୍ପନ୍ନ ମହିଳା କ୍ରିକେଟ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଓଡ଼ିଶା କ୍ରିକେଟ ପାଇଁ ଆଣିଛନ୍ତି ଏକ ଖୁସି ଖବର। ପୂର୍ବରୁ ଭାରତୀୟ ବୋର୍ଡ ଏକାଦଶ ଦଳରେ ସାମିଲ ହୋଇ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇ ସାରିଥିବା ଦିବ୍ୟଦର୍ଶିନୀ ମଙ୍ଗଳବାର ଘୋଷିତ ଭାରତୀୟ ମହିଳା 'ଏ' ଏବଂ ଇମର୍ଜିଂ ମହିଳା ଦଳରେ ସ୍ଥାନ ପାଇ ରାଜ୍ୟ କ୍ରିକେଟକୁ ଗର୍ବିତ କରିଛନ୍ତି। ଏଥିସହ ଏହି ଓଡ଼ିଆ ଝିଅ ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବା ଦିଗରେ ଆଉ ଏକପାଦ ଅଗ୍ରସର ହୋଇଛନ୍ତି। ଦିବ୍ୟଦର୍ଶିନୀ ଜାଗୃତି କ୍ରିକେଟ ଏକାଡେମୀ(ଏସ୍‌ଜିଓ)ରେ କୋଚ୍ କ୍ଷୀରୋଦ ବେହେରାଙ୍କ ନିକଟରୁ ପ୍ରଶିକ୍ଷଣପ୍ରାପ୍ତ। ଭାରତ'ଏ' ଦଳ କକ୍ସବଜାରସ୍ଥିତ ଶେଖ୍ କମଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ୩ଟି ଅନଅଫିସିଆଲ ଏକଦିବସୀୟ ମ୍ୟାଚ ଖେଳିବ। ଏହାପରେ ଚଟ୍ଟଗ୍ରାମର ଜହୁର ଅହମ୍ମଦ କ୍ରିକେଟ ଷ୍ଟାଡିୟମରେ ୩ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ବାଂଲାଦେଶ ଗସ୍ତପରେ ଭାରତ'ଏ' ଶ୍ରୀଲଙ୍କାରେ ଅକ୍ଟୋବର ୨୦ରୁ ୨୮ ପର୍ଯ୍ୟନ୍ତ ଏସିସି ଇମର୍ଜିଂ ମହିଳା ଏସିଆ କପ୍‌ରେ ଭାଗନେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମୁଖ୍ୟ କାର୍ଯ୍ୟାଳୟରେ ହେମଲତା କାଲାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସର୍ବଭାରତୀୟ ମହିଳା ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇ ଦଳ ଚୟନ କରାଯାଇଛି। ଦେବିକା ବୈଦ୍ୟଙ୍କୁ ଅଧିନାୟିକା ଏବଂ ଏସ୍.ମେଘନାଙ୍କୁ ଉପ ଅଧିନାୟିକା ମନୋନୀତ କରାଯାଇଛି।

**ଭାରତୀୟ ମହିଳା 'ଏ' ଦଳ**

ଦେବିକା ବୈଦ୍ୟ(ଅଧିନାୟିକା), ଏସ୍.ମେଘନା(ଉପ-ଅଧିନାୟିକା), ଯଷ୍ଟିକା ଭାଟିଆ, ତେଜାଲ ହାସବନିସ, ତନୁଶ୍ରୀ ସରକାର, ସିମରନ ଦିଲ ବାହାଦୁର, ନୁଜତ ପରବିନ, ଆର.କଳ୍ପନା, ମାନାଲି ଦକ୍ଷିଣୀ, କସ୍‌ମା ସିଂ, ଅଞ୍ଜଳି ସରୱାନୀ, ମିନୁ ମାନି, ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ଟି.ପି. କନୱାର, ରଶି କାନୋଜିଆ।



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ ଦିବ୍ୟଦର୍ଶିନୀ।

**ବାଂଲାଦେଶ ବିପକ୍ଷ କାର୍ଯ୍ୟସୂଚୀ**

ଅକ୍ଟୋବର ୪: ପ୍ରଥମ ଦିନିକିଆ, କକ୍ସବଜାର
ଅକ୍ଟୋବର ୬: ଦ୍ୱିତୀୟ ଦିନିକିଆ, କକ୍ସବଜାର
ଅକ୍ଟୋବର ୮: ତୃତୀୟ ଦିନିକିଆ, କକ୍ସବଜାର
ଅକ୍ଟୋବର ୧୧: ପ୍ରଥମ ଟି୨୦, ଚଟ୍ଟଗ୍ରାମ
ଅକ୍ଟୋବର ୧୨: ଦ୍ୱିତୀୟ ଟି୨୦, ଚଟ୍ଟଗ୍ରାମ
ଅକ୍ଟୋବର ୧୪: ତୃତୀୟ ଟି୨୦, ଚଟ୍ଟଗ୍ରାମ

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୧୧ ସେପ୍ଟେମ୍ବର, ୨୦୧୯





“କେ.ଏଲ୍. ରାହୁଲଙ୍କ ଫର୍ମକୁ ନେଇ ଦଳ ଚିନ୍ତିତ, ତାଙ୍କ ସ୍ଥାନରେ ରୋହିତ ଶର୍ମାଙ୍କୁ ଭାରତୀୟ ଟେଷ୍ଟ ଦଳରେ ଓପନର ଭାବେ ନିଆଯାଇପାରେ ।

– ଏମ୍.ଏସ୍.କେ. ପ୍ରସାଦ, ମୁଖ୍ୟ ଚୟନକର୍ତ୍ତା



“ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ମଧ୍ୟରେ ହୁଏତ ମତଭେଦ ଥାଇପାରେ, ଏହାର ଅର୍ଥ ନୁହେଁ ଯେ, ଦୁଇ ଖେଳାଳିଙ୍କ ମଧ୍ୟରେ ବିବାଦ ରହିଛି ।

–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର କୋଚ୍

## ସଂକ୍ଷେପରେ

### ପାରା ଅଲିମ୍ପିକ କମିଟିଠାରୁ ସ୍ୱୀକୃତି ପ୍ରତ୍ୟାହାର କଲା କ୍ରୀଡ଼ା ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୧୦।୯(ପି.ଟି.): ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ)ଠାରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସ୍ୱୀକୃତି ପ୍ରତ୍ୟାହାର କରିନେଇଛି। ପିସିଆଇ ଜାତୀୟ କ୍ରୀଡ଼ା ଆଚରଣବିଧି ଉଲ୍ଲଂଘନ କରିବା ଅଭିଯୋଗରେ ମନ୍ତ୍ରଣାଳୟ ଏହି କଡ଼ା ନିଷ୍ପତ୍ତି ନେଇଛି। ପିସିଆଇ ଅଧକ୍ଷ ରାଓ ଇନ୍ଦ୍ରଜିତ୍ ସିଂଙ୍କୁ ବହିଷ୍କାର କରିବାକୁ କମିଟି ନିଷ୍ପତ୍ତି ନେଇଥିଲା। ତାଙ୍କୁ ପିସିଆଇ ବହୁମତରେ ପଦରୁ ବିଦା କରାଯାଇଥିଲା। ଏ ନେଇ ପିସିଆଇ ମଧ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲା। ପିସିଆଇରେ ବ୍ୟାପକ କୁଶାସନ ଚାଲିଥିବାରୁ ଏଭଳି କଠୋର ନିଷ୍ପତ୍ତି ନେବାକୁ ହେଲା ବୋଲି ମନ୍ତ୍ରଣାଳୟ ତରଫରୁ ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି। ପଦରୁ ବହିଷ୍କୃତ ହେବା ପରେ ଇନ୍ଦ୍ରଜିତ୍ଠାରୁ ମନ୍ତ୍ରଣାଳୟ ଅଭିଯୋଗ ପତ୍ର ପାଇଥିଲା। ନିଜ ଅଧକ୍ଷଙ୍କୁ ନିୟମର ବାହାରକୁ ଯାଇ ଓ ଅଗଣତାନ୍ତ୍ରିକ ଭାବେ ବହିଷ୍କାର କରାଯାଇଥିବା କଥା ମନ୍ତ୍ରଣାଳୟ ହୃଦୟଙ୍ଗମ କରିଥିଲା। ଉଲ୍ଲେଖଥାଉ କି, ୨୦୧୫ରେ ମଧ ତ୍ରୁଟିପୂର୍ଣ୍ଣ ଶାସନ ଯୋଗୁ ପିସିଆଇକୁ ସସ୍ପେଣ୍ଡ କରାଯାଇଥିଲା। ପରେ ୨୦୧୬ରେ ଏହାକୁ ପୁଣିଥରେ ସ୍ୱୀକୃତି ପ୍ରଦାନ କାରଯାଇଥିଲା।

### ବିସିସିଆଇ-ଅଲ୍ ଇଣ୍ଡିଆ ରେଡିଓ ଦୁଇବର୍ଷିଆ ଚୁକ୍ତି

ନୂଆଦିଲ୍ଲୀ, ୧୦।୯ (ପି.ଟି.):ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ଅଲ୍ ଇଣ୍ଡିଆ ରେଡିଓ (ଏଆଇଆର୍) ମଧ୍ୟରେ ଏକ ଦୁଇ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତଦନୁସାରେ ଅଲ୍ ଇଣ୍ଡିଆ ରେଡିଓ ଜାତୀୟ କ୍ରିକେଟ ଦଳ ନିଜ ଦେଶରେ ଖେଳିବାକୁ ଥିବା ଅନ୍ତର୍ଜାତୀୟ ମ୍ୟାଚ ବ୍ୟତୀତ ଘରୋଇ ଟୁର୍ନାମେଣ୍ଟଗୁଡ଼ିକର ସିଧାସଳଖ ଧାରାବିବରଣୀ ପ୍ରଦାନ କରିବ। ସମଗ୍ର ଭାରତରେ ଲକ୍ଷ ଲକ୍ଷ ଶ୍ରୋତା ଖେଳର ରେଡିଓ କମେଣ୍ଟ୍ରି ଶୁଣିପାରିବେ। ସେପ୍ଟେମ୍ବର ୧୫ରୁ ଧର୍ମଶାଳାଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଖେଳିବାକୁଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରୁ ଅଡିଓ କମେଣ୍ଟ୍ରି ଆରମ୍ଭ ହେବ। ଏଆଇଆର୍ ଏତଦ୍ବ୍ୟତୀତ ପୁରୁଷ ଓ ମହିଳା ଘରୋଇ ଟୁର୍ନାମେଣ୍ଟ ଏବଂ ମ୍ୟାଚଗୁଡ଼ିକର କଭରେଜ କରିବ। ଦୁଇ ବର୍ଷିଆ ଚୁକ୍ତି ୨୦୧୯ ସେପ୍ଟେମ୍ବର ୧୦ରୁ ଆରମ୍ଭ ହେବ ଏବଂ ୨୦୨୧ ଅଗଷ୍ଟ ୩୧ରେ ଶେଷ ହେବ। ରଣ୍ଜୀ ଟ୍ରଫି, ଇରାନୀ କପ୍, ଦେଓଧର ଟ୍ରଫି, ସୟେଦ ମୁସ୍ତାକ ଅଲି ଟ୍ରଫି ଏବଂ ମହିଳା ଚ୍ୟାଲେଞ୍ଜର ସିରିଜକୁ ଅଲ୍ ଇଣ୍ଡିଆ ରେଡିଓ କଭରେଜ କରିବ।

## ୱେଷ୍ଟର୍ନ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଚେସ୍

# ସାଇନା, ପଲକଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଚେସ୍‌ର ଭବିଷ୍ୟତଭାବେ ବିବେଚିତ ହେଉଥିବା ପ୍ରତିଭାସମ୍ପନ୍ନ ସାଇନା ସାଲୋନିକା ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ଆଉ ୨ଟି ପଦକ ଅର୍ଜନ କରିଛନ୍ତି। ନୂଆଦିଲ୍ଲୀରେ ମଙ୍ଗଳବାର ଶେଷ ହୋଇଥିବା ୱେଷ୍ଟର୍ନ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ର ୧୬ ବର୍ଷରୁ କମ୍ ବାଳିକା ବ୍ଲିଜ୍‌ରେ ଏହି ମହିଳା ଫିଡେ ମାଷ୍ଟର(ଡବ୍ଲ୍ୟୁଏଫ୍ଏମ୍) ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଏହି ପ୍ରତିଯୋଗିତାର ମୁଖ୍ୟ କ୍ଲାସିକାଲ ବିଭାଗରେ ରାଜ୍ୟର ଅନ୍ୟତମ ଚେସ୍ ପ୍ରତିଭା ପଲକ ମହାପାତ୍ର ୧୦ ବର୍ଷରୁ କମ୍ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏହି ଇଭେଣ୍ଟରେ ସାଇନା ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ରୌପ୍ୟ ପଦକଲାଭ କରିଛନ୍ତି। ପ୍ରତିଯୋଗିତାରେ ସାଇନା ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ୟାଶିତା ରାଉତ ୧୨ ବର୍ଷରୁ କମ୍ ବାଳିକା ବ୍ଲିଜ୍ ଫର୍ମାଟରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେ ୯ ରାଉଣ୍ଡରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

୯ ରାଉଣ୍ଡ ବିଶିଷ୍ଟ ବ୍ଲିଜ୍ ଇଭେଣ୍ଟରେ ସାଇନା ପୂରା ୯ ପଏଣ୍ଟ ପାଇ ଅପରାଜେୟ ରହିବା ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚାମ୍ପିୟନ ହେବା ପଥରେ ସେ ଜଣେ ଲେଖାଏ ଶ୍ରୀଲଙ୍କା ଓ ବାଂଲାଦେଶ ଏବଂ ୭ ଜଣ ନିଜ ରାଜ୍ୟ/ଭାରତୀୟ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ମହିଳା କ୍ୟାଣ୍ଡିଡେଟ ମାଷ୍ଟର ବୃଷ୍ଟି ମୁଖାର୍ଜୀ ୭ ଓ ଆରୁଷୀ କୋଟୱାଲ ୬ ପଏଣ୍ଟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ୯ ରାଉଣ୍ଡ ବିଶିଷ୍ଟ କ୍ଲାସିକାଲ ବିଭାଗରେ ସାଇନା ୬.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରୀଷ୍ମା ଆନନ୍ଦ ଧୁମାଲ ୭ ପଏଣ୍ଟ ପାଇ ସ୍ୱର୍ଣ୍ଣପଦକ ହାତେଇଛନ୍ତି। ଏଥିରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲେ ହେଁ ସାଇନା ମୋଟ ୫ ମ୍ୟାଚ ଜିତିଥିବାବେଳେ ୩ ମ୍ୟାଚ ଡ୍ର ରଖିଥିଲେ ଏବଂ ଗୋଟିଏ ମ୍ୟାଚରେ ହାରି ଯାଇଥିଲେ। ୪ର୍ଥ ରାଉଣ୍ଡରେ ଧୁମାଲଙ୍କଠାରୁ ପରାଜୟ ଯୋଗୁ ସେ ସ୍ୱର୍ଣ୍ଣ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ଏହି ୨ ପଦକକୁ ମିଶାଇ ସାଇନାଙ୍କ ଅନ୍ତର୍ଜାତୀୟ ପଦକ ସଂଖ୍ୟା ୧୭ରେ ପହଞ୍ଚିଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ସୁଲାନ ଗ୍ରାମର ବବିତା ଓ ଗଣେଶ୍ୱର ଜେନାଙ୍କ ଝିଅ ସାଇନା ସମ୍ପ୍ରତି କିଟ୍‌ରେ ଏକାଦଶ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ।

ପ୍ରତିଯୋଗିତାର ୧୦ ବର୍ଷରୁ କମ୍ କ୍ଲାସିକାଲ ବିଭାଗ ଉଭୟ ବାଳିକା ଓ ବାଳକ ବର୍ଗରେ ହେଉଥିବାରୁ ପଲକ ଓଭରଅଲ୍ ୧୧ତମ ସ୍ଥାନରେ ଥିଲେ ହେଁ ବାଳିକାଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ସେ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରୁ ୫.୫ ପଏଣ୍ଟ ପାଇଥିଲେ। ସେ ୫ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ୩ ମ୍ୟାଚରେ ହାରିଥିଲେ ଏବଂ ଗୋଟିଏ ମ୍ୟାଚ ଡ୍ର ରଖିଥିଲେ। ଏଥିରେ ଅନ୍ୟତମ ଭାରତୀୟ ଖେଳାଳି ଏସ୍.ପୌର୍ଣ୍ଣମି ଓ ସଚିନ ଜୈନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଇନା, ପଲକ ଓ ୟାଶିତାଙ୍କୁ ଏସ୍.ଆର୍. ଚେସ୍ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।




ସାଇନା ସାଲୋନିକା, ପଲକ ମହାପାତ୍ର ଓ ୟାଶିତା ରାଉତ।


## ବୟକଟ୍, ଷ୍ଟ୍ରସ୍‌ଙ୍କୁ ନାଇଟ୍ ଉପାଧି

ଲଣ୍ଡନ, ୧୦।୯ (ଏଏଫ୍‌ପି): କିମ୍ବଦନ୍ତୀ କ୍ରିକେଟ୍ ଖେଳାଳି ଜେଫ୍ରି ବୟକଟ୍ ଓ ଆଣ୍ଡ୍ରୁ ଷ୍ଟ୍ରସଙ୍କୁ ଇଂଲଣ୍ଡର ସର୍ବୋଚ୍ଚ ନାଗରିକ ସମ୍ମାନ ନାଉଟ୍ ଉପାଧିରେ ସମ୍ମାନିତ କରାଯାଇଛି। କ୍ରିକେଟ୍‌କୁ ଉଲ୍ଲେଖନୀୟ ଅବଦାନ ଲାଗି ୟୁନାଇଟେଡ୍ କିଙ୍ଗ୍‌ଡମର ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ମେ ଉଭୟ ବୟକଟ୍ ଓ ଷ୍ଟ୍ରସ୍‌ଙ୍କୁ ଏହି ସମ୍ମାନଜନକ ଉପାଧି ପ୍ରଦାନ କରିଛନ୍ତି। ୭୮ ବର୍ଷୀୟ ବୟକଟ୍ ୧୯୬୪ରୁ ୧୯୮୨ ମଧ୍ୟରେ ୧୦୮ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରି ୪୭.୭୨ ଆଭରେଜରେ ୮,୧୧୪ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ବୟକଟ୍‌ଙ୍କ ନାମରେ ୧୫୧ ଶତକ ସହ ୪୮ ହଜାରରୁ ଊର୍ଦ୍ଧ୍ୱ ରନ୍ ରହିଛି। ୧୯୭୮ରେ ମଧ ବୟକଟ୍ ଇଂଲଣ୍ଡ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ଅବସର ପରେ ସେ ବୟକଟ୍ କ୍ରିକେଟ୍ ଭାଷ୍ୟକାର ଭାବେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ସେହିଭଳି ୪୨ ବର୍ଷୀୟ ଷ୍ଟ୍ରସ୍ ୨୦୦୪ରୁ ୨୦୧୨ ମଧ୍ୟରେ ୫୦ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଦଳର ନେତୃତ୍ୱ ନେଇ ଦୁଇଥର (୨୦୦୯ ଓ ୨୦୧୦-୧୧)ଆଶେସ ସିରିଜ ବିଜୟୀ କରାଇଛନ୍ତି। ଷ୍ଟ୍ରସଙ୍କ ନେତୃତ୍ୱରେ ଇଂଲଣ୍ଡ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଏକ ନମ୍ବର ସ୍ଥାନ ହାସଲ କରିଥିଲା। ଏହି ବାମହାତୀ ଓପନର୍ ୧୦୦ ଟେଷ୍ଟ ମ୍ୟାଚ୍‌ରୁ ୨୧ ଶତକ ସହାୟତାରେ ୭,୦୩୭ ରନ୍ ସଂଗ୍ରହ କରିଛନ୍ତି।




ଆଣ୍ଡ୍ରୁ ଷ୍ଟ୍ରସ୍ ଓ ଜେଫ୍ରି ବୟକଟ।

## ଶୀର୍ଷ ସ୍ଥାନ ବଜାୟ ରଖିଲେ ସ୍ମିଥ୍, କୁମିନ୍ସ




ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

ଦୁବାଇ, ୧୦।୯ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ମଙ୍ଗଳବାର ସଦ୍ୟ ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଦୁଇ ଅଷ୍ଟ୍ରେଲୀୟ କ୍ରିକେଟର୍ ଷ୍ଟିଭ୍ ସ୍ମିଥ୍ ଓ ପ୍ୟାଟ୍ କୁମିନ୍ସ ଯଥାକ୍ରମେ ବ୍ୟାଟିଂ ଓ ବୋଲିଂ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଚଳିତ ଆଶେସ ସିରିଜର ମାଞ୍ଚେଷ୍ଟରରେ ଶେଷ ହୋଇଥିବା ୪ର୍ଥ ଟେଷ୍ଟରେ ଘରୋଇ ଇଂଲଣ୍ଡକୁ ୧୮୫ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରି ଅଷ୍ଟ୍ରେଲିଆକୁ ସିରିଜ ବଜାୟ ରଖିବାରେ ଉଭୟ ସ୍ମିଥ୍ ଓ କୁମିନ୍ସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ସ୍ମିଥ୍ ପ୍ରଥମ ଓ ୨ୟ ଇନିଂସରେ ଯଥାକ୍ରମେ ୨୧୧ ଓ ୮୨ ରନ ସଂଗ୍ରହ କରିଥିଲେ। ବ୍ୟାଟିଂ ତାଲିକାରେ ୯୩୭ ରେଟିଂ ସହ ସ୍ମିଥ୍ ବର୍ତ୍ତମାନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଉପରେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ସ୍ମିଥ୍ ତାଙ୍କ ସର୍ବକାଳୀନ ରେଟିଂ ପଏଣ୍ଟଠାରୁ ଆଉ ୧୦ ପଛରେ ରହିଛନ୍ତି। ଭାରତ ଅଧିନାୟକ କୋହଲିଙ୍କଠାରୁ ସ୍ମିଥ୍ ୩୪ ପଏଣ୍ଟ ଅଧିକ ପାଇଛନ୍ତି। ଅପରପକ୍ଷରେ ୪ର୍ଥ ଟେଷ୍ଟରେ ୧୦୩ ରନ ବିନିମୟରେ ମୋଟ୍ ୭ ଉଇକେଟ୍ ନେଇଥିବା କୁମିନ୍ସ ୯୧୪ ରେଟିଂ ପଏଣ୍ଟ ସହ ବୋଲିଂ ତାଲିକାରେ ଶୀର୍ଷରେ ସ୍ଥାନ ଦୃଢ଼ କରିଛନ୍ତି। ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ୬୩ ରେଟିଂ ପଏଣ୍ଟ ପଛରେ ରହି ତାଲିକାର ୨ୟ ଓ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ତାଲିକାର ୩ୟ ସ୍ଥାନରେ ରହିଛନ୍ତି। ଜୋଶ୍ ହାଜେଲଉଡ୍ ଚଳିତ ବର୍ଷ ପ୍ରଥମଥର ଲାଗି ଟପ୍-୧୦କୁ ପ୍ରବେଶ କରିଛନ୍ତି। ହାଜେଲଉଡ୍ ୪ଟି ପାହାଚ ଉପରକୁ ଉଠି ୮ମ ସ୍ଥାନରେ ପହଞ୍ଚିଛନ୍ତି।

## ଭାରତର ଉତ୍ସାହଜନକ ଆରମ୍ଭ

ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍

୧୦।୯ (ପି.ଟି.)

ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ଆରମ୍ଭ ଉତ୍ସାହଜନକ ରହିଛି। ଭାରତର ବ୍ରିଜେଶ ଯାଦବ (୮୧କେଜି) ମଙ୍ଗଳବାର ଅନୁଷ୍ଠିତ ଏକ ଓପନିଂ ରାଉଣ୍ଡ ବାଉଟ୍‌ରେ ପୋଲାଣ୍ଡର ମାଲେଜ୍ ଗୋଏନ୍ସ୍କିଙ୍କୁ ହରାଇ ଦେଇଛନ୍ତି। ଚଳିତ ବର୍ଷ ପ୍ରଥମଭାଗରେ ଇଣ୍ଡିଆ ଓପନ୍ ଏବଂ ଥାଇଲାଣ୍ଡ ଓପନ୍‌ରେ ରୌପ୍ୟ ଜିତିଥିବା ଯାଦବ ଗୋଏନ୍ସ୍କିଙ୍କୁ ୫-୦ରେ ପରାସ୍ତ କରିଥିଲେ। କିନ୍ତୁ ଲଢେଇବେଳେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ମଙ୍ଗଳବାର ଭାରତର ଥିଲା ଏହା ଏକମାତ୍ର ବାଉଟ। ଯାଦବ ପରବର୍ତ୍ତୀ ରାଉଣ୍ଡରେ ତୁର୍କୀର ବେରାମ୍ ମାଲ୍‌କାନଙ୍କୁ ଭେଟିବେ। ଏହି ବକ୍ସର ରବିବାର ତାଙ୍କ ପ୍ରଥମ ରାଉଣ୍ଡ ମୁକାବିଲାରେ ବାଇ ପାଇଛନ୍ତି। ଭାରତର ୩ ଜଣ ବକ୍ସର ମଧ ସେମାନଙ୍କ କାଟେଗୋରିରେ ବାଇ ପାଇଛନ୍ତି। ସେମାନେ ହେଲେ ଅମିତ ଫଙ୍ଗାଲ (୫୨କେଜି), କବିନ୍ଦରସିଂବିଷ୍ଟ(୫୭କେଜି) ଏବଂ ଆଶିଷ କୁମାର (୭୫କେଜି)। ବିଶ୍ୱ ଚାମ୍ପିୟନଶିପ୍‌ରେ ୮୭ଟି ଦେଶର ୪୫୦ ବକ୍ସର ଅଂଶଗ୍ରହଣ କରିଛନ୍ତି। ଏହାକୁ ଏକ ଅଲିମ୍ପିକ କ୍ୱାଲିଫାୟର ବିବେଚନା କରାଯାଇଥାଏ। ମାତ୍ର ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଏଆଇବିଏ)ରେ ପ୍ରଶାସନିକ ବିବାଦ ଯୋଗୁ ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି ) ଏହି ମାନ୍ୟତା ପ୍ରତ୍ୟାହାର କରିନେଇଛି। ଟୁର୍ନାମେଣ୍ଟରେ ପାରମ୍ପରିକ ୧୦ ଡିଭିଜନ ପରିବର୍ତ୍ତେ ଟୋକିଓ ଅଲିମ୍ପିକ ୨୦୨୦ ପାଇଁ ସଂଶୋଧିତ ୮ଟି କାଟେଗୋରି (୫୨କେଜି, ୫୭କେଜି, ୬୩କେଜି, ୬୯କେଜି, ୭୪କେଜି, ୮୧କେଜି, ୯୧କେଜି ଓ +୯୧କେଜି)ରେ ମଧ ପ୍ରତିଯୋଗିତା ହେଉଛି।

## ୧୯ ବର୍ଷରୁ କମ୍ ଏସିଆ କପ୍

### ଭାରତ-ଶ୍ରୀଲଙ୍କା ସେମି

କଲମ୍ବୋ, ୧୦।୯: ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଗ୍ରୁପ୍-ଏ'ର ଶୀର୍ଷ ସ୍ଥାନରେ ରହିଥିବା ଭାରତ ଗ୍ରୁପ୍-ବି'ର ୨ୟ ସ୍ଥାନରେ ଥିବା ଶ୍ରୀଲଙ୍କାକୁ ଭେଟିବ। ମଙ୍ଗଳବାର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ନିକଟରୁ ୪୨ ରନରେ ପରାସ୍ତ ହୋଇଥିଲେ ମଧ ଆୟୋଜକ ଶ୍ରୀଲଙ୍କା ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛି। ସେହିଭଳି ଗୁରୁବାର ହେବାକୁ ଥିବା ୨ୟ ସେମିଫାଇନାଲରେ ଗ୍ରୁପ୍-ବି'ର ଶୀର୍ଷ ସ୍ଥାନରେ ଥିବା ବାଂଲାଦେଶ ଗ୍ରୁପ୍-ଏ'ର ୨ୟ ସ୍ଥାନରେ ଥିବା ଆଫଗାନିସ୍ତାନକୁ ଭେଟିବ। ଗ୍ରୁପ୍-ଏ'ରେ ଭାରତ ଓ ଗ୍ରୁପ୍-ବି'ରେ ବାଂଲାଦେଶ ୩ଟି ମ୍ୟାଚ୍ ଖେଳି ଅପରାଜେୟ ରହିଛନ୍ତି।

## ବିରଳ ସଫଳତାର ଅଧିକାରୀ ହେବେ ପେନ୍

ଲଣ୍ଡନ,୧୦।୯ (ଏଏଫ୍‌ପି)

ଆକସ୍ମିକ ଭାବେ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ପାଇଥିବା ଟିମ୍ ପେନ୍ ଏବେ ଏକ ବିରଳ ସଫଳତାର ଅଧିକାର ହେବାକୁ ଯାଉଛନ୍ତି। ପୂର୍ବରୁ ଯାହା ଗ୍ରେଗ୍ ଚାପେଲ, ରିକି ପଣ୍ଟିଂ ଓ ମାଇକେଲ କ୍ଲାର୍କ ଯାହା କରିପାରି ନ ଥିଲେ ଏବେ ପେନ୍ ତାହା କରିବାକୁ ଯାଉଛନ୍ତି। ଚଳିତ ଆଶେସ୍‌ରେ ପେନ୍ ଅଧିନାୟକ ହିସାବରେ ଏହି ଅସାଧାରଣ ସଫଳତା ହାସଲ କରିବେ। ତେବେ ଆଗକୁ ଆୟୋଜନ ହେବାକୁ ଥିବା ପଞ୍ଚମ ଆଶେସ୍ ଟେଷ୍ଟରେ ଅଷ୍ଟ୍ରେଲିଆକୁ ଅତିକମ୍‌ରେ ପରାଜୟ ଏଡାଇବାକୁ ପଡିବ। ଏହା ହୋଇପାରିଲେ ପେନ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଇଂଲଣ୍ଡ ମାଟିରେ ଆଶେସ ବିଜୟୀ ହୋଇପାରିବ। ପୂର୍ବରୁ ୧୮ ବର୍ଷ ତଳେ ଅଷ୍ଟ୍ରେଲିଆ ଶେଷଥର ପାଇଁ ଇଂଲଣ୍ଡରେ ଷ୍ଟିଭ୍ ୱ୍ଙ୍କ ନେତୃତ୍ୱରେ ୪-୧ରେ ଆଶେସି ସିରିଜ୍ ହାତେଇଥିଲା।

ୱ୍, ଚାପେଲ, ପଣ୍ଟିଂ ଓ କ୍ଲାର୍କ ଅଷ୍ଟ୍ରେଲିଆର ମହାନ୍ କ୍ରିକେଟର ଭାବେ ପରିଗଣିତ ହେଉଛନ୍ତି। ଏବେ ଏମାନଙ୍କ ସହ ଯୋଡି ହେବାକୁ ଯାଉଛନ୍ତି ପେନ୍। ଚଳିତ ଆଶେସ୍‌ରେ ପେନ୍ ଉଚ୍ଚକୋଟୀର ନେତୃତ୍ୱର ପରାକାଷ୍ଠା ଦେଖାଇଛନ୍ତି। ପାରମ୍ପିକ ଭାବେ ଅଷ୍ଟ୍ରେଲିଆ ତା'ର ଶ୍ରେଷ୍ଠ ୧୧ ଜଣ ଖେଳାଳିଙ୍କୁ ଚୟନ କରିଥାଏ। ଏହାପରେ ଏମାନଙ୍କ ମଧ୍ୟରୁ ଜଣକୁ ଅଧିନାୟକ ହିସାବରେ ନିଯୁକ୍ତି ଦେଇଥାଏ। ଅନ୍ୟପଟେ ଇଂଲଣ୍ଡ ନେତୃତ୍ୱର କଳା ଦେଖି ଅଧିନାୟକ ନିଯୁକ୍ତି କରିଥାଏ। ଅର୍ଥାତ ଜଣକୁ ପ୍ରଥମେ ଅଧିନାୟକ ନିଯୁକ୍ତ କରାଯାଇଥାଏ ଓ ପରେ ଇଂଲଣ୍ଡ ବାକି ୧୦ଜଣ ଖେଳାଳିଙ୍କୁ ଚୟନ କରିଥାଏ।

ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପେନ୍ କଥା ଭିନ୍ନ ମନେହୁଏ। ୨୦୧୮ରେ ବଲ୍ ଟ୍ୟାମ୍ପରିଂ ମାମଲାରେ ଷ୍ଟିଭ୍ ସ୍ମିଥ୍‌ଙ୍କଠାରୁ ନେତୃତ୍ୱ କାଢି ନିଆଯାଇଥିଲା। ସେହିପରି ଏହି ମାମଲାରେ ଓପନର ଡେଭିଡ ୱାର୍ନରଙ୍କୁ ମଧ ଉପ- ଅଧିନାୟକ ପଦରୁ ବହିଷ୍କୃତ କରାଯାଇଥିଲା। ଏହି ଦୁଇ ଖେଳାଳିଙ୍କୁ କ୍ରିକେଟ ଅଷ୍ଟ୍ରେଲିଆ ୧୨ ମାସ ବାସନ୍ଦ କରିଥିଲା। ଏପରି ସ୍ଥଳେ ବଲ ଟ୍ୟାମ୍ପରିଂ ମାମଲାରେ ଛନ୍ଦିହୋଇ ନ ଥିବା ଜଣେ ଖେଳାଳିଙ୍କୁ ନେତତ୍ୱ ଦେବାକୁ କ୍ରିକେଟ ଅଷ୍ଟ୍ରେଲିଆ ନିଷ୍ପତ୍ତି ନେଇଥିଲା। ଫଳରେ ପେନ୍‌ଙ୍କୁ ନେତୃତ୍ୱର ଗୁରୁଦାୟିତ୍ୱ ମିଳିଥିଲା। ତେଣୁ ସେ ଆକସ୍ମିକ ଭାବେ ଅଷ୍ଟ୍ରେଲିଆ ଦଳରେ ନେତୃତ୍ୱ ପାଇଥିଲେ।

ପେନ୍ ୨୦୧୦ରେ ଲର୍ଡ୍ସରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍ ପଦାର୍ପଣ କରିଥିଲେ। ୨୦୧୭ରେ ଅବସର ନେଇ ଚାକିରି କରିବାକୁ ଏକଦା ପେନ୍ ମନବଳାଇଥିଲେ। ତେବେ ଏହା ଗୋଟିଏ ବର୍ଷ ପରେ କଥା ବଦଳିଯାଇଥିଲା। ପେନ୍ ନେତୃତ୍ୱ ନେଉଥିବାରୁ ଦଳରେ ସ୍ଥାନ ପାଇଛନ୍ତି। ନ ହେଲେ ତାଙ୍କର ଦଳରେ ରହିବାର ଯୋଗ୍ୟତା ନାହିଁ ବୋଲି କେତେଜଣ କହୁଛନ୍ତି।

ଚଳିତ ଆଶେସରେ ସ୍ମିଥ୍‌ଙ୍କ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ଘରୋଇ ଇଂଲଣ୍ଡଠାରୁ ପାଦେ ଆଗରେ ରହିଛି। ୩ଟି ଶତକ ସହ ୧୩୪.୨୦ ରନ ହାରରେ ସେ ୩ଟି ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ୬୭୧ ରନ ସଂଗ୍ରହ କରିଛନ୍ତି। ଏଥିରେ ୨୧୧ ରନର ଏକ ଦ୍ୱିଶତକୀୟ ଇନିଂସ ମଧ ସାମିଲ ରହିଛି। ବାସନ୍ଦରୁ ଫେରିବା ପରେ ସ୍ମିଥ୍ ତାଙ୍କ ପ୍ରଥମ ଟେଷ୍ଟ ସିରିଜ ଖେଳୁଛନ୍ତି। ସ୍ମିଥ୍ ଜଣେ ଅସାଧାରଣ ଖେଳାଳି। ତାଙ୍କର ପ୍ରଦର୍ଶନ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି ବୋଲି ପେନ୍ କହିଛନ୍ତି।



ଟିମ୍ ପେନ୍

## ମଜଭୁତ ସ୍ଥିତିରେ ଭାରତ-ଏ

ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ

ଥିରୁଭାନନ୍ତପୁରମ, ୧୦।୯

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ବିପକ୍ଷରେ ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ-ଏ ଦୃଢ଼ସ୍ଥିତିରେ ରହିଛି। ୧୩୯ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା-ଏ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମଙ୍ଗଳବାର ୨ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩୫ ଓଭରରେ ୫ ଉଇକେଟ୍ ହରାଇ ୧୨୫ ରନ ସଂଗ୍ରହ କରିଛି। ଉଇକେଟ୍‌କିପର ହେନରୀ କ୍ଲାସେନ ୩୫ ଓ ୱିଆନ ମଲ୍‌ଡର ୧୨ ରନ୍ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଏଡେନ ମାର୍କରାମ ୪, ପିଟର ମଲାନ ୪, ଜୁବାୟର ହମାଜ ୪୪, ଖୟା ଜୋଣ୍ଡୋ ୧୦ ଓ ସେନୁରାନ ମୁଥୁସାମୀ ୪ ରନ୍ କରି ଆଉଟ୍ ହୋଇଛନ୍ତି। ଘରୋଇ ଭାରତ-ଏ ପକ୍ଷରୁ ଶାହବାଜ ନଦିମ ୨ ଏବଂ ମହମ୍ମଦ ସିରାମ, ଶାର୍ଦ୍ଦୁଳ ଠାକୁର ଓ କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ହାତରେ ୫ ଉଇକେଟ୍ ରହିଥିବାବେଳେ ଭାରତ-ଏ ଇନିଂସ ପରାଜୟ ଏଡ଼ାଇବା ପାଇଁ ଆହୁରି ୧୪ ରନ୍ ଆବଶ୍ୟକ କରୁଛି। ମ୍ୟାଚ୍ ଆହୁରି ୨ ଦିନ ବଳକା ରହିଥିବାବେଳେ ଫଳାଫଳ ବାହାରିବା ସ୍ପଷ୍ଟ ହୋଇଛି।

ପୂର୍ବରୁ ଦକ୍ଷିଣ ଆଫ୍ରିକା-ଏ'ର ପ୍ରଥମ ଇନିଂସ ସ୍କୋର ୧୬୪ ରନ ଜବାବରେ ଭାରତ-ଏ ସୋମବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ୍ ହରାଇ ୧୨୯ ରନ କରିଥିଲା। ମଙ୍ଗଳବାର ଏହି ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ କରି ଭାରତ-ଏ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ଯୋଗୁ ୮୭.୫ ଓଭରରେ ୩୦୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଶୁବମନ ଗିଲ୍ ସର୍ବାଧିକ ୯୦ ରନ ସଂଗ୍ରହ କରିଥିଲେ। ସେ ନିଜ ପୂର୍ବଦିନର ସ୍କୋରରେ ଆଉ ୨୩ ରନ ଯୋଡ଼ି ଡେନ୍ ପିଡେଟ୍‌ଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ସେହିପରି ଉଇକେଟ୍‌କିପର ଶ୍ରୀକର ଭରତ ୩୩ ଓ ନିମ୍ନକ୍ରମରେ ଶାର୍ଦ୍ଦୁଳ ଠାକୁର ୩୪ ରନ କରିଥିବାବେଳେ ଜଲାଜ ସକ୍ସେନା ୬୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ଲୁନଗି ଏନ୍‌ଗିଡି ଓ ପିଡେଟ୍ ୩ଟି ଲେଖାଏ ଏବଂ ମାର୍କୋ ଜାନସେନ ଓ ଲୁଥୋ ସିପମଲ ୨ଟି ଲେଖାଏ ଉଇକେଟ୍ ବାଣ୍ଟି ନେଇଥିଲେ।




ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶୁବମନ ଗିଲ୍।

### ସଂକ୍ଷିପ୍ତ ସ୍କୋର

- ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସ- ୧୬୪/୧୦
- ଭାରତ-ଏ ପ୍ରଥମ ଇନିଂସ- ୩୦୩/୧୦ (ଶୁବମନ ୯୦, ଋତୁରାଜ ଗାଏକ୍ୱାଡ ୩୦, ସକ୍ସେନା ୬୧*, ରିକି ଭୁଇ ୨୬, ଲୁନଗି- ୩/୫୦, ପିଡେଟ- ୩/୮୪)।
- ଦକ୍ଷିଣ ଆଫ୍ରିକା ୨ୟ ଇନିଂସ- ୧୨୫/୫, ୩୫ ଓଭର (ମାର୍କରାମ ୪, କ୍ଲାସେନ ୩୫*, ହାମଜା ୪୪, ମଲଡର ୧୨*, ନଦିମ-୨/୧୩)

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ


MARUTI SUZUKI ARENA
ପ୍ରସ୍ତୁତ ହେଉଛି
5 ବର୍ଷ ୱାରେଣ୍ଟି^
ଡିଜେଲ ରେ ଚାଲୁଥିବା ମାରୁତି ସୁଜୁକୀ କାର ଗୁଡ଼ିକ ଉପରେ ।#
Dzire, Swift ଏବଂ Vitara Brezza ଉପରେ 5 ବର୍ଷ ଫ୍ରି ୱାରେଣ୍ଟି ପ୍ରାପ୍ତ କରନ୍ତୁ, ଏବଂ ନିଜର ଡ୍ରାଇଭକୁ ସମ୍ପୂର୍ଣ୍ଣ ଚିନ୍ତା ମୁକ୍ତ କରନ୍ତୁ ।
DDiS
ଡିଜେଲ ଇଞ୍ଜିନ୍
ହାଇ ଟୋର୍କ
ହାଇ ଫିଉଲ ଇଫିସିଏନ୍‌ସି
ସୁପିରିୟର ଡ୍ରାଇଭିଙ୍ଗ ଏକ୍ସପିରିଏନ୍‌ସ
BIGGER SAVINGS
DZIRE ₹65,000*
SWIFT ₹60,000*
VITARA BREZZA ₹80,000*
+ FREE 5 YEAR WARRANTY^
DZIRE SWIFT VITARA BREZZA
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in
LEGEND CARS
JEYPORE: CALL: 7894442915.
BHAWANIPATNA: CALL: 7894442907.
SKY AUTOMOBILES
BERHAMPUR: CALL: 7381261000.
ODYSSEY MOTORS
SAMBALPUR: CALL: 9439018805. BOLANGIR: CALL: 9438068327.
BARGARH: CALL: 8895094616. NUAPADA: CALL: 8895094633. SONEPUR: CALL: 9437421356.
JHARSUGUDA: CALL: 9439892153. BOUDH: CALL: 8594908009.
ORBIT MOTORS
ROURKELA: CALL: 9040404444, 9040404333. SUNDARGARH: CALL: 9437049161.
DEOGARH: CALL: 9437492369.
*Offer includes consumer offer, corporate offer and exchange bonus (Wherever Applicable) on Dzire Diesel (all variants), Swift Diesel (all variants) and Vitara Brezza (all variants). ^2 years standard + 3 years extended warranty is free on Dzire Diesel (all variants), Swift Diesel (all variants) and Vitara Brezza Diesel (all variants) only. #Only applicable for Dzire, Swift and Vitara Brezza. Terms and Conditions apply. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. Parts and accessories shown may not be a part of standard equipment. Colors shown may vary from actual body color due to printing on paper. Images used are for illustration purposes only. All offers are valid till 30th September 2019.


Hero
₹3000** Exchange Bonus
₹2000** Loyalty Bonus
GURUDAKSHINA OFFER
₹2500## Benefit for TEACHERS on Hero Two-Wheelers
No. 1* GLAMOUR
CUSTOMER'S NO. 1 CHOICE IN ODISHA FOR 125CC CATEGORY
Fi ଇଞ୍ଜିନ୍
ସବୁଠାରୁ ପାୱାରଫୁଲ# 125cc ବାଇକ୍
ବେଷ୍ଟ-ଇନ୍-କ୍ଲାସ୍ iBS
ଟ୍ୟୁବଲେସ୍ ଟାୟାର୍ସ
85 crore+ HEROES
ଅଗଣିତ ସମ୍ପର୍କ
World leading brands from the House of Hero
HeroFinCorp.
HeroMotoCorpIndia @HeroMotoCorp HeroMotoCorpLimited
TheHeroMotoCorp heromotocorp.com
INDIA'S FIRST 5 YEAR WARRANTY *Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com.
*Terms & conditions apply. *In 125cc. **also available in FI. ## Guru-Dakshina scheme is applicable for Teachers only. As per cumulative dispatch numbers as on June, 2019. ** This offer is applicable for scooters only.
For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ – 7799766350. ଜୟପୁର: ସୁପ୍ରିମ ହୀରୋ – 7799766340. ଫୁଲବାଣୀ: ନାରାୟଣୀ ହୀରୋ – 7799766373. ରାୟଗଡ଼ା: ଅଜୀତ ହୀରୋ – 7799766358. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ – 273226.
ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ – 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍‌ସ – 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ – 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ – 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.